# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ଜୁନ୍ ୧୦/୨୦୨୨ (୧୬ ପୃଷ୍ଠା) | Sambalpur, Friday, June 10/2022 | Page 16 | ₹ 7.00 | ★★

୧୮ଶ ଭାଗ ୧୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





# ନନ୍ଦିନୀଙ୍କ ୯୧ତମ ଜୟନ୍ତୀ




ଧରିତ୍ରୀ ସମ୍ବଲପୁର ଛାପାର ୧୭ବର୍ଷ ପୂର୍ତ୍ତି ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ ଅବସରରେ ଗୁରୁବାର ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜିତ ନନ୍ଦିନୀ ଶତପଥୀ ସ୍ମୃତି ଆଲୋଚନାଚକ୍ରରେ ଅତିଥି ଭାବେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତିବୃନ୍ଦ (ବାମ) । ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି।

**ଧରିତ୍ରୀ ସମ୍ବଲପୁର ଛାପାର ୧୭ବର୍ଷ ପୂର୍ତ୍ତି ଉତ୍ସବ**

## ଭୋଟସର୍ବସ୍ୱ ନୀତି ଛାଡ଼ିଲେ ଦରବୃଦ୍ଧି କମିବ

**ବଲାଙ୍ଗୀର ଅଫିସ,୯।୬**

ଭୋଟ ସର୍ବସ୍ୱ ନୀତି ଦେଶକୁ ଅଧୋଗତି ଆଡକୁ ନେଉଛି। ଭୋଟ ପାଇଁ ସରକାରମାନେ ରିହାତି ରାଜନୀତି କରୁଛନ୍ତି। ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ବୃହତ୍ତର ସ୍ୱାର୍ଥକୁ ଉପେକ୍ଷା କରି ମୁଷ୍ଟିମେୟ ଗୋଷ୍ଠୀସ୍ୱାର୍ଥକୁ ଗୁରୁତ୍ୱ ଦେଉଛନ୍ତି। ସେମାନଙ୍କ ଚାପରେ ପଡୁଛନ୍ତି। ଏହି ଗୋଷ୍ଠୀ ସ୍ୱାର୍ଥ ପାଇଁ ଜନମଙ୍ଗଳ ନୀତି ଭୁଲି ସରକାରମାନେ ଜନବିରୋଧୀ ନୀତି ଅବଲମ୍ବନ କରିବାକୁ ପଛାଉନାହାନ୍ତି। ଏହାହିଁ ଦେଶରେ ଦରଦାମ ବୃଦ୍ଧିର କାରଣ ଓ ଭୋଟ୍ ସର୍ବସ୍ୱ ରାଜନୀତି ଛାଡିଲେ ଦରବୃଦ୍ଧି କମିବ ବୋଲି ଆଲୋଚକମାନେ ନନ୍ଦିନୀ ଶତପଥୀ ସ୍ମୃତି ଆଲୋଚନାଚକ୍ରରେ କହିଛନ୍ତି।

ଦୈନିକ ଧରିତ୍ରୀ ସମ୍ବଲପୁର ଛାପାର ୧୭ ବର୍ଷ ପୂର୍ତ୍ତି ଏବଂ ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ ଅବସରରେ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଗୁରୁବାର ନନ୍ଦିନୀ ଶତପଥୀ ସ୍ମୃତି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। 'ଦରଦାମ୍ ବୃଦ୍ଧି: ସରକାର ଅସହାୟ କାହିଁକି' ବିଷୟକୁ ନେଇ ଆୟୋଜିତ ଏହି ଆଲୋଚନାଚକ୍ରରେ ପ୍ରତିଭାବାନ କଲେଜ ଛାତ୍ରୀ ସ୍ଥିତପ୍ରଜ୍ଞା ତ୍ରିପାଠୀ, ଜେଆଇଟିଏମ୍ କଲେଜର ଅର୍ଥନୀତି ବିଭାଗ ଆସୋସିଏଟ୍ ପ୍ରଫେସର ପୁଣ୍ୟତୋୟା ବିଶ୍ୱାଳ, ସଂସ୍କୃତି ଗବେଷକ ଡ. ଘାସିରାମ ମିଶ୍ର, ବରିଷ୍ଠ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ବଲାଙ୍ଗୀର ନାଗରିକ କମିଟି ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ଏବଂ ଜିଲା ବଣିକ ସଂଘ ସଭାପତି ତ୍ରିପୁରାରୀ ପାଣିଗ୍ରାହୀ ଆଲୋଚକ ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆଲୋଚକ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶତପଥୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦେବୀ ସମଲେଶ୍ୱରୀଙ୍କଠାରେ ଦୀପ ପ୍ରଜ୍ୱଳନ ପରେ ଆଲୋଚନାଚକ୍ର ଆରମ୍ଭ ହୋଇଥିଲା।

ଆଲୋଚିକା ସ୍ଥିତପ୍ରଜ୍ଞା କହିଥିଲେ ଯେ, ଦରବୃଦ୍ଧି ରୋକିବାରେ ସରକାର ବିଫଳ ହେବାର ବହୁବିଧ କାରଣ ରହିଛି। ସେ ଭିତରୁ ହାଇପର ଇନଫ୍ଲାସନ୍ ଅନ୍ୟତମ କାରଣ। ସରକାରଙ୍କ ରିହାତି ରାଜନୀତି ମଧ୍ୟ ଏକ କାରଣ। ରିହାତି ଯୋଜନା ଲୋକଙ୍କୁ ଅଳସୁଆ କରୁଛି ଓ ଏହା ଉତ୍ପାଦନ ହ୍ରାସ କାରଣ ପାଲଟୁଛି। ଫଳରେ ଉତ୍ପାଦନ କମୁଛି ଓ ଚାହିଦା ବଢୁଛି। ଘରୋଇକରଣ, ମୁଷ୍ଟିମେୟ ଗୋଷ୍ଠୀ ଦ୍ୱାରା ସରକାରଙ୍କ ଉପରେ ଚାପ ଦରବୃଦ୍ଧିର ଅନ୍ୟତମ କାରଣ ବୋଲି କହିଥିଲେ। ଆଲୋଚକ ଡ. ମିଶ୍ର ତାଙ୍କ ଆଲୋଚନାରେ ଆସନ ପାଇଁ ରାଶନ ବ୍ୟବସ୍ଥା ଦରବୃଦ୍ଧିର କାରଣ ବୋଲି କହିଥିଲେ। ଯେଉଁ ସରକାର ସୁଉଚ୍ଚ ପ୍ରତିମୂର୍ତ୍ତି, ମନ୍ଦିର ତିଆରିକୁ ପ୍ରାଧାନ୍ୟ ଦେଉଛନ୍ତି ସେ ସରକାର ଜଳସେଚନ ପାଇଁ ଡ୍ୟାମ୍ ତିଆରି କରିପାରୁନାହାନ୍ତି। ଦରଦାମ ବୃଦ୍ଧି କୃତ୍ରିମ ଏବଂ ସରକାର

### ନନ୍ଦିନୀ ଶତପଥୀ ସ୍ମୃତି ଆଲୋଚନାଚକ୍ର

ମୁଷ୍ଟିମେୟ ଗୋଷ୍ଠୀର ଦୌରାତ୍ମ୍ୟରେ ଏଭଳି କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ଲୋକଙ୍କ ସରକାର ନ ଚାଲି ଜଣେ ବ୍ୟକ୍ତିଙ୍କ ସରକାର ବା ସରକାରଙ୍କ ସ୍ୱେଚ୍ଛାଚାରୀ ରୂପ ପଦାରେ ପଡିଛି ବୋଲି ସେ କହିଥିଲେ। ଧନୀ ଓ ଗରିବଙ୍କ ପାଇଁ ଯୋଜନା ହେଉଛି, ମାତ୍ର ମଧ୍ୟବିତ୍ତ ପେଷି ହୋଇଯାଉଛି ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଆଡଭୋକେଟ୍ ଶତପଥୀ ରପ୍ତାନି ଏବଂ ଆମଦାନୀ ନୀତିରେ ସ୍ଥିରତା ଏବଂ ଦୂରଦର୍ଶିତାର ଅଭାବ ହିଁ ଦରବୃଦ୍ଧିର କାରଣ ବୋଲି କହିଥିଲେ। ଆଲୋଚିକା ଆସୋସିଏଟ୍ ପ୍ରଫେସର ଡ. ବିଶ୍ୱାଳ ଗରିବ ଶ୍ରେଣୀର ଲୋକଙ୍କୁ ମୁଦ୍ରାସ୍ଫୀତି ବା ଦରବୃଦ୍ଧି ସବୁଠୁ ବେଶି ଅଡୁଆରେ ପକାଇଛି। କରୋନା ମହାମାରୀ ସମୟରେ ଉତ୍ପାଦନ କମିବା ଏବଂ ଲୋକଙ୍କ ଚାହିଦା ବଢ଼ିବା ବଡ କାରଣ। ସରକାର ଆଦୌ ଅସହାୟ ନୁହନ୍ତି, ଅନେକ ଭଲ ନୀତି ଓ ଯୋଜନା ଦ୍ୱାରା ଦରବୃଦ୍ଧି କମାଇ ପାରିବେ ଓ ଜନମଙ୍ଗଳ କରିପାରିବେ। ତେବେ ସେ ଦିଗରେ ଧ୍ୟାନ ନ ଦେଇ ଭୋଟ ସର୍ବସ୍ୱ ନୀତି ଯୋଗୁ ସମସ୍ୟା ସୃଷ୍ଟି ହେଉଛି ବୋଲି ସେ କହିଥିଲେ। କିଏ କର ଦେବ, କିଏ କର ଦେଇପାରିବ ନାହିଁ ସେ ଦିଗରେ ସରକାର ପଦକ୍ଷେପ ନେବା କଥା ବୋଲି ଡ. ବିଶ୍ୱାଳ କହିଥିଲେ।

ଅନ୍ୟତମ ଆଲୋଚକ ବଣିକ ସଂଘ ସଭାପତି ପାଣିଗ୍ରାହୀ ଭୋଟ ରାଜନୀତି ହିଁ ଦରଦାମ୍ ବୃଦ୍ଧିର କାରଣ ବୋଲି କହିଥିଲେ। କୋଭିଡ ସମୟରେ ସରକାରଙ୍କ ଭୁଲ ନୀତି ସରକାରୀ ଅଧିକାରୀଙ୍କୁ ମାଲାମାଲ କଲା ବୋଲି କହିଥିଲେ। ନାଗରିକ କମିଟି ସମ୍ପାଦକ ସାହୁ ଦରଦାମ୍ ବୃଦ୍ଧିର କାରଣ ଜନସଂଖ୍ୟା ବୃଦ୍ଧି ବୋଲି କହିଥିଲେ। ଏହାସହିତ ଭୋଟ ପାଇଁ ଗରିବ ଓ ଧନୀଙ୍କ ପାଇଁ ଯୋଜନା କରି ମଧ୍ୟବିତ୍ତଙ୍କୁ ଚାପରେ ପକାଇବା ନୀତି ସବୁଠୁ ବଡ ସମସ୍ୟା ବୋଲି କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ସମୟରେ ସଶକ୍ତ ନୀତି ନିର୍ଦ୍ଧାରଣ କରାଯାଇପାରୁଥିଲା ଓ ଏହାର ସୁଫଳ ବଲାଙ୍ଗୀର ଭଳି ପଛୁଆ ଜିଲା ପାଇଥିଲା। ସେତେବେଳେ ବଲାଙ୍ଗୀର ଏବଂ ରାଜ୍ୟରେ ଗ୍ରାମୀଣ ବ୍ୟାଙ୍କ ପ୍ରତିଷ୍ଠା ଫଳରେ ଅନେକ ଯୁବକ ରୋଜଗାର ପାଇଥିଲେ। ସରକାରୀ ଭୁଲ ନୀତି ଯୋଗୁ ୨୧୭ କୋଟିର ଲୋୟର ସୁକ୍ତେଲ ପ୍ରକଳ୍ପ ଏବେ ୫ ହଜାର କୋଟିକୁ ଟପିଲାଣି ବୋଲି ସେ କହିଥିଲେ।

ଆଲୋଚନାଚକ୍ରକୁ ବଲାଙ୍ଗୀର ଜିଲା ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଗୋପଭୂଷଣ ନାଥ, ମନୋରଞ୍ଜନ ପୁରୋହିତ, ପ୍ରଭାକର ମିଶ୍ର, ଗୋପାଳଜୀ ପାଣିଗ୍ରାହୀ, ଆହ୍ଲାଦ ପାଣିଗ୍ରାହୀ, ଜୟକୁମାର ଆଚାର୍ଯ୍ୟ, ଅରୁଣ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ଦାଶ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ସୁବାସ ଚନ୍ଦ୍ର ପଣ୍ଡା, ସରସ୍ୱତୀ ନନ୍ଦ, ସରିତା ଆଚାର୍ଯ୍ୟ, ସଂଗ୍ରାମ ବହିଦାର, ବାବୁଲାଲ ମିଶ୍ର, ଓମ୍‌ପ୍ରକାଶ ସାହୁ, ରଞ୍ଜିତ ମିଶ୍ର, ପ୍ରଶାନ୍ତ ମହାକୁର, ରାମନାରାୟଣ ଦାଶ, ମାଳିଅ ଗଡୁଆ, ରତ୍ନମୟ ତ୍ରିପାଠୀ, ହିମାଂଶୁ ଖମାରୀ, ହୃଷୀକେଶ ପୁରୋହିତ, ବିନୋଦ କାଲସାଏ, ସୁରେନ୍ଦ୍ର ନେଗୀ, ପ୍ରସନ୍ନ ମିଶ୍ର, ମଳୟ ଦିଶ୍ରୀ, ମଧୁସୂଦନ ନାୟକ, ଟିକଲ ପୁଟେଲ, ରାଜୁ ରଣା, ଶୁଭେନ୍ଦ୍ର ନେପାକ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ସୁରୁଲାଲ ମଟାରୀ, ସତ୍ୟ ବନ୍‌ଛୋର, ରାଜେଶ ଝାଙ୍କର, ରବିନାରାୟଣ ପଶାୟତ, ଶିବବ୍ରତ ଦାଶ, ସୁବାଶିଷ ପାଢ଼ୀ, ପ୍ରେମାନନ୍ଦ ଖମାରୀ, ସୁଶାନ୍ତ ବାରିକ, ଶରତ ମିଶ୍ର, କର୍ଣ୍ଣ ବାରିକ, ଶମ୍ଭୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁନୀଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ବଲାଙ୍ଗୀର ସାମ୍ବାଦିକ ଭବନଠାରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥି ଓ ବୁଦ୍ଧିଜୀବୀ।

## ନାରୀ ସଶକ୍ତୀକରଣର ଅନନ୍ୟ ପ୍ରତୀକ ନନ୍ଦିନୀ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ଓଡ଼ିଶାର ପୂର୍ବତନ ତଥା ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଥିଲେ ମହିଳା ସଶକ୍ତୀକରଣର ଅନନ୍ୟ ପ୍ରତୀକ। ରାଜନୀତିରେ ଥିବା ମହିଳାମାନଙ୍କ ପାଇଁ ସେ ସର୍ବଦା ଆଦର୍ଶ ହୋଇ ରହିବେ ବୋଲି ନନ୍ଦିନୀଙ୍କ ୯୧ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ କହିଛନ୍ତି। ରାଜଭବନ ନିକଟ ଏଲ୍ଆଇସି ଛକଠାରେ ଥିବା ନନ୍ଦିନୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସେ ଏହା କହିଛନ୍ତି। ଏହି ଅବକାଶରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ନନ୍ଦିନୀ ଦେବୀଙ୍କ ଜ୍ୟେଷ୍ଠ ପୁତ୍ର ନଚିକେତା ଶତପଥୀ, ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପ୍ରମୁଖ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

ମନ୍ତ୍ରୀ ପଣ୍ଡା କହିଥିଲେ, ଓଡ଼ିଶାର ରାଜନୀତିରେ ନନ୍ଦିନୀ ଦେବୀ ଜଣେ ସଫଳ ମହିଳା। ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ବହୁ ଅବଦାନ ରହିଛି। ମହିଳାମାନଙ୍କୁ ଆଗକୁ ଆଣିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ରାଜଧାନୀର ସୌନ୍ଦର୍ଯ୍ୟକରଣ ତାଙ୍କଠାରୁ ଆରମ୍ଭ ହୋଇଥିଲା। ବିଧାୟକ ବେହେରା କହିଥିଲେ, ଓଡ଼ିଶାରେ ନାରୀ ସଶକ୍ତୀକରଣର ମୂଳ ପ୍ରୋତ୍ସାହିକା ଥିଲେ ନନ୍ଦିନୀ ଶତପଥୀ। ବିଧାୟକ ଜେନା କହିଛନ୍ତି, ସେ କେବେ କୌଣସି କାମରେ ପଛଘୁଞ୍ଚା ଦିଅନ୍ତି ନାହିଁ। ସେ ଜଣେ ସ୍ପଷ୍ଟବାଦୀ ମୁଖ୍ୟମନ୍ତ୍ରୀ ଥିଲେ। ଅନେକ ମହିଳା ତାଙ୍କଠୁ ବହୁତ କିଛି ଶିକ୍ଷା ପାଇଛନ୍ତି। ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ଭାରତବର୍ଷର ସର୍ବାଙ୍ଗୀନ ଉନ୍ନତି ଓ ପ୍ରଚାରପ୍ରସାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ଗରିବ ଲୋକଙ୍କୁ ସ୍ଥାୟୀ ଜମି ପଟ୍ଟାଠୁ ଆରମ୍ଭ କରି ଭାତହାଣ୍ଡି ସେ ଯୋଗାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ, ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ରମେଶ ଚନ୍ଦ୍ର ସାଏ, ପଦ୍ମଭୂଷଣ ସୁଦର୍ଶନ ସାହୁ, ବିଜେଡି ଭାଷା, ସାହିତ୍ୟ ଓ ସଂସ୍କୃତି ସଂଯୋଜକ ପ୍ରବୀର କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଉତ୍କଳ ସମ୍ମିଳନୀ ପକ୍ଷରୁ ନନ୍ଦିନୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ତଥା ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା, ସମ୍ମିଳନୀର ଉପ ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପ-ସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ଉପଦେଷ୍ଟା ନିମାଇଁ ଚରଣ ଦାସ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ବାସନ୍ତୀ ତ୍ରିପାଠୀ, ଅକ୍ଷୟ କୁମାର ଜେଠୀ, ସମରଞ୍ଜନ ମହାନ୍ତି, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ମାଲ୍ୟାର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ ଅବସରରେ ଭୁବନେଶ୍ୱର ରାଜଭବନ ନିକଟ ଏଲ୍ଆଇସି ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଗୁରୁବାର ଅନୁଷ୍ଠିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭୁବନେଶ୍ୱର ମେୟର ସୁଲୋଚନା ଦାସ, ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଓ ଅନ୍ୟମାନେ।



ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।



ନନ୍ଦିନୀ ଶତପଥୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଉତ୍ସବରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଧରିତ୍ରୀ ପରିବାରର ସଦସ୍ୟ।




ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



**କୁମାର କାର୍ତ୍ତିକେୟଙ୍କୁ ୬ ଉଇକେଟ ସଫଳତା**
ମଧ୍ୟପ୍ରଦେଶର ସ୍ପିନର କୁମାର କାର୍ତ୍ତିକେୟ ପଞ୍ଜାବ ବିପକ୍ଷ ରଣଜୀ ମ୍ୟାଚରେ ୬ଉଇକେଟ ସଳଫତା ପାଇଛନ୍ତି।

୧୪

୧୦

**ସାଉଥ-ବଲିଉଡ୍ ଇଣ୍ଡଷ୍ଟ୍ରି ବିବାଦ ନିରର୍ଥକ**
ଦକ୍ଷିଣ ଭାରତୀୟ ସିନେ ଇଣ୍ଡଷ୍ଟ୍ରି ଓ ବଲିଉଡ୍ ମଧ୍ୟରେ ଦେଖାଦେଇଥିବା ବିବାଦର କିଛି ମାନେ ନାହିଁ ବୋଲି କହିଛନ୍ତି ଅଭିନେତ୍ରୀ ତମନ୍ନା ଭାଟିଆ।






# ସ୍ତ୍ରୀଙ୍କ ଗଳାକାଟି ହତ୍ୟା

**ରାଜଧାନୀରେ ବୀଭତ୍ସ ଘଟଣା**

- ୬ ବର୍ଷର ଝିଅର ବି ତଣ୍ଟି କାଟିଦେଲେ
- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ବର୍ତ୍ତିଲେ ୪ଦିନର ଶିଶୁକନ୍ୟା
- ଅଭିଯୁକ୍ତ ଗିରଫ, ଛୁରି ଜବତ


ଅଭିଯୁକ୍ତ ସଞ୍ଜିତ ଦାସ


ଝିଅ ସହ ମା' ସରସ୍ୱତୀ ଦାସ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

ପାରିବାରିକ ଅଶାନ୍ତିକୁ ନେଇ ରାଜଧାନୀ ଭୁବନେଶ୍ୱରରେ ଆଉଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଛୁରିରେ ସ୍ତ୍ରୀଙ୍କ ଗଳା କାଟି ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି ସ୍ୱାମୀ। ଏତିକିରେ ସନ୍ତୁଷ୍ଟ ନ ହୋଇ ଦେହସାରା ଛୁରିକୁ ଭୁସିବା ସହ ପେଟରୁ ଅନ୍ତବୁଜୁଳା ବାହାର କରିଦେଇଛନ୍ତି। ଏଥିସହ ନିଜ ୬ବର୍ଷର ଝିଅକୁ ମରଣାନ୍ତକ ଆକ୍ରମଣ କରିବା ସହ ଗଳାକାଟି ହତ୍ୟା ଉଦ୍ୟମ କରିଛନ୍ତି। ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ଗାଁରେ ବୁଧବାର ବିଳମ୍ବିତ ରାତିରେ ଏଭଳି ଲୋମ ଟାଙ୍କୁରା ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ଝିଅଟି ଏବେ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ସହ ଲଢେଇ କରୁଥିବାବେଳେ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ୪ ଦିନର ଶିଶୁ କନ୍ୟା। ଖବର ପାଇ ଖଣ୍ଡଗିରି ଓ ଭରତପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଘରୁ ସରସ୍ୱତୀଙ୍କ ମୃତଦେହ ଜବତ କରିଛି। ଡିସିପି ପ୍ରତୀକ ସିଂ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ସାଇଣ୍ଟିଫିକ ଟିମ୍ ବିଭିନ୍ନ ନମୁନା ଓ ଫିଙ୍ଗର ପ୍ରିଣ୍ଟ ସଂଗ୍ରହ କରିବା ସହ ହତ୍ୟାରେ ବ୍ୟବହୃତ ଛୁରିକୁ ଜବତ କରିଛି। ମୃତା ହେଲେ ଉକ୍ତ ଗାଁର ସରସ୍ୱତୀ ଦାସ। ଏଭଳି ନାରକୀୟ କାଣ୍ଡ ଭିଆଇ ଲୁଚି ବୁଲୁଥିବା ଅଭିଯୁକ୍ତ ସ୍ୱାମୀ ସଞ୍ଜିତ ଦାସଙ୍କୁ ପୋଲିସ କାବୁ କରିଛି। ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ଅଭିଯୁକ୍ତ ସଞ୍ଜିତ ନିଶା ସେବନ କରି ଏଭଳି କାଣ୍ଡ ଘଟାଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ଥାନା ହାଜତରେ ତାଙ୍କୁ ରଖାଯାଇ ବିଭିନ୍ନ ଦିଗକୁ ନେଇ ପୋଲିସ ପଚରାଉଚରା କରିବା ସହ ଏକ ହତ୍ୟା ମାମଲା (ନଂ. ୨୩୭/୨୨) ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ଅନୁଯାୟୀ, ଜମିଦାର ସ୍ୱର୍ଗତ ଜୀବନ ବଲ୍ଲଭ ଦାସଙ୍କ ମଝିଆ ପୁଅ ହେଉଛନ୍ତି ସଞ୍ଜିତ। ଗତ ୮ ବର୍ଷ ତଳେ ସେ ଉକ୍ତ ଅଞ୍ଚଳର ଶରତଚନ୍ଦ୍ର ଦାସଙ୍କ ଝିଅ ସରସ୍ୱତୀଙ୍କୁ ବିବାହ କରିଥିଲେ। ପରିବାରର ଅନ୍ୟ ସଦସ୍ୟଙ୍କ ସହ ୩ ମହଲା ବିଶିଷ୍ଟ କୋଠାରେ ରହୁଥିଲେ। ଉପର ମହଲାରେ ବଡ଼ ଭାଇ ରଞ୍ଜିତ ଓ ତଳ ମହଲାରେ ସାନ ମଞ୍ଜିତ ରହୁଥିବାବେଳେ ସଞ୍ଜିତଙ୍କ ପରିବାର ମଝିରେ ରହୁଥିଲେ। ମାଆ କନକଲତା ସାନପୁଅ ପାଖରେ ରହୁଥିଲେ। ବିବାହ ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏହାକୁ ନେଇ ଖୁସି ନ ଥିଲେ ସଞ୍ଜିତ। ସେପଟେ ପରିବାରର ବିପୁଳ ସମ୍ପତ୍ତି ଥିଲେ ମଧ୍ୟ ସଞ୍ଜିତଙ୍କର କିଛି ରୋଜଗାର ନ ଥିଲା। ସେ ସବୁବେଳେ ନିଶା ସେବନ କରୁଥିଲେ। ଏପଟେ ସରସ୍ୱତୀ ଏକ ଘରୋଇ ☞ପୃଷ୍ଠା-୨




## ଶିକ୍ଷକଙ୍କଠାରୁ ୧୨ ଲକ୍ଷ ଟଙ୍କା ଲୁଟ୍

**ଜମି କିଣିବା ପାଇଁ ବ୍ୟାଙ୍କରୁ ଉଠାଇଥିଲେ**

**ଭଦ୍ରକ ଅଫିସ,୯।୬**

ଭଦ୍ରକ ସହର ଅପର୍ତିବିନ୍ଧାସ୍ଥିତ ଷ୍ଟେଟବ୍ୟାଙ୍କ ସାମ୍ନାରୁ ଗୁରୁବାର ପୂର୍ବାହ୍ନରେ ଜଣେ ଶିକ୍ଷକଙ୍କଠାରୁ ୧୨ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଭଦ୍ରକ ଜିଲା ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିର ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଶୋକ ଖିଲାର ଏହି ଲୁଟ୍‌ର ଶିକାର ହୋଇଛନ୍ତି। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଜିଲାର ସବୁ ସୀମାକୁ ସିଲ୍ କରି ତଲାସି ଜାରି ରଖିଛି। ସୂଚନା ଅନୁଯାୟୀ, ଅଶୋକଙ୍କ ଘର ବାଲେଶ୍ୱର ଜିଲା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନୂତନ ଜାତୀୟତାବାଦ**

# ଜୁଲାଇ ୧୮ରେ ରାଷ୍ଟ୍ରପତି ନିର୍ବାଚନ

**ନୂଆଦିଲ୍ଲୀ,୯।୬**

ଭାରତର ଷୋଡ଼ଶ ରାଷ୍ଟ୍ରପତି ନିର୍ବାଚନ ଜୁଲାଇ ୧୮ରେ ଅନୁଷ୍ଠିତ ହେବ। ଗୁରୁବାର ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ସହ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ନିର୍ବାଚନ ଲାଗି ଜୁନ୍ ୧୫ରେ ବିଜ୍ଞପ୍ତି ପ୍ରକାଶ ପାଇବ। ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ଜୁନ୍ ୨୯ ରହିଛି। ଜୁନ୍ ୩୦ରେ ନାମାଙ୍କନପତ୍ର ଯାଞ୍ଚ ପରେ ଜୁଲାଇ ୧୮ରେ ଭୋଟ ନିଆଯିବ। ଆବଶ୍ୟକ ପଡ଼ିଲେ ଜୁଲାଇ ୨୧ରେ ଭୋଟ ଗଣନା କରାଯିବ ବୋଲି ନିର୍ବାଚନ କମିଶନ ଘୋଷଣା କରିଛନ୍ତି।

**୨୧ରେ ଭୋଟ ଗଣତି**

**ଏମ୍‌ପିଙ୍କ ଭୋଟ ମୂଲ୍ୟ ୭୦୦କୁ ହ୍ରାସ**



ଜମ୍ମୁ-କଶ୍ମୀରରେ ବିଧାନସଭା ନ ଥିବାରୁ ଏଥର ରାଷ୍ଟ୍ରପତି ନିର୍ବାଚନରେ ଏମ୍‌ପିମାନଙ୍କ ଭୋଟ ମୂଲ୍ୟ ୭୦୮ରୁ ୭୦୦କୁ ହ୍ରାସ ପାଇଛି। ଏମ୍‌ପିମାନଙ୍କ ଭୋଟ ମୂଲ୍ୟ ସମସ୍ତ ରାଜ୍ୟ ଏବଂ ଦିଲ୍ଲୀ, ପଣ୍ଡିଚେରୀ ☞ପୃଷ୍ଠା-୨







**ଆଜିର ମନ୍ତବ୍ୟ**

"ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ର କରି ପଶ୍ଚିମବଙ୍ଗରେ ବିକ୍ଷୋଭ କରୁଥିବା ଆନ୍ଦୋଳନକାରୀ ଦିଲ୍ଲୀ ଯାଇ ବିରୋଧ ପ୍ରଦର୍ଶନ କରିବା ଆବଶ୍ୟକ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ପ୍ରଚଣ୍ଡ ତାତି, ଅସହ୍ୟ ଗୁଳୁଗୁଳି

**ଭୁବନେଶ୍ୱର,୯।୬(ବ୍ୟୁରୋ):** ଉପକୂଳରୁ ଉତ୍ତର, ପଶ୍ଚିମରୁ ଦକ୍ଷିଣ ସବୁଠି ପ୍ରଚଣ୍ଡ ଗ୍ରୀଷ୍ମ ସହ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ରାଜ୍ୟର ୧୫ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିବା ବେଳେ ୫ଟି ସ୍ଥାନରେ ୪୩ ଡିଗ୍ରୀ ସେଲସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ମୁତାବକ ବଲାଙ୍ଗୀରରେ ୪୫. ୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଟିଟିଲାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୪୫. ୨ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧ ୪୪, ବରଗଡ଼ ୪୨.୬ , ନୂଆପଡ଼ା, ୪୨.୪, ଦେବଗଡ଼ ୪୧.୨, ନବରଙ୍ଗପୁର ୪୦, ଝାରସୁଗୁଡ଼ା ୪୨. ୭, ସମ୍ବଲପୁର ୪୨, ସୁନ୍ଦରଗଡ଼ ୪୨, ହୀରାକୁଦ ୪୧.୩, ଭବାନୀପାଟଣା ୪୩. ୫, ମାଲକାନଗିରିରେ ୪୩,ସୋନପୁର ୪୧.୫ ଏବଂ ବାରିପଦାରେ ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଓଡ଼ିଶାର ଅନ୍ୟାନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ତାପମାତ୍ରା ସାଧାରଣ ଲୋକଙ୍କୁ ଅସହ୍ୟ କରିଛି। ଆସନ୍ତା ୧୨ ଯାଏ ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୋନପୁର, କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ ଆଦି ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଠାଘର ବୁଢା ବର**
**ଲୁହ ବହେ ଝରଝର**
**ତାଟି ଘର ଟୋକା ବର**
**ହସ ମାଡ଼େ କରକର।**

ପକ୍କାଘରେ ବୟସ୍କ ବର ର ହାତ ଧରି ଯେତେ ଧନ ସମ୍ପତ୍ତିରେ ବୁଡି ରହିଲେ ସୁଦ୍ଧା କନିଆଁର ଦୁଃଖର ଦିନ ମୋଟେ ସରି ନ ଥାଏ। ପରନ୍ତୁ ଚାଳ ଘର ହୋଇଥାଉ ପଛେ ବର ଯଦି ଯୁବା ହୋଇଥାଏ, ତେବେ ସେ କନିଆଁ ମନକୁ ଅଚିରେ ମୋହି ନେଇଥାଏ। ମନ ସହ ମନ ଯଦି ନ ମିଶେ ତେବେ ଅଯଥା ଧନ ସମ୍ପତ୍ତିର ମୂଲ୍ୟ କିଛି ରହିନଥାଏ। ଝିଅକୁ ଦେଖି ଉପଯୁକ୍ତ ବରପାତ୍ର ଚୟନ କଲେ ଝିଅର ସଂସାର ହସି ଉଠେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**କଦଳୀ, ବାଉଁଶ, କିଆ,**
**ଏ ତିନିରୁ ନାହିଁ ପରଖିଆ।**

କଦଳୀ, ବାଉଁଶ ଓ କିଆ ବୁଦା ବୁଦା ହୋଇ ବଢିଥାଏ। ପାଖରେ ଥିବା ଅନ୍ୟ ଗଛର ସାର ଖାଇ ଏମାନେ ପରିପୁଷ୍ଟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ବଜ୍ରପାତରେ ୨ ମୃତ, ୨ ଆହତ

**ପାଟଣା/ଢେଙ୍କିକୋଟ, ୯।୬(ସ୍ୱ.ପ୍ର./ଡି.ଏନ.ଏ.)**

ଗୁରୁବାର ସନ୍ଧ୍ୟାରେ କେନ୍ଦୁଝର ଜିଲାର ପୃଥକ ସ୍ଥାନରେ ବଜ୍ରପାତ ହୋଇ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଜଣ ଆହତ ହୋଇଛନ୍ତି। ମୃତକମାନେ ହେଲେ ଘସିପୁରା ଥାନା ରାଇଘାଟି ଗ୍ରାମର ବଳରାମ ପିଙ୍ଗୁଆ (୭୫) ଓ ଘଟଗାଁ ବ୍ଲକ ରୁଟିଶିଳା ଗ୍ରାମର ମଙ୍ଗୁଳି ମୁଣ୍ଡା।

ବଳରାମ ପିଙ୍ଗୁଆ ତାଙ୍କ ନାତି ସହ ଆଜବେଷ୍ଟସ ଘରେ ଶୋଇଥିବା ବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ବଳରାମଙ୍କ ମୃତ୍ୟୁ ହୋଇଥିବା ବେଳେ ନାତି ରଞ୍ଜନ ମୁଣ୍ଡା ଆଂଶିକ ପୋଡ଼ି ଯାଇଛନ୍ତି। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିପରି ରୁଟିଶିଳା ଗ୍ରାମର ମଙ୍ଗୁଳି ମୁଣ୍ଡା ତାଙ୍କ ବର୍ଷକର ଶିଶୁପୁତ୍ରକୁ ଧରି ଗାଁ ନିକଟସ୍ଥ ବୁଢୀ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ଫେରୁଥିବା ବେଳେ ବଜ୍ରପାତ ହେବାରୁ ମଙ୍ଗୁଳିଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ପୁଅ ଅଚେତ ହୋଇପଡ଼ିଥିଲେ। ଗ୍ରାମବାସୀ ମା' ଓ ପୁଅଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ସେଠାରେ ମଙ୍ଗୁଳିଙ୍କୁ ମୃତ ଘୋଷଣା କରିଥିବା ବେଳେ ଶିଶୁପୁତ୍ର ଏବେ ସୁସ୍ଥ ଥିବା ଜଣାପଡିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବନ୍ଧୁମାନଙ୍କ ପରୋକ୍ଷ ସାହାଯ୍ୟ ଫଳରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। କିନ୍ତୁ ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପରିବାରରେ ଆପୋସ ମିଳାମିଶାରୁ ସମସ୍ୟାର ସରଳ ସମାଧାନ ଘଟିବ। ବିବାଦୀୟ ଘଟଣାର ପରିସମାପ୍ତି ହେତୁ ଟେନ୍‌ସନ କମିଯିବ।

**ବୃଷ** ଅସମ୍ପୂର୍ଣ୍ଣ କାମରୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ଅଜଣା ବ୍ୟକ୍ତି ସାହାଯ୍ୟ କରିବେ। କଚେରି ମାମଲା କିମ୍ବା ଆକସ୍ମିକ କଳହଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଅବଶ୍ୟ ସ୍ଥିର ମନ ନେଇ କାମକଲେ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ସ୍ଥିତି ବନ୍ଧୁଙ୍କ ସାହାଯ୍ୟରୁ ବଦଳି ଯାଇପାରେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରବାରେ ସମର୍ଥ ହେବେ। କେତେକ ଘଟଣାରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ଅସମର୍ଥିତ ସୂତ୍ରରୁ ଅନ୍ୟମାନଙ୍କ କଥା ଶୁଣି ବ୍ୟସ୍ତତା ଅନୁଭବ କରିବେ। ପରିସ୍ଥିତିବଶତଃ ଇଚ୍ଛା ନ ଥିଲେ ମଧ କେତେକ କାମ କରିବାକୁ ବାଧ୍ୟ ହେବେ।

**କର୍କଟ** ସ୍ୱାସ୍ଥ୍ୟ ଭଲ ରହିଲେ ମଧ ବିଶେଷ ଖଟଣିଜନିତ ମନ ଭଲ ରହିବ ନାହିଁ। ଜମା ଭଲ ପଡୁ ନ ଥିବା କୌଣସି ବ୍ୟକ୍ତି ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଙ୍କଟ ଦୂରେଇବାରେ ଜଣେ ବିଶିଷ୍ଟ ବ୍ୟକ୍ତି ସହାୟତା କରିବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** ସାମାନ୍ୟ କୌଶଳ ପ୍ରୟୋଗ କରି କାମ କଲେ ଯାହା ଚାହୁଁଛନ୍ତି ତାହା ନିଶ୍ଚିତ ପାଇ ପାରିବେ। ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅଫିସ କାମରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** ସକାଳୁ ସକାଳୁ କୌଣସି ବିଶେଷ କାମରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ଅଫିସରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ଖରାପ ନ ହେଲେ ମଧ ବିଶେଷ ଭଲ ରହିବ ନାହିଁ। ଆନୁଷ୍ଠାନିକ କ୍ଷେତ୍ରରେ ନୀତିଗତ କାମରୁ ପ୍ରଶଂସିତ ହେବେ।

**ତୁଳା** ଅଫିସ କାମରେ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। ପାରିବାରିକ କ୍ଷେତ୍ରରେ ଭାରସାମ୍ୟ ରଖି ଚଳିବା ନିତାନ୍ତ ଜରୁରୀ ହୋଇପଡ଼ିବ। ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖା ଦେଇପାରେ। କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ।

**ବିଛା** ଯାହା ଚାହୁଁଥିଲେ ତାହା ହାସଲ କରିବା କାରଣରୁ ମନ ଖୁସି ହୋଇଯିବ। ସାମାଜିକ ସ୍ତରରେ ଉଚ୍ଚବର୍ଗଙ୍କ ସହାୟତା ପାଇ ଆଶ୍ୱସ୍ତି ଲାଭ କରିବେ ଓ ପ୍ରଶଂସିତ ମଧ୍ୟ ହେବେ। ଜଣାଶୁଣା ମିତ୍ର ବନ୍ଧୁମାନେ ଆବଶ୍ୟକ ସହଯୋଗ କରିପାରନ୍ତି। ପଡ଼ୋଶୀ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେବେ।

**ଧନୁ** ପାରିବାରିକ କ୍ଷେତ୍ର ବୁଝାମଣାଭିତ୍ତିରେ ଶୃଙ୍ଖଳିତ ହେବା କାରଣରୁ ଆଶ୍ୱସ୍ତି ଲାଭ କରିବେ। ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀଙ୍କ ସହଯୋଗ ପାଇବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସ୍ତରରେ କଳହରୁ ଦୂରେଇ ରହିବା ଭଲ । ରାଜନୀତି କିମ୍ବା ପ୍ରଶାସନିକ ସ୍ତରରେ କାମ ହାସଲ ହେବା କଷ୍ଟକର ହୋଇପାରେ।

**ମକର** ଆଜି ନିଜର ସ୍ୱାର୍ଥହାସଲ ପରିପ୍ରେକ୍ଷୀରେ ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ଆନୁଷ୍ଠାନିକ କାମ କିମ୍ବା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ରପ୍ତାନି ବାଣିଜ୍ୟ, ବ୍ୟବସାୟରେ ଉନ୍ନତି ଘଟିବ। ବନ୍ଧୁଙ୍କୁ କହିବା ସକାଶେ ମନରେ ଭାବୁଥିବା କଥାଟି ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ।

**କୁମ୍ଭ** କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ନୂତନ ଯୋଜନାଟିକୁ ଆରମ୍ଭ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପାରିବାରିକ ବ୍ୟତିକ୍ରମକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମୀନ** ଆଜିର ଯାତ୍ରା, କାମର ଶୈଳୀ, ଆଲୋଚନାର ଯଥାର୍ଥତା, ବନ୍ଧୁଙ୍କ ସଦିଚ୍ଛାରୁ ମନ ଖୁସି ରହିବ। ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ କିନ୍ତୁ ସତର୍କତାର ସହ କାମ କରିପାରିଲେ ହେଲା। ଅଫିସରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ପରିସ୍ଥିତିକୁ ଯେତେଟା ଜଟିଳ ମନେକରିବେ ବାସ୍ତବରେ ସେପରି କିଛି ହେବନି।


# classifieds

**Everyday**
**0674-2580101, 2549302**



**SALE**

**Bhubaneswarରେ plot କିଣନ୍ତୁ। ସଙ୍ଗେସଙ୍ଗେ ଘର କରନ୍ତୁ। installment ସୁବିଧା ଅଛି। Contact: 9437250090, 7008265080, 8658227874, 0674-2911635.** D-697

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-701

**ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। 8658219495.** D-487

କଟକ ଚୌଦ୍ୱାର Municipality area under NHରୁ 1.4 Km. ଦୂରରେ Yellow Zone well developed, low cost plot ଘରକରି ରହିବା ପାଇଁ ମିଳୁଛି। 9692213354. D-73916

**Gated society 30'road, gharabari, Patta immediate construction land (Bank finance available) @11,75,000/- near Sudhananda College, Bhubaneswar-Cuttack. 9437691481.** D-73260

Residential plot for sale 2.5km from Patia Railway Station sqft.-850/- (ready for construction). 7978729819. D-73258

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186. D-73915

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft.-570/-ରେ ଘରପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-642

IIT Argulରେ low cost investment plot 35ft. road ସହିତ ଦିଆଯାଉଛି। Mo.- 9692213354. D-73918

**Sameday registration & possesion plot near IIT Bhubaneswar @ 4.99lakh. 9777608369, 9777680369.** D-73259

ଚୌଦ୍ୱାର ଟାଙ୍ଗୀ Odisha Cement Limited ପାଖରେ low cost plot (ଘରବାରି) 25ft. road ସହିତ ମିଳୁଛି। 9692213354. D-73917



**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-698



Shoproom (10'x10') 2 Nos. opposite Biju Patnaik College, main road, Jayadev Vihar, Bhubaneswar. Contact: 9938511622. D-687

**TO LET- 2200sqft. 1st Floor for corporate Office/ Software Company Mancheswar Indl. Estate, Canara Bank Campus. Contact: 7978010045, 7978704884.** D-699

2BHK available for rent suitable for Official/ residential at Sriram Nagar, behind Puri Bus-Stand, Cuttack. Contact: 7008948849. D-73818

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Refreshments rejuvenation body massage therapy with experience the therapist, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73816

Newly open SPA positively health benefits by expert therapist. 8455987557. D-73611

Newly open SPA positively health benefit with expert. Contact: 7749976301. D-73819

**Relax, Refresh your body, Mind at Saikrupa Spa with best therapies. 8984068077.** D-668

Newly open full body massage ladies and gents. 8327740003, 8093860513. D-73914

A2 SPA, a journey from tired to relaxed, address- 4th Floor, Above-Vishal, Palasuni. 9178760530, 9178760540. D-73815

Newly open full body massage ladies and gents. 7750077371. D-73911

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73814

**AFFIDAVIT**

I Surendra Kumar Mohanty, Naomi Building, Station road PS.- Kumbharapada, Puri hereby declare that my minor daughter's first name in advertently has been reflected "Divya" instead of "Dibya" in her passport. But in reality Dibya Prathama Mohanty and Divya Prathama Mohanty refers to one and same person. D-73507

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


# ଯାଜପୁର ତହସିଲର ପୂର୍ବତନ ନାଜିର ଗିରଫ

## ୪.୯୫ କୋଟି ସରକାରୀ ଅର୍ଥ ଆତ୍ମସାତ୍ ଘଟଣା

- ■ ୨୦୧୬ରୁ ଫେରାର ଥିଲେ ରଜତ ରାଉତରାୟ
- ■ ବାରମ୍ବାର ସ୍ଥାନ, ମୋବାଇଲ ନମ୍ବର ବଦଳାଉଥିଲେ

**କଟକ ଅଫିସ, ୯।୬**

ସରକାରୀ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ଯାଜପୁର ତହସିଲର ପୂର୍ବତନ ନାଜିର ରଜତ କୁମାର ରାଉତରାୟଙ୍କୁ ଭିଜିଲାନ୍ସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ୨୦୦୬ ଏପ୍ରିଲରୁ ୨୦୧୬ ଏପ୍ରିଲ ମଧ୍ୟରେ ରାଉତରାୟ ଉକ୍ତ ତହସିଲର ଅନ୍ୟ ଅଧିକାରୀଙ୍କ ସହ ମିଶି ସରକାରୀ ଅର୍ଥ ୪ କୋଟି ୯୫ ଲକ୍ଷ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୨୦୧୬ରେ କଟକ ବୋର୍ଡ ଅଫ୍ ରେଭିନ୍ୟୁର ଏକ ସ୍ୱତନ୍ତ୍ର ଅଡିଟ୍ ଟିମ୍ ଦ୍ୱାରା ଅଡିଟ୍ କରାଯାଇଥିଲା। ଅଡିଟ୍ ରିପୋର୍ଟ ଆଧାରରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସରକାରଙ୍କ ବଡ଼ ଧରଣର ଆର୍ଥିକ ଅନିୟମିତତା ଉପରେ ତଦନ୍ତ ଆରମ୍ଭ କରାଯାଇଥିଲା। ଅଡିଟ୍ ଆରମ୍ଭ ହେବା ମାତ୍ରେ ରାଉତରାୟ ଫେରାର ହୋଇଯାଇଥିଲେ। ଏଥିସହ ସେ ତାଙ୍କ ପରିବାର ଓ ଘନିଷ୍ଠ ସମ୍ପର୍କୀୟଙ୍କ ସହିତ ସମସ୍ତ ସମ୍ପର୍କ କାଟି ଦେଇଥିଲେ। ଏପରି କି ସେ ନାମ ଓ ପରିଚୟ ପରିବର୍ତ୍ତନ କରିବା ସହ ବାରମ୍ବାର ଅବସ୍ଥାନ ଏବଂ ମୋବାଇଲ୍ ନମ୍ବର ବଦଳାଇ ଆତ୍ମଗୋପନ କରି ରହିଥିଲେ। ଏକ ମାସ ପୂର୍ବରୁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ରାଉତରାୟଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏହି ସମୟରେ ରାଉତରାୟ ସରକାରୀ ଅର୍ଥ ଅନିୟମିତତାର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିଥିଲା। ନିରନ୍ତର ଉଦ୍ୟମ ପରେ ସେ ଦ୍ୱିତୀୟ ସ୍ତ୍ରୀଙ୍କ ସହ କଟକ ସିଡିଏରେ ଭଡାଘରେ ରହୁଥିବା ସମ୍ପର୍କରେ ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଥିଲା। ଭିଜିଲାନ୍ସ ଟିମ୍ ରାଉତରାୟଙ୍କ ଘରେ ପହଞ୍ଚିବା କ୍ଷଣି ସେମାନେ ଭିତରେ ତାଲା ପକାଇଲେ। ଏଥିସହ ରାଉତରାୟ ରୋଷେଇ ଘରୁ ଯାଉଥିବା ଏକ ପାଇପ୍‌ଲାଇନ୍ ଉପରେ ଚଢି ଛାତ ତଳେ ଲୁଚି ଯାଇଥିଲେ। ଭିଜିଲାନ୍ସ ଟିମ୍ କବାଟ ଭାଙ୍ଗି ଘର ଭିତରେ ପ୍ରବେଶ କରିଥିଲା। ବହୁ ଖୋଜାଖୋଜି କରିବା ପରେ ଛାତ ତଳୁ ତାଙ୍କୁ କାବୁ କରିଥିଲା। କଟକ ଭିଜିଲାନ୍ସ ଥାନାରେ ରୁଜୁ ହୋଇଥିବା ୩ଟି ମାମଲା (ନଂ.୧୯/୨୦୧୯) ଓ (୭,୮/୨୦୨୦) ଆଧାରରେ ରାଉତରାୟଙ୍କୁ ଗିରଫ କରାଯାଇଛି। ଏଥିସହ ଉକ୍ତ ମାମଲା ମଧ ଯାଜପୁର ତହସିଲର ପୂର୍ବତନ ତହସିଲଦାର ଲକ୍ଷ୍ମଣକାନ୍ତ ମିଶ୍ର, ଗୌରହରି ବେହେରା, ମମତା ବାରିକ ଓ ପୂର୍ବତନ ନାଜିର ଶରତ ଚନ୍ଦ୍ର ବାରିକଙ୍କ ନାମରେ ରୁଜୁ କରାଯାଇଛି। ରାଉତରାୟଙ୍କୁ ରାଜ୍ୟ ସରକାର ଚାକିରିରୁ ବରଖାସ୍ତ କରିସାରିଛନ୍ତି। ଉକ୍ତ ମାମଲାର ଅଧିକ ତଦନ୍ତ ଚାଲିଥିବା ନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

# ବାଲି ଧସି ୨ ନାବାଳକଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ, ୯।୬**

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଚକ୍ରୋଡା ପଞ୍ଚାୟତର ମାଗୁର ଗଣ୍ଡପାଟଣା ଗାଁରେ ବୁଧବାର ପୋଖରୀ ଖୋଳା ହେଉଥିବା ସ୍ଥାନରେ ଖେଳୁଥିବା ବେଳେ ବାଲି ଧସିବାରୁ ଦୁଇ ନାବାଳକ ତଳେ ଚାପି ହୋଇ ରହିଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ବିଳମ୍ବିତ ରାତିରେ ନେଇଥିଲେ। ସେଠାରେ ନାବାଳକ ଦ୍ୱୟଙ୍କ ଡାକ୍ତର ମୃତ୍ୟୁ ଘୋଷଣା ପରେ ଗାଁରେ ଶୋକର ଛାୟା ଖେଳି ଯାଇଛି।

ଗାଁର ଏକ ପୋଖରୀ ନବୀକରଣ ପାଇଁ ମାଟି ଓ ବାଲି ଉଠା ଯାଇଥିଲା। ଏହି ପୋଖରୀ ନିକଟରେ ଥିବା ବାଲି ଓ ମାଟିରେ ଗୁମ୍ଫା କରି ଖେଳିବାକୁ ଗାଁରେ ବାହାରୁ ଆସି ରହୁଥିବା ଆଦିବାସୀ ସମ୍ପ୍ରଦାୟର ବୁଦ୍ଧରାମ ଚାମିଆଙ୍କ ପୁଅ ସୁରେନ୍ଦ୍ର (୧୧) ଓ ବୁଲା ଜିକଙ୍କ ପୁଅ ସୁରେନ୍ଦ୍ର (୭) ବୁଧବାର ଅପରାହ୍ନରେ ଯାଇଥିଲେ। ନାବାଳକ ଦ୍ୱୟ ଏହି ବାଲିରେ ଖେଳୁଥିବା ବେଳେ ବାଲି ଧସି ସେମାନଙ୍କ ଉପରେ ମାଡି ବସିଥିଲା। ସନ୍ଧ୍ୟାରେ ଘରକୁ ନାବାଳକ ଦ୍ୱୟ ନ ଫେରିବାରୁ ପରିବାର ସଦସ୍ୟ ଖୋଜାଖୋଜି କରିଥିଲେ। ବିଳମ୍ବିତ ରାତିରେ ନାବାଳକ ଦ୍ୱୟ ବାଲି ତଳେ ପୋତି ହୋଇଥିବା ଜଣାପଡିଥିଲା। ପୋଲିସ ପକ୍ଷରୁ ଘଟଣାର ଅନୁସନ୍ଧାନ କରାଯାଉଛି। ପୋଲିସ ପକ୍ଷରୁ (ନଂ.୧୪/୨୨, ୧୫/୨୨) ୨ଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ନାବାଳକ ଦ୍ୱୟଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ବୋଲି ଆଇଆଇସି ପବିତ୍ର ମହାରଣା ସୂଚନା ଦେଇଛନ୍ତି। ଅପରପକ୍ଷେ ପୋଖରୀ ଖୋଳା ସମୟରେ ଜେସିବି ମାଡରେ ନାବାଳକ ଦ୍ୱୟଙ୍କ ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

**ପ୍ରଥମ ପୃଷ୍ଠାରୁ...**

## ସ୍ତ୍ରୀଙ୍କ ଗଳାକାଟି...

ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ଝିଅର ପାଠପଢ଼ା ଲାଗି ସେ ସଞ୍ଚିତ କରି ରଖୁଥିବା ଅର୍ଥକୁ ସ୍ୱାମୀ ସଞ୍ଜିତ ନିଶା ସେବନ ଲାଗି ନେଇଯାଉଥିଲେ। ବାରଣ କଲେ ଗାଳିଗୁଲଜ କରିବା ସହ ମାଡ଼ ମାରୁଥିଲେ। ତେଣୁ ସରସ୍ୱତୀ ସବୁବେଳେ ଚିନ୍ତାରେ ରହିବା ସହ ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଳହ ଲାଗୁଥିଲା। ଗତ ସୋମବାର ସରସ୍ୱତୀ ଆଉଏକ ଶିଶୁକନ୍ୟାଙ୍କୁ ଜନ୍ମ ଦେଇଥିଲେ। ଝିଅ ଜନ୍ମ ପରଠାରୁ ବାପା ସଞ୍ଜିତ ଆହୁରି ଅଶାନ୍ତ ହୋଇପଡିଥିବା ପଡୋଶୀ ଲୋକେ କହିଛନ୍ତି। ବୁଧବାର କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ଲାଗିଥିଲା। ସରସ୍ୱତୀଙ୍କୁ ସ୍ୱାମୀ ସଞ୍ଜିତ ମାଡ଼ ମାରୁଥିବା ପଡୋଶୀ ଘର ଲୋକେ ଦେଖିଥିଲେ। ତେବେ ଏହା ନିତିଦିନିଆ ଘଟଣା ହୋଇଥିବାରୁ ପରିବାରର ଅନ୍ୟ ସଦସ୍ୟ ଓ ପଡୋଶୀମାନେ ପ୍ରତିବାଦ କରି ନ ଥିଲେ। ଗୁରୁବାର ସକାଳେ ହତ୍ୟାକାଣ୍ଡ ସମ୍ପର୍କରେ ଜାଣିବା ପରେ ପରିବାର ଲୋକେ ଥାନାକୁ ଖବର ଦେଇଥିଲେ। ଡିସିପି ପ୍ରତୀକ ସିଂ କହିଛନ୍ତି, ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ। ତଦନ୍ତ ଚାଲିଛି। ବେରୋଜଗାର ଓ ନିଶା ସେବନ ଘଟଣା ସହ ପରିବାରର ବୟାନ ଅନୁଯାୟୀ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି।

## ଶିକ୍ଷକଙ୍କଠାରୁ ୧୨...

ବସ୍ତା ଥାନା ଅଧୀନ ପଠାଣପାଟଣାରେ ହୋଇଥିବା ବେଳେ ସେ ଭଦ୍ରକ ଜଗନ୍ନାଥପୁରର ନ୍ୟୁ କଲୋନୀରେ ରହୁଛନ୍ତି। ଜମି କିଣିବା ପାଇଁ ସେ ଉକ୍ତ ଷ୍ଟେଟବ୍ୟାଙ୍କରୁ ୧୨ ଲକ୍ଷ ଟଙ୍କା ଉଠାଇଥିଲେ। ଟଙ୍କା ବ୍ୟାଗ୍‌କୁ ଧରି ବ୍ୟାଙ୍କ ବାହାରେ ଥିବା ନିଜ ବାଇକ୍‌ରେ ବସିବା ସମୟରେ ପଛପଟୁ ଏକ ବାଇକ୍‌ରେ ଦୁଇଜଣ ଯୁବକ ଆସି ତାଙ୍କ ହାତରୁ ବ୍ୟାଗ୍‌ଟିକୁ ଝାମ୍ପି ନେଇଥିଲେ। ସେମାନେ ଦ୍ରୁତଗତିରେ ଆରଡ଼ି ଛକ ଆଡ଼କୁ ଯିବା ପରେ ୧୬ ନଂ. ଜାତୀୟ ରାଜପଥରେ ପଳାଇଯାଇଥିଲେ। ସ୍ଥାନୀୟ ଯୁବକମାନେ ବାଇକ୍‌ରେ ସେମାନଙ୍କୁ ପିଛା କରିଥିଲେ ମଧ କୌଣସି ଟେର୍ ପାଇ ନ ଥିଲେ। ଖବର ପାଇ ଟାଉନ ପୋଲିସ ପହଞ୍ଚି ଅଶୋକଙ୍କୁ ଗାଡ଼ିରେ ବସାଇ ଦୁର୍ବୃତ୍ତମାନେ ଫେରାର ହୋଇଥିବା ରାସ୍ତାରେ ଯାଇଥିଲେ ମଧ କୌଣସି ପତ୍ତା ମିଳିପାରି ନାହିଁ।

## ଜୁଲାଇ ୧୮ରେ...

ଓ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭାର ନିର୍ବାଚିତ ସଦସ୍ୟ ସଂଖ୍ୟା ଆଧାରରେ ସ୍ଥିର ହୋଇଥାଏ। ଏଥର ରାଷ୍ଟ୍ରପତି ନିର୍ବାଚନ ଲାଗି ଇଲେକ୍ଟୋରାଲ କଲେଜରେ ଲୋକ ସଭା ଓ ରାଜ୍ୟ ସଭାର ନିର୍ବାଚିତ ସଦସ୍ୟ, ରାଜ୍ୟ ବିଧାନସଭା ଏବଂ ଦିଲ୍ଲୀ ଓ ପଣ୍ଡିଚେରୀ ବିଧାନସଭାର ବିଧାୟକ ରହିଛନ୍ତି। ମନୋନୀତ ଏମ୍‌ପି ଏବଂ ବିଧାନ ପରିଷଦ ସଦସ୍ୟ ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେଇପାରିବେ ନାହିଁ।

ବର୍ତ୍ତମାନର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ ଜୁଲାଇ ୨୪ରେ ଶେଷ ହେଉଛି। ଏଥର ରାଷ୍ଟ୍ରପତି ନିର୍ବାଚନରେ ମୋଟ ୪,୮୦୯ ଜଣ ଭୋଟ ଦେବେ। ସେମାନଙ୍କ ମଧ୍ୟରେ ୭୭୬ ଏମ୍‌ପି ଏବଂ ୪,୦୩୩ ବିଧାୟକ ରହିଛନ୍ତି। ଏମ୍‌ପି ଏବଂ ବିଧାୟକଙ୍କ ଉପରେ କୌଣସି ରାଜନୈତିକ ଦଳ ହୁଇପ୍ ଜାରି କରିପାରିବେ ନାହିଁ। ଅଟକ ଥିବା ନେତା ଭୋଟ ଦେଇପାରିବେ। ଯେଉଁ ଏମ୍‌ଏଲ୍‌ଏ କିମ୍ବା ଏମ୍‌ପି ଜେଲ୍‌ରେ ଥିବେ ସେମାନେ ମତଦାନ ଲାଗି ପାରୋଲ ଆବେଦନ କରିପାରବେ ବୋଲି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି। ପ୍ରାର୍ଥୀ ନିଜେ କିମ୍ବା ତାଙ୍କର କୌଣସି ପ୍ରସ୍ତାବକ ଅଥବା ସମର୍ଥକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ମଧ୍ୟରେ ନାମାଙ୍କନପତ୍ର ଦାଖଲ କରିପାରିବେ। ରିଟର୍ନିଂ ଅଫିସରଙ୍କ ତତ୍ତ୍ୱାବଧାନରେ ଭୋଟ ଅନୁଷ୍ଠିତ ହେବ। ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ପ୍ରାର୍ଥୀଙ୍କର ୫୦ ଜଣ ପ୍ରସ୍ତାବକ ଓ ୫୦ ଜଣ ସମର୍ଥକ ରହିଥିବା ଆବଶ୍ୟକ। ନିର୍ବାଚନକୁ ଗମ୍ଭୀରତାର ସହ ନେଉ ନ ଥିବା ପ୍ରାର୍ଥୀଙ୍କୁ ବାଦ୍ ଦେବା ପାଇଁ ଏଭଳି ସର୍ତ୍ତ ରଖାଯାଇଛି। ଏଥିସହିତ ପ୍ରାର୍ଥୀଙ୍କୁ ୧୫,୦୦୦ ଟଙ୍କା ଅମାନତ ଜମା କରିବାକୁ ପଡ଼ିବ। ୧୯୯୭ରେ ଅମାନତ ରାଶି ପରିମାଣ ୨,୫୦୦ ଥିବାବେଳେ ତାହାକୁ ୧୫,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ପୂର୍ବରୁ ପ୍ରସ୍ତାବକ ଓ ସମର୍ଥକଙ୍କ ସଂଖ୍ୟା ୧୦ ଜଣ ଲେଖାଏ ଥିବାବେଳେ ଏହାକୁ ୫୦କୁ ବଢ଼ାଇ ଦିଆଯାଇଛି।

ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ ଜଣେ ଭାରତର ନାଗରିକ ହୋଇଥିବେ ଓ ତାଙ୍କୁ ୩୫ ବର୍ଷ ବୟସ ହୋଇସାରିଥିବ। ଏହା ବ୍ୟତୀତ ପାର୍ଲାମେଣ୍ଟ ନିର୍ବାଚନ ଲାଗି ଆବଶ୍ୟକ ଯୋଗ୍ୟତା ତାଙ୍କର ରହିଥିବ। ବ୍ୟକ୍ତି କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ କୌଣସି ଲାଭଦାୟକ ପଦ ପଦବୀରେ ଥିଲେ ବା ସରକାରଙ୍କ ନିୟନ୍ତ୍ରଣାଧୀନ କୌଣସି ସଂସ୍ଥାରେ ରହିଥିଲେ, ସେ ରାଷ୍ଟ୍ରପତି ନିର୍ବାଚନ ଲଢ଼ିବାକୁ ଯୋଗ୍ୟ ବିବେଚିତ ହେବେ ନାହିଁ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୩,୮୩,୪୭,୧୧୬ | ୬୩,୨୭,୨୦୦ | ୫୧,୧୫,୭୭,୯୪୧ |
| ଭାରତ | ୪,୩୧,୯୭,୫୨୨ | ୫,୨୪,୭୨୩ | ୪,୨୬,୪୦,୩୦୧ |
| ଓଡ଼ିଶା | ୧୨,୮୮,୫୭୬ | ୯୧୨୬(+୫୩) | ୧୨,୭୯,୨୮୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ଟିକେଟ ନେଇ ମହିଳାଙ୍କ ମଧ୍ୟରେ ଧସ୍ତାଧସ୍ତି

୨ବର୍ଷ ପରେ ବାରବାଟୀରେ ଖେଳ ହେଉଥିବାରୁ କ୍ରିକେଟପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି । ଟିକେଟ କିଣିବା ପାଇଁ ବେଶ ଭିଡ ପରିଲକ୍ଷିତ ହୋଇଥିଲା । ସେହିପରି ଧାଡ଼ିରେ ଛିଡ଼ା ହେବାକୁ ନେଇ କେତେଜଣ ଯୁବତୀ ହାତାହାତି ମଧ ହୋଇଥିଲେ । ଠେଲାପେଲା, ପାଟିତୁଣ୍ଡ ସହ ଲୋକଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ମଧ ସୃଷ୍ଟି ହୋଇଥିଲା । ଏଥିପାଇଁ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା । ଉପସ୍ଥିତ ମହିଳା ପୋଲିସ୍ କର୍ମୀ ସେମାନଙ୍କୁ ବୁଝାଇ ଛିଡ଼ା କରାଇଥିଲେ । ତେବେ ପରିସ୍ଥିତି ଜଟିଳ ହେବାରୁ ମହିଳାଙ୍କ ଉପରେ ଲାଠି ଚାର୍ଜ କରାଯାଇଥିଲା ।



ଟିକେଟ୍ କାଉଣ୍ଟର ଆଗରେ ଲୋକଙ୍କ ପ୍ରବଳ ଭିଡ଼ ।

## ୩ନଂ. କାଉଣ୍ଟରରେ ଅସମ୍ଭାଳ ଭିଡ଼

ଟିକେଟ ବିକ୍ରି ପାଇଁ ୯ଟି କାଉଣ୍ଟର କରାଯାଇଥିବାବେଳେ ୧ନଂ. କାଉଣ୍ଟରରେ ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର, ନିୟୁ ପାଭିଲିଅନ ଏବଂ କର୍ପୋରେଟ ବକ୍ସ ପାଇଁ ଟିକେଟ ବିକ୍ରି ହୋଇଥିବାବେଳେ ୩ ନଂ କାଉଣ୍ଟରରେ ୧,୨,୩, ୫, ୭ ଗ୍ୟାଲେରି ପାଇଁ ଟିକେଟ ବିକ୍ରି କରାଯାଉଥିଲା । ୩ ନଂ. କାଉଣ୍ଟରରେ ମହିଳାଙ୍କ ଅସମ୍ଭାଳ ଭିଡ ଦେଖିବାକୁ ମିଳିଥିଲା । ଏହି ଭିଡ଼ ମଧ୍ୟରେ ଟିକେଟ କଳା ବଜାର କରିବା ପାଇଁ ମହିଳାଙ୍କୁ ମାଧ୍ୟମ କରାଯାଇଥିଲା । ମହିଳାମାନେ ଟିକେଟ କିଣି କାଉଣ୍ଟର ବାହାରେ ଛିଡ଼ା ହେଇଥିବା ନିଜ ସମ୍ପର୍କୀୟମାନଙ୍କୁ ଦେଇ ପୁଣି ଆସି ଲାଇନ ଲଗାଉଥିଲେ । ଉକ୍ତ ସମ୍ପର୍କୀୟମାନେ ସେ ଟିକେଟ ନେଇ ନିର୍ଦ୍ଧାରିତ ଦରର ବହୁ ଅଧିକରେ ବିକ୍ରି କରୁଥିବା ମଧ ଦେଖିବାକୁ ମିଳିଥିଲା ।

# ପ୍ରଥମ ଦିନରେ ଟିକେଟ ଶେଷ

**କଟକ ଅଫିସ, ୯।୬**

- ୧୨ହଜାର ଟିକେଟ ପାଇଁ ୩୫ହଜାର ଲୋକଙ୍କ ଭିଡ଼
- ଟିକେଟ କିଣିବା ପାଇଁ ଧସ୍ତାଧସ୍ତି
- ଲାଠିଚାର୍ଜ କଲା ପୋଲିସ

ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ଖେଳାଯିବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି୨୦ମ୍ୟାଚ୍ ପାଇଁ ପ୍ରଥମ ଦିନରେ ଟିକେଟ ବିକ୍ରି ଶେଷ ହୋଇଛି । ଗୁରୁବାର ସକାଳ ୯ଟାରୁ କାଉଣ୍ଟରରେ ଟିକେଟ୍ ବିକ୍ରି ଆରମ୍ଭ ହୋଇଥିଲା । ଏଥିପାଇଁ ମୋଟ୍ ୯ଟି କାଉଣ୍ଟର କରାଯାଇଥିଲା । ପୁରୁଷଙ୍କ ପାଇଁ ୭ଟି କାଉଣ୍ଟର ବ୍ୟବସ୍ଥା କରାଯାଇଥିବାବେଳେ ମହିଳାଙ୍କ ଲାଗି ୨ଟି ସ୍ୱତନ୍ତ୍ର କାଉଣ୍ଟର କରାଯାଇଥିଲା । କେବଳ କଟକ ନୁହେଁ ପୁରୀ, ବଲାଙ୍ଗୀର, ମାଲକାନଗିରି ଆଦି ସ୍ଥାନରୁ ଲୋକେ ଆସି ଏଠାରେ ଧାଡ଼ିରେ ଛିଡ଼ା ହୋଇଥିଲେ । ବୁଧବାର ରାତିରୁ ଷ୍ଟାଡିୟମ ଟିକେଟ କାଉଣ୍ଟର ସମ୍ମୁଖରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଗୁରୁବାର ସକାଳୁ ଟିକେଟ ପାଇଁ ଲୋକଙ୍କ ଏତେ ଲମ୍ବା ଧାଡ଼ି ଲାଗିଥିଲା ଯେ ସ୍ଥିତି ନିୟନ୍ତ୍ରଣ କରିବା ପୋଲିସ ପାଇଁ କାଠିକର ପାଠ ହୋଇଥିଲା । ବିଶେଷ କରି ୩ନଂ. କାଉଣ୍ଟର ସମ୍ମୁଖରେ ଅସମ୍ଭାଳ ଭିଡ଼ ଦେଖିବାକୁ ମିଳିଥିଲା । ମଧ୍ୟାହ୍ନରେ ମହିଳାଙ୍କ ପାଇଁ ହୋଇଥିବା ଧାଡ଼ିରେ ଠେଲାପେଲା ସହ ମାଡ଼ ମରାମରି ସ୍ଥିତି ଉପୁଜିବାରୁ ପୋଲିସ କିଛି ସମୟ ପାଇଁ ଲାଠି ଚାର୍ଜ କରିଥିଲା । ଘଣ୍ଟା ଘଣ୍ଟା ଧରି ଟିକେଟ ପାଇଁ ଅପେକ୍ଷା କରିଥିଲେ ମଧ ଅନେକଙ୍କୁ ଖାଲି ହାତରେ ନିରାଶ ହୋଇ ଫେରିଥିବା ଦେଖିବା ମିଳିଥିଲା । ଗୁରୁବାର ଟିକେଟ୍ ବିକ୍ରି ପାଇଁ କାଉଣ୍ଟର ଆଗରେ ବ୍ୟାରିକେଡର ବ୍ୟବସ୍ଥା କରାଯାଇଥିଲା । ୧୨ହଜାର ଟିକେଟ ବିକ୍ରି ହେବାକୁ ଥିବାବେଳେ ପ୍ରାୟ ୩୫ରୁ ୪୦ହଜାର ଲୋକଙ୍କ



ଭିଡ଼ ଦେଖିବାକୁ ମିଳିଥିଲା । ପ୍ରବଳ ଗରମ ସହ ଅସହ୍ୟ ଗୁଳୁଗୁଳି ଅନୁଭୂତି ହେଉ ଥିବାବେଳେ ଲୋକଙ୍କ ସୁବିଧା ପାଇଁ ପାଣି ସ୍ପ୍ରେ କରାଯାଇଥିଲା । ସେହିପରି ଦୀର୍ଘ ସମୟ ହେବ ଧାଡ଼ିରେ ଛିଡ଼ା ହେବାରୁ ଲୋକମାନେ ପାଣି ପାଇଁ ଡହଳବିକଳ ହୋଇଥିଲେ । ତେବେ ଡିସିପି ପିନାକ ମିଶ୍ର ବୁଲି ବୁଲି ଲୋକଙ୍କୁ ପାଣି ଦେଇଥିବା ଦେଖିବାକୁ ମିଳିଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଗୁରୁବାର ସମସ୍ତ ଟିକେଟ ଶେଷ ହୋଇଥିବା ବେଳେ ଅନ୍‌ଲାଇନରେ ଟିକେଟ ୧୨ ତାରିଖ ପର୍ଯ୍ୟନ୍ତ ମିଳିବ । କେମ୍ବ୍ରିଜ ସ୍କୁଲ ଓ ଖ୍ରୀଷ୍ଟ କଲେଜରେ ନିଜ ଟିକଟ ନେଇ ପାରିବେ ଦର୍ଶକ ।

## ଭିନ୍ନକ୍ଷମ କିଣିଲେ ଟିକେଟ

ବାରବାଟୀରେ ଅନୁଷ୍ଠିତ ହେବାକୁଥିବା ମ୍ୟାଚ୍ ନେଇ ପିଲାଙ୍କ ଠାରୁ ବୃଦ୍ଧା ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି । ତେବେ ଏଥିରୁ ବାଦ୍ ପଡ଼ି ନାହାନ୍ତି ଭିନ୍ନକ୍ଷମ । ଦୃଷ୍ଟିହୀନ, ଶାରୀରିକ ଭିନ୍ନକ୍ଷମମାନେ ମ୍ୟାଚ ଦେଖିବା ଏବଂ ଶୁଣିବା ପାଇଁ ଟିକେଟ କିଣିଛନ୍ତି । ଦୃଷ୍ଟିହୀନ ଯଶୋବନ୍ତ ସାହୁ କହିଛନ୍ତି, ଖେଳ ଦେଖି ନ ପାରିଲେ ବି ଗ୍ୟାଲେରି ବସି ଏହାର ଅନୁଭୂତି ନେଇ ପାରିବି ।

# ଖେଳାଳିଙ୍କ ସୁରକ୍ଷା ପାଇଁ ମକ୍‌ଡ୍ରିଲ

**ଭୁବନେଶ୍ୱର,୯।୬(ବ୍ୟୁରୋ)**

କଟକ ବାରବାଟୀ ଷ୍ଟାଡିୟମରେ ଆସନ୍ତା ୧୨ ତାରିଖରେ ହେବାକୁ ଥିବା ଭାରତ ଏବଂ ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ୍ ମ୍ୟାଚ୍ ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଉଭୟ ଦଳର ଖେଳାଳି ଶୁକ୍ରବାର ଅପରାହ୍ନ ପ୍ରାୟ ୧ଟା ୫୦ରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି । ତେଣୁ ରହଣିସ୍ଥଳ ଜୟଦେବ ବିହାରସ୍ଥିତ ମେ' ଫେୟାର ହୋଟେଲକୁ ଖେଳାଳିଙ୍କୁ କିପରି ସୁରକ୍ଷାର ସହ ନିଆଯିବ ସେନେଇ କମିଶନରେଟ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିପାଇଁ ଗୁରୁବାର ଅପରାହ୍ନରେ କମିଶନରେଟ ପୋଲିସ ପକ୍ଷରୁ ବିମାନ ବନ୍ଦରଠାରୁ ହୋଟେଲ ପର୍ଯ୍ୟନ୍ତ ମକ୍‌ଡ୍ରିଲ୍ କରାଯାଇଥିଲା । ମକ୍‌ଡ୍ରିଲ୍ ପୂର୍ବରୁ ପୂର୍ବାହ୍ନରେ ଡିସିପି ପ୍ରତୀକ ସିଂ ଓ ଅପରାହ୍ନରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଏୟାରପୋର୍ଟରୁ ବିମାନବନ୍ଦର ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ । ଅପରାହ୍ନ ପ୍ରାୟ ୪ଟା ୩୦ରେ ପ୍ରଥମେ ଭାରତୀୟ ଦଳର ଦୁଇଟି ବସ୍‌କୁ ସୁରକ୍ଷା ବଳୟ ମଧ୍ୟରେ ଏୟାରପୋର୍ଟରୁ ହୋଟେଲ ପର୍ଯ୍ୟନ୍ତ ନିଆଯାଇଥିଲା । ଏହାପରେ ଦକ୍ଷିଣ ଆଫ୍ରିକା ଦଳର ଗୋଟିଏ ବସ୍‌କୁ ନିଆଯାଇଥିଲା । ବସ୍‌ର ଆଗରେ, ପଛରେ ଓ କଡ଼ରେ ଏକ୍ସକର୍ଟ ଭ୍ୟାନ ରହିଥିଲା । ଖେଳାଳି ଯିବା ସମୟରେ ରାସ୍ତାରେ କୌଣସି ଲୋକ କିମ୍ବା ଅନ୍ୟ ଗାଡ଼ି ରହିବ ନାହିଁ । ତେଣୁ ମକ୍‌ଡ୍ରିଲ୍ ସମୟରେ ମଧ ଗୁରୁବାର ରାସ୍ତା ଖାଲି କରାଯାଇ ସୁରକ୍ଷାର ସହ ଖେଳାଳିଙ୍କ ବସ୍‌କୁ ହୋଟେଲ ପର୍ଯ୍ୟନ୍ତ ନିଆଯାଇଥିଲା । ବସ୍ ଭିତରେ ସୁରକ୍ଷା ଦେବା ପାଇଁ ସାଦା ପୋଷାକରେ ପୋଲିସ ରହିବେ । ବସ୍‌ରେ ଯଦି କୌଣସି ଅସୁବିଧା ହେଲା ତେବେ ଅନ୍ୟ ସ୍ପେୟାର ଗାଡ଼ି ଦ୍ୱାରା ଖେଳାଳିଙ୍କୁ ବାରବାଟୀ ଷ୍ଟାଡିୟମ ନିଆଯିବ । ଅନ୍ୟପକ୍ଷରେ ହୋଟେଲରେ ମଧ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ମ୍ୟାଚ୍‌ର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଶନିବାର ଉଭୟ ଟିମ୍ ଅଭ୍ୟାସ ପାଇଁ ବାରବାଟୀ ଷ୍ଟାଡିୟମ୍ ଯିବେ । ତେଣୁ ଖେଳାଳିମାନେ କିପରି ସୁରକ୍ଷାର ସହ ମେ'ଫେୟାର ହୋଟେଲ ଆସିବେ ଓ ଏହାପରେ ଅଭ୍ୟାସ ପାଇଁ ଷ୍ଟାଡିୟମ ଯିବେ, ପୁଣି ହୋଟେଲ ଫେରିବେ ଏବଂ ରବିବାର ମ୍ୟାଚ୍ ଖେଳିବା ସହ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ସମସ୍ତ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି । ପୋଲିସ କମିଶନର କହିଛନ୍ତି, ଖେଳାଳିଙ୍କୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ । ତେଣୁ କମିଶନରେଟ ପୋଲିସ ପକ୍ଷରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଛି । ଶୁକ୍ରବାର କଟକରେ ମକ୍‌ଡ୍ରିଲ କରାଯିବାର ଯୋଜନା ରହିଛି ବୋଲି କମିଶନର କହିଛନ୍ତି ।


















“ଅତିମାନବ କିଏ ? ଯେ ଏହି ଜଡ଼ମୁଖୀ ବିଭଗ୍ନ ମାନବୀୟ ବ୍ୟକ୍ତିଜୀବନର ଊର୍ଦ୍ଧ୍ୱକୁ ଉଠିଯାଇ ପାରେ– ଏବଂ ନିଜକୁ ବିଶ୍ୱମୟ କରିଦେଇ ଏକ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦ ଓ ଦିବ୍ୟଜ୍ଞାନରେ ନିଜକୁ ଦିବ୍ୟମଣିଷ କରି ଦେଇପାରେ। **–ଶ୍ରୀଅରବିନ୍ଦ**



# ନୂତନ ଜାତୀୟତାବାଦ



ଡାରୋନ ଆକେମୋଗ୍ଲୁ

୧୯୮୯ରେ ବର୍ଲିନ ୱାଲ୍‌ର ପତନ ପରେ ମହା ଆନନ୍ଦର ଅନୁଭବ କରାଯାଇଥିଲା। ଫ୍ରାନ୍ସିସ ଫୁକୁୟାମଙ୍କ ଭାଷାରେ ଆର୍ଥିକ ଓ ରାଜନୈତିକ ଉଦାରବାଦର ଏହା କେବଳ ଏକ ନିର୍ଲ୍ଲଜ ବିଜୟ ନ ଥିଲା, ବରଂ ଥିଲା ଜାତୀୟତାବାଦ ଅବକ୍ଷୟର ପ୍ରତୀକ। ବିଶ୍ୱର ଅର୍ଥ ବ୍ୟବସ୍ଥା ଦିନକୁ ଦିନ ଏକୀକୃତ ହେଉଥିବାରୁ ମନେକରାଗଲା ଯେ, ଲୋକମାନେ ସେମାନଙ୍କ ଜାତୀୟ ପରିଚୟକୁ ପଛ କରିଦେବେ। ୟୁରୋପୀୟ ଏକୀକରଣର ଭାଗୀଦାରି ପ୍ରକ୍ରିୟା ଜାତୀୟତାବାଦରୁ ଊର୍ଦ୍ଧ୍ୱରେ ରହି ଅନ୍ତର୍ଜାତୀୟ ସ୍ତରୀୟ ହୋଇଗଲା ପରେ ଏକଛତ୍ରବାଦୀ ଜାତୀୟତାବାଦ ହଟିଯିବ ବୋଲି ଆଶା ରହିଥିଲା। କିନ୍ତୁ ଜାତୀୟତାବାଦ ପୁଣି ଫେରି ବୈଶ୍ୱିକ ରାଜନୀତିରେ ମୁଖ୍ୟ ଭୂମିକା ନେଉଛି। ଏହି ଧାରା ଆମେରିକା କିମ୍ବା ଫ୍ରାନ୍ସ ମଧ୍ୟରେ ସୀମିତ ରହିନାହିଁ। ଜାତୀୟତାବାଦ ମଧ୍ୟ ହଙ୍ଗେରି, ଭାରତ, ତୁର୍କୀ ଓ ଅନ୍ୟ କେତେକ ଦେଶରେ ରହିଛି। ଚାଇନା ଏକ ପ୍ରକାର ଜାତୀୟତାବାଦୀ ଏକଛତ୍ରବାଦକୁ ଆପଣାଇନେଇଛି। ରୁଷିଆ ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ ଶେଷ କରିଦେବା ପାଇଁ ଏକ ଜାତୀୟତାବାଦୀ ଯୁଦ୍ଧ ଆରମ୍ଭ କରିଦେଇଛି।

ନୂତନ ଜାତୀୟତାବାଦ ବୃଦ୍ଧି ହେବାର ଅତି କମ୍‌ରେ ତିନୋଟି କାରଣ ରହିଛି। ପ୍ରଥମରେ, ଅନେକ ପ୍ରଭାବିତ ଦେଶର ଐତିହାସିକ ଅଭିଯୋଗମାନ ରହିଛି। ଉପନିବେଶବାଦରେ ଇଂରେଜମାନଙ୍କ ଦ୍ୱାରା ଭାରତ ଶୋଷିତ ହୋଇଥିଲା। ଊନବିଂଶ ଶତାବ୍ଦୀରେ ଓପିୟମ ଯୁଦ୍ଧ (ପାଶ୍ଚାତ୍ୟ ଓ ଚାଇନାର କୁଇଙ୍ଗ୍ ସାମ୍ରାଜ୍ୟ ମଧ୍ୟରେ ଯୁଦ୍ଧ)ରେ ଚାଇନାର ସାମ୍ରାଜ୍ୟର ପରାଜୟ ଘଟିଥିଲା। ପ୍ରଥମ ବିଶ୍ୱଯୁଦ୍ଧ ପରେ ତୁର୍କୀର ବିରାଟ ଭାଗ ପାଶ୍ଚାତ୍ୟ ଦଖଲ କରିବାର ସ୍ମୃତି ଏବେ ଆଧୁନିକ ତୁର୍କୀର ଜାତୀୟତାବାଦକୁ ଉଜ୍ଜୀବିତ କରିଛି। ଦ୍ୱିତୀୟରେ, ଜଗତୀକରଣ ଅନେକ ଦେଶରେ ଅସମାନତା ବୃଦ୍ଧି କରିବା ସହ ସ୍ଥାୟୀ ପରମ୍ପରା ଓ ସାମାଜିକ ମାନଦଣ୍ଡଗୁଡ଼ିକୁ ଧୀରେ ଧୀରେ ଦୁର୍ବଳ କଲା। ତୃତୀୟରେ ରାଜନେତାମାନେ ସେମାନଙ୍କ କାର୍ଯ୍ୟକ୍ରମ ଲାଗୁ କରିବା ପାଇଁ ଅନ୍ୟାୟ ଭାବେ ଶୋଷଣକାରୀ ଜାତୀୟତାବାଦରେ ଜଡ଼ିତ ରହୁଛନ୍ତି। ଉଦାହରଣ ସ୍ୱରୂପ, ଚାଇନାର ଏକଛତ୍ରବାଦୀ ଶାସକ ଶିଜିନ୍‌ପିଙ୍ଗଙ୍କ ନେତୃତ୍ୱରେ ଚାଇନାର ଜାତୀୟତାବାଦୀ ମାନସିକତାକୁ ନୂଆ ହାଇସ୍କୁଲ ପାଠ୍ୟକ୍ରମ ଓ ପ୍ରଚାର ଅଭିଯାନରେ ପଢାଯାଉଛି। ସେହିପରି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜାତୀୟତାବାଦୀ ହିନ୍ଦୁତ୍ୱ ଶାସନରେ ବିଶ୍ୱର ଏହି ବିଶାଳ ଗଣତନ୍ତ୍ର ସଂଖ୍ୟାଗରିଷ୍ଠ ଉଦାରବାଦ ସମ୍ମୁଖରେ ନତମସ୍ତକ ହୋଇଛି। ତୁର୍କୀରେ ରାଷ୍ଟ୍ରପତି ରିସେପ ତୟିପ ଏର୍ଦୋଗାନ ଆରମ୍ଭରେ ଜାତୀୟତାବାଦକୁ ତ୍ୟାଗ କରିଦେଇଥିଲେ। ଏପରି କି ୨୦୧୦ ଦଶନ୍ଧିରେ କୁର୍ଦ୍ଦମାନଙ୍କ ସହ ଏକ ଶାନ୍ତି ପ୍ରକ୍ରିୟା ଆରମ୍ଭ କରିଥିଲେ। କିନ୍ତୁ ତା' ପରଠାରୁ ସେ ଜାତୀୟତାବାଦକୁ କୋଳେଇ ନେଇଛନ୍ତି ଓ ସ୍ୱାଧୀନ ଗଣମାଧ୍ୟମ, ବିରୋଧୀ ନେତା ଏବଂ ଅସନ୍ତୁଷ୍ଟମାନଙ୍କ ଉପରେ କଠୋର ପଦକ୍ଷେପ ନେଉଛନ୍ତି।



ଶୀତଳ ଯୁଦ୍ଧ ପରେ ଜଗତୀକରଣର ପ୍ରତିକ୍ରିୟା ଭାବେ ଏବକାର ଜାତୀୟତାବାଦ ପ୍ରକାଶ ପାଇଛି। ୨୦୦୦ରେ ସେତେବେଳର ଆମେରିକାର ରାଷ୍ଟ୍ରପତି ପ୍ରାର୍ଥୀ ଜର୍ଜ ଡବ୍ଲ୍ୟୁ ବୁଶ୍ ମୁକ୍ତ ବାଣିଜ୍ୟକୁ ଏକ ଗୁରୁତ୍ୱପୂର୍ଣ୍ଣ ମେଣ୍ଟ ବୋଲି କହିଥିବାବେଳେ ରୋନାଲ୍ଡ ରେଗାନ ଏହାକୁ ସ୍ୱାଧୀନତା ପାଇଁ ଏକ ଅଗ୍ରଗାମୀ ରଣନୀତି କହିବା ସହ ଚାଇନା ସହିତ ମୁକ୍ତ ବାଣିଜ୍ୟ ନିମନ୍ତେ ଏହା ଉପଯୁକ୍ତ ସମୟ ବୋଲି ପ୍ରକାଶ କରିଥିଲେ। ଆଶା କରାଯାଉଥିଲା ଯେ, ବୈଶ୍ୱିକ ବାଣିଜ୍ୟ ଏବଂ ଯୋଗାଯୋଗ ସାଂସ୍କୃତିକ ଏବଂ ସଂସ୍ଥାଗତ ଏକତା ବଢ଼ାଇବ ଓ ପାଶ୍ଚାତ୍ୟ କୂଟନୀତି ଆହୁରି ମଜଭୁତ ହେବ। କିନ୍ତୁ ସେହି ବାଟରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିନାହିଁ। ଜଗତୀକରଣକୁ ଏଭଳି ବାଟରେ ବ୍ୟବସ୍ଥିତ କରାଗଲା ଯେ ତାହା ବିକାଶଶୀଳ ଦେଶଗୁଡ଼ିକ ପାଇଁ ଏକ ବିରାଟ ଲାଭ ହେଲା। ଲାଭ କମ୍ କରି ସେମାନେ ଶିଳ୍ପ ରପ୍ତାନି ଆଡ଼କୁ ମୁହାଁଇ ସେମାନଙ୍କ ଅର୍ଥ ବ୍ୟବସ୍ଥାଗୁଡ଼ିକ ପୁନର୍ଗଠନ କରିପାରିଲେ। ଏହା ମଧ୍ୟ ତୈଳ ଓ ବାଷ୍ପ କ୍ଷେତ୍ରରେ ଧନୀ ଅର୍ଥ ବ୍ୟବସ୍ଥାଗୁଡ଼ିକୁ ପାଇଁ ଲାଭଦାୟକ ହେଲା। କିନ୍ତୁ ଏହି ସମାନ ଢାଞ୍ଚାମାନ ବିଶିଷ୍ଟ ଜାତୀୟତାବାଦୀ ନେତାମାନଙ୍କୁ ସଶକ୍ତ କରିଛି। ଭଲ ସ୍ଥିତିରେ ଥିବା ଅନେକ ବିକାଶଶୀଳ ଦେଶ ନିକଟରେ ଅଧିକ ସଂସାଧନ ଥିବାରୁ କାର୍ଯ୍ୟକ୍ରମମାନ କାର୍ଯ୍ୟକାରୀ କରିବା ଏବଂ ମେଣ୍ଟ ଗଠନ କରିବାରେ ସେମାନଙ୍କର ବଡ଼ ଦକ୍ଷତା ରହିଛି। କାରଣ ପାଶ୍ଚାତ୍ୟ କୂଟନୀତି ଅନ୍ୟ ଦେଶର ସ୍ଥିତି ସଜାଡ଼ିବାରେ ଅଧିକ ଆଗ୍ରହୀ ହେବା ଦେଖାଯାଉଛି। ହେଲେ ଏହା ମାନବ ଅଧିକାର, ଗଣମାଧ୍ୟମ ସ୍ୱାଧୀନତା କିମ୍ବା ଗଣତନ୍ତ୍ର ରକ୍ଷା କରିବାରେ ଅପ୍ରଭାବୀ ସାବ୍ୟସ୍ତ ହୋଇଛି କିମ୍ବା ବିପରୀତ ପରିଣାମ ମିଳିଛି।

ତୁର୍କୀ କଥା ଦେଖାଯାଉ। ୟୁରୋପୀୟ ସଂଘ( ଇୟୁ)ରେ ପ୍ରବେଶ ଦ୍ୱାରା ତୁର୍କୀର ମାନବ ଅଧିକାର ରେକର୍ଡ ଏବଂ ଏହାର ଗଣତାନ୍ତ୍ରିକ ବ୍ୟବସ୍ଥାଗୁଡ଼ିକ ପୁନଃ ଶକ୍ତିଶାଳୀ ହେବ ବୋଲି ଅନୁମାନ କରାଯାଉଥିଲା। ଏହା କିଛି ସମୟ ପାଇଁ କରିଥିଲା। କିନ୍ତୁ ପରେ ତୁର୍କୀ ଜାତୀୟତାବାଦ ପାଇଁ ଇୟୁ ପ୍ରତିନିଧିମାନେ ପ୍ରେରକ ପାଲଟିଗଲେ। ତା' ପରଠାରୁ ତୁର୍କୀର ଗଣତନ୍ତ୍ର ଦୁର୍ବଳ ହୋଇଚାଲିଛି। ଜାତୀୟତାବାଦ ରୁଷିଆକୁ ୟୁକ୍ରେନ୍ ଆକ୍ରମଣ କରିବା ଲାଗି ପ୍ରେରିତ କରିଛି ଓ ଉପରେ ଦର୍ଶାଯାଇଥିବା ଜାତୀୟତାଦାବାଦର ତିନୋଟି କାରଣ ଏଥିରେ ପ୍ରକାଶ ପାଇଛି। ଅନେକ ରୁଷୀୟ ରାଜନେତା ଓ ପ୍ରତିଷ୍ଠିତ ସୁରକ୍ଷା ଅଧିକାରୀମାନେ ବିଶ୍ୱାସ କରନ୍ତି ଯେ, ବର୍ଲିନ ୱାଲ୍ ପତନ ପରେ ସେମାନଙ୍କ ଦେଶକୁ ପାଶ୍ଚାତ୍ୟ ଅପମାନ କରିଛି। ବିଶ୍ୱ ଅର୍ଥ ବ୍ୟବସ୍ଥାରେ ରୁଷିଆ କିଛି ଲାଭ ପାଇଛି। କିନ୍ତୁ ରାଜନୀତିରେ ଯୋଡ଼ି ହୋଇଥିବା କ୍ଷମତାଶାଳୀ ଏକ ଗୋଷ୍ଠୀ ଅକଳ୍ପନୀୟ ଭାବେ ଧନୀ ପାଲଟିଯାଇଛନ୍ତି। ସେମାନଙ୍କ ସମର୍ଥନ ପାଇବା ଲାଗି ରୁଷିଆର ରାଷ୍ଟ୍ରପତି ସେମାନଙ୍କୁ ସହଯୋଗ କରିଛନ୍ତି। ରୁଷିଆର ଜାତୀୟତାବାଦ ପୁଟିନ୍‌ଙ୍କୁ ତାଙ୍କ ଦେଶକୁ ଅଧିକ ସୁରକ୍ଷିତ ରଖିବା ପାଇଁ ଅନୁମତି ଦେଇଥିବାରୁ ଏହା ୟୁକ୍ରେନ୍ ପାଇଁ ଖରାପ ଖବର। କଟକଣା ଲାଗୁ ହେଉ କିମ୍ବା ନ ହେଉ, ସ୍ୱାର୍ଥ ଓ ଜାତୀୟତାବାଦୀ ମାନସିକତା ସମ୍ପନ୍ନ ନିକଟତର ସାଥୀମାନଙ୍କ ସହ ତାଙ୍କର ସମ୍ପର୍କ ରହିଥିବାରୁ ସେ ଅଟକିବାର ସମ୍ଭାବନା ନାହିଁ।

ଜାତୀୟତାବାଦ ପ୍ରତ୍ୟାବର୍ତ୍ତନ କରିବା ଓ ବୃଦ୍ଧିପାଇବା ମଧ୍ୟ କିଛି ଶିକ୍ଷା ଦିଏ। ଆର୍ଥିକ ଜଗତୀକରଣ ପ୍ରକ୍ରିୟାକୁ କେମିତି ସଂଗଠିତ କରିବା ସେ ସମ୍ପର୍କରେ ପୁନର୍ବିଚାର କରିବା ଆବଶ୍ୟକ। ମୁକ୍ତ ବାଣିଜ୍ୟ ବିକାଶଶୀଳ ଓ ବିକଶିତ ଦେଶଗୁଡ଼ିକ ପାଇଁ ସମାନ ଭାବେ ଲାଭଦାୟକ ହେବ , ଏଥିରେ କୌଣସି ସନ୍ଦେହ ନାହିଁ। କିନ୍ତୁ ପାଶ୍ଚାତ୍ୟ ଉପଭୋକ୍ତାଙ୍କ ପାଇଁ ବାଣିଜ୍ୟ ମୂଲ୍ୟ ହ୍ରାସ କରାଯାଇଥିବାରୁ ଏହା ବହୁ ପରିମାଣରେ ଅସମାନତା ସୃଷ୍ଟି କରିଛି ଏବଂ ରୁଷିଆରେ ଧନୀ ବିଶେଷକୁ ଆହୁରି ଧନୀ କରିଛି ଓ ଚାଇନାରେ କମ୍ୟୁନିଷ୍ଟ ପାର୍ଟି ଚାଳକ ପାଲଟିଛି। ଏଣୁ ଏହା ବଦଳରେ ଆମକୁ ବିକଳ୍ପ ପଦକ୍ଷେପ ସମ୍ପର୍କରେ ଚିନ୍ତା କରିବାକୁ ହେବ।

ସର୍ବୋପରି ପାଶ୍ଚାତ୍ୟ କିପରି ତା'ବ୍ୟବସାୟିକ ଭାଗୀଦାରିମାନଙ୍କୁ ରାଜନୈତିକ କ୍ଷେତ୍ରରେ ପ୍ରଭାବିତ କରିପାରିବ ନାହିଁ ସେଥିପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ଦୁର୍ନୀତିଗ୍ରସ୍ତ ଏକଛତ୍ରବାଦୀ ଶାସନଗୁଡ଼ିକ ସେମାନଙ୍କ ସରକାର ବା ରାଜନୀତିକୁ କିଭଳି ପ୍ରଭାବିତ କରିବେ ନାହିଁ, ସେଥିପାଇଁ ଏକ ନୂଆ ମାନଦଣ୍ଡ ଦରକାର। ଶୀତଳଯୁଦ୍ଧ ଏବଂ ଉପନିବେଶ ଯୁଗରେ ସେମାନଙ୍କ ଭୁଲ୍ କାର୍ଯ୍ୟକୁ ପାଶ୍ଚାତ୍ୟ ନେତାମାନେ ଯଦି ହୃଦୟଙ୍ଗମ କରିବେ, ତେବେ ସେମାନେ ଅନ୍ତର୍ଜାତୀୟ ବ୍ୟାପାରରେ ଅଧିକ ବିଶ୍ୱସନୀୟତା ଲାଭ କରିବେ। ଏହା ସେମାନେ ସ୍ୱୀକାର କରିବା ଉଚିତ। ଅନ୍ୟ ସରକାର ଉପରେ ପାଶ୍ଚାତ୍ୟର ସୀମିତ ପ୍ରଭାବକୁ ସ୍ୱୀକୃତି ଦେବା ଅର୍ଥ ନୁହେଁ ଯେ ମାନବ ଅଧିକାରକୁ ଅଣଦେଖା କରି ଏହା କରାଯିବ। ଏହାର ମାନେ ନୁହେଁ ଯେ, ପାଶ୍ଚାତ୍ୟ ସରକାରଗୁଡ଼ିକ ସିଭିଲ ସୋସାଇଟି ଉପରେ ନିର୍ଭରଶୀଳ ସରକାରୀ କାର୍ଯ୍ୟକଳାପକୁ କମ୍ କରାଯିବ। ଜାତୀୟତାବାଦୀ ଏକଛତ୍ରବାଦକୁ ସମ୍ପୂର୍ଣ୍ଣ ଶେଷ କରିବାଲଗି କୌଣସି ଅସ୍ତ୍ର ନାହିଁ, କିନ୍ତୁ ଏହାକୁ ପ୍ରତିହତ କରିବା ପାଇଁ ଉତ୍ତମ ବିକଳ୍ପମାନ ରହିଛି।

**ଅର୍ଥନୀତି ପ୍ରାଧ୍ୟାପକ, ମାସାଚ୍ୟୁସେଟସ**
**ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜି**

## ବନ୍ଧୁ ଶଙ୍ଖୁଳା



ଅଲେଖ ଚନ୍ଦ୍ର ମିଶ୍ର

ବନ୍ଧୁବତ୍ସଳତା ଭାରତୀୟ ସଂସ୍କୃତିର ଏକ ମହାନ୍ ପରମ୍ପରା। ବନ୍ଧୁତାର ସୃଷ୍ଟି ଯେତିକି ସହଜ ତା'ର ସ୍ଥିତି ସେତିକି କଷ୍ଟ ଓ ବିଚ୍ଛେଦ ତତୋଽଧିକ ଯନ୍ତ୍ରଣାଦାୟକ। ଶାସ୍ତ୍ରାନୁସାରେ ଅଜଣା ଲୋକଟିଏ ସହିତ ମାତ୍ର ସାତ ପାଦ ଚାଲିଲେ କିମ୍ବା ସାତପଦ କଥାବାର୍ତ୍ତା ହେଲେ ବନ୍ଧୁତ୍ୱ ସୃଷ୍ଟି ହୋଇଯାଏ। ଯେଉଁଠାରେ ପାରିବାରିକ ସମ୍ପର୍କ ମାଧ୍ୟମରେ ବନ୍ଧୁତା ସ୍ଥାପନ ହୁଏ ତାହା ତ ସାତ ପିଢ଼ି ପର୍ଯ୍ୟନ୍ତ ଅତୁଟ ରହେ ବୋଲି ବିଶ୍ୱାସ ରହିଛି। ତା' ଛଡ଼ା ଘଟଣାଚକ୍ରରେ ବା ଭାବାବେଗରେ ସୃଷ୍ଟ ବନ୍ଧୁତ୍ୱ ଯଥା ସୂର୍ଯ୍ୟବନ୍ଧୁ, ଧର୍ମବନ୍ଧୁ, ଅବଢ଼ା, ମାହାର୍ଦ୍ଦ, ମକର, ସଙ୍ଗାତ, ମୈତ୍ର, ସାଥୀ, ମିତ, ସଖା, ସଖୀ, ସହୀ ପ୍ରମୁଖ ବି ଆଜୀବନ ଅତୁଟ ରହେ। ବନ୍ଧୁତାର ମର୍ଯ୍ୟାଦା ରକ୍ଷା କରିବା ପାଇଁ ଯେତେ କଷ୍ଟ ବା ଅସୁବିଧା ହେଲେ ବି କେହି କିଛି ଭାବନ୍ତିନି। ଏପରିକି ବନ୍ଧୁ ପାଇଁ ଜୀବନ ଦେବାକୁ ଅନେକେ ପଛାନ୍ତି ନାହିଁ। ଯାହାର ସଂଖ୍ୟାତୀତ ଦୃଷ୍ଟାନ୍ତ ମଧ୍ୟରୁ ପ୍ରାଚୀନ ଗ୍ରୀକ୍ ସାହିତ୍ୟର ଅମର କାହାଣୀ ଡାମନ ଓ ପିଥିୟାସ ବନ୍ଧୁତାର ଶ୍ରେଷ୍ଠ ନିଦର୍ଶନ ଭାବରେ ସାରା ପୃଥିବୀରେ ଅବିସ୍ମରଣୀୟ ହୋଇ ରହିଛି।

ସେହିପରି ଆମ ସମାଜରେ ବନ୍ଧୁଚର୍ଚ୍ଚା ବା ଅତିଥିସତ୍କାର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି, ଯାହାର ପଟାନ୍ତର ନାହିଁ। ବନ୍ଧୁ ଅତିଥି ଏବଂ ଅତିଥି ଦେବତା (ଅତିଥି ଦେବୋ ଭବଃ) ଆମ ସଂସ୍କୃତି ଏହି ଆଦର୍ଶର ବାର୍ତ୍ତାବହ। ଘରକୁ ବନ୍ଧୁ ବା କୁଣିଆଟିଏ ଆସିଲେ କୋଟିନିଧି ମିଳିଲାପରି ଲାଗେ ଏବଂ ସାରା ପରିବାରରେ ଖୁସିର ଲହରି ଖେଳିଯାଏ। ବନ୍ଧୁବାନ୍ଧବ ଆସିଲେ କାମରେ ଲାଗିବା ପାଇଁ ଅନେକ ଆଗରୁ ସାଇତା ରଖା ଯାଇଥିବା ଜିନିଷ ଖୋଜା ପଡ଼େ। ବନ୍ଧୁଙ୍କୁ ପାଛୋଟି ଆଣି ଗୋଡ଼ ଧୋଇବାକୁ ପାଣି ଓ ପୋଛି ହେବାକୁ ଗାମୁଛା ଦିଆଯାଏ। ବିଶ୍ରାମ କରିବା ପାଇଁ ଭିତର ଘରକୁ ନେଇଯାଇ ସମସ୍ତେ ତାଙ୍କର ସେବାରେ ଲାଗି ପଡ଼ନ୍ତି। କେହି ଜଳପାନର ବ୍ୟବସ୍ଥା କରନ୍ତି ତ କେହି ରୋଷେଇବାସର ବିଶେଷ ଆୟୋଜନରେ ଲାଗିପଡ଼ନ୍ତି। କେହି ଗାଡ଼ିଆରୁ ମାଛ ଧରିବା ପାଇଁ ବାହାରି ପଡ଼ନ୍ତି। ଅନ୍ୟ କେହି ବନ୍ଧୁଙ୍କ ପରିବାରର ପ୍ରତ୍ୟେକ ସଦସ୍ୟଙ୍କର କୁଶଳ ବାର୍ତ୍ତା ପଚାରି ବୁଝନ୍ତି। କେହି କେହି ଅଭିମାନଭରା କଣ୍ଠରେ କହନ୍ତି, କ'ଣ ଏତେ ଦିନରେ ଆମ କଥା ମନେପଡ଼ିଲା ବା ବାଟଭୁଲି ଇଆଡ଼େ ଆସିଗଲ ନା କ'ଣ? ଅଥବା ତୁମର ଏଠି କିଏ ଅଛି ଯେ ଆସିବ? କିମ୍ବା ତୁମର ଆଖି ତ ବଡ଼ ହୋଇଗଲାଣି, ଏ ଗରିବଙ୍କୁ କାହିଁକି ପଚାରିବ? ତାରି ଭିତରେ ପରିବାର ତରଫରୁ ନିଷ୍ପତ୍ତି ଶୁଣାଇ ଦିଅନ୍ତି, ଆସିଛ ତ ତୁମ ଇଚ୍ଛାରେ, ଯିବ କିନ୍ତୁ ଆମ ଇଚ୍ଛାରେ। ଯେଉଁ କେଇଦିନ ବନ୍ଧୁ ରହନ୍ତି ଘରେ ଯେମିତି ଉତ୍ସବ ଲାଗି ରହେ। ଯେଉଁଦିନ ସେ ଚାଲିଯିବାକୁ ବାହାରନ୍ତି ଘରର କେହି ତାଙ୍କର ଛତା, ଜୋତା, ଲୁଗାପଟା ଭଳି କିଛି ଜିନିଷ ଲୁଚେଇ ଦେଇ ତାଙ୍କ ଫେରିବାରେ ଅନ୍ତରାୟ ସୃଷ୍ଟି କରନ୍ତି। ଶେଷରେ ଯେତେବେଳେ ସେ କାମର ବାହାନା ଦେଖେଇ ଫେରିଯିବାକୁ ଜିଦ୍ କରନ୍ତି ଏବଂ ପୁଣି ଆସିବାକୁ ଆଶ୍ୱାସନା ଦିଅନ୍ତି ତାଙ୍କୁ। ଶୀଘ୍ର ପୁନରାଗମନର ପ୍ରତିଶ୍ରୁତି ଆଦାୟ କରିବାକୁ କେହି ଅନ୍ତରଙ୍ଗ ରାଣ ନିୟମ ପକାଇ ତାଙ୍କୁ ବିବଶ କରି ଦିଅନ୍ତି। ତା' ପରେ ଘରର ମୁରବି ତାଙ୍କୁ ବାଟେଇ ଦେବାପାଇଁ କିଛିବାଟ ତାଙ୍କର ଅନୁଗମନ କରନ୍ତି। ଶାସ୍ତ୍ର ତ କହେ, ନଦୀଂ ଯାବତ୍ ବନ୍ଧୁମନୁସରେତ। ଅନେକ ବର୍ଷଧରି ସମ୍ପର୍କ ନ ଥିବା କିମ୍ବା ଭୁଲିଯାଇଥିବା ବହୁବର୍ଷ ତଳର ପୁରୁଣା ପିଢ଼ିର ବନ୍ଧୁ ଜଣେ ଆସିଲେ ତ ତାଙ୍କୁ ଦେଖି କେହି କେହି କାନ୍ଦି ପକାନ୍ତି। ଜଣକ ଘରକୁ କୁଣିଆଟିଏ ଆସିଲେ ସାହି ପଡ଼ିଶା ବି ତାଙ୍କୁ ଭୋଜନ ପାଇଁ ଆମନ୍ତ୍ରଣ କରନ୍ତି। ଏହା ହିଁ ଆଗେ ଆମ ସମାଜରେ ବନ୍ଧୁ ଶଙ୍ଖୁଳାର ଚଳଣି ଥିଲା।

ମାତ୍ର କ୍ଷୋଭର କଥା ଏଭଳି ଏକ ଅମୂଲ୍ୟ ବୁଝାମଣାର ପ୍ରକ୍ରିୟା ଏବେ ଅତୀତର ସ୍ମୃତି ପାଲଟି ଗଲାଣି। ଆମର ଯୁବ ସମାଜ ଏପରି ଭାବାବେଗତାରୁ ଦୂରେଇ ଯାଉଛି। ବିଶେଷକରି ସହରୀ ଜୀବନ ଯାପନ କରୁଥିବା ଅଣୁ ପରିବାର ବନ୍ଧୁଙ୍କର ଆକସ୍ମିକ ଆଗମନରେ ଅସ୍ୱସ୍ତି ଅନୁଭବ କରନ୍ତି। ଦୈନନ୍ଦିନ ଜୀବନର ଧରାବନ୍ଧା ରାସ୍ତାରୁ ଦିନେ ଅଧେ ପାଇଁ ବିଚ୍ୟୁତିକୁ ବି ଗ୍ରହଣ କରିପାରନ୍ତିନି। ଗାଁଲୋକ, ବନ୍ଧୁବାନ୍ଧବ, ସାହିପଡ଼ିଶା, ବାଲ୍ୟବନ୍ଧୁ, ସାଥୀ, ସମ୍ପର୍କୀୟ ଏମାନଙ୍କ କଥା ଦୂରେ ଥାଉ ନିଜ ପରିବାରର ଅତି ଆପଣାର ଲୋକ ଆସିଲେ ବି ସେମାନେ ସହଜ ହୋଇ ପାରନ୍ତିନି। ସେମାନେ ଭୁଲି ଯାଆନ୍ତି ସମ୍ପର୍କର ଆକର୍ଷଣ ଏତେ ମହାନ୍ ଯେ ଦେବତାମାନେ ବି ତାକୁ ପାଇବାକୁ ମର୍ତ୍ତ୍ୟରେ ମାନବ ଜନ୍ମ ନିଅନ୍ତି। ଭକ୍ତକବିଙ୍କ ଭାଷାରେ କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର, ଯାର ପ୍ରାପତି ଯୋଗୁ ଦେବତା ନର।'

**ସାରଦାଶ୍ରୀ,୯୦୪, ଶାସ୍ତ୍ରୀନଗର,**
**ଭୁବନେଶ୍ୱର,**
**ମୋ:୯୪୩୮୬୭୩୮୯୮**

## ଏଇ ଭାରତରେ

କାଲିକଟ୍ ଏନ୍‌ଆଇଟିର ଗବେଷକମାନେ ପରିବେଶ ସୁରକ୍ଷା ଲାଗି ଏକ ପ୍ରକାର ସ୍ମାର୍ଟ ସୋଲାର ଷ୍ଟୋଭ୍ ନିର୍ମାଣ କରିଛନ୍ତି। ଏହାକୁ ଘରେ, ରେସ୍ତୋରାଁରେ ଏବଂ ରାସ୍ତାକଡ଼ ବ୍ୟବସାୟୀମାନେ ବ୍ୟବହାର କରିପାରିବେ। ଏଲ୍‌ପିଜିର ଅହେତୁକ ମୂଲ୍ୟ ବୃଦ୍ଧିରୁ ଏହି ଷ୍ଟୋଭ୍ ରକ୍ଷା କରିବ। ଏହା ସୌର ଶକ୍ତିରେ ଚାଲୁଛି ଓ ଏଥିରୁ କୌଣସି କ୍ଷତିକାରକ ଗ୍ୟାସ୍ ନିର୍ଗମନ ହେଉ ନାହିଁ। ଏହାକୁ ପରିବେଶ ଉପଯୋଗୀ ଇଣ୍ଡକ୍‌ସନ ଢାଞ୍ଚାରେ ନିର୍ମାଣ କରାଯାଇଛି। ଏହାର ସିଙ୍ଗଲ୍ ଓ ଡବଲ୍ ଭର୍ସନ ରହିଛି। ସିଙ୍ଗଲ ଭର୍ସନ ଷ୍ଟୋଭ୍‌ର ମୂଲ୍ୟ ୧୦,୦୦୦ ଓ ଡବଲ ଭର୍ସନର ଦାମ୍ ରଖାଯାଇଛି ୧୫,୦୦୦ ଟଙ୍କା। ରାସ୍ତାକଡ଼ ଦୋକାନୀମାନଙ୍କ ଲାଗି ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ଡବଲ ଷ୍ଟୋଭ୍ ଭର୍ସନରେ ଏଲ୍‌ଇଡି ଲ୍ୟାମ୍ପ ଖଞ୍ଜା ହୋଇଛି। ରାତିରେ ଏହି ଷ୍ଟୋଭ୍‌ରେ ରୋଷେଇ କରଯାଇପାରିବ। କାରଣ ଏଥିରେ ସୋଲାର ଏନର୍ଜି ଗଚ୍ଛିତ ରହିବା ଲାଗି ବ୍ୟବସ୍ଥା କରାଯାଇଛି। ଫୋଲ୍ଡ ହୋଇପାରୁଥିବା ସୋଲାର ପ୍ୟାନେଲ ଲଗାଯାଇଥିବାରୁ ଏହି ଷ୍ଟୋଭ୍‌କୁ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଇପାରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁନ୍ ୧୯୯୭

- ଉତ୍ତର ଜାଫ୍‌ନା ରାଜପଥଠାରେ ଶ୍ରୀଲଙ୍କା ସେନା ଓ ତାମିଲ ଗେରିଲାଙ୍କ ମଧ୍ୟରେ ତୁମୁଳ ସଂଘର୍ଷ ଘଟି ୨୦ ଗେରିଲା ନିହତ।
- ସିକିମର ରାଜଧାନୀ ଗ୍ୟାଙ୍ଗ୍‌ଟକ ସମେତ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ମାଟି ଅତଡ଼ା ଧସି ୫୦ ଜଣଙ୍କ ମୃତ୍ୟୁ।
- ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଟେଲିକମ ଦୁର୍ନୀତିରେ ଜଡ଼ିତ ଥିବା ପୂର୍ବତନ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ସୁଖରାମଙ୍କ ବିରୁଦ୍ଧରେ ସିବିଆଇର ଆଉ ଏକ ଚାର୍ଜଶିଟ୍ ଦାଖଲ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | | | 6 | | |
| | | | | | | 5 | 7 | 9 |
| 7 | | | | | | | | |
| 1 | 8 | | | | 5 | | 6 | |
| | | | | 3 | 1 | | 9 | |
| 9 | | | | | 6 | | | 4 |
| | | | | 5 | | 8 | | |
| | 3 | 7 | 8 | | | | | |
| | | | 3 | 1 | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 9 | 5 | 2 | 8 | 7 | 4 | 3 |
| 7 | 3 | 5 | 9 | 4 | 1 | 6 | 8 | 2 |
| 4 | 8 | 2 | 3 | 6 | 7 | 9 | 1 | 5 |
| 3 | 9 | 4 | 6 | 7 | 5 | 1 | 2 | 8 |
| 1 | 5 | 7 | 4 | 8 | 2 | 3 | 9 | 6 |
| 8 | 2 | 6 | 1 | 9 | 3 | 5 | 7 | 4 |
| 9 | 7 | 8 | 2 | 5 | 6 | 4 | 3 | 1 |
| 5 | 4 | 3 | 8 | 1 | 9 | 2 | 6 | 7 |
| 2 | 6 | 1 | 7 | 3 | 4 | 8 | 5 | 9 |

ଗତକାଲିର ଉତ୍ତର

# କିଶୋରୀ ମାତୃତ୍ୱ ଚିନ୍ତା



ରାଜୀବ କୁମାର ନାୟକ

ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସ୍ଥିତି ରିପୋର୍ଟ ଅନୁସାରେ ୧୫ରୁ ୧୯ବର୍ଷ ବୟସର କିଶୋରୀମାନଙ୍କଠାରେ ମାତୃତ୍ୱ ହାର ଯଥେଷ୍ଟ ବୃଦ୍ଧି ପାଇଥିବା ଜଣାଯାଏ। ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସ୍ଥିତି (ଏନ୍.ଏଫ୍.ଏଚ୍.ଏସ୍.) ରିପୋର୍ଟ ୫ ଓ ୪କୁ ତୁଳନା କଲେ ଜଣାଯାଏ ଯେ ରାଜ୍ୟରେ ବାଲ୍ୟ ବିବାହ କମିଛି ହେଲେ କିଶୋରୀ ମାତୃତ୍ୱ ବୃଦ୍ଧି ପାଇଛି। ଜାତୀୟ ପରିବାର ଓ ସ୍ୱାସ୍ଥ୍ୟ ସ୍ଥିତି ରିପୋର୍ଟ ୫ ଅନୁସାରେ ମୟୂରଭଞ୍ଜରେ କିଶୋରୀ ମାତୃତ୍ୱ ହାର ପୂର୍ବରୁ ୧୬.୧ ଥିବା ବେଳେ ଚଳିତ ରିପୋର୍ଟରେ ତାହା ୧୭.୨, ବୌଦ୍ଧରେ ୮.୨ରୁ ବଢ଼ି ୧୩.୭, ଅନୁଗୋଳରେ ୯.୯ରୁ ୧୨.୨, ଗଞ୍ଜାମରେ ୧୦ରୁ ୧୧.୪, ଢେଙ୍କାନାଳରେ ୫.୩ରୁ ୯.୩କୁ ବୃଦ୍ଧି ପାଇଛି। ଠିକ୍ ସେହିପରି କିଶୋରୀ ମାତୃତ୍ୱ ବୃଦ୍ଧି ତାଲିକାରେ ସୁବର୍ଣ୍ଣପୁର, ଭଦ୍ରକ, କଟକ, ପୁରୀ, ନୂଆପଡ଼ା, ବରଗଡ, ଜଗତ୍‌ସିଂହପୁର ଇତ୍ୟାଦି ରହିଥିବା ଜଣାଯାଏ। ଅନ୍ୟ ଦିଗରୁ ଦେଖିଲେ ଆଜି ମଧ୍ୟ ଓଡ଼ିଶାର ଅନେକ ଜିଲାରେ ବାଲ୍ୟ ବିବାହର ମାତ୍ରା ଯଥେଷ୍ଟ ରହିଛି। ନବରଙ୍ଗପୁର, ନୟାଗଡ଼, କୋରାପୁଟ, ମାଲକାନଗିରି, ରାୟଗଡା, ମୟୂରଭଞ୍ଜ, କେନ୍ଦୁଝର, ଗଜପତି, ବାଲେଶ୍ୱର, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ ଇତ୍ୟାଦି ଜିଲାରେ ଏହି ହାର ଜାତୀୟ ହାରଠାରୁ ଯଥେଷ୍ଟ ଉପରେ ରହିଛି। ଗୋଟିଏ ଦିଗରେ ବାଲ୍ୟ ବିବାହ ଅନ୍ୟ ଦିଗରେ ମହିଳା ହିଂସା ସମସ୍ୟା ବୃଦ୍ଧି ପାଉଛି। ଟେଲିଫୋନ, ଇଣ୍ଟରନେଟ ତଥା ଗଣମାଧ୍ୟମର ପ୍ରଭାବ ଫଳରେ ପୁଅ ଝିଅଙ୍କ ମଧ୍ୟରେ ଯୌନ ସମ୍ପର୍କ ସ୍ଥାପନ କିଶୋରୀ ମାତୃତ୍ୱ ବୃଦ୍ଧି କରିବାରେ ସହାୟକ ହେଉଛି। ଅନେକ ସମୟରେ ସଚେତନତାର ଅଭାବ ମଧ୍ୟ କିଶୋରୀ ମାତୃତ୍ୱକୁ ଏଡ଼ାଇବାରେ ଅସମର୍ଥ ହେଉଛି। ବିଦ୍ୟାଳୟରେ ଯୌନ ଶିକ୍ଷା ଦିଆ ଯାଉ ନ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ତଥା ମହିଳା ଏବଂ ଶିଶୁ ବିକାଶ ବିଭାଗ ତରଫରୁ କୈଶୋର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଯେତିକି ପ୍ରୟାସ କରା ଯାଉଛି ତାହା ଯଥେଷ୍ଟ ହୋଇ ପାରୁ ନାହିଁ। ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ କିଶୋରୀ କ୍ଲବ ଗଠନ କରାଯାଇଅଛି ସତ ହେଲେ ଆନ୍ତରିକତାର ଅଭାବରୁ ଏ ବିଷୟରେ ନିୟମିତ ଚର୍ଚ୍ଚା ହୋଇ ପାରୁନାହିଁ। ଅନେକ ସ୍ଥଳେ କିଶୋରୀମାନେ ବିଭିନ୍ନ କାରଣରୁ ନିୟମିତ ବୈଠକକୁ ଆସିବା ଦେଖା ଯାଇ ନ ଥାଏ। ଆଜି ମଧ୍ୟ ଅନେକ କିଶୋରୀ ବିଶେଷ କରି ଗ୍ରାମାଞ୍ଚଳରେ ବସବାସ କରୁଥିବା ତଥା ଖୁବ୍ କମ୍ ପାଠ ପଢ଼ିଥିବା କିଶୋରୀମାନେ ଗର୍ଭ ନିରୋଧକ ସମ୍ବନ୍ଧରେ ବିଶେଷ ସଚେତନ ନୁହନ୍ତି। ସହରାଞ୍ଚଳରେ ସାମାଜିକ କଟକଣାର ଅଭାବ, ପୁଅଝିଅଙ୍କ ମଧ୍ୟରେ ଅବାଧ ମିଳାମିଶା, ଯୌନସମ୍ପର୍କ ସ୍ଥାପନ ନିମନ୍ତେ ଅହେତୁକ ଉତ୍କଣ୍ଠା ଇତ୍ୟାଦି କିଶୋରୀ ଗର୍ଭଧାରଣ ତଥା ମାତୃତ୍ୱ ବୃଦ୍ଧି କରାଇବାରେ ସହାୟକ ହେଉଛି।

ଝିଅଟିଏ ଯେତେବେଳେ ଗର୍ଭବତୀ ହେଉଛି ପ୍ରାଥମିକ ଲକ୍ଷଣ ସ୍ୱରୂପ ତା'ର ମାସିକ ଋତୁସ୍ରାବ ବନ୍ଦ ହେବ ହିଁ ହେବ ଏବଂ ଏଭଳି ଘଟଣା ଘଟିଲେ ଜଣେ କୋମଳମତି କିଶୋରୀ ଅନ୍ୟ କାହାକୁ ଜଣାଇବ କି ନାହିଁ ତା' ଉପରେ ନିର୍ଭର କରୁଛି। ଯଦି ସେ ବିବାହ କରିଥିବ ତ ସହଜରେ କଥାଟି ପ୍ରକାଶ କରିବ କିନ୍ତୁ ସେ ଯଦି ଅବିବାହିତ ଥିବ ସେ ଖୁବ୍ ଡରିଯିବ କାରଣ ଆମ ସମାଜରେ ଏହା ଏକ ଅପବାଦ। ଏଭଳି ଝିଅଙ୍କୁ ସହଜରେ କେହି ବାହା ହେବେନି। ମାତାପିତା ଏବଂ ସନ୍ତାନସନ୍ତତିଙ୍କ ମଧ୍ୟରେ ଥିବା ବ୍ୟବଧାନ କାରଣରୁ ଝିଅଟେ ସହଜରେ ଗର୍ଭବତୀ ହେବା କଥାକୁ ମା'ବାପାଙ୍କ ସାମନାରେ ପ୍ରକାଶ କରି ପାରେନି। ଏପଟେ ଶେଷ ଆଶ୍ରୟ ସ୍ୱରୂପ ଲୁଚାଇ ଗର୍ଭପାତ କଲେ ବିପଦର ସମ୍ଭାବନାକୁ ଏଡା ଯାଇ ନ ପାରେ ଓ ସେଥିପାଇଁ ମଧ୍ୟ ସାହସ ସହିତ ସଚେତନତା ରହିଥିବା ଆବଶ୍ୟକ। ଆଉ ଯଦିଓ ୬ ମାସ ୧୫ ଦିନ ପୂର୍ବରୁ ଗର୍ଭ ନଷ୍ଟ ହେଲେ ଗର୍ଭପାତ କହୁଛୁ କିନ୍ତୁ ଗର୍ଭପାତ କରାଯିବା କ୍ଷେତ୍ରରେ ୧୨ସପ୍ତାହ ପୂର୍ବରୁ ଜଣେ ଡାକ୍ତରଙ୍କ ମାଧ୍ୟମରେ ଏବଂ ଦୁଇଟି ଡାକ୍ତରଙ୍କ ମାଧ୍ୟମରେ ୧୨ରୁ ୨୦ ସପ୍ତାହ ମଧ୍ୟରେ ଏହା କରା ଯାଇପାରିବ। ତେଣୁ ଏହି ସମୟ ଯଦି ଅତିକ୍ରାନ୍ତ ହୋଇ ଯାଇଥିବ ତା'ହେଲେ ଗର୍ଭପାତର ସମ୍ଭାବନା କ୍ଷୀଣ। ଏହି କାରଣରୁ ମଧ୍ୟ ଅନେକ କିଶୋରୀ ମା' ହେଉଛନ୍ତି, କାରଣ ଆରମ୍ଭରୁ ଲୁଚାଇବାର ଚେଷ୍ଟା ଏବଂ ପରବର୍ତ୍ତୀ ସମୟରେ ଘରଲୋକଙ୍କ ନଜରରେ ଆସିଲା ବେଳକୁ ନେଡିଗୁଡ କହୁଣିକୁ ବୋହି ଯାଇଥିବ। ଏପରିକି ସମାଜର ଭୟରେ ସାଙ୍ଗ ସାଥୀଙ୍କଠାରୁ ମଧ୍ୟ ଏହି କଥାଟି ଅନେକେ ଲୁଚେଇ ଥାନ୍ତି। କିନ୍ତୁ ଏହି ଲୁଚାଇବା କଥାଟି ସେତେବେଳେ ଘଟିବ, ଯେତେବେଳେ ଝିଅଟି ତା'ର ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ ଥିବ ଏବଂ ସେ ଗର୍ଭବତୀ ବୋଲି ଜାଣି ପାରିବ। ଏହାର ସମାଧାନ ବାଟ ଜାଣିଥିଲେ ତାହାକୁ ଲୁଚାଇ ରଖି ଏଥିରୁ ମୁକୁଳିପାରିବ। ଜଣେ ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ ଥିଲେ, ତା'ର ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ ଅନ୍ୟ କାହା ସହିତ ଶାରୀରିକ ସମ୍ପର୍କ ରହିଲେ ସେ ଗର୍ଭ ନିରୋଧକ ବ୍ୟବହାର, ଜରୁରିକାଳୀନ ଗର୍ଭ ନିରୋଧକ ବଟିକା ସେବନ ବା ଗର୍ଭପାତ ଭଳି ବ୍ୟବସ୍ଥାକୁ ଆପଣେଇ ନେବା କଥା। ଅନ୍ୟ ଦିଗରେ ଗର୍ଭଧାରଣ ସମ୍ବନ୍ଧରେ ଅବଗତ ଥାଇ ନିର୍ଦ୍ଦିଷ୍ଟ ସମୟାନ୍ତରରେ ସ୍ୱାସ୍ଥ୍ୟ ପରୀକ୍ଷା ନ କରିବା, ଟିଟାନସ ଟକ୍ସଏଡ ନ ନେବା ଇତ୍ୟାଦି ନିହାତି ଭାବରେ ସୂଚିତ କରୁଛି ଯେ ବାଳିକାଟି ତା'ର ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ ନୁହଁ। କିଶୋରୀ ଗର୍ଭ ଧାରଣ ଏବଂ ମାତୃତ୍ୱକୁ ରୋକିବା ନିମିତ୍ତ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗର୍ଭ ନିର୍ଣ୍ଣୟ ତଥା ଗର୍ଭବତୀ ପଞ୍ଜୀକରଣକୁ ବାଧ୍ୟତାମୂଳକ କରା ଯାଇଅଛି କିନ୍ତୁ ଝିଅମାନଙ୍କ ବିବାହ ବୟସ ଆଇନ ଅନୁଯାୟୀ ୧୮ବର୍ଷ ଥିବା କାରଣରୁ ସ୍ୱାସ୍ଥ୍ୟକର୍ମୀମାନେ ବୟସ ହୋଇ ନ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ନିମନ୍ତେ ବୟସ ବଢ଼ାଇ ୧୮ବର୍ଷ ଲେଖି ଦେଉଥିଲେ ଯାହାକି ବର୍ତ୍ତମାନ ପରିଚୟ ପତ୍ର ଯାଞ୍ଚ କାରଣରୁ ପ୍ରାୟତଃ ସମ୍ଭବ ହୋଇ ପାରୁନାହିଁ। ତେଣୁ କଥା ସବୁ ଆହୁରି ଲୋକଲୋଚନକୁ ଆସୁଛି। ନିକଟ ଅତୀତରେ ସରକାରଙ୍କ ତରଫରୁ ପ୍ରକାଶିତ ଏକ ରିପୋର୍ଟରେ ୧୮ ବର୍ଷରୁ କମ୍ ବୟସରେ ଗର୍ଭବତୀ କାରଣରୁ ମମତା ଯୋଜନାର ହିତାଧିକାରୀ ହୋଇ ପାରି ନ ଥିବା ବିଷୟ ଲୋକଲୋଚନକୁ ଆସିଥିଲା।



ଯଦି ଆଇନରେ ପରିବର୍ତ୍ତନ ହୁଏ ଏବଂ ସରକାର ଉଭୟ ପୁଅ ତଥା ଝିଅଙ୍କ ଆଇନତଃ ବିବାହ ବୟସକୁ ସମାନ ରଖିବା ନିମିତ୍ତ ଝିଅମାନଙ୍କ ବିବାହ ବୟସକୁ ୧୮ରୁ ୨୧କୁ ବୃଦ୍ଧି କରନ୍ତି ତା' ହେଲେ କୁମାରୀ ମାତୃତ୍ୱର ମାତ୍ରା ଆହୁରି ବୃଦ୍ଧି ଘଟିବ। ତେଣୁ କୁମାରୀ ମାତୃତ୍ୱକୁ ରୋକିବା ନିମିତ୍ତ ବ୍ୟାପକ ସଚେତନତା ହିଁ ଏକମାତ୍ର ବିକଳ୍ପ। ଏଥି ସହିତ ବାଳିକାମାନଙ୍କ ମଧ୍ୟରେ ପାଠପଢ଼ା ନିମିତ୍ତ ଆଗ୍ରହ ବୃଦ୍ଧି, ଶିକ୍ଷାଦାନ ମଧ୍ୟରେ ଆଦର୍ଶବାନ୍ ହେବା ତଥା ଚାରିତ୍ରିକ ସ୍ଖଳନ ଯେପରି ନ ହୁଏ ସେଥିନିମିତ୍ତ ନୈତିକ ଶିକ୍ଷା ପ୍ରଦାନ କରିବା, ଯୌନ ହିଂସାର ଶିକାର ଭଳି ଜରୁରିକାଳୀନ ପରିସ୍ଥିତିରେ ପ୍ରାଥମିକ ଚିକିତ୍ସା ତଥା ସମ୍ଭାବ୍ୟ ଗର୍ଭଧାରଣକୁ ଏଡ଼ାଯିବା ନିମିତ୍ତ ଆବଶ୍ୟକ ବ୍ୟବସ୍ଥା ସମ୍ବନ୍ଧରେ ସଚେତନତା ନିହାତି ଆବଶ୍ୟକ। ଆହୁରି ମଧ୍ୟ କୁସଙ୍ଗ, ମୋବାଇଲ ତଥା ଇଣ୍ଟରନେଟର ଦୁରୁପଯୋଗ ଯେପରି ନ ହୁଏ ସେଥିପ୍ରତି ମାତାପିତା ସନ୍ତାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା ନିମିତ୍ତ ଯତ୍ନଶୀଳ ରହିବା ଆବଶ୍ୟକ।

**ପଦରପଡ଼ା, ବୌଦ୍ଧ**

## ପାଠକ ଶ୍ରେଷ୍ଠ ବିଚାରକ

### ବର୍ଷା ଦିନ ପୂର୍ବରୁ ନାଳ ସଫା ହେଉ

ମହାଶୟ,

ରାଜଧାନୀ ଭୁବନେଶ୍ୱରରେ ବର୍ଷାଦିନ ଆସିଲେ ଲୋକଙ୍କର ଚିନ୍ତା ବଢ଼ିଯାଉଛି। କାରଣ ବର୍ଷାଜଳ ରାସ୍ତାରେ ଲହଡ଼ି ଭାଙ୍ଗି ତଳୁଆ ଅଞ୍ଚଳରେ ଘରେ ପଶିଯାଉଛି। ରାସ୍ତାକଡ଼ରେ ନିର୍ମିତ ନାଳଗୁଡ଼ିକ ବର୍ଷାଜଳ ନିଷ୍କାସନ ଲାଗି ନିର୍ମାଣ କରାଯାଇନି। ମାତ୍ର ଅଧିକାଂଶ ନାଳ ପଥର, ଇଟା, ଗୋଡ଼ି ଓ ଗଛ ଡାଳ ପଡ଼ି ଜାମ୍ ହୋଇଯାଉଛି। ଫଳରେ ନାଳରେ ବର୍ଷାଜଳ ପ୍ରବାହିତ ହେବାରେ ବାଧା ଉପୁଜୁଛି। ବର୍ଷାଦିନ ପୂର୍ବରୁ ରାଜଧାନୀରେ ଜଳ ନିଷ୍କାସନ ଲାଗି ରାସ୍ତା କଡ଼ରେ ପୋତିହୋଇ ପଡ଼ିଥିବା ନାଳଗୁଡ଼ିକୁ ସଫା କରାଯିବା ନିହାତି ଦରକାର ପଡୁଛି। ନାଳ ସଫା ନ ହେବା ଫଳରେ ଏହାର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରୁ ନାହିଁ। ନାଳଗୁଡ଼ିକ ପୋତିହୋଇ ରହିବା ଯୋଗୁ ମଶାବଂଶ ବି ବୃଦ୍ଧି ହେଉଛି। ବିଏମ୍‌ସି ପକ୍ଷରୁ ତୁରନ୍ତ ନାଳ ସଫେଇ କାର୍ଯ୍ୟ କରାଯିବା ଦରକାର।

**–ସୁଧାଂଶୁ ଶେଖର ମହାପାତ୍ର, ନୀଳାଦ୍ରିବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର**

### ଚିରନ୍ତନୀ

ଚଳ ଅପାଙ୍ଗେ ଚାହିଁଦିଅ ଫେରି
ଚମକାଇ ଚଉଦିଶପ
ଅମୃତ କର ଏ ଜୀବନେ ମମ
ଜମିଅଛି ଯେତେ ବିଷ !

–(ରୂପର ସ୍ତବ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଧାନର ଏମ୍‌ଏସ୍‌ପି ବୃଦ୍ଧି ଚାଷୀଙ୍କ ପ୍ରତି ଉପହାସ:ବିଜେଡି

**ଭୁବନେଶ୍ୱର, ୯।୬(ବ୍ୟୁରୋ):**

କେନ୍ଦ୍ର ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୧୦୦ ଟଙ୍କା ବୃଦ୍ଧି କରିଛନ୍ତି। ଫଳରେ ସାଧାରଣ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୧୯୪୦ରୁ ୨୦୪୦ ଟଙ୍କାକୁ ବୃଦ୍ଧି ପାଇଛି। ତେବେ ଏମ୍‌ଏସ୍‌ପିରେ ଏଭଳି ନଗଣ୍ୟ ବୃଦ୍ଧି ଓଡ଼ିଶାର ଚାଷୀକୂଳ ପ୍ରତି ଉପହାସ ବୋଲି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ଯୁବ ବିଜେଡି କାର୍ଯ୍ୟାଳୟରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସସ୍ମିତ କହିଛନ୍ତି, ସ୍ୱାମୀନାଥନ୍ କମିଶନ ଧାନର ଏମ୍‌ଏସ୍‌ପିକୁ ଉତ୍ପାଦନ ମୂଲ୍ୟର ସି-୨ ହାରରେ ୧.୫ ଗୁଣ ବୃଦ୍ଧି କରିବାକୁ ଯେଉଁ ସୁପାରିସ କରିଥିଲେ ତାହା କେନ୍ଦ୍ର କରିନାହିଁ। ୨୫ ମାର୍ଚ୍ଚ ୨୦୧୭ରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ପାରିତ ହୋଇଥିବା ସଂକଳ୍ପରେ ସାଧାରଣ ଧାନର ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୨୯୩୦ ଟଙ୍କାକୁ ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି। ଭାଜପା, କଂଗ୍ରେସ ଏବଂ ବିଜେଡିର ସମସ୍ତ ବିଧାୟକ ଏହାକୁ ସମର୍ଥନ କରିଛନ୍ତି। କିନ୍ତୁ ଏହି ସଂକଳ୍ପ ପାରିତ ହେବାର ୫ ବର୍ଷ ପରେ ମଧ କେନ୍ଦ୍ର ସରକାର ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। ଅପରପକ୍ଷେ ଓଡ଼ିଶାରୁ ଅତିରିକ୍ତ ଉଷୁନା ଚାଉଳ ଉଠାଇବା ବନ୍ଦ କରିବାକୁ



ସସ୍ମିତ ପାତ୍ର

ନିଷ୍ପତ୍ତି ନେଇଛି। କେନ୍ଦ୍ରର ଏହି ନିଷ୍ପତ୍ତି ଓଡ଼ିଶାର ଲକ୍ଷାଧିକ ଚାଷୀଙ୍କୁ ପ୍ରଭାବିତ କରିବ ବୋଲି ସସ୍ମିତ କହିଛନ୍ତି।

ସେହିପରି ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ଅଧୀନରେ ଥିବା ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ (ଡିଏଫ୍‌ପିଡି) ଦ୍ୱାରା ଦିଆଯାଇଥିବା ଲକ୍ଷ୍ୟ ଅନୁଯାୟୀ ୫ଲକ୍ଷ ଟନ୍ ଭିଟାମିନଯୁକ୍ତ ଉଷୁନା ଚାଉଳକୁ ଏଫ୍‌ସିଆଇରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେଇଛନ୍ତି । ଓଡ଼ିଶା ସରକାର ୧୦,୩୩୩ କୋଟି ଟଙ୍କା ଖାଦ୍ୟ ସବ୍‌ସିଡି ବିଲ୍ ପ୍ରଦାନ କରିବାକୁ କେନ୍ଦ୍ର ନିକଟରେ ଦାବି କରିଥିଲେ। ରାଜ୍ୟରେ ଧାନ ସଂଗ୍ରହ କରୁଥିବା ସଂସ୍ଥାକୁ ଆର୍ଥିକ ଚାପରୁ ମୁକୁଳାଇବା ପାଇଁ କେନ୍ଦ୍ର ସରକାର ତୁରନ୍ତ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ଦାବି କରୁଥିବା ସତ୍ତ୍ୱେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ୨୦୨୨ ଏପ୍ରିଲ ଶେଷ ସୁଦ୍ଧା ୭୯୩୧.୯୦ କୋଟି ଟଙ୍କାର ଅସ୍ଥାୟୀ ସବ୍‌ସିଡି ଏବଂ ୨୪୦୨.୧୯ କୋଟି ଟଙ୍କାର ଅଗ୍ରିମ ସବ୍‌ସିଡି, ଏହିଭଳି ମୋଟ୍ ୧୦,୩୩୪ କୋଟି ଟଙ୍କା ହୋଇଗଲାଣି। ଅତିରିକ୍ତ ସୁଧ ପ୍ରଦାନରେ ବିଳମ୍ବ ଏବଂ ସ୍ୱଳ୍ପ ସବ୍‌ସିଡି ମଞ୍ଜୁର ହେତୁ ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା ପ୍ରାୟ ୫୪୫୪.୬୭ କୋଟି ଟଙ୍କାର ଅତିରିକ୍ତ ବୋଝ ହୋଇଛି, ଯାହା ଭରଣା କରାଯାଇ ପାରୁନାହିଁ ବୋଲି ସସ୍ମିତ କହିଛନ୍ତି ।

## କେନ୍ଦ୍ର ଉପରେ ଦୋଷ ଲଦିବା ହାସ୍ୟାସ୍ପଦ: ଭାଜପା

**ଭୁବନେଶ୍ୱର, ୯।୬(ବ୍ୟୁରୋ):**

କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ମୋଦି ସରକାର ସଂକଳ୍ପବଦ୍ଧ। ୨୦୧୪ରୁ କ୍ରମାଗତ ଭାବେ କେନ୍ଦ୍ର ସରକାର ପ୍ରମୁଖ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି କରୁଛନ୍ତି। ବୁଧବାର କେନ୍ଦ୍ର କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ଧାନର ଏମ୍‌ଏସ୍‌ପି ୧୦୦ ଟଙ୍କା ବୃଦ୍ଧି କରାଯାଇଛି। ଏଭଳି ନିଷ୍ପତ୍ତିରେ ଓଡ଼ିଶାର ଚାଷୀ ଖୁସି ଅଛନ୍ତି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ କହିଛନ୍ତି। ୨୦୧୬ରେ ସୋହେଲା ଚାଷୀ ସମାବେଶରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କୁ ୧୦୦ ଟଙ୍କା ବୋନସ ଦିଆଯିବ ଘୋଷଣା କରିଥିଲେ ସୁଦ୍ଧା ଅଦ୍ୟାବଧି ଦେଇନାହାନ୍ତି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଓଡ଼ିଶାର ଚାଷୀଙ୍କୁ ବଞ୍ଚିତ କରି ରଖାଯାଇଛି। କାଳିଆ ଯୋଜନାରେ ଥିବା ୫୭ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୧୬.୪୬ ଲକ୍ଷ ହିତାଧିକାରୀ ପିଏମ୍-କିଷାନ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘ ୨୨ବର୍ଷ ଧରି କ୍ଷମତାରେ ଥିବା ସତ୍ତ୍ୱେ ରାଜ୍ୟର ୩୫% ଜମିକୁ ଜଳସେଚନ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି। ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ଚାଷୀଙ୍କ ପାଖରେ ନ ପହଞ୍ଚାଇ କେନ୍ଦ୍ର ଉପରେ ସବୁ ଦୋଷ ଲଦି ଦେବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ପ୍ରଦୀପ କହିଛନ୍ତି।

# ସମବାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଧ୍ୱସ୍ତବିଧ୍ୱସ୍ତ କରାଯାଇଛି: ଭାଜପା

**ଭୁବନେଶ୍ୱର, ୯।୬(ବ୍ୟୁରୋ):**

ରାଜ୍ୟର ସମବାୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତବିଧ୍ୱସ୍ତ କରାଯାଇଛି । ପଞ୍ଚାୟତ ଓ ପୌର ନିର୍ବାଚନ ଭଳି ସମବାୟ ନିର୍ବାଚନକୁ ମଧ ଚକ୍ରାନ୍ତ କରି ହାତେଇବାର ହୀନ ପ୍ରୟାସ କରିବା ଦ୍ୱାରା ସମବାୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧୂଳିସାତ୍ ହେବାକୁ ଯାଉଛି। ସମବାୟ ନିର୍ବାଚନ କେବଳ ଗରିବ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ। ଚାଷୀମାନେ ନିଜ ନିଜ ଗଣତାନ୍ତ୍ରିକ ମତଦାନ ସାବ୍ୟସ୍ତ କରି ନିଜ ନିଜ ଅଞ୍ଚଳରେ ଲ୍ୟାମ୍ପସ କିମ୍ବା ପାକ୍ସରେ ଏକ ପରିଚାଳନା କମିଟି ଗଠନ କରନ୍ତି । ଚଳିତ ସମବାୟ ନିର୍ବାଚନରେ ପ୍ରାଥମିକ ସ୍ତରରେ ହେଉଥିବା ଲ୍ୟାମ୍ପସ ଓ ପାକ୍ସ ନିର୍ବାଚନରେ ଶାସକ ବିଜେଡି ସରକାରୀ କର୍ମଚାରୀଙ୍କ ସହାୟତାରେ ନିର୍ବାଚନକୁ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ କରିବା ସହିତ ଚାଷୀଙ୍କୁ ଧୋକା ଦେଉଛି। ଏପରିକି ସାଧାରଣ ଚାଷୀଟି ସମବାୟ ନିର୍ବାଚନରେ ଭୋଟଦାନରୁ ବଞ୍ଚିତ ହେବାକୁ ଯାଉଛି । ଫଳରେ ଆସନ୍ତା ସମବାୟ ନିର୍ବାଚନ ଏକ ପ୍ରହସନରେ ପରିଣତ ହେବାକୁ ଯାଉଛି ବୋଲି ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ କହିଛନ୍ତି । ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁରମା କହିଛନ୍ତି, ପ୍ରଥମତଃ, ସମବାୟ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପଦାଧିକାରୀଙ୍କ ସମବାୟ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଜ୍ଞାନ ନାହିଁ । ରାଜ୍ୟ ସରକାରଙ୍କ ଅଧୀନ ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ପିଇଓ, ଭିଏଲ୍‌ଡବ୍ଲ୍ୟୁ ଭଳି ସରକାରୀ କର୍ମଚାରୀଙ୍କୁ ନିର୍ବାଚନ ଅଧିକାରୀ କରାଇବା ପରେ ଚାପ ପ୍ରୟୋଗ କରି ଶତ ପ୍ରତିଶତ ନିର୍ବାଚନ ଜିତିବା ଲକ୍ଷ୍ୟରେ ଶାସକ ବିଜେଡି ରହିଛି । ଗତ ୩ ବର୍ଷରେ ନିଯୁକ୍ତ ପ୍ରଶାସକମାନେ ସଭ୍ୟ ସଂଗ୍ରହ, ଡିପୋଜିଟ ମୋବିଲାଇଜେଶନ ନ କରି ସଂଗୃହୀତ ଅର୍ଥ ପରିମାଣର ରସିଦ ନ ଦେଇ, ବ୍ୟାଙ୍କଖାତା ଚାଷୀଙ୍କୁ ହସ୍ତାନ୍ତର ନ କରି ସୋସାଇଟିରେ ବିଶୃଙ୍ଖଳା ସୃଷ୍ଟି କରିଛନ୍ତି । ଏହା ଭୋଟର ତାଲିକାରୁ ସ୍ପଷ୍ଟ ଭାବେ ଜଣାପଡୁଛି ବୋଲି ସୁରମା କହିଛନ୍ତି ।

# ଅଣ କାର୍ଯ୍ୟକ୍ଷମ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଫାର୍ମ ତୁରନ୍ତ କାର୍ଯ୍ୟକ୍ଷମ କର: ମନ୍ତ୍ରୀ

**ଭୁବନେଶ୍ୱର, ୯।୬(ବ୍ୟୁରୋ):**

ପ୍ରାଣୀ ସମ୍ପଦ ଗ୍ରାମାଞ୍ଚଳର ଆର୍ଥିକ ବିକାଶ ଓ କୃଷକଙ୍କ ଆୟବୃଦ୍ଧିର ଏକ ପ୍ରମୁଖ ବାହକ ହୋଇଥିବାରୁ ବିଭାଗୀୟ ଯୋଜନାଗୁଡ଼ିକର ସଫଳ ରୂପାୟନ କରି ଚାଷୀଙ୍କୁ ଏହାର ସୁଫଳ ସିଧାସଳଖ ପହଞ୍ଚାଇବା ଉପରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି।

କୃଷି ଭବନଠାରେ ଗୁରୁବାର ଆୟୋଜିତ ଏକ ବୈଠକରେ ମନ୍ତ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଘର ଅଗଣାରେ କୁକୁଡ଼ା ପାଳନ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ବୃଦ୍ଧି ଦ୍ୱାରା ଗ୍ରାମାଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାର, ମହିଳା, ଜନଜାତି ଚାଷୀମାନଙ୍କ ଜୀବିକା ନିର୍ବାହରେ ସହାୟକ ହୋଇପାରିବ। ଅଣ କାର୍ଯ୍ୟକ୍ଷମ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗୀୟ ଫାର୍ମଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଏବଂ ମତ୍ସ୍ୟ ଅବତରଣ କେନ୍ଦ୍ରଗୁଡ଼ିକର ବିକାଶ ଓ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛନ୍ତି । ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଚାଷୀଙ୍କ ସଚେତନତା ବୃଦ୍ଧି ନିମନ୍ତେ ବିଭାଗୀୟ ସୂଚନା, ଶିକ୍ଷା, ପ୍ରସାରଣ କାର୍ଯ୍ୟକ୍ରମ ଅଧିକ ପ୍ରଭାବୀ କରିବା ପାଇଁ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଏଥି ସହିତ ଯୋଜନାଗୁଡ଼ିକର ଦ୍ରୁତ କାର୍ଯ୍ୟାନ୍ୱୟନ ଓ ସ୍ୱଚ୍ଛତା ନିମନ୍ତେ ନୂତନ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରିବା ଏବଂ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଖାଲିଥିବା ବିଭାଗୀୟ ପଦବୀଗୁଡ଼ିକ ପୂରଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଧରିତ୍ରୀମା’ ପ୍ରତିଶୋଧ ନେଉଛି: ଆଚାର୍ଯ୍ୟ ଫୁଣ୍ଟସୋକ

**ଝାରସୁଗୁଡ଼ା ଅଫିସ,୯।୬**

ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ଝାରସୁଗୁଡ଼ା ପକ୍ଷରୁ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜନୀତିଜ୍ଞ ତଥା ନିର୍ବାସିତ ତିବ୍ବତ ସରକାରଙ୍କ ବାଚସ୍ପତି ଆଚାର୍ଯ୍ୟ ୟେଷୀ ଫୁଣ୍ଟସୋକ ମୁଖ୍ୟଅତିଥି ଭାବେ ଯୋଗଦେଇ ‘ଜଳବାୟୁ ପରିବର୍ତ୍ତନ ଓ ମାନବାଧିକାର’ ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ଆମେ କୌଣସି ବିଚାର ନ କରି ଲାଭ ଓ ଲୋଭର ବଶବର୍ତ୍ତୀ ହୋଇ ଧରିତ୍ରୀ ମା’ ପ୍ରତି ଅତ୍ୟାଚାର କରିଛୁ। ସାମ୍ପ୍ରତିକ ପରିସ୍ଥିତି ଖୁବ ଜଟିଳ ହୋଇଯାଇଛି। ଆଗାମୀ ବଂଶଧର ଯଦି ପିଇବା ପାଣି, ସ୍ୱଚ୍ଛ ବାୟୁ, ଆବଶ୍ୟକ ବର୍ଷା ପାଇବେ ନାହିଁ ଓ ରୋଗ, ଶୋକ, ଦୁଃଖ ଓ ଦୁର୍ଦ୍ଦଶା ଭୋଗିବେ ତେବେ ଆମକୁ ଉତ୍ତରଦାୟୀ ହେବାକୁ ପଡିବ। ଯେହେତୁ ଆଉ ଆମ ପାଇଁ ଅନ୍ୟ ଗ୍ରହ ନାହିଁ ତେଣୁ ଏହି ଗ୍ରହକୁ ବଞ୍ଚାଇବାକୁ ପଡିବ। ଏହି ଅବସରରେ ଆଚାର୍ଯ୍ୟ ଫୁଣ୍ଟସୋକ ତିବ୍ବତ ବାସୀଙ୍କ ସଂଗ୍ରାମ, ମହାତ୍ମା ବୁଦ୍ଧଙ୍କ ପ୍ରଦର୍ଶିତ ମାର୍ଗ, ଗାନ୍ଧୀ ବିଚାର, ଧର୍ମଗୁରୁ ଦଲାଇ ଲାମାଙ୍କ ସଂଗ୍ରାମ ଓ ସଙ୍ଘର୍ଷ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ମାନବାଧିକାର ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅଭିନ୍ନ ହୋତା ଯୋଗଦେଇ ସଂଗଠନର ଭୂମିକା ଉପରେ ଆଲୋକପାତ କରିଥଲେ। ସଂଗଠନର ଝାରସୁଗୁଡା ସଭାପତି ଅଭିଷେକ ଲାଠାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ପ୍ରାଧ୍ୟାପକ ତପନ କୁମାର ବାରିକ, ଜିଲା ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସ୍ୱାସ୍ଥ୍ୟ ଅଧକାରୀ ଡ. ସୁପ୍ରଭା ବାରିକ ଓ ଡ. ହୃଷୀକେଶ ନାୟକ ପ୍ରମୁଖ ଅତିଥି ଭାବରେ ଆଲୋଚନା କରିଥିଲେ। ଏହି ଅବସରରେ ଝାରସୁଗୁଡ଼ା ବାସୀଙ୍କ ପକ୍ଷରୁ ନିର୍ବାସିତ ବାଚସ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

DSPL - 72

କୃଷକ ଓଡ଼ିଶା

GO SUGAM
Government of Odisha - Single Window
Unified Gateway for Agrarian Management

**କୃଷକ ଓଡ଼ିଶା**

- ଫୋନ୍ ମାଧ୍ୟମରେ ଉପଯୁକ୍ତ ପରାମର୍ଶ
- ଅତି ଶୀଘ୍ର ସରକାରୀ ସେବା ଓ ସାହାଯ୍ୟ
- ବ୍ୟାଙ୍କ ମାଧ୍ୟମରେ ସୁବିଧାରେ ଋଣ ସହାୟତା

krushak.odisha.gov.in

**ଗୋ-ସୁଗମ**

- କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ୩୫ଟି ରୁ ଅଧିକ ଯୋଜନା
- କୃଷି ଉଦ୍ୟୋଗୀମାନଙ୍କ ପାଇଁ ଏକକ ୱିଣ୍ଡୋ ପୋର୍ଟାଲ୍
- ହିତାଧିକାରୀଙ୍କ ଦରଖାସ୍ତର ସ୍ଥିତି ଟ୍ରାକିଂ ଏବଂ ସୂଚନା

sugam.odisha.gov.in

ଦରଖାସ୍ତ କରି ସେବାର ସୁଯୋଗ ନିଅନ୍ତୁ

- ୱେବ୍ ପୋର୍ଟାଲ ଏବଂ ମୋବାଇଲ୍ ଆପ୍
- ମୋ ସେବା କେନ୍ଦ୍ର
- କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ
- ବ୍ଲକ କାର୍ଯ୍ୟାଳୟ (କେବଳ ଗୋ-ସୁଗମ ପାଇଁ)



ସହାୟତା ନିମନ୍ତେ ଯୋଗାଯୋଗ କରନ୍ତୁ ୧୫୫୩୩୩ - ଆମ କୃଷି -

**ଚାଷୀ ଭାଇ ଓ ଭଉଣୀମାନେ କୃଷକ ‘ଓଡ଼ିଶା ପୋର୍ଟାଲ’ରେ ୩୧ଜୁଲାଇ ୨୦୨୨ ସୁଦ୍ଧା ‘ମୋ ସେବା କେନ୍ଦ୍ର’ ମାଧ୍ୟମରେ ନୂତନ ପଞ୍ଜୀକରଣ କିମ୍ବା ତଥ୍ୟ ଅପ୍‌ଡେଟ୍ ଶତକଡ଼ା ୫୦ ଭାଗ ରିହାତିରେ କରନ୍ତୁ**

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01102/13/0005/2223

## ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ, ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧ ଦିବସ

**କୁଚିଣ୍ଡା,୯।୫(ଡି.ଏନ.ଏ.):**

କୁଚିଣ୍ଡା ଆଦିବାସୀ ଭବନଠାରେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ, ଲୌହ ମାନବୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଓ ଶହୀଦ ବୀର ବିର୍ସା ମୁଣ୍ଡାଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଲାଇଫ୍‌ର ମୁଖ୍ୟ ପରିଚାଳକ ରାଜ କିଶୋର ଜେନା ମୁଖ୍ୟ ଅତିଥି ଓ ପରିଚାଳକ ଅଲଫା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ନନ୍ଦିନୀ ଦେବୀ ଓ ବିର୍ସା ମୁଣ୍ଡାଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ପୂର୍ବରୁ କୁଚିଣ୍ଡା ଚର୍ଚ୍ଚପଡାସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଅତିଥିଗଣ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ଅଧ୍ୟାପକ କେଶବ ବାବା, ରୁଦ୍ରପ୍ରତାପ ବାଘ, ଲକ୍ଷ୍ମୀ କିଷାନ, ଗୋମତୀ କିଷାନ, ବିଦ୍ୟାବତୀ ପ୍ରଧାନ ଓ ଡାଳିମ୍ବ ବରିହା ଯୋଗଦେଇଥିଲେ। ଲକ୍ଷ୍ମୀ କିଷାନ ଅତିଥି ପରିଚୟ ଦେଇଥିବା ବେଳେ ମମତା କାଉ ଧନ୍ୟବାଦ ଦେଇଥିଲେ।

**SRI SRI NRUSINGHNATH TEMPLE**
INDEX No. 1406/8NS
At: Durgapali, P.O.: Paikmal, Dist.: Bargarh
Ph. No.: 06684-250514
Web.: www.nrusinghanathtemple.org
e-mail id: srisrinrusinghanathtemple@gmail.com
Letter No. 118 Date: 09.06.2022

ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଏକ ଦିନର ଅମୃତ ମଣୋହି ଭୋଗ ସକାଶେ ଯେଉଁ ବଦାନ୍ୟ ବ୍ୟକ୍ତି ୫୦୦୧/- ଟଙ୍କା ଜମା ଦେବେ ଉକ୍ତ ବଦାନ୍ୟ ବ୍ୟକ୍ତିଙ୍କ ନାମରେ ଦାତାଙ୍କ ଧାର୍ଯ୍ୟ ଦିନ ଓ ତିଥି ଅନୁଯାୟୀ ଦିନକୁ ୪ଥର ଭୋଗ ହୋଇ ସକାଳୁ ଖେଚୁଡି ଭୋଗ, ମଧ୍ୟାହ୍ନରେ ରାଜା ଭୋଗ, ସନ୍ଧ୍ୟାରେ ବାଳ ଭୋଗ ଓ ରାତ୍ରରେ ଯାମିନି ଭୋଗ ମହାପ୍ରଭୁଙ୍କଠାରେ ପୂଜା ଓ ଅର୍ପଣ କରାଯାଇ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁମାନଙ୍କୁ ମାଗଣାରେ ବଣ୍ଟନ କରାଯାଇଥାଏ। ଏଣୁ ଇଚ୍ଛୁକ ବଦାନ୍ୟ ବ୍ୟକ୍ତି ନିଜେ ଉପସ୍ଥିତ ରହି, ବ୍ୟାଙ୍କ ଡ୍ରାଫ୍ଟ Online କିମ୍ବା ଚେକ୍ ମାଧ୍ୟମରେ ଜମା ଦେଇପାରିବେ। ଏଣୁ ଇଚ୍ଛୁକ ବଦାନ୍ୟ ବ୍ୟକ୍ତି ନିମ୍ନ ଲିଖିତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

ବି.ଡ଼ି.ଓ. ପାଇକମାଳ ତଥା ଟ୍ରଷ୍ଟି
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର

ଶ୍ରୀ ପୁରୁଷୋତ୍ତମ ପ୍ରଧାନ
କାର୍ଯ୍ୟନିର୍ବାହୀ ଅଧିକାରୀ
ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର
ମୋ.: ୭୬୮୩୮୩୪୮୬୨

## ସିଆଇଏସ୍‌ଏଫ୍ କନଷ୍ଟେବଲଙ୍କ ଅସ୍ୱାଭାବିକ ମୃତ୍ୟୁ

**ରାଉରକେଲା ଅଫିସ,୯।୬:**

ଆରଏସ୍‌ପି ଭିତରେ କାର୍ଯ୍ୟରତ ଜଣେ ସିଆଇଏସ୍‌ଏଫ କନଷ୍ଟେବଲଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଛି। ମୃତକ ଏଲ. ଗଙ୍ଗୁଟେ(୫୨) ବୋଲି ଜଣାପଡ଼ିଛି। ରାଉରକେଲା ଇସ୍ପାତ କାରଖାନା ଭିତରେ ଗଙ୍ଗୁଟେ ଗୁରୁବାର ବି’ ସିଫ୍ଟ ଡ୍ୟୁଟି କରୁଥିଲେ। ଏହି ସମୟରେ ସେ ଅଚେତ ହୋଇ ତଳେ ପଡିଯାଇଥିଲେ। ତାଙ୍କୁ ପ୍ରଥମେ କାରଖାନା ଭିତରେ ଥିବା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅଟୋରୁ ବ୍ୟାଟେରି ଚୋରି: ୨ ଗିରଫ

**ରାଉରକେଲା ଅଫିସ,୯।୬**

ଅଟୋରୁ ବ୍ୟାଟେରି ଚୋରି ଅଭିଯୋଗରେ ରାଉରକେଲା ସେକ୍ଟର-୩ ଥାନା ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଅନୀଲ ବେହେରା ଓ ରାଜେନ୍ଦ୍ର ବିଶୋଇ। ଶକ୍ତିନଗର ଅଞ୍ଚଳର ସାଗର ତିର୍କୀଙ୍କ ଅଟୋରୁ ଗତ ୨୦ ତାରିଖ ରାତିରେ ବ୍ୟାଟେରି ଚୋରି ହୋଇଥିବା ସାଗର ଅଭିଯୋଗ କରିଥିଲେ।

## ମଣିଷ – ପଶୁ ବିବାଦ

ଜନସଂଖ୍ୟା ବୃଦ୍ଧି ସହିତ ମନୁଷ୍ୟର ବାସସ୍ଥାନ ଏବଂ ଅନ୍ୟାନ୍ୟ ଚାହିଦା ସବୁ ମଧ ବଢ଼ିବାରେ ଲାଗିଛି। ଏହା ଯେତେବେଳେ ବନ୍ୟଜନ୍ତୁଙ୍କ ଆବଶ୍ୟକତା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ, ସେତେବେଳେ ମଣିଷ-ପଶୁ ବିବାଦ ଦେଖିବାକୁ ମିଳିଥାଏ। ଉଦାହରଣ ସ୍ୱରୂପ ଏବେ ହାତୀମାନଙ୍କର ଗାଁ ଓ ଲୋକମାନଙ୍କ ଘର ମଧ୍ୟରେ ପ୍ରବେଶ ବହୁଳ ମାତ୍ରାରେ ଦେଖିବାକୁ ମିଳୁଛି। ମଣିଷ-ପଶୁ ବିବାଦର ମୁଖ୍ୟ କାରଣଗୁଡ଼ିକ ହେଉଛି:

୧. କୃଷି ବିସ୍ତାର
୨. ଜଙ୍ଗଲ କ୍ଷୟ ଓ ମାନବ ବସତିରେ ବୃଦ୍ଧି
୩. ଜଙ୍ଗଲରେ ପଶୁ ଚରାଇବା
୪. ମଣିଷ ଜନିତ ଜଙ୍ଗଲ ନିଆଁ
୫. ଜଙ୍ଗଲ ନଷ୍ଟ
୬. ବେଆଇନ ଗଛକଟା ଓ ପଶୁ ଶିକାର।
୭. ଜଙ୍ଗଲ ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦର ସ୍ଥାୟୀ ବ୍ୟବହାର ବିଷୟରେ ସଚେତନତାର ଅଭାବ।

ବନ୍ୟଜନ୍ତୁ (ହାତୀ) ଉପଦ୍ରବରୁ ରକ୍ଷା ପାଇବା ପାଇଁ ଆମକୁ ସାବଧାନ ହେବା ସହିତ ନିମ୍ନ ସତର୍କତା ଗୁଡ଼ିକୁ ପାଳନ କରିବା।

| କ’ଣ କରିବେ | କ’ଣ କରିବେ ନାହିଁ |
|---|---|
| ହାତୀଙ୍କ ଅବସ୍ଥିତି ଏବଂ ଚଲାବାଟ ବିଷୟରେ ଖୋଜ ଖବର ନିଅନ୍ତୁ। ଏହି ସମ୍ବନ୍ଧୀୟ ଜରୁରୀ ତଥ୍ୟ ନିକଟସ୍ଥ ଜଙ୍ଗଲ ବିଭାଗ କାର୍ଯ୍ୟାଳୟକୁ ଜଣାନ୍ତୁ। | ହାତୀଙ୍କ ଉପରକୁ ଟେକା ପଥର ପକାନ୍ତୁ ନାହିଁ। ହାତୀ ଘଉଡ଼େଇବା ପାଇଁ ଦିନବେଳା ଅପଚେଷ୍ଟା କରନ୍ତୁ ନାହିଁ। |
| ହାତୀଠାରୁ ଦୂରେଇ ରୁହନ୍ତୁ। ହାତୀପଲଙ୍କୁ ତାଙ୍କ ବାଟରେ ଯିବାକୁ ଦିଅନ୍ତୁ। | ପାଖରେ ହାତୀ ଦେଖିଲେ ଦୂରକୁ ଦୌଡ଼ି ପଳାନ୍ତୁ। ପାଖ ବୁଦା କିମ୍ବା ଗଛ ଉହାଡ଼ରେ ଲୁଚିବା ପାଇଁ ଚେଷ୍ଟା କରନ୍ତୁ ନାହିଁ। |
| ହାତୀ ଆସିବା ଜଣାପଡ଼ିବା ମାତ୍ରେ ଗାଁରେ ସତର୍କ ସୂଚନା ଦିଅନ୍ତୁ। | ଘର ଭିତରେ ମହୁଲୀ, ହାଣ୍ଡିଆ ଓ ରନ୍ଧା ମଦ ରଖନ୍ତୁ ନାହିଁ। |
| ହାତୀପଲଙ୍କୁ ଢୋଲ, ଘଣ୍ଟ, ବାଣ ଫୁଟାଇ ଓ ପାଟିକରି ଘଉଡ଼ାଇବାକୁ ଚେଷ୍ଟା କରନ୍ତୁ ନାହିଁ। | ଉଷୁନାଧାନକୁ କଚ୍ଚା ଘରେ ରଖନ୍ତୁ ନାହିଁ, ଯଦି ରଖନ୍ତି, ତା’ ହେଲେ ଡ୍ରମ୍‌ରେ ରଖନ୍ତୁ ଯେପରି ବାସ୍ନା ବାହାରକୁ ଯିବ ନାହିଁ। |
| ଫସଲ ଋତୁରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହିତ ନିରନ୍ତର ଯୋଗାଯୋଗ ରଖନ୍ତୁ ଓ ପରିସ୍ଥିତିକୁ ଆୟତ୍ତ କରିବା ସହିତ ହାତୀ ଯେପରି ନିରାପଦରେ ଜଙ୍ଗଲକୁ ଫେରିଯିବ ସେଥିପାଇଁ ସହଯୋଗ କରନ୍ତୁ। | ହାତୀ ଘଉଡ଼େଇବା ପାଇଁ ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ। ହାତୀଙ୍କ ନିୟମିତ ଚଲାବାଟରେ ଘର କିମ୍ବା ଚାଷବାସ କରନ୍ତୁ ନାହିଁ। |

ସୌଜନ୍ୟ
ବନଖଣ୍ଡ ଅଧିକାରୀ, ବଣାଇଁ ବନଖଣ୍ଡ

**ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ**

ବ୍ରଜରାଜନଗର (ଡି.ଏନ.ଏ.): ସ୍ଥାନୀୟ ବୁଦ୍ଧିଆ କଲୋନୀରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ପଞ୍ଚାପଲ୍ଲୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅଧିବାସ ଓ କଳସଯାତ୍ରା ହୋଇଥିବାବେଳେ ଗୁରୁବାର ପୂଜକ ପ୍ରଦୀପ ପଣ୍ଡା ପୂଜାକାର୍ଯ୍ୟ କରିଥିଲେ। ସନ୍ଧ୍ୟାରୁ ନାମଯଜ୍ଞ କରାଯାଇଥିଲା। ବେଦଲାଲ ସିଂ, ଶଶୀଭୂଷଣ ପାତ୍ର, ଅଶ୍ୱିନୀ ବନଛୋର ସହାୟତା କରିଥିଲେ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସପ୍ତମ ପ୍ରତିଷ୍ଠା ଦିବସ, ଅମୃତ ବିହାରସ୍ଥିତ ସଭାକକ୍ଷ, ପୂର୍ବାହ୍ନ ୧୦ଟା।
- ଜିଆଇଇଟି ଆୟୋଜିତ ବୈଷୟିକ ଶିକ୍ଷା ଶୀର୍ଷକ ଆଲୋଚନା, କାବେରୀ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୧ଟା।
- ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ବୁର୍ଲା ଭିମ୍‌ସାର ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ସ୍ତ୍ରୀକୁ ଠେଙ୍ଗା ମାଡ଼ ଘଟଣା: ସ୍ୱାମୀ ଗିରଫ

**ରାଉରକେଲା ଅଫିସ,୯।୬:** ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଧୀନ ନୟାବଜାର ଅଞ୍ଚଳରେ ଜଣେ ମହିଳାଙ୍କୁ ଠେଙ୍ଗାରେ ପିଟି ହତ୍ୟା କରି ଫେରାର ଥିବା ତାଙ୍କ ସ୍ୱାମୀଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଶ୍ୟାମ ସୁନ୍ଦର ବଡ଼ାଇକ(୪୩)। ସୂଚନାଯୋଗ୍ୟ, ଗତ ୫ଦିନ ତଳେ କୌଣସି କଥାକୁ ନେଇ ନୟାବଜାର ସ୍ଥିତ ଝରିଆବାହାଲ ବସ୍ତିର ଶ୍ୟାମସୁନ୍ଦର ଓ ତାଙ୍କ ସ୍ତ୍ରୀ ଶୁକମଣିଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଶ୍ୟାମସୁନ୍ଦର କବାଟ କଣରେ ଥିବା ଏକ ଠେଙ୍ଗାରେ ଶୁକମଣିଙ୍କୁ ପିଟି ପିଟି ହତ୍ୟା କରି ଫେରାର ଥିଲେ। ଉକ୍ତ ଘରୁ ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ବୁଧବାର ସନ୍ଧ୍ୟାରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଥିଲା।

### ରାଉରକେଲା ନାଟକ ମହୋତ୍ସବ ଉଦ୍‌ଯାପିତ

**ରାଉରକେଲା ଅଫିସ,୯।୬:** ରାଉରକେଲା ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟର ଠାରେ ଆର୍‌ଏସ୍‌ପି ଆନୁକୂଲ୍ୟରେ ଏକତ୍ର ଅନୁଷ୍ଠାନ ପକ୍ଷରୁ ଚାଲିଥିବା ନାଟକ ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ଆରଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ ପ୍ରଦୀପ କୁମାର ସାହୁ ଅତିଥି ଭାବେ ଯୋଗଦେଇ ଥିଲେ। ଏକତ୍ର ପରିବାର ସଭାପତି ପ୍ରଫେସର ଡ. ସମର ମୁଦାଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମହାପାତ୍ର ଅନୁଷ୍ଠାନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା ରାଜୀବ ପାଣି ନାଟକ ମହୋତ୍ସବ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ପାଦକ ବିଜୟ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ୩ଟି ନାଟକ ପରିବେଷଣ କରାଯାଇଥିଲା। ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମକ୍‌ଡ୍ରିଲ୍ ଉପରେ ଗୁରୁତ୍ୱ

**ବନ୍ୟା, ବାତ୍ୟା ମୁକାବିଲା ପ୍ରସ୍ତୁତି**

ସମ୍ବଲପୁର,୯।୬(ବ୍ୟୁରୋ)



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ସମ୍ଭାବ୍ୟ ବନ୍ୟା, ବାତ୍ୟା କିମ୍ବା କୌଣସି ଆପତ୍‌କାଳୀନ ପରିସ୍ଥିତି ମୁକାବିଲା ନେଇ ପ୍ରସ୍ତୁତି ବୈଠକ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଅଧ୍ୟକ୍ଷତା କରିଥିଲେ। ନିଜକୁ ପ୍ରସ୍ତୁତ ରଖିବା ନିମନ୍ତେ ମକ୍‌ଡ୍ରିଲର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା ହୋଇଥିଲା। ଆସନ୍ତା ୧୮ରେ ଜିଲା ସଦର ମହକୁମା ଓ ୯ ଗୋଟି ବ୍ଲକର ମୁଖ୍ୟାଳୟରେ ମକ୍‌ଡ୍ରିଲ ଏବଂ ଟେବୁଲ ଟପ ଏକ୍ସରସାଇଜ ଆୟୋଜିତ ହେବ। ୧୯ରେ ମଲ୍ଟି ପରପୋଜ ବନ୍ୟା ଆଶ୍ରୟସ୍ଥଳ ମାନେଶ୍ୱର ବ୍ଲକ ଧମା ଓ ସମ୍ବଲପୁର ମୁନିସିପାଲିଟି କର୍ପୋରେଶନ ଅନ୍ତର୍ଗତ ବିନାଖଣ୍ଡୀ, ଚାଉଁରପୁରଠାରେ ମକ୍‌ଡ୍ରିଲ ହେବ। ବ୍ଲକଗୁଡିକରେ ବିଡ଼ିଓ, ତହସିଲଦାର, ଫାୟାର ଟିମ, ଏଏନ୍‌ଏମ୍, ଅଙ୍ଗନୱାଡ଼ି, ଏଲ୍‌ଆଇ, ସରପଞ୍ଚ, ୟୁଥ୍ ରେଡକ୍ରସ, ସ୍ୱେଚ୍ଛାସେବୀ, ଏସ୍‌ଏଚ୍‌ଜି ସଭ୍ୟ, ଏନଜିଓମାନେ ସାମିଲ ହେବେ। ସେହିପରି ଜିଲାସ୍ତରୀୟ ମକ୍‌ଡ୍ରିଲରେ ଏଡିଏମ୍, ସିଡିଏମ୍‌ଓ ପିଏଚଓ, ଡିଏସ୍‌ଡବ୍ଲ୍ୟୁଓ, ସିଡ଼ିଭିଓ, ଆଇଆଇସି, ଫାୟାର ଟିମ, ଜିଲା ଜରୁରୀ କାଳୀନ ଅଧିକାରୀ ପ୍ରମୁଖ ଯୋଗଦେବେ। ସେହିପରି ବନ୍ୟା ଆଶ୍ରୟସ୍ଥଳଠାରେ ଡେପୁଟି କମିଶନର, ବିଡ଼ିଓ, ତହସିଲଦାର, ଫାୟାର ଟିମ୍, ଏଏନ୍‌ଏମ୍, କାଉନସିଲର, ଏଲ୍‌ଆଇ, ଅଙ୍ଗନୱାଡି, ସରପଞ୍ଚ, ୟୁଥ୍ ରେଡ୍‌କ୍ରସ, ସ୍ୱେଚ୍ଛାସେବୀ ଯୋଗ ଦେବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏପିଡି ତନ୍ମୟ କୁମାର ଦରୁଆନ, ଡେପୁଟି କଲେକ୍ଟର ଜୟଶ୍ରୀ ପାଢ଼ୀଙ୍କ ସମେତ ବିଡ଼ିଓ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଯାଞ୍ଚ ହେଲାନି ପ୍ରାର୍ଥୀପତ୍ର

**ସମବାୟ ନିର୍ବାଚନ**

ସମ୍ବଲପୁର,୯।୬(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ସେବା ସମବାୟ ସମିତି ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ନେଇ ତିନିଦିନ ହେଲା ଛକାପଞ୍ଝା ଲାଗି ରହିଥିଲା। ଗୁରୁବାର ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ ଏହା ଉଗ୍ର ରୂପ ନେଇଥିଲା। ଯେଉଁମାନଙ୍କ ନାମରେ ଅଭିଯୋଗ ଥିଲା ସେମାନଙ୍କ ପ୍ରାର୍ଥୀପତ୍ର ଯାଞ୍ଚ କରି ଖାରଜ କରିବା ପାଇଁ ଅଭିଯୋଗକାରୀ ଜିଦ୍ ଧରିଥିଲେ। ଏହାର ସମାଧାନ କରିବା ପାଇଁ ଡିଆର୍‌ସିଏସ୍ ଅଫିସରୁ ମଧ ଅଧିକାରୀ ପହଞ୍ଚିଥିଲେ। ସେମାନେ ଲୋକଙ୍କ ଆକ୍ରୋଶର ଶିକାର ହୋଇ ଫେରି ଆସିଥିଲେ। ଫଳରେ ଅଧାରୁ ଯାଞ୍ଚ ପ୍ରକ୍ରିୟା ସ୍ଥଗିତ ରଖାଯାଇଥିଲା। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ନିଜକୁ ଅନଭିଜ୍ଞ ଦର୍ଶାଇ ଲିଖିତ ଭାବେ ଅଭିଯୋଗକାରୀଙ୍କୁ ନୋଟିସ କରିଛନ୍ତି। ଶୁକ୍ରବାର ଡିଆର୍‌ସିଏସ୍ ଅଫିସର ଅଧିକାରୀଙ୍କ ଉପସ୍ଥିତିରେ ଯାଞ୍ଚ ପ୍ରକ୍ରିୟା କରାଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଅଭିଯୋଗ କ୍ରମେ ଯୁଯୁମୁରା ସେବା ସମବାୟ ସମିତିରେ ସୂର୍ଯ୍ୟ ପାଣିଗ୍ରାହୀ ନିର୍ଦ୍ଦେଶକ ପଦ ପାଇଁ ପ୍ରାର୍ଥୀ ରହିଛନ୍ତି । ହେଲେ ସେ ଅନ୍ୟ ନିର୍ଦ୍ଦେଶକଙ୍କ ପାଇଁ ସମର୍ଥିତ ପ୍ରସ୍ତାବ ଦେଇଛନ୍ତି। ସମବାୟ ଆଇନ ଅନୁସାରେ ତାଙ୍କ ପ୍ରାର୍ଥୀପତ୍ର ବାତିଲ ହେବା ନିୟମ ରହିଛି। କେବଳ ସୂର୍ଯ୍ୟ ନୁହନ୍ତି, ଅନ୍ୟ ୩ରୁ ୪ ଜଣ ପ୍ରାର୍ଥୀଙ୍କ ନାମରେ ମଧ ଅନୁରୂପ ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଯାଉ ବୋଲି ଦାବି ହେଉଛି। ଏ ନେଇ ସମ୍ବଲପୁର ଡିଆର୍‌ସିଏସ୍ ଲିଙ୍ଗରାଜ ନାଏକଙ୍କୁ ପଚାରିବାରୁ ସେ କହିଥିଲେ, ନିର୍ବାଚନ ପରିଚାଳନା କରିବା ପାଇଁ ନିର୍ବାଚନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ଅଭିଯୋଗ ଉପରେ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନେବାର ସ୍ୱତନ୍ତ୍ର ଭାବେ କ୍ଷମତା ପାଇଛନ୍ତି। କେଉଁ କାରଣରୁ ଏଭଳି ଘଟଣା ଘଟିଛି ସେ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।

# ଶାସନ କେନାଲ ମରାମତି କାର୍ଯ୍ୟ ଦେଖିଲେ ରେଙ୍ଗାଲି ବିଧାୟକ



କେନାଲ ମରାମତି କାର୍ଯ୍ୟ ଦେଖୁଛନ୍ତି ରେଙ୍ଗାଲି ବିଧାୟକ।

ସମ୍ବଲପୁର,୯।୬(ବ୍ୟୁରୋ)

ହୀରାକୁଦ ଜଳଭଣ୍ଡାରରୁ ବିଭିନ୍ନ କେନାଲ ଯୋଗେ ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଶାସନ କେନାଲ ଅନ୍ୟତମ। ଏହି କେନାଲ ତିଆରି ହେବାର ବହୁବର୍ଷ ପରେ ଅନେକ ସ୍ଥାନରେ ଭାଙ୍ଗି ଯାଇଥିଲା। ତେଣୁ ୨୦୦୩-୦୪ ଆର୍ଥିକ ବର୍ଷରେ ବିଶ୍ୱ ବ୍ୟାଙ୍କ ସହାୟତାରେ ୩୩ କୋଟି ଟଙ୍କା ବ୍ୟୟରେ କେନାଲକୁ ମରାମତି କରାଯାଇଥିଲା। ସେ ସମୟରେ ମରାମତି କାର୍ଯ୍ୟକୁ ନେଇ ଅନେକ ଅଭିଯୋଗ ଆସିଥିଲା। ଚଳିତ ବର୍ଷ ପୁଣି ଶାସନ କେନାଲ ମରାମତି କାର୍ଯ୍ୟ ଚାଲୁଛି। ବୁଧବାର ରେଙ୍ଗାଲି ବିଧାୟକ ନାଉରୀ ନାୟକ ମରାମତି ଚାଲୁଥିବା ଅଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ସମୟରେ ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ପଣ୍ଡା ଓ ସହକାରୀ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। କେତେକ ସ୍ଥାନରେ ନିମ୍ନମାନର କାମକୁ ନେଇ ବିଧାୟକ ଆପତ୍ତି ଉଠାଇଥିଲେ। ସେହି କାର୍ଯ୍ୟ ପୁନଃ ଠିକ୍ ଭାବେ ସମ୍ପନ୍ନ କରିବା ପାଇଁ ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ ବିଧାୟକ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିଥିଲେ। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଚନ୍ଦ୍ରଶେଖର ପଣ୍ଡା, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ଜିଲା ସାଧାରଣ ସମ୍ପାଦକ ଆଶିଷ କୁମାର ହୋତା, ମଣ୍ଟୁ ଭୋଇ ପ୍ରମୁଖ ବିଧାୟକଙ୍କ ସହ ଉପସ୍ଥିତ ଥିଲେ।

# ପିଅନଙ୍କ ଆତ୍ମହତ୍ୟା

ଝାରସୁଗୁଡ଼ା ଅଫିସ,୯।୬

ଲଖନପୁର ବ୍ଲକ କନକତୋରା ସରକାରୀ ଆୟୁର୍ବେଦିକ ହସ୍ପିଟାଲରେ କାର୍ଯ୍ୟରତ ପିଅନ ତଥା ରାତ୍ର ଜଗୁଆଳ ପଦ୍ମଲୋଚନ ରଣା (୪୦) ବୁଧବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ରେଙ୍ଗାଲି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ରେଙ୍ଗାଲି ଥାନାରେ ଏକ ମାମଲା (ନଂ୧୩/୨୨) ରୁଜୁ ହୋଇଛି। ପାରିବାରିକ କଳହରୁ ସେ ଏଭଳି ନିଷ୍ପତ୍ତି ନେଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।



ଗୁରୁବାର ସମ୍ବଲପୁର ଧରିତ୍ରୀ କାର୍ଯ୍ୟାଳୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୧ତମ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

# 'ବୀମାଭୁକ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଉ'

ଝାରସୁଗୁଡ଼ା ଅଫିସ,୯।୬

ଭୁବନେଶ୍ୱର ରାଜ୍ୟ କୃଷି ଭବନଠାରେ ଗୁରୁବାର କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଝାରସୁଗୁଡା ଜିଲା କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଜିଲାର କୃଷି ଓ କୃଷକଙ୍କ ଉନ୍ନତି ପାଇଁ ଏକ ଆଲୋଚନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ଫସଲ ବୀମା, ସାର, ବିହନ ସବ୍‌ସିଡି, ଜଳ ସେଚନ ଆଦି ସମ୍ପର୍କରେ ଚାଷୀ କିପରି ଲାଭ ପାଇପାରିବେ ଏ ନେଇ ଅବଗତ କରାଯାଇଥିଲା। ଏହି ଅବସରରେ କୃଷିମନ୍ତ୍ରୀ ଚାଷୀଙ୍କୁ ସହଯୋଗ କରିବାକୁ ବ୍ୟାଙ୍କ, ବୀମା, କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଚାଷୀ ଆଗାମୀ ଦିନରେ କିପରି ସମବାୟ ସମିତି, ବନ ବିଭାଗ, ଜଳସେଚନ ଆଦି ବିଭାଗରୁ ମଧ୍ୟ ଲାଭ ପାଇପାରିବେ ଏ ନେଇ ମନ୍ତ୍ରୀ ନବ କିଶୋର ଦାସ ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଚାଷୀମାନେ ବୀମା ଟଙ୍କା ପ୍ରଦାନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ କରି ଯୋଗ୍ୟ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସମ୍ପୃକ୍ତ ବୀମା କମ୍ପାନୀ ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଭାରେ ଦିଲୀପ ବଡେଇ, ବିରଞ୍ଚି ସାହୁ, ଗୋପୀନାଥ ମାଝି, ଲକ୍ଷ୍ମଣ ସାହୁ, ହେମସାଗର କୁମରା, ପୂର୍ଣ୍ଣଚନ୍ଦ୍ର ବେହେରା, ଜଗବନ୍ଧୁ ସା, ହିମାଂଶୁ ପଧାନ ପ୍ରମୁଖ ଜିଲାର ବହୁ ବରିଷ୍ଠ ଚାଷୀ ଯୋଗଦେଇଥିଲେ।



ଆଲୋଚନାରେ ଯୋଗଦେଇଥିବା ୨ ମନ୍ତ୍ରୀଙ୍କ ସମେତ ଝାରସୁଗୁଡା ଜିଲାର ଚାଷୀମାନେ।

# ଶିଶୁ ସୁରକ୍ଷା, ଅଧିକାର ସମନ୍ୱୟ କମିଟି ବୈଠକ

ବଡ଼ଗାଁ, ୯।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଗୁରୁବାର ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଓ ଅଧିକାର ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁନ୍ଦର ସାମୁଏଲ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ କମିଟିର ବ୍ଲକ ସଂଯୋଜକ ଜଗବନ୍ଧୁ ମହାନ୍ତି, ପଞ୍ଚାୟତ କମିଟି କର୍ମକର୍ତ୍ତା ଏଏନ୍‌ଏମ୍ ମମତା ସେନାପତି, ଏମ୍‌ବିକେ ଅଞ୍ଜଳି ବେହେରା, ବଡ଼ଗାଁ ଥାନାର ମହିଳା ଓ ଶିଶୁ ଡେସ୍କର ଭଗବତୀ ରଣା, ପଞ୍ଚାୟତ ଇଓ ଲିଲି ଠାକୁର ଯୋଗଦେଇଥିଲେ। ବୈଠକରେ ସରପଞ୍ଚ ଶିଶୁମାନଙ୍କର ସୁନ୍ଦର ଭବିଷ୍ୟତ ଉପରେ ବକ୍ତବ୍ୟ ରଖି ପଞ୍ଚାୟତକୁ ଶିଶୁ ଅନୁକୂଳ କରିବା ପାଇଁ ପ୍ରୟାସ କରିବେ ବୋଲି କହିଥିଲେ। ବ୍ଲକ ସଂଯୋଜକ ମହାନ୍ତି ଶିଶୁ ଅନୁକୂଳ ତଥା ଗଠିତ ହେବାକୁ ଥିବା ଶିଶୁ ଅଧିକାର ସମନ୍ୱୟ କମିଟିର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିଡ଼ିଏସ୍, ଏନ୍‌ଆରଏଚଏମ୍, ଓଏଲ୍‌ଏମ୍, ମହିଳା ଶିଶୁ ଡେସ୍କ, ଗାଁ କଲ୍ୟାଣ ସମିତି, କିଶୋର ବାଳିକା ଓ ବାଳକ ଶିଶୁ ସଂସଦ ପ୍ରତିନିଧି ଯୋଗଦେଇଥିଲେ।

# ଜିଆର୍‌ଏସ୍‌ଙ୍କ ବାସଭବନରେ ଭିଜିଲାନ୍ସ ଯାଞ୍ଚ



ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଉଛି।

କୁତ୍ରା, ୯।୬ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ପୂର୍କାପାଲି ଗ୍ରାମରେ ରହୁଥିବା ତୁନମୁରା ଗ୍ରାମପଞ୍ଚାୟତର ଜିଆରଏସ୍ ହେମନ୍ତ ସାହୁଙ୍କ ବାସଭବନରେ ଗୁରୁବାର ଭିଜିଲାନ୍ସ ପକ୍ଷରୁ ଯାଞ୍ଚ କରାଯାଇଛି। ସୂଚନାଯୋଗ୍ୟ ଗତ ୨୦୧୮ ମସିହାରେ ପୁର୍କାପାଲି ଜିଆର୍‌ଏସ୍ ଥିବା ସମୟରେ ଏକ ଇନ୍ଦିରାଆବାସ କାର୍ଯ୍ୟ ପାଇଁ ଜଣଙ୍କ ଠାରୁ ଟଙ୍କା ନେଉଥିବାବେଳେ ରେଡହେଣ୍ଡରେ ଧରାପଡିଥିଲେ। ସେହି ଘଟଣାକୁ କେନ୍ଦ୍ରକରି ଗୁରୁବାର ପୁଣିଥରେ ତାଙ୍କ ବାସଭବନରେ ରାଉରକେଲା ଭିଜିଲାନ୍ସ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି। ତାଙ୍କ ଘର ମପା ଯାଇଛି। ତେବେ ଏହାକୁ ନେଇ ପୁଣି ଥରେ ସେ ଚର୍ଚ୍ଚାକୁ ଆସିଛନ୍ତି।

# ଓଏସ୍‌ଓୟୁର ସପ୍ତମ ପ୍ରତିଷ୍ଠା ଦିବସ ପ୍ରସ୍ତୁତି

ସମ୍ବଲପୁର,୯।୬(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର (ଓଏସ୍‌ଓୟୁ)ର ସପ୍ତମ ପ୍ରତିଷ୍ଠା ଦିବସ ସକାଶେ ପ୍ରସ୍ତୁତି ଶେଷ ହୋଇଛି। ଉତ୍ସବ ଅନ୍‌ଲାଇନ ଜରିଆରେ ହେବାକୁ ଥିବାବେଳେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ସେହିପରି ମଧ୍ୟପ୍ରଦେଶ ସରକାରଙ୍କ ଆଡ୍‌ମିଶନ ଓ ଫି' ରେଗୁଲେଟୋରୀ କମିଶନ ଅଧ୍ୟକ୍ଷ ରବୀନ୍ଦ୍ର କନହରେ ପ୍ରତିଷ୍ଠା ଦିବସର ଦିକ୍ଷାନ୍ତ ବକ୍ତବ୍ୟ ପ୍ରଦାନ କରିବେ। ଏଥିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ଅଧ୍ୟକ୍ଷତା କରିବେ। ଜୁନ ୧୦ତାରିଖ ପୂର୍ବାହ୍ନ ୧୦ଟାରେ ସମସ୍ତ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ର, ଶିକ୍ଷାବିତ୍ ୟୁ-ଟ୍ୟୁବ ଲିଙ୍କ ଜରିଆରେ ସିଧା ପ୍ରସାରଣ ଦେଖିପାରିବେ। ଗୁରୁବାର ବିଶ୍ୱବିଦ୍ୟାଳୟ କୁଳସଚିବ ମାନସ ରଞ୍ଜନ ପୂଜାରୀ ପ୍ରେସ ବିବୃତିରେ ଏ ନେଇ ସୂଚିତ କରିଛନ୍ତି।

# ଏସ୍‌ଏମ୍‌ସିକୁ ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ୭ ଆବର୍ଜନା ସଂଗ୍ରହ ଗାଡ଼ି ପ୍ରଦାନ

ସମ୍ବଲପୁର,୯।୬(ବ୍ୟୁରୋ)

ଜିନ୍ଦଲ ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଗୁରୁବାର ଏସ୍‌ଏମ୍‌ସି (ସମ୍ବଲପୁର ମହାନଗର ନିଗମ)କୁ ସାତଟି ଆବର୍ଜନ ସଂଗ୍ରହ ଗାଡି ପ୍ରଦାନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀ ପକ୍ଷରୁ ଜିଲାପାଳ ଦେବଜ୍ୟୋତି ପରିଡାଙ୍କୁ ଗାଡ଼ି ଚାବି ପ୍ରଦାନ କରାଯାଇଥିଲା। ଜିଲାପାଳ ପତାକା ଦେଖାଇ ଗାଡିଗୁଡିକର ଶୁଭାରମ୍ଭ କରିଥିଲେ। ଏହି ଗାଡି ସହର ବିଭିନ୍ନ ପଡାରୁ ଆବର୍ଜନା ସଂଗ୍ରହ କରିବ। ଏସ୍‌ଏମ୍‌ସି କମିଶନର ପ୍ରଦୀପ କୁମାର ସାହୁ, ଡେପୁଟି କମିଶନର ବିନୋଦ ଚନ୍ଦ୍ର ପଣ୍ଡା, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି, କମ୍ପାନୀ ଡାଇରେକ୍ଟର ଏମ୍.କେ. ସିଂ, ଡାଇରେକ୍ଟର ଅନିଲ କୁମାର ସିଂ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଗାଡିର ଚାବି ପ୍ରଦାନ କରାଯାଉଛି।

# ଛାତ୍ରୀଛାତ୍ରଙ୍କ ଯିବାଆସିବା ପାଇଁ ବସ୍ ସେବାର ଶୁଭାରମ୍ଭ

**ଓଡ଼ିଶା ଖଣି ନିଗମ ଅଧ୍ୟକ୍ଷ, ପରିଚାଳନା ନିର୍ଦ୍ଦେଶକଙ୍କ ଦୁଇଦିନିଆ ସୁନ୍ଦରଗଡ଼ ଗସ୍ତ**

ସୁନ୍ଦରଗଡ଼/ଟେନ୍‌ସା, ୯।୬(ଡ଼ି.ଏନ୍.ଏ.)



ହିତାଧିକାରୀଙ୍କୁ ଭତ୍ତା ଦିଆଯାଉଛି।

ରାଜ୍ୟ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓଡ଼ିଶା ଖଣି ନିଗମର ଅଧ୍ୟକ୍ଷ ଦେଓରଞ୍ଜନ କୁମାର ସିଂ ଏବଂ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ଦୁଇଦିନିଆ ସୁନ୍ଦରଗଡ଼ ଜିଲା ଗସ୍ତରେ ଆସି ପହଞ୍ଚିଛନ୍ତି। ଗସ୍ତର ପ୍ରଥମ ଦିନରେ ସେମାନେ କୋଇଡ଼ା ଶିଳ୍ପ ତାଲିମ ପ୍ରତିଷ୍ଠାନର ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ୨ଟି ବସସେବାର ଶୁଭାରମ୍ଭ କରିଛନ୍ତି। ଗୁରୁବାର ଖଣି ନିଗମର ଅଧ୍ୟକ୍ଷ ଦେଓରଞ୍ଜନ କୁମାର ସିଂ ଏବଂ ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ ପ୍ରଥମେ କୋଇଡ଼ାରେ ପହଞ୍ଚି ସ୍ଥାନୀୟ ଶିଳ୍ପ ତାଲିମ ପ୍ରତିଷ୍ଠାନଠାରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଚଳିତ ଶିକ୍ଷାବର୍ଷଠାରୁ ଏଠାରେ ବିଭିନ୍ନ ବିଷୟରେ ପାଠପଢ଼ା ଆରମ୍ଭ ହେବାକୁ ଯାଉଛି। ଏହି ପ୍ରତିଷ୍ଠାନରେ କେବଳ ଖଣି ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସ୍ଥାନୀୟ ଯୁବତୀଯୁବକ ଏଠାରୁ ତାଲିମ ନେବା ଦ୍ୱାରା ସେମାନଙ୍କ ଲାଗି ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ଶିଳ୍ପ ତାଲିମ ପ୍ରତିଷ୍ଠାନର ଶିକ୍ଷାଦାନ ବ୍ୟବସ୍ଥା ସମ୍ପର୍କରେ ଅନୁଷ୍ଠାନର ଅଧ୍ୟକ୍ଷ ଓ ପ୍ରଶିକ୍ଷକଙ୍କ ସହ ଆଲୋଚନା କରିଥିଲେ ଦେଓରଞ୍ଜନ କୁମାର ସିଂ ଏବଂ ବଲୱନ୍ତ ସିଂ। ଓଡ଼ିଶା ଖଣି ନିଗମ ଦୁଇବର୍ଷ ଲାଗି ଏହି ଶିଳ୍ପ ତାଲିମ ପ୍ରତିଷ୍ଠାନର ପରିଚାଳନା ଖର୍ଚ୍ଚ ବହନ କରିବ। ବସ ସେବା ବ୍ୟତୀତ ଛାତ୍ରୀଛାତ୍ରଙ୍କ ଲାଗି ହଷ୍ଟେଲ, ପ୍ରିନ୍ସିପାଲ ଓ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କରାଯାଉଛି। ଏସବୁ ବ୍ୟୟବରାଦ ସହ ପ୍ରତିଷ୍ଠାନରେ ପାଠପଢା ଲାଗି ବିଭିନ୍ନ ପ୍ରାକ୍ଟିକାଲ ଉପକରଣ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସଭାରେ ଉପସ୍ଥିତ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ୨ବରିଷ୍ଠ ପ୍ରଶାସନିକ ଅଧିକାରୀ ଆଲୋଚନା କରିଥିଲେ। ସେହିପରି ବସୁନ୍ଧରା ଯୋଜନାରେ ୯ଜଣ ଭୂମିହୀନ ହିତାଧିକାରୀ ଏବଂ ୫-ଟି ଅଧୀନରେ ଚୋରଧରା ଓ ବଡ଼ ବାଲିଯୋର ରୂପାନ୍ତରିତ ହାଇସ୍କୁଲକୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା। ଏହାସହ ସାମାଜିକ ସୁରକ୍ଷା ଯୋଜନାରେ ବିଭିନ୍ନ ହିତାଧିକାରୀଙ୍କୁ ଭତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇ ଉପଜିଲାପାଳ ସୁରଞ୍ଜନ ସାହୁ, କୋଇଡ଼ା ବ୍ଲକ ଅଧ୍ୟକ୍ଷ ସୁରେଶ ନାୟକ, କୋଇଡ଼ା ବିଡ଼ିଓ ପଲ୍ଲବୀରାଣୀ ରାଜ, ତହସିଲଦାର ଡି.ଏସ. ଶୁଭଦର୍ଶୀ ଯୋଶୀ ଏବଂ ଓଡ଼ିଶା ଖଣି ନିଗମ, ଜିଲା ଖଣିଜ ପ୍ରତିଷ୍ଠାନର ଅଧିକାରୀମାନେ ଉପସ୍ଥିତ ଥିଲେ।

**ରାଜଗାଙ୍ଗପୁରରେ ବୀର ବିର୍ସା ମୁଣ୍ଡାଙ୍କ ୧୨୨ତମ ଶହୀଦ ଦିବସ**

ରାଜଗାଙ୍ଗପୁର (ଡି.ଏନ୍.ଏ.): ରାଜଗାଙ୍ଗପୁରର ରାଣିବନ୍ଧଠାରେ ବୀର ବିର୍ସା ମୁଣ୍ଡା କମିଟି ପକ୍ଷରୁ ବୀର ବିର୍ସା ମୁଣ୍ଡାଙ୍କ ୧୨୨ତମ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଣୀବନ୍ଧ ଠାରେ ଥିବା ବୀର ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତି ନିକଟରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସଭାରେ ରାଜଗାଙ୍ଗପୁର ବିଧାୟକ ଡାକ୍ତର ସିଏସ ରାଜନ ଏକ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହ ବକ୍ତବ୍ୟରେ ବୀର ବିର୍ସା ମୁଣ୍ଡା ଆଦିବାସୀମାନଙ୍କ ପାଇଁ ପ୍ରେରଣା ଥିଲେ ବୋଲି କହିଥିଲେ। କମିଟିର ସଭାପତି ଜୋହାନ ହେମ୍ବ୍ରମ ବକ୍ତବ୍ୟ ରଖିଥିଲେ। କମିଟିର ସମ୍ପାଦକ ଅମିତ ତିର୍କୀ, ସହସମ୍ପାଦକ ଅଜୟ ବାଗେ ଉପସ୍ଥିତ ରହିଥିଲେ।

# ଚୋରା ବାଲି ଚାଲାଣ: ୪୫ ହଜାର ଜରିମାନା ଆଦାୟ

କୁତ୍ରା, ୯।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଚୋରା ବାଲି ଚାଲାଣ ଥମୁନାହିଁ। ଲିଟିବେଡ଼ାଠାରେ ଗୁରୁବାର କୁତ୍ରା ତହସିଲ ପକ୍ଷରୁ ଚଢାଉ କରାଯାଇଥିଲା। ତହସିଲଦାର ରବୀନ୍ଦ୍ର କୁମାର ସେଠିଙ୍କ ନିର୍ଦ୍ଦେଶ କ୍ରମେ ରାଜସ୍ୱ ବିଭାଗ ଟିମ୍ ଚଢାଉ କରି ଦୁଇଟି ଗାଡିକୁ ଧରି ୪୫ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ଦୀର୍ଘ ଦିନ ଧରି ତରକେରା, ସମଲେଇମୁଣ୍ଡା, ଉଡ଼ରୁମା ନଦୀ ପଠାରୁ ପ୍ରତ୍ୟେକ ଦିନ ଶହଶହ ସଂଖ୍ୟକ ବାଲି ଟ୍ରିପ ବାଲି ବ୍ୟବସାୟୀମାନେ ଚତୁରତା ସହ ଚୋରି କରି ନେଉଛନ୍ତି। ଏହା ଦ୍ୱାରା ଲକ୍ଷଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଛି। ବାଲି ବ୍ୟବସାୟୀମାନଙ୍କୁ ତାଗିଦ କରିବା ସହିତ ସୁଧୁରିବା ପାଇଁ କହିଛନ୍ତି ତହସିଲଦାର। ନଚେତ ଚୋରା ବାଲି ଚାଲାଣକାରୀଙ୍କ ଆଉ ନିସ୍ତାର ମିଳିବ ନାହିଁ ବୋଲି ସେ କହିଛନ୍ତି। ବାଲି ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି। ଅନ୍ୟ ପକ୍ଷରେ କୁତ୍ରା ପୋଲିସ ଦ୍ୱାରା ବାଲି ଗାଡ଼ି ଧରା ହେଲେ ମାମଲା ହେବା ସହିତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି।



ବାଲି ଚୋରା ଚାଲାଣ ବେଳେ ଧରାପଡ଼ିଥିବା ଗାଡ଼ି।

# ରିଆମାଳରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ରିଆମାଳ,୯।୬ (ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପଠାରେ ଗୁରୁବାର ୯ଟାରେ ଲାୟନ୍ସ ଭୂମିକା ଚକ୍ଷୁ ଚିକିତ୍ସାଳୟ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରିଆମାଳ ସରପଞ୍ଚ ବୀଣାପାଣି ନାୟକ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମାଜସେବୀ ତଥା ଦୁର୍ଗାପୂଜା କମିଟି ସମ୍ପାଦକ ଗାନ୍ଧୀଚରଣ ନାୟକ ଯୋଗଦେଇ ଚକ୍ଷୁରୋଗୀମାନେ କିପରି ସୁବିଧାରେ ଅପରେସନ ହେବେ, ସେ ସମ୍ପର୍କରେ ଡାକରମାନଙ୍କ ସହ ଆଲୋଚନା କରିଥିଲେ। ଏହି ଚକ୍ଷୁ ଚିକିତ୍ସା ଶିବିରରେ ଡାକ୍ତର ବରୁଣ ସାହୁ, ସ୍ୱାଗତ ସିଗିଡେନ୍, ଶକ୍ତି ସ୍ୱରୁପା ପଟ୍ଟନାୟକ, ଚୁଡାମଣି ସାହୁ ଚକ୍ଷୁ ରୋଗୀମାନଙ୍କୁ ପରୀକ୍ଷା କରିଥିଲେ। ଅନୁଗୋଳ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟକୁ ନେଇ ଅପରେଶନ କରିବା ସହ ଚଷମା ପ୍ରଦାନ କରିବେ। ଯିବାଆସିବା ଖାଇବା ଖର୍ଚ୍ଚ ମାଗଣାରେ ଲାୟନ୍ସ କ୍ଲବ ବହନ କରିବ ବୋଲି ଡାକ୍ତରମାନେ କହିଛନ୍ତି।

**Bhadrak Autonomous College**
**Jagannathpur, Bhadrak, Odisha-756100**
Applications are invited for the position of one (01) Research Assistant at P.G. Department of Commerce, Bhadrak Autonomous College, Bhadrak, Odisha under the research project sponsored by OURIIP-2021 seed fund. For details please visit website: http:// bhadrakcollege.nic.in/.
**Sd./- Principal Investigator**
**OURIIP, Seed Fund, Bhadrak Autonomous College**

FORM NO. 13
**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, CUTTACK-753014 (Orissa)
O.A. No. 566/2019
State Bank India, SARB, Cuttack .... Applicant
Versus
M/s. S.N. Traders and Another ... Defendants
To
Defendants
1. **M/s. S.N. Traders,** Represented by its Proprietor- Satya Narayan Acharya, S/o- Pramod Acharya, At- Plot No. 100, Industrial Estate Jagatpur, P.O.- Jagatpur, Dist.: Cuttack, PIN-754021.
2. **Satya Narayan Acharya,** S/o- Pramod Acharya, At- Plot No. 100, Industrial Estate Jagatpur, P.O.: Jagatpur, Dist.: Cuttack, PIN-754021.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **OA No. 566/19** in the Court of Debts Recovery Tribunal for recovery of **Rs.77,63,364.06 (Seventy seven Lakh sixty three Thousand three hundred sixty four and paisa six)** only together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **25.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **06th day of June, 2022.**

Sd/- (M.K. Patnaik)
REGISTRAR

# ରାଜଗାଙ୍ଗପୁର ଭାଜପା ନଗର ମଣ୍ଡଳର ସଭାକାର୍ଯ୍ୟ

ରାଜଗାଙ୍ଗପୁର, ୯।୬(ଡି.ଏନ.ଏ.)



ସଭାରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ମାରୱାଡି ପଞ୍ଚାୟତ ଧର୍ମଶାଳାରେ ଗୁରୁବାର ରାଜଗାଙ୍ଗପୁର ଭାଜପା ନଗର ମଣ୍ଡଳର ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୋଦି ସରକାରଙ୍କର ୮ବର୍ଷ ପୂର୍ତ୍ତି ଉପଲକ୍ଷେ ଏହା ଆୟୋଜିତ ହୋଇଥିଲା। ଏହି ସଭାରେ ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୋଦି ସରକାରଙ୍କର ସେବା, ସୁଶାସନ ଓ ଗରିବ କଲ୍ୟାଣ ପାଇଁ ଏହି ୮ବର୍ଷ ପୂର୍ତ୍ତିକୁ ସେବା, ସୁଶାସନ ଓ ଗରିବ କଲ୍ୟାଣ ପର୍ବ ଭାବେ ପାଳନ କରିବା ପାଇଁ ସ୍ଥିରୀକୃତ ହୋଇଛି। ଏହି ସଭାରେ ରାଜଗାଙ୍ଗପୁରର ମହେନ୍ଦ୍ର ମାଝୀ, ସେଖର ଦଧିଚି ଓ ବହୁ ଅନ୍ୟ ନେତୃବୃନ୍ଦ ଓ କର୍ମୀବୃନ୍ଦ ଉପସ୍ଥିତ ରହିଥିଲେ।

**ARMY INSTITUTE OF MANAGEMENT (AIMK)**
New Town, Rajarhat, Kolkata-700160
(ISO 9001:2015 CERTIFIED INSTITUTE)

ARMY INSTITUTE OF MANAGEMENT, KOLKATA (Affiliated to Maulana Abul Kalam Azad University of Technology) offers 2-Year Full Time Residential MBA Programme (Approved by AICTE) with Specialisation in Marketing, HR, Finance, Business Analytics, MIS & Operations.

MBA aspirants with minimum of 50% in Graduation, JEMAT rank and allotment card, can apply for admission

MAKAUT, WB will be conducting JEMAT 2022 on 29th June, 2022. Visit makautwb.ac.in for form fill-up and further details.

Contact AIMK (9748549010, 7980010533, 9477123072, 9830898046) for assistance before filling up the JEMAT application form. For details, please visit the website (https://www.aim.ac.in)

No fee hike. | Email: admission_cell@aim.ac.in

THE AIMK ADVANTAGE:
1. 25 Years of academic excellence.
2. Affordability: best return on investment.
3. Brand new campus with state of the art facilities.
4. Army connect : leadership, management & control.
5. Ranked B-School in India.
6. Reputed faculty with corporate and academic experience.
7. Cosmopolitan student profile.

PLACEMENT SUPPORT:
1. Excellent placement track record for more than two decades.
2. Multiple placement opportunities to all students.
3. More than 90 companies had participated in last year's campus drive.
4. Skill development programme is conducted throughout the year.
5. Pre-placement grooming session are conducted, covering GD-PI, personality development and interview etiquette.

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୨୨-୨୩)

No. n-19:- ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନ ପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିର୍ଦ୍ଦେଶକ୍ରମେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ବିକ୍ରୟ କରାଯାଉଛି। ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ୍ ମୂଲ୍ୟରେ କିଣନ୍ତୁ। ବହିଗୁଡ଼ିକର ମୂଲ୍ୟସୂଚୀ ଏଥି ସହିତ ଜଣାଇ ଦିଆଯାଉଅଛି। ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧. | ଅନୁଗୁଳ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଅନୁଗୁଳ, ବି.ଆର୍.ସି. କାର୍ଯ୍ୟାଳୟ, ତାଳଚେର |
| ୨. | ବାଲେଶ୍ୱର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର, ବି.ଆର୍.ସି. କାର୍ଯ୍ୟାଳୟ, ବାଲିଆପାଳ |
| ୩. | ବରଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ବରଗଡ଼, ବି.ଆର୍.ସି. କାର୍ଯ୍ୟାଳୟ, ପଦ୍ମପୁର |
| ୪. | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର ବ୍ରହ୍ମପୁର ନୋଡ଼ାଲ ଉ.ପ୍ରା. ସ୍କୁଲ, ବି.ଆର୍.ସି. କାର୍ଯ୍ୟାଳୟ, ଚାନ୍ଦବାଲି |
| ୫. | ବଲାଙ୍ଗିର | ୨ | ଡି.ପି.ଓ.ଏସ୍.ଏସ୍.ଏ., ବଲାଙ୍ଗିରୀ, ବି.ଆର୍.ସି. କାର୍ଯ୍ୟାଳୟ, ଟିଟିଲାଗଡ଼ |
| ୬. | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍.ଏ., ବୌଦ୍ଧ |
| ୭. | କଟକ | ୩ | ବି.ଆର୍.ସି. ମର୍କତନଗର ପ୍ରାଇମେରୀ ସ୍କୁଲ ସେକ୍ଟର-୭, ବି.ଆର୍.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି, ଖାନନଗର, କଟକ ବି.ଆର.ସି. କାର୍ଯ୍ୟାଳୟ, କଟକ ସଦର |
| ୮. | ଦେଓଗଡ଼ | ୧ | ବାଳକ ପ୍ରାଇମେରୀ ସ୍କୁଲ, ଦେଓଗଡ଼ |
| ୯. | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉପ୍ରା ସ୍କୁଲ, ଢେଙ୍କାନାଳ, ବି.ଆର୍.ସି. କାର୍ଯ୍ୟାଳୟ, କାମାକ୍ଷାନଗର |
| ୧୦. | ଗଜପତି | ୨ | ମହରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୧୧. | ଗଞ୍ଜାମ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଛତ୍ରପୁର, ବି.ଆର୍.ସି. କାର୍ଯ୍ୟାଳୟ, ଆସିକା, ବି.ଆର୍.ସି. କାର୍ଯ୍ୟାଳୟ, ଭଞ୍ଜନଗର |
| ୧୨. | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଗବାଗ କୋ. ଅପରେଟିଭ ଉ.ପ୍ରା. ସ୍କୁଲ, ଜଗତ୍‌ସିଂହପୁର, ବି.ଆର୍.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକ |
| ୧୩. | ଯାଜପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର, ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର ରୋଡ଼ (ବ୍ୟାସନଗର) |
| ୧୪. | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ୍.ୟୁ.ପି.ସି., ଝାରସୁଗୁଡ଼ା |
| ୧୫. | କଳାହାଣ୍ଡି | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଭବାନୀପାଟଣା, ବି.ଆର୍.ସି. କାର୍ଯ୍ୟାଳୟ, ଜୁନାଗଡ଼, ବି.ଆର୍.ସି. କାର୍ଯ୍ୟାଳୟ, କେସିଙ୍ଗା |
| ୧୬. | କନ୍ଧମାଳ | ୧ | ବି.ଆର୍.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୧୭. | କେନ୍ଦ୍ରାପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ବି.ଆର୍.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୧୮. | କେନ୍ଦୁଝର | ୩ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବ୍ଲକ, କେନ୍ଦୁଝର, ବି.ଆର୍.ସି. କାର୍ଯ୍ୟାଳୟ, ଯୋଡା, ବି.ଆର.ସି. କାର୍ଯ୍ୟାଳୟ, ଆନନ୍ଦପୁର |
| ୧୯. | ଖୋର୍ଦ୍ଧା | ୫ | ବି.ଆର୍.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା, ବି.ଆର୍.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ, ଭୁବନେଶ୍ୱର, ବି.ଆର୍.ସି. କାର୍ଯ୍ୟାଳୟ, ବାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର ଚନ୍ଦ୍ରଶେଖରପୁର,ଫେଜ୍-୧, ଭୁବନେଶ୍ୱର |
| ୨୦. | କୋରାପୁଟ | ୩ | ପୋଲିସ୍ ପ୍ରାଇମେରୀ ସ୍କୁଲ, ସି.ଆର୍.ସି.ସି. କାର୍ଯ୍ୟାଳୟ, କୋରାପୁଟ, ବି.ଆର୍.ସି. କାର୍ଯ୍ୟାଳୟ, ଶିମିଳିଗୁଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଜୟପୁର, କୋରାପୁଟ |
| ୨୧. | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍.ଏ., ମାଲକାନଗିରି |
| ୨୨. | ମୟୂରଭଞ୍ଜ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ବାରିପଦା, ବି.ଆର୍.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର, ବି.ଆର୍.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୨୩. | ନବରଙ୍ଗପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଉମରକୋଟ, ବି.ଆର୍.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୨୪. | ନୟାଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୟାଗଡ଼ ବ୍ଲକ, ବି.ଆର୍.ସି. କାର୍ଯ୍ୟାଳୟ, ଦଶପଲ୍ଲା ବ୍ଲକ |
| ୨୫. | ନୂଆପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୂଆପଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଖରିଆଲ |
| ୨୬. | ପୁରୀ | ୨ | ଏଲ୍.ଆର.ସି. କାର୍ଯ୍ୟାଳୟ, ୟୁ.ଜି.ୟୁ.ପି. ସ୍କୁଲ, ପୁରୀ, ବି.ଆର୍.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୨୭. | ରାୟଗଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ରାୟଗଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୨୮. | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡ଼ାଲ ଉ.ପ୍ରା. ସ୍କୁଲ, ସମ୍ବଲପୁର, ବି.ଆର୍.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୨୯. | ସୋନପୁର | ୧ | ଡି.ପି.ଓ.ଏସ୍.ଏସ୍.ଏ., ସୋନପୁର |
| ୩୦. | ସୁନ୍ଦରଗଡ଼ | ୨ | ଡି.ପି.ଓ.ଏସ୍.ଏସ୍.ଏ., ସୁନ୍ଦରଗଡ଼, ଜିଲ୍ଲା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ | କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|---|---|---|
| | **ପ୍ରଥମ ଶ୍ରେଣୀ** | | | **ଷଷ୍ଠ ଶ୍ରେଣୀ** | |
| ୧. | ହସଖେଳ ଭାଗ - ୧ | ଟ.୧୩.୦୦ | ୩୭. | ଭୂଗୋଳ (ଉର୍ଦ୍ଦୁ) | ଟ.......... |
| ୨. | ହସଖେଳ ଭାଗ - ୨ | ଟ.୧୪.୦୦ | ୩୮. | ଇତିହାସ ଓ ରାଜନୀତି ବିଜ୍ଞାନ (ଉର୍ଦ୍ଦୁ) | ଟ........... |
| ୩. | ହସଖେଳ ଭାଗ-୧ (ଉର୍ଦ୍ଦୁ) | ଟ.୧୦.୦୦ | ୩୯. | ହିନ୍ଦୀପାଠ (ମାତୃଭାଷା) | ଟ........... |
| ୪. | ହସଖେଳ ଭାଗ-୨ (ଉର୍ଦ୍ଦୁ) | ଟ. ୮.୦୦ | ୪୦. | ବିଜ୍ଞାନ | ଟ.୧୨.୦୦ |
| ୫. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୪୧. | ଭୂଗୋଳ | ଟ.୧୨.୦୦ |
| | **ଦ୍ୱିତୀୟ ଶ୍ରେଣୀ** | | ୪୨. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୬.୦୦ |
| ୬. | ହସଖୁସି | ଟ.୨୩.୦୦ | ୪୩. | ମାଇଁ ଇଂଲିଶ୍ | ଟ.୧୬.୦୦ |
| ୭. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୪୪. | ଭାଷା କଳିକା | ଟ.୧୫.୦୦ |
| ୮. | ଗଣିତଖେଳ (ଉର୍ଦ୍ଦୁ) | ଟ. ........ | ୪୫. | ମେରୀ ହିନ୍ଦୀ କିତାବ | ଟ. ୮.୦୦ |
| ୯. | ଗଣିତ ଖେଳ | ଟ.୧୯.୦୦ | ୪୬. | ଦିଲ କୁସ୍ (ଉର୍ଦ୍ଦୁ) | ଟ......... |
| ୧୦. | ହାଁସି ଖୁସି (ଉର୍ଦ୍ଦୁ) | ଟ.୧୧.୦୦ | ୪୭. | ଦିଲ କୁସ୍ (ପାର୍ସି) | ଟ. ........ |
| | **ତୃତୀୟ ଶ୍ରେଣୀ** | | | **ସପ୍ତମ ଶ୍ରେଣୀ** | |
| ୧୧. | ହିନ୍ଦୀପାଠ (ମାତୃଭାଷା) | ଟ.୧୦.୦୦ | ୪୮. | ସାହିତ୍ୟ ସୌରଭ | ଟ.୧୭.୦୦ |
| ୧୨. | ଆମଭାଷା ଆମ ସାହିତ୍ୟ | ଟ.୧୪.୦୦ | ୪୯. | ଇଂଲିଶ୍ ରିଡର୍ | ଟ.୧୫.୦୦ |
| ୧୩. | ଗଣିତ ମଜା | ଟ.୧୯.୦୦ | ୫୦. | ବିଜ୍ଞାନ | ଟ.୨୬.୦୦ |
| ୧୪. | ଜଣା ଅଜଣା | ଟ.୧୯.୦୦ | ୫୧. | ଭାଷା କଳିକା (ଭାଗ-୨) | ଟ.୧୨.୦୦ |
| ୧୫. | ଗଣିତ ମଜା (ଉର୍ଦ୍ଦୁ) | ଟ.......... | ୫୨. | ଗଣିତ | ଟ.୨୫.୦୦ |
| ୧୬. | ମାଇଁ ଇଂଲିଶ୍ ବୁକ୍ | ଟ.୨୩.୦୦ | ୫୩. | ଭୂଗୋଳ | ଟ.୧୪.୦୦ |
| ୧୭. | ଦିଲ୍ କୁସ୍ (ଉର୍ଦ୍ଦୁ) | ଟ. ୭.୦୦ | ୫୪. | ହିନ୍ଦୀ ପାଠ (ମାତୃଭାଷା) | ଟ.......... |
| ୧୮. | ଜଣା ଅଜଣା (ଉର୍ଦ୍ଦୁ) | ଟ. ........ | ୫୫. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୫.୦୦ |
| | **ଚତୁର୍ଥ ଶ୍ରେଣୀ** | | ୫୬. | ମେରୀ ହିନ୍ଦୀ ପୁସ୍ତକ (ଭାଗ-୨) | ଟ.୧୦.୦୦ |
| ୧୯. | ସାହିତ୍ୟ କଳିକା | ଟ.୧୪.୦୦ | ୫୭. | ଦିଲକୁସ୍ (ପାର୍ସି) | ଟ.......... |
| ୨୦. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୫୮. | ଦିଲକୁସ (ଉର୍ଦ୍ଦୁ) | ଟ.......... |
| ୨୧. | ଗଣିତ କୁହୁକ | ଟ.୨୫.୦୦ | | **ଅଷ୍ଟମ ଶ୍ରେଣୀ** | |
| ୨୨. | ଆମେ ଓ ଆମ ପରିବେଶ | ଟ.୨୫.୦୦ | ୫୯. | ସାହିତ୍ୟିକା | ଟ.୧୨.୦୦ |
| ୨୩. | ମାଇଁ ଇଂଲିଶ୍ ବୁକ୍ | ଟ.୧୭.୦୦ | ୬୦. | ଆମ ବ୍ୟାକରଣ | ଟ.୧୧.୦୦ |
| ୨୪. | ଗଣିତ କୁହୁକ (ଉର୍ଦ୍ଦୁ) | ଟ.......... | ୬୧. | ସାମା.ଇ.ଉର୍ଦ୍ଦୁ | ଟ......... |
| ୨୫. | ଆମେ ଓ ଆମ ପରିବେଶ (ଉର୍ଦ୍ଦୁ) | ଟ.......... | ୬୨. | ହିନ୍ଦୀ ସାହିତ୍ୟ ସରଣୀ | ଟ........ |
| ୨୬. | ଦିଲ୍‌କୁସ୍ (ଉର୍ଦ୍ଦୁ) | ଟ. ୭.୦୦ | ୬୩. | ସରଳ ହିନ୍ଦୀ ବ୍ୟାକରଣ | ଟ.୧୨.୦୦ |
| | **ପଞ୍ଚମ ଶ୍ରେଣୀ** | | ୬୪. | ଏ ନିୟୁ ଆପ୍ରୋଚ ଟୁ ଇଂଲିଶ୍ | ଟ.୧୭.୦୦ |
| ୨୭. | ସାହିତ୍ୟ କୁସୁମ | ଟ.୧୮.୦୦ | ୬୫. | ହିନ୍ଦୀ ପାଠ (ମାତୃଭାଷା) | ଟ.......... |
| ୨୮. | ମାଇଁ ଇଂଲିଶ୍ ବୁକ୍ | ଟ.୧୬.୦୦ | ୬୬. | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୧.୦୦ |
| ୨୯. | ଗଣିତ ଧାରା | ଟ.୨୬.୦୦ | ୬୭. | ନଈହିନ୍ଦୀ ଭାରତୀ | ଟ. ୭.୦୦ |
| ୩୦. | ପରିବେଶ ବିଜ୍ଞାନ | ଟ.୨୫.୦୦ | ୬୮. | ଭାଷା ସୌରଭମ୍ | ଟ. ୯.୦୦ |
| ୩୧. | ହିନ୍ଦୀ ପାଠ (ମାତୃଭାଷା) | ଟ.୧୩.୦୦ | ୬୯. | ସରଳ ସାହିତ୍ୟ | ଟ. ........ |
| ୩୨. | ଦିଲ୍ କୁସ୍ (ଉର୍ଦ୍ଦୁ-୫) | ଟ.୧୧.୦୦ | ୭୦. | ବିଜ୍ଞାନ | ଟ.୨୪.୦୦ |
| | **ଷଷ୍ଠ ଶ୍ରେଣୀ** | | ୭୧. | ସରଳ ଗଣିତ (ବୀଜଗଣିତ) | ଟ.୧୯.୦୦ |
| ୩୩. | ଆମ ସାହିତ୍ୟ | ଟ. ୧୪.୦୦ | ୭୨. | ସରଳ ଗଣିତ (ଜ୍ୟାମିତି) | ଟ.୧୩.୦୦ |
| ୩୪. | ଗଣିତ | ଟ.୨୭.୦୦ | ୭୩. | ଆସାନ୍ ଉର୍ଦ୍ଦୁ କୁଏଦ୍ | ଟ........... |
| ୩୫. | ବିଜ୍ଞାନ (ଉର୍ଦ୍ଦୁ) | ଟ.......... | ୭୪. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୩.୦୦ |
| ୩୬. | ଗଣିତ (ଉର୍ଦ୍ଦୁ) | ଟ.......... | ୭୫. | ଭୂଗୋଳ | ଟ.୯.୦୦ |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ - ୭୫୧୦୦୧ ନିମ୍ନଲିଖିତ ଫୋନ୍ ନମ୍ବର ଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ । ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ, ଅଭିଭାବକ କେବଳ ଏକ ଗୋଟି ସେଟ୍ ପୁସ୍ତକ କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ। **ଯୋଗାଯୋଗ ନଂ.୦୬୭୪-୨୩୮୦୮୭୧, ୨୩୮୦୮୭୨**

**ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର, ଭୁବନେଶ୍ୱର-୧**

**OIPR-27068/11/0009/2223**

**ବିବାଦୀୟ ବିଜ୍ଞାପନ: ଲେୟରର ବିରୋଧରେ ମାମଲା**

ବିଜ୍ଞାପନ ଜରିଆରେ ବଳାତ୍କାର ସଂସ୍କୃତିକୁ ପ୍ରୋତ୍ସାହିତ କରୁଥିବା ବଡି ସ୍ପ୍ରେ ବ୍ରାଣ୍ଡ ଲେୟରର ବିରୋଧରେ ଦିଲ୍ଲୀ ପୋଲିସ ମାମଲା ରୁଜୁ କରିଛି। ଗତ ସପ୍ତାହରେ ଦିଲ୍ଲୀ ମହିଳା କମିଶନ ଅଧକ୍ଷା ସ୍ୱାତୀ ମାଲିୱାଲ ଉକ୍ତ ବିଜ୍ଞାପନ ବିରୋଧରେ ଅଭିଯୋଗ ଆଣିଥିଲେ। ଏଥିରେ ହସ୍ତକ୍ଷେପ ଲାଗି ସେ କେନ୍ଦ୍ର ସୂଚନା ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଚିଠି ପରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଓ ଇଲେକ୍ଟ୍ରୋନିକ୍ ମିଡିଆରୁ ବିଜ୍ଞାପନ ହଟାଇବାକୁ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା। ବିବାଦୀୟ ବିଜ୍ଞାପନ ପାଇଁ ଲେୟରର ପକ୍ଷରୁ ଗତ ସପ୍ତାହରେ କ୍ଷମା ମଗାଯାଇଥିଲା।

## ସଂକ୍ଷେପରେ

### ପଶ୍ଚିମବଙ୍ଗରେ ଆଉ ଏକ ସିବିଆଇ ତଦନ୍ତ ନିର୍ଦ୍ଦେଶ

**କୋଲକାତା,୯।୬(ଆଇଏଏନ୍ଏସ୍):** ପଶ୍ଚିମବଙ୍ଗ ହାଓ୍ୱଡ଼ା ଜିଲାର ତୃଣମୂଳ କଂଗ୍ରେସ ନେତା ହତ୍ୟା ମାମଲାର ସିବିଆଇ ତଦନ୍ତ ଲାଗି କାଲ୍‌କାଟା ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ହାଓ୍ୱଡ଼ା ଜିଲାର ବାଲିଠାରେ ବେଆଇନ ଭାବେ ଜଳାଶୟ ପୋତାଯିବା ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ୨୦୧୧ରେ ଟିଏମ୍‌ସି ନେତା ତପନ ଦତ୍ତଙ୍କୁ ହତ୍ୟା କରାଯାଇଥିଲା। ପ୍ରଥମେ ସ୍ଥାନୀୟ ପୋଲିସ ହତ୍ୟାକାଣ୍ଡର ତଦନ୍ତ ଆରମ୍ଭ କରିଥିବାବେଳେ ପରେ ଏହା ସିଆଇଡିକୁ ହସ୍ତାନ୍ତର କରାଯାଇଥିଲା। ତପନଙ୍କୁ ଟିଏମ୍‌ସି ଲୋକେ ହତ୍ୟା କରିଥିବା ଅଭିଯୋଗ କରି ତାଙ୍କ ସ୍ତ୍ରୀ ଓ ଝିଅ ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସିବିଆଇ ତଦନ୍ତ ଲାଗି ଜଷ୍ଟିସ୍ ରାଜଶେଖର ମନ୍ଥଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

### ନିର୍ବାଚନ ଲଢ଼ିବେ କମଲ ହାସନ

**ଚେନ୍ନାଇ,୯।୬:** ବର୍ଷୀୟାନ ଅଭିନେତା ତଥା ମକ୍କଲ ନିଧି ମୈୟମ (ଏମ୍ଏନ୍ଏମ୍) ଅଧକ୍ଷ



କମଲ ହାସନ ତାମିଲନାଡୁର ପରବର୍ତ୍ତୀ ନିର୍ବାଚନ ଲଢ଼ିବେ ବୋଲି ଗୁରୁବାର ସୂଚନା ଦେଇଛନ୍ତି। ତାଙ୍କ ନୂଆ ଚଳଚ୍ଚିତ୍ର 'ବିକ୍ରମ'ର ସଫଳତାକୁ ନେଇ ଚେନ୍ନାଇରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବା ଅବସରରେ ସେ ଏହା କହିଛନ୍ତି। ତାଙ୍କ ଦଳ ୫ ବର୍ଷ ପୂରଣ କରିଛି ଓ ଇତିମଧ୍ୟରେ ସଂଗଠନ ଯଥେଷ୍ଟ ବଢ଼ିଥିବା ହାସନ କହିଛନ୍ତି। ତାଙ୍କ ଚଳଚ୍ଚିତ୍ର ବିକ୍ରମ ଗତ ୩ ତାରିଖରେ ରିଲିଜ ହୋଇଥିଲା।

### ଏନ୍ଇଇଟି ପ୍ରସ୍ତୁତି ଚଳାଇଥିବା ଛାତ୍ରୀଙ୍କୁ ହତ୍ୟା

**ଜୟପୁର,୯।୬(ଆଇଏଏନ୍ଏସ୍):** ଏନ୍ଇଇଟି ପରୀକ୍ଷା ପାଇଁ ପ୍ରସ୍ତୁତି ଚଳାଇଥିବା ରାଜସ୍ଥାନ କୋଟାର ଜଣେ ୧୭ ବର୍ଷୀୟା ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁ ହତ୍ୟା କରିଛନ୍ତି। ଇନ୍‌ଷ୍ଟାଗ୍ରାମ ଜରିଆରେ ଉଭୟଙ୍କ ମଧ୍ୟରେ ଅନ୍‌ଲାଇନରେ ବନ୍ଧୁତା ସ୍ଥାପନ ହୋଇଥିଲା। ଛାତ୍ରୀ ଜଣକ ନିଖୋଜ ହେବାର ଦୁଇଦିନ ପୂର୍ବରୁ ଗୁଜରାଟର ଉକ୍ତ ଯୁବକ ଜଣକ କୋଟାରେ ପହଞ୍ଚିଥିଲେ। ଛାତ୍ରୀଙ୍କ ହଷ୍ଟେଲ ନ୍ୟୁ ରାଜୀବ ଗାନ୍ଧୀ କଲୋନିରେ ଥିବାବେଳେ ଯୁବକ ଜଣକ ଉକ୍ତ ଅଞ୍ଚଳର ଜବାହରନଗରସ୍ଥିତ ଏକ ହୋଟେଲରେ ରହୁଥିଲେ। ଗତ ୫ ତାରିଖରେ ଛାତ୍ରୀ ଜଣକ ହୋଟେଲକୁ ଯାଇ ପୁରୁଷ ବନ୍ଧୁଙ୍କୁ ଭେଟିଥିଲେ। ତା' ପରଦିନଠାରୁ ଛାତ୍ରୀ ନିଖୋଜ ହୋଇଯାଇଥିଲେ। ପରେ ତାଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମିଳିଥିଲା। ତାଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରାଯାଇଥିଲା। କଲ୍ ଡିଟେଲ ଯାଞ୍ଚ ପରେ ଗୁଜରାଟ ଯୁବକ ସନ୍ଦେହ ଘେରକୁ ଆସିଥିଲେ। ଗାନ୍ଧୀନଗରରୁ ତାଙ୍କୁ ଗିରଫ କରାଯାଇଛି।

### ଅଭିନେତା ଆମିର ଲିଆକତ୍‌ଙ୍କ ପରଲୋକ



**କରାଚୀ, ୯।୬:** ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିର ପୂର୍ବତନ ସଦସ୍ୟ ତଥା ଲୋକପ୍ରିୟ ଅଭିନେତା ଆମିର ଲିଆକତ୍ ହୁସେନ୍‌ଙ୍କ ଗୁରୁବାର ପରଲୋକ ଘଟିଛି। ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର ମଧ୍ୟ ସେ ସଦସ୍ୟ ଥିଲେ। ଆମିର୍ ବୁଧବାର ଅସୁସ୍ଥତା ଅନୁଭବ କରିଥିଲେ ହେଁ ଡାକ୍ତରଖାନା ଯାଇ ନ ଥିଲେ। ସକାଳେ ସେ ନିଦରୁ ନ ଉଠିବାରୁ ତାଙ୍କ ଘରେ କାର୍ଯ୍ୟ କରୁଥିବା କର୍ମଚାରୀ କବାଟ ଭାଙ୍ଗି ଦେଇଥିଲେ। ଆମିର୍‌ଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନା ନିଆଯାଇଥିଲା। ପୋଲିସ ପୋଷ୍ଟମର୍ଟମ ପାଇଁ ମୃତଦେହକୁ ପଠାଇଛି। ପିଟିଆଇରେ ଯୋଗ ଦେବା ପୂର୍ବରୁ ଆମିର୍ ଏମ୍‌କ୍ୟୁଏମ୍-ପିର ସଦସ୍ୟ ଥିଲେ। ଅନେକ ମିମିସ୍‌ରେ ତାଙ୍କର କେତେକ ଫେସିଆଲ ଏକ୍ସପ୍ରେସେସନ୍ ଅଧିକାଂଶ ସମୟରେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥାଏ।

## ଆଜି ରାଜ୍ୟ ସଭା ନିର୍ବାଚନ

# ଭୋଟିଂର ହେବ ଭିଡିଓଗ୍ରାଫ୍

**ନୂଆଦିଲ୍ଲୀ,୯।୬**

■ ଘୋଡ଼ାବେପାର ଆଶଙ୍କାରେ ହୋଟେଲରେ ବିଧାୟକ

■ ଏନ୍‌ସିପିର ୨ ବିଧାୟକଙ୍କୁ ମିଳିଲାନି ଜାମିନ

ଚାରି ରାଜ୍ୟର ୧୬ ରାଜ୍ୟ ସଭା ଆସନ ଲାଗି ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ଦଳ ପକ୍ଷରୁ ଘୋଡ଼ାବେପାର ଉଦ୍ୟମ ଚାଲିଥିବା ଅଭିଯୋଗ ହେଉଛି। ନିର୍ବାଚନ ତଦାରଖ ପାଇଁ ୪ ଜଣ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି। ଏଥିସହିତ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫ୍ ହେବ ବୋଲି ସେ ସୂଚନା ଦେଇଛନ୍ତି।

ରାଜ୍ୟ ସଭାରେ ଖାଲି ହେବାକୁ ଥିବା ୫୭ ଆସନ ଲାଗି ନିର୍ବାଚନ ଘୋଷଣା କରାଯାଇଥିଲା। ଓଡ଼ିଶା ସମେତ ଉତ୍ତରପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼, ପଞ୍ଜାବ, ତେଲଙ୍ଗାନା, ଝାଡ଼ଖଣ୍ଡ ଏବଂ ଉତ୍ତରାଖଣ୍ଡରେ ସମସ୍ତ ୪୧ ପ୍ରାର୍ଥୀ ଗତ ଶୁକ୍ରବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ହରିୟାଣା, ରାଜସ୍ଥାନ, ମହାରାଷ୍ଟ୍ର ଏବଂ କର୍ଣ୍ଣାଟକର ୧୬ ଆସନ ଲାଗି ଶୁକ୍ରବାର ଭୋଟ ହେବାକୁ ଯାଉଛି। ଉକ୍ତ ରାଜ୍ୟରେ ଆସନ ସଂଖ୍ୟାଠାରୁ ଅଧିକ ପ୍ରାର୍ଥୀ ରହିଥିବାରୁ ନିର୍ବାଚନ ଆବଶ୍ୟକ ପଡ଼ିଛି।

ସେପଟେ ଘୋଡ଼ାବେପାର ଆଶଙ୍କାରେ ବିଭିନ୍ନ ଦଳ ସେମାନଙ୍କ ବିଧାୟକମାନଙ୍କୁ ବିଭିନ୍ନ ହୋଟେଲ ଓ ରିସର୍ଟରେ ଏକାଠି ରଖିଛନ୍ତି। ରାଜସ୍ଥାନର କଂଗ୍ରେସ ବିଧାୟକମାନଙ୍କୁ ଉଦୟପୁରର ଏକ ହୋଟେଲରେ ରଖାଯାଇଥିବାବେଳେ ମହାରାଷ୍ଟ୍ରରେ ଶିବସେନା ଓ ଏହାର ସହଯୋଗୀ ଦଳ ସେମାନଙ୍କ ବିଧାୟକମାନଙ୍କୁ ମୁମ୍ବାଇ ଉପକଣ୍ଠର କୌଣସି ହୋଟେଲକୁ ନେଇଛନ୍ତି। ସେହିପରି ହରିୟାଣାର କଂଗ୍ରେସ ବିଧାୟକଙ୍କୁ ରିସର୍ଟରେ ରଖାଯାଇଥିବା ଜଣାପଡ଼ିଛି। କର୍ଣ୍ଣାଟକରେ ଦୁଇ ବିରୋଧୀ ଦଳ କଂଗ୍ରେସ ଏବଂ ଜେଡିଏସ୍ ମଧ୍ୟରେ ବୁଝାମଣା ହୋଇ ନ ପାରିବାରୁ ଜେଡିଏସ୍ ଏହାର ବିଧାୟକଙ୍କୁ ରିସର୍ଟକୁ ନେଇଛି।



କଂଗ୍ରେସର କଳୁଷିତ ରାଜନୀତି ପାଇଁ ଆମ ବିଧାୟକଙ୍କୁ ରିସର୍ଟ ନେବାକୁ ପଡୁଛି ବୋଲି ଜେଡିଏସ୍ ଅଧକ୍ଷ ଏଚ୍.ଡି. କୁମାରସ୍ୱାମୀ କହିଛନ୍ତି। କର୍ଣ୍ଣାଟକରୁ ରାଜ୍ୟ ସଭା ପାଇଁ ୪ ଆସନ ଖାଲି ହୋଇଥିବାବେଳେ ପ୍ରତିଦ୍ୱନ୍ଦ୍ୱିତାରେ ୬ ପ୍ରାର୍ଥୀ ରହିଛନ୍ତି। ସେହିପରି ମହାରାଷ୍ଟ୍ରରେ ୬ ଆସନ ପାଇଁ ୭ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

ରାଜସ୍ଥାନରେ ୪ ଆସନ ପାଇଁ ୫ ପ୍ରାର୍ଥୀ ରହିଥିବାବେଳେ ଘୋଡ଼ାବେପାର ଉଦ୍ୟମ ହେଉଥିବା ଅଭିଯୋଗରେ ଶାସକ କଂଗ୍ରେସ ଏବଂ ବିରୋଧୀ ଦଳ ଭାଜପା ବୁଧବାର ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିସହିତ ଶାସକ ଦଳ ସରକାରୀ କଳର ଅପବ୍ୟବହାର କରିବା ସହ ବିରୋଧୀ ବିଧାୟକମାନଙ୍କ ଫୋନ୍ ଟ୍ୟାପିଂ ହେଉଥିବା ଭାଜପା ଅଭିଯୋଗ କରିଛି। ସେହିପରି କଂଗ୍ରେସ ବିଧାୟକ ତଥା ମୁଖ୍ୟ ହୁଇପ୍ ମହେଶ ଜୋଷୀ ଭାଜପା ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ସୁଭାଷ ଚନ୍ଦ୍ରାଙ୍କ ବିରୋଧରେ ଏତଲା ଦାଏର ଲାଗି ସିଇସିଙ୍କୁ ପତ୍ର ଲେଖିଛନ୍ତି। ଏଥିସହିତ ଭାଜପା ରାଜ୍ୟ ସଭାପତି ସତୀଶ ପୁନିଆ, ଭାଜପା ବିଧାୟକ ଦଳ ନେତା ଗୁଲାବ ଚାନ୍ଦ୍ କଟାରିଆ ଏବଂ ଅନ୍ୟ ନେତାଙ୍କ ବିରୋଧରେ ଏତଲା ଦାଏର ଲାଗି ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ଚନ୍ଦ୍ରା ଜିତିବା ପାଇଁ ଆବଶ୍ୟକତାଠାରୁ ୮ ଭୋଟ କମ୍ ଥିବାବେଳେ ସେ ଅନ୍ୟ ଦଳ ବିଧାୟକଙ୍କ ଭୋଟ ପାଇ ବିଜୟୀ ହେବେ ବୋଲି କହିଥିଲେ।

ରାଜ୍ୟ ସଭା ନିର୍ବାଚନରେ ଭୋଟ ଦେବା ପାଇଁ ଜେଲ୍‌ରେ ଥିବା ମହାରାଷ୍ଟ୍ର ବିଧାୟକ ତଥା ଏନ୍‌ସିପି ନେତା ନୱାବ ମଲିକ ଏବଂ ଅନୀଲ ଦେଶମୁଖଙ୍କ ଜାମିନ ଆବେଦନକୁ ଅଦାଲତ ଖାରଜ କରିଦେଇଛନ୍ତି। ଫଳରେ ଦଳକୁ ଶକ୍ତ ଧକ୍କା ଲାଗିଛି। ମହାରାଷ୍ଟ୍ର ମନ୍ତ୍ରୀ ନୱାବଙ୍କୁ ମନି ଲଣ୍ଡରିଂ ମାମଲାରେ ଗତ ଫେବୃୟାରୀରେ ଗିରଫ ହୋଇ ଜେଲରେ ରହିଛନ୍ତି। ସେହିପରି ପୂର୍ବତନ ଗୃହମନ୍ତ୍ରୀ ଦେଶମୁଖ ଅନୁରୂପ ମାମଲାରେ ଜେଲରେ ଅଛନ୍ତି। ଜାମିନ ଆବେଦନ ଖାରଜ ହୋଇଯିବା ପରେ ଉଭୟ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## ଥାଇଲାଣ୍ଡରେ ଗଞ୍ଜେଇ ବୈଧ

**ବ୍ୟାଙ୍କକ୍, ୯।୬**

ଥାଇଲାଣ୍ଡ ଗଞ୍ଜେଇ ବ୍ୟବହାରକୁ ଗୁରୁବାର ବୈଧ ଘୋଷଣା କରିଛି। ଏପରି କରିବାରେ ଥାଇଲାଣ୍ଡ ଏସିଆ ମହାଦେଶର ପ୍ରଥମ ଦେଶ ହୋଇଛି। ଗଞ୍ଜେଇ ଚାଷ ଏବଂ ଖାଦ୍ୟ ସାମଗ୍ରୀରେ ଏହାର ବ୍ୟବହାର କରାଯାଇପାରିବ ବୋଲି ଥାଇଲାଣ୍ଡ ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଧୂମପାନରେ ଗଞ୍ଜେଇ ଏବେ ବି ନିଷିଦ୍ଧ ରହିଛି। କୋଭିଡ୍ ପରେ ଦେଶର ଅର୍ଥନୀତିକୁ ଟ୍ରାକ୍‌କୁ ଆଣିବା ଲକ୍ଷ୍ୟରେ ଥାଇଲାଣ୍ଡ ଏପରି କରିଛି। ଏବେ କାନାବିସ୍ ବା ଗଞ୍ଜେଇ ମିଶ୍ରିତ ପାନୀୟ, ମିଠା ଏବଂ ଅନ୍ୟ ଖାଦ୍ୟକୁ ଏଠାରେ ଲୋକେ ଖାଇପାରିବେ। ଶରୀରରେ ଯନ୍ତ୍ରଣା ଓ ଥକ୍କାପଣରୁ ମୁକ୍ତିପାଇଁ ଏଠାକାର ଲୋକେ ପାରମ୍ପରିକ ଭାବେ ଗଞ୍ଜେଇ ସେବନ କରିଥାନ୍ତି। ୨୦୧୮ରେ ଏହି ଦେଶ ଔଷଧରେ ଗଞ୍ଜେଇର ବ୍ୟବହାରକୁ ଅନୁମତି ଦେଇଥିଲା। ଗଞ୍ଜେଇ ଚାଷ କରିବାକୁ ହେଲେ ଲୋକଙ୍କୁ ଏକ ସରକାରୀ ଆପ୍ଲିକେଶନ୍‌ରେ ନାମ ପଞ୍ଜୀକରଣ କରିବାକୁ କୁହାଯାଇଛି। ତେବେ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାଇଲାଣ୍ଡ ସରକାରଙ୍କ ପକ୍ଷରୁ କୁହାଯାଇଛି।



ଜଳଯାତ୍ରା ଉତ୍ସବ ଉପଲକ୍ଷେ ଗୁଜରାଟର ଅହମଦାବାଦରେ ମାହୁନ୍ତମାନେ ସେଠାରେ ଥିବା ଜଗନ୍ନାଥ ମନ୍ଦିର ବାହାରେ ହାତୀଙ୍କ ଦେହରେ ରଙ୍ଗିନ ଚିତ୍ର କରିଛନ୍ତି।

## ନିଜକୁ ବିବାହ କଲେ କ୍ଷମା ବିନ୍ଦୁ

**ଅହମଦାବାଦ, ୯।୬**



ଭାରତର ପ୍ରଥମ 'ସୋଲୋଗାମି' ଭାବେ ଗୁଜରାଟର କ୍ଷମା ବିନ୍ଦୁ ଗୁରୁବାର ନିଜକୁ ବିବାହ କରିଛନ୍ତି। ସମ୍ପୂର୍ଣ୍ଣ ହିନ୍ଦୁ ରୀତି ନୀତିରେ ସେ ନିଜେ ନିଜକୁ ସିନ୍ଦୂର ପିନ୍ଧାଇବା ସହ ସାତଫେରା ନେଇଛନ୍ତି। ମନ୍ଦିରରେ ତାଙ୍କ ବିବାହକୁ ଅନୁମତି ଦିଆଯିବ ନାହିଁ ବୋଲି ଜଣେ ଭାଜପା ନେତା କହିବା ପରେ ସେ କୌଣସି ବିବାଦକୁ ଏଡ଼ାଇବାକୁ ଯାଇ ଧାର୍ଯ୍ୟ ତାରିଖ ପୂର୍ବରୁ ଆତ୍ମବିବାହ କରିଛନ୍ତି। ବିବାହ ପରେ ସେ ଏକ ଭିଡିଓ ବାର୍ତ୍ତାରେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ଭଦୋଦରା ବାସିନ୍ଦା କ୍ଷମା ବିନ୍ଦୁ ଜଣେ ସୋସିଓଲୋଜି ସ୍ନାତକ। ସେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟରତ। ତାଙ୍କ ମାତାପିତା ଉଭୟେ ଇଞ୍ଜିନିୟର। ଆସନ୍ତା ୧୧ ତାରିଖରେ ସେ ନିଜକୁ ବିବାହ କରିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ।

## ଆମେରିକା ନିମ୍ନ ସଦନରେ ବନ୍ଧୁକ ବିଲ୍ ପାରିତ

**ଓ୍ୱାଶିଂଟନ୍ ୯।୬**

ବଫାଲୋ, ନ୍ୟୁୟର୍କ, ଉଭାଲଡେ ଗୁଳିକାଣ୍ଡ ପରେ ଆମେରିକାର ଜୋ ବାଇଡେନ୍‌ଙ୍କ ସରକାର ବୁଧବାର ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ସ୍‌ରେ ବନ୍ଧୁକ ନିୟନ୍ତ୍ରଣ ବିଲ୍ ଆଣିଛନ୍ତି। ବିଲ୍ ସପକ୍ଷରେ ୨୨୩ ଭୋଟ ଏବଂ ବିପକ୍ଷରେ ୨୦୪ ଭୋଟ ପଡ଼ିଥିଲା। ଫଳରେ ନିମ୍ନସଦନରେ ଏହି ବିଲ୍ ପାରିତ ହୋଇଛି। ଏଥିରେ ସେମି-ଅଟୋମେଟିକ୍ ବନ୍ଧୁକ କିଣିବା ପାଇଁ ସର୍ବନିମ୍ନ ବୟସ ସୀମା ବଢ଼ାଯିବା ପ୍ରାବଧାନ ରହିଛି। ଏଥିସହ ୧୫ ରାଉଣ୍ଡରୁ ଅଧିକ ମାଗାଜିନ୍



ଧାରଣ କ୍ଷମତା ବିଶିଷ୍ଟ ବନ୍ଧୁକ ବ୍ୟବହାର ଉପରେ କଟକଣା ଲଗାଯିବ। ତେବେ ଏହି ବିଲ୍ ଆଇନରେ ପରିଣତ ହେବା ସମ୍ଭାବନା ବହୁତ କମ୍। ପ୍ରାୟ ଅଧିକାଂଶ ରିପବ୍ଲିକାନ୍ ସଦସ୍ୟ ଏହାକୁ ବିରୋଧ କରିଛନ୍ତି। ସିନେଟ୍‌ରେ ବିଲ୍ ପାରିତ ହେବାକୁ ଆଉ ୧୦ ରିପବ୍ଲିକାନ୍‌ଙ୍କ ସମର୍ଥନ ଆବଶ୍ୟକ। ଏହାବାଦ୍ ଅଧିକାଂଶ ସିନେଟରମାନେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସାମାଜିକ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି ଏବଂ ତଦନ୍ତ ପ୍ରକ୍ରିୟାକୁ ଅଧିକ ମଜଭୁତ କରିବା ଦିଗରେ ସେମାନଙ୍କ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି। ଆସନ୍ତା ନଭେମ୍ବରରେ ଡେମୋକ୍ରାଟ୍ ସଦସ୍ୟ ମତଦାତାଙ୍କ ପାଇଁ ଏକ ନୀତି ଆଣିବାର ସୁଯୋଗ ମିଳିବ। ଏହାଦ୍ୱାରା ସେମାନେ ବନ୍ଧୁକ ନିୟନ୍ତ୍ରଣ ପଲିସି ଉପରେ ନିଜ ମତ ରଖିପାରିବେ।

## କ୍ରିଷ୍ଣା ଶ୍ରୀନିବାସନ୍ ଆଇଏମ୍ଏଫ୍‌ର ଏସିଆ-ପାସିଫିକ୍ ମୁଖ୍ୟ



**ଓ୍ୱାଶିଂଟନ୍, ୯।୬**

ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍)ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା ଜର୍ଜିଏଭା ଭାରତୀୟ ବଂଶୋଦ୍ଭବ କ୍ରିଷ୍ଣା ଶ୍ରୀନିବାସନ୍‌ଙ୍କୁ ଏସିଆ-ପାସିଫିକ୍ ବିଭାଗ (ଏପିଡି) ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି। ଆସନ୍ତା ୨୨ ତାରିଖରୁ ସେ ଦାୟିତ୍ୱ ଗ୍ରହଣ କରିବେ। ଗତ ମାର୍ଚ୍ଚ ୨୩ରେ ଏପିଡିର ପୂର୍ବତନ ମୁଖ୍ୟ ଚାଙ୍ଗୟୋଙ୍ଗ୍ ରି ତାଙ୍କ ପଦବୀରୁ ଅବସର ଘୋଷଣା କରିଥିଲେ। ଆଇଏମ୍ଏଫ୍‌ରେ କାର୍ଯ୍ୟ କରିବାପରେ ଶ୍ରୀନିବାସନ୍‌ଙ୍କ ନିକଟରେ ୨୭ ବର୍ଷର ଅଭିଜ୍ଞତା ରହିଛି। ସେ ଏବେ ଏପିଡିରେ ଜଣେ ଉପ-ନିର୍ଦ୍ଦେଶକ ଅଛନ୍ତି।

## ସ୍ପେସ୍‌ରୁ ପୁଣି ମିଳିଲା ରେଡିଓ ସିଗ୍‌ନାଲ

**ଓ୍ୱାଶିଂଟନ୍, ୯।୬**

ମହାକାଶକୁ ଅଧିକରୁ ଅଧିକ ଜାଣିବା ପାଇଁ ବୈଜ୍ଞାନିକ ତଥା ଗବେଷକଙ୍କ ମଧ୍ୟରେ ଉତ୍କଣ୍ଠା ଲାଗି ରହିଥିବାବେଳେ ଏବେ ସ୍ପେସ୍‌ରୁ ପୁଣି ରହସ୍ୟମୟ ରେଡିଓ ସିଗ୍‌ନାଲ ଫାଷ୍ଟ ରେଡିଓ ବ୍ରଷ୍ଟ (ଏଫ୍ଆର୍‌ବି) ମିଳିଛି। ଏହାର ନାମ ଏଫ୍ଆର୍‌ବି୨୦୧୯୦୫୨୦ବି ରଖାଯାଇଛି। ଏହି ସିଗ୍‌ନାଲର ଉତ୍ପତ୍ତିକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ପ୍ରାୟ ୩ ବିଲିୟନ ଆଲୋକବର୍ଷ ଦୂରରେ ଥିବା ଏକ ଗ୍ୟାଲେକ୍ସିରୁ ଏହା ଆସିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ସାଇଣ୍ଟିଫିକ୍ ଜର୍ନାଲ ନେଚରରେ ରିପୋର୍ଟ ପ୍ରକାଶ ପାଇଛି।

ଏଫ୍ଆର୍‌ବି ହେଉଛି ରେଡିଓ ତରଙ୍ଗର ଉଜ୍ଜ୍ୱଳ ବିସ୍ଫୋରଣ ଭଳି। ଏଥିରୁ ବାହାରୁଥିବା ଚମକ ମାତ୍ର କିଛି ମିଲିସେକେଣ୍ଡ ପାଇଁ ରହିଥାଏ। କୌଣସି ମହାକାଶୀୟ ବସ୍ତୁ ଦ୍ୱାରା ରେଡିଓ ତରଙ୍ଗ ସୃଷ୍ଟି ହୋଇପାରେ। ଏଥିଯୋଗୁ ଏହାର ଚୁମ୍ବକୀୟ କ୍ଷେତ୍ରରେ ପରିବର୍ତ୍ତନ ହୋଇଥାଏ। ତେବେ ଖୁବ୍ କମ୍ ସମୟ ପାଇଁ ରେଡିଓ ତରଙ୍ଗ ସୃଷ୍ଟି ହେଉଥିବାରୁ ଏହାର ଉତ୍ପତ୍ତିସ୍ଥଳ ତଥା ଉପସ୍ଥିତି ଚିହ୍ନଟ କରିବା କଷ୍ଟକର ହେଉଛି। ନୂତନ ଅନୁସନ୍ଧାନ ଅନୁଯାୟୀ, ମହାକାଶୀୟ ବସ୍ତୁରୁ ଆସୁଥିବା ଏକକ ଦ୍ରୁତ ରେଡିଓ ବିସ୍ଫୋରଣ ବା ଏଫ୍ଆର୍‌ବି ମାତ୍ର ଥରେ ହୋଇଥାଏ ଏବଂ ତାହାର ପୁନରାବୃତ୍ତି ହୋଇ ନ ଥାଏ। କିନ୍ତୁ ବାରମ୍ବାର ହେଉଥିବା ଏଫ୍ଆର୍‌ବି ଆହୁରି କମ୍ ସମୟ ପାଇଁ ହୋଇଥାଏ ଏବଂ ଏଥିରୁ ଅଧିକ ଶକ୍ତିଶାଳୀ ତରଙ୍ଗ ନିର୍ଗତ ହୁଏ। ୨୦୦୭ରେ ପ୍ରଥମେ ଏଫ୍ଆର୍‌ବି ଚିହ୍ନଟ ହୋଇଥିଲା।

## ଦୁଇ ବଳାତ୍କାର ଅଭିଯୁକ୍ତଙ୍କୁ ଜାଳିଦେଲେ

**ରାଞ୍ଚି, ୯।୬**

**ଜଣେ ମୃତ, ଅନ୍ୟ ଜଣେ ଗୁରୁତର**

ଝାଡ଼ଖଣ୍ଡର ଗୁମ୍‌ଲା ଜିଲାରେ ଦୁଇ ବଳାତ୍କାର ଅଭିଯୁକ୍ତଙ୍କୁ ମାଡ଼ ମାରିବା ପରେ ସେମାନଙ୍କ ଦେହରେ ନିଆଁ ଲଗାଇ ଦିଆଯାଇଛି। ପୋଡ଼ି ହୋଇ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ପୋଲିସ ଗୁରୁବାର କହିଛି। ବୁଧବାର ସେମାନେ ପଡ଼ୋଶୀ ଗ୍ରାମର ଜଣେ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଘଟଣା ସମ୍ପର୍କରେ ଜାଣିବା ପରେ ସେମାନେ ଅଭିଯୁକ୍ତ ଦ୍ୱୟଙ୍କୁ ଧରିଥିଲେ। ଲୋକେ ଭିଡ଼ ଜମାଇ ଉଭୟଙ୍କୁ ପ୍ରବଳ ମାଡ଼ ମାରିବା ସହ ସେମାନଙ୍କ ଦେହରେ ନିଆଁ ଲଗାଇଦେଇଥିଲେ। ଏଥିସହ ତାଙ୍କ ବାଇକ୍ ମଧ୍ୟ ଜାଳି ଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଜଣେ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଛି। ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିବା ସହ ନାବାଳିକାଙ୍କ ଡାକ୍ତରୀ ମାଇନା କରାଇଛି। କୌଣସି ଅପ୍ରୀତିକର ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ସମ୍ପୃକ୍ତ ଗ୍ରାମରେ ପୋଲିସ ଟିମ୍ ମୁତୟନ ହୋଇଥିବା ଗୁମ୍‌ଲା ଏସ୍‌ଡିପିଓ ମନୀଷ ଚନ୍ଦ୍ରା କହିଛନ୍ତି।

## ଶ୍ରୀଲଙ୍କା ପାର୍ଲାମେଣ୍ଟରୁ ବାସିଲଙ୍କ ଇସ୍ତଫା

**କଲମ୍ବୋ,୯।୬**



ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କ ସାନଭାଇ ତଥା ପୂର୍ବତନ ଅର୍ଥମନ୍ତ୍ରୀ ବାସିଲ ରାଜପାକ୍ସେ ଗୁରୁବାର ପାର୍ଲାମେଣ୍ଟରୁ ଇସ୍ତଫା ଦେଇଛନ୍ତି। ଦେଶରେ ଗୁରୁତର ଆର୍ଥିକ ସଙ୍କଟକୁ ନେଇ ଜନ ଆନ୍ଦୋଳନ ଜାରି ରହିଥିବାବେଳେ ପ୍ରଭାବଶାଳୀ ରାଜପାକ୍ସେ ପରିବାରରୁ ମାସକ ମଧ୍ୟରେ ଏହା ଦ୍ୱିତୀୟ ଇସ୍ତଫା। ଆର୍ଥିକ ସଙ୍କଟ ପାଇଁ ରାଜପାକ୍ସେ ଭ୍ରାତାଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନାକୁ ଦାୟୀ କରାଯାଇ ଆସୁଛି। ଆନ୍ଦୋଳନ ତୀବ୍ରତର ହେବାରୁ ଗତ ମାସରେ ପ୍ରଧାନମନ୍ତ୍ରୀ ପଦରୁ ମହିନ୍ଦା ରାଜପାକ୍ସେ ଇସ୍ତଫା ଦେଇଥିଲେ।

## ପ୍ରଫେଟ ବିବାଦ: ଇରାନ ସହ ଆଲୋଚନା କରିନାହାନ୍ତି ଡୋଭାଲ

**ନୂଆଦିଲ୍ଲୀ,୯।୬:** ପ୍ରଫେଟ ମହମ୍ମଦଙ୍କ ଉପରେ ଭାଜପା ସଦସ୍ୟଙ୍କ ବିବାଦୀୟ ବିବୃତିକୁ ନେଇ କୂଟନୈତିକ ବିବାଦ ଜାରି ରହିଥିବାବେଳେ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍ଏସ୍ଏ) ଅଜିତ ଡୋଭାଲଙ୍କ ସହ ଇରାନ ବହିର୍ବ୍ୟାପାର ମନ୍ତ୍ରୀଙ୍କ ବୈଠକକୁ ନେଇ ଉକ୍ତ ଦେଶ ପକ୍ଷରୁ ଜାରି ବିବୃତିକୁ ହଟାଇ ଦିଆଯାଇଛି। ଇରାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତି ଅନୁଯାୟୀ, ବୁଧବାର ଡୋଭାଲଙ୍କ ସହ ଆଲୋଚନା ବେଳେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ହୋସେନ୍ ଅମିର-ଅବଦୋଲ୍ଲାହିଆନ ପ୍ରଫେଟଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ନକରାତ୍ମକ ବାତାବରଣ ସୃଷ୍ଟି ହୋଇଥିବା କଥା ଉଠାଇଥିଲେ। ବିବାଦୀୟ ମନ୍ତବ୍ୟ ଦେଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ଶିକ୍ଷା ଦିଆଯିବ ବୋଲି ଡୋଭାଲ ଇରାନ ବହିର୍ବ୍ୟାପାର ମନ୍ତ୍ରୀଙ୍କୁ କହିଥିବା ବିବୃତିରେ କୁହାଯାଇଥିଲା। ତେବେ ଆଲୋଚନାରେ ଉକ୍ତ ବିବାଦ ସ୍ଥାନ ପାଇ ନ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚି କହିଥିଲେ। ଭାଜପା ନେତାଙ୍କ ଟୁଇଟ୍ ଓ ମନ୍ତବ୍ୟ ଭାରତ ସରକାରଙ୍କ ମତ ନୁହେଁ ବୋଲି ସେ ଦୋହରାଇଥିଲେ। ପରେ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ୱେବ୍‌ସାଇଟରୁ ଉକ୍ତ ବିବୃତିକୁ ହଟାଇ ଦିଆଯାଇଛି।

## ନୂପୁର, ଓ୍ୱାଇସି, ନରସିଂହାନନ୍ଦଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ,୯।୬**

**ପ୍ରଫେଟ ମହମ୍ମଦ ବିରୋଧୀ ମନ୍ତବ୍ୟ ବିବାଦ**







ପ୍ରଫେଟ ମହମ୍ମଦ ଏବଂ ଇସ୍‌ଲାମ ଧର୍ମ ବିରୋଧରେ ଭାଜପା ନେତା ଆପତ୍ତିଜନକ ମନ୍ତବ୍ୟ ଦେବା ଘଟଣାର ଦୁଇ ସପ୍ତାହ ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଘୃଣିତ ମନ୍ତବ୍ୟ ଦେବା, ବିଭିନ୍ନ ଗୋଷ୍ଠୀକୁ ଉତ୍ତେଜିତ କରିବା ଏବଂ ସମାଜର ଶାନ୍ତି ଓ ସୌହାର୍ଦ୍ଦ୍ୟ ନଷ୍ଟ କରିବା ଲାଗି ସ୍ଥିତି ସୃଷ୍ଟି କରିବା ଅଭିଯୋଗରେ ଭାଜପା ମୁଖପାତ୍ର ନୂପୁର ଶର୍ମା, ଏଆଇଏମ୍ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ ଓ୍ୱାଇସି, ବିବାଦୀୟ ମହନ୍ତ ଯତି ନରସିଂହାନନ୍ଦ ପ୍ରମୁଖ ବିଭିନ୍ନ ଲୋକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସେମାନଙ୍କ ବିରୋଧରେ ସାମ୍ପ୍ରଦାୟିକ ଦଙ୍ଗାକୁ ଉସୁକାଇବା, ଧର୍ମୀୟ ଚିହ୍ନକୁ ଅପମାନିତ କରିବା ଓ ପରିହାସ କରିବା ନେଇ ଧାରା ୧୫୩, ୨୯୫ ଏବଂ ୫୦୫ରେ ମାମଲା ରୁଜୁ ହୋଇଛି।

ସୋସିଆଲ ମିଡିଆରେ ଉତ୍ତେଜକ ମନ୍ତବ୍ୟ ଦେବା ନେଇ ଓ୍ୱାଇସି ଏବଂ ନରସିଂହାନନ୍ଦଙ୍କ ବିରୋଧରେ ପୋଲିସ ମାମଲା ରୁଜୁ କରିଛି। ସେହିପରି ଦିଲ୍ଲୀ ଭାଜପା ମିଡିଆ ଶାଖାର ପୂର୍ବତନ ମୁଖ୍ୟ ନବୀନ ଜିନ୍ଦଲଙ୍କ ବିରୋଧରେ ମଧ୍ୟ ଏତଲା ଦାଏର ହୋଇଛି। ଟୁଇଟରରେ ବିବାଦୀୟ ମନ୍ତବ୍ୟ ପାଇଁ ତାଙ୍କୁ ଭାଜପାରୁ ବହିଷ୍କାର କରାଯାଇଥିଲାବେଳେ ନୂପୁରଙ୍କୁ ନିଲମ୍ବନ କରାଯାଇଥିଲା। ସେହିପରି ସାଧାରଣ ଶାନ୍ତି ଭଙ୍ଗ ଉଦ୍ଦେଶ୍ୟରେ ଘୃଣାର ପ୍ରସାର କରିବା ଓ ଲୋକଙ୍କୁ ଉତ୍ତେଜିତ କରିବା ଅଭିଯୋଗରେ ଗତ ବୁଧବାର ସୋସିଆଲ ମିଡିଆ ୟୁଜରଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ବୋଲି ସାଇବର ସେଲ୍ ଡିସିପି କେ.ପି.ଏସ୍. ମାଲହୋତ୍ରା କହିଛନ୍ତି।

# ବିସ୍ତୃତ ସୂଚନା ଦିଆଯାଉ, କୀର୍ତ୍ତୀରାଜି ନଷ୍ଟକରା ନ ଯାଉ

**ସମଲେଇ ଯୋଜନାକୁ ସ୍ୱାଗତ**

ସମ୍ବଲପୁର,୯।୬(ବ୍ୟୁରୋ)

ରାଜ୍ୟ ସରକାର ସମଗ୍ର ଓଡ଼ିଶାରେ ଧାର୍ମିକ ପୀଠଗୁଡ଼ିକୁ ବିକଶିତ ଓ ସୌନ୍ଦର୍ଯ୍ୟକରଣ କରୁଛନ୍ତି। ଏଥିରେ ସମ୍ବଲପୁର ସମଲେଇ ମନ୍ଦିର ମଧ୍ୟ ସାମିଲ ହୋଇଛି। ସମଲେଇ ଯୋଜନାକୁ ସ୍ୱାଗତ କରାଯାଉଛି। ମାତ୍ର ଅନ୍ୟ ଐତିହ୍ୟ କୀର୍ତ୍ତିକୁ ନଷ୍ଟ କରା ନ ଯାଇ ବିକାଶ କରିବା ଉଚିତ । ଏଥିସହ ଜନଶୁଣାଣି ମାଧ୍ୟମରେ ଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ସର୍ବସାଧାରଣଙ୍କୁ ସୂଚନା ଦିଆଯାଉ। ବୁଧବାର ରାତିରେ ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜିତ ଜନ ସଭାରେ ଏହି ମତ ପ୍ରକାଶ ପାଇଛି।

ଅନୁଷ୍ଠାନ ସଭାପତି ଅଶୋକ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ସଂଗଠନର ପ୍ରତିନିଧି ସମଲେଇ ଯୋଜନାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। କମଲିବଜାରର ଉଚ୍ଛେଦ, ଗୋପାଳଜୀ ମଠରୁ ଜମି ଉଚ୍ଛେଦ, ରାନୀ ବଖରୀରେ ରେଷ୍ଟୁରାଣ୍ଟ, ଗୋଶାଳାର ଉଚ୍ଛେଦ ପ୍ରଭୃତି ପ୍ରସଙ୍ଗକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ଅନେକ ସଭ୍ୟ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। ସମଲେଇ ଯୋଜନାକୁ ନେଇ ଜନଶୁଣାଣି, ବିସ୍ଥାପିତ ଲୋକଙ୍କ ଉପଯୁକ୍ତ ଥଇଥାନ, କମଲିବଜାର ବନ୍ଦ କରା ନ ଯାଇ ଚାଲୁ ରଖିବା, ଗୋପାଳଜୀ ମଠରୁ ଜମି ଉଚ୍ଛେଦ କରା ନ ଯିବା, ରାଜଘାଟ ଶ୍ମଶାନକୁ ଯଥାସ୍ଥାନରେ ରଖିବା, ମହାତ୍ମା ଗାନ୍ଧୀ ଅବସ୍ଥାନ କରିଥିବା ଚନ୍ଦ୍ରଶେଖର ବେହେରାଙ୍କ ଘରକୁ ସ୍ମାରକୀ ଭବନରେ ପରିଣତ କରିବା, ରାମଜୀ ମନ୍ଦିର ନିକଟରେ ଥିବା ସତ୍ୟନାରାୟଣ ବହିଦାରଙ୍କ ଗୃହର ପୁନରୁଦ୍ଧାର କରାଯାଇ ସମ୍ବଲପୁରୀ ସାହିତ୍ୟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରିବାକୁ ଜନସଭାରେ ଦାବି ହୋଇଛି। ଓଡ଼ିଶା ସାଂସ୍କୃତିକ ସମାଜ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ସ୍ୱାଗତ ଭାଷଣ ଓ ସୁରେଖା ସାହୁ ଧନ୍ୟବାଦ ଦେଇଥିଲେ।

# ଫାଇନାନ୍ସ କର୍ମଚାରୀଙ୍କଠାରୁ ୫୧ ହଜାର ଲୁଟ୍

ଜୁନାଗଡ,୯।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ତେନ୍ତୁଲିଖୁଣ୍ଟି-ଚାରଭାଟି ରାସ୍ତା ମଧ୍ୟରେ ଥିବା ପାହାଡ ନିକଟରେ ଗୁରୁବାର ଜଣେ ଫାଇନାନ୍ସ କର୍ମଚାରୀଙ୍କଠାରୁ ୩ଜଣ ଦୁର୍ବୃତ୍ତ ଆକ୍ରମଣ କରି ୫୧ ହଜାର ୩୩୬ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଫାଇନାନ୍ସ କର୍ମଚାରୀ ଅଭି ମାଝି ଜୁନାଗଡ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, କେଗାଁ ଥାନା ଅନ୍ତର୍ଗତ ଡଙ୍ଗାପଲା ଗ୍ରାମର ଭାରତ ଫାଇନାନ୍ସ କର୍ମଚାରୀ ଅଭି ଏହି ରାସ୍ତାରେ ବାଇକ୍‌ରେ ଯାଉଥିଲେ। ପୂର୍ବରୁ ଛକି ରହିଥିବା ୩ଜଣ ଦୁର୍ବୃତ୍ତ ହଠାତ୍ ତାଙ୍କ ଉପରକୁ ଆକ୍ରମଣ କରିଥିଲେ। ଅଭି ଧରିଥିବା ୫୧ ହଜାର ୩୩୬ ଟଙ୍କା, ୨ଟି ଟାବଲେଟ ଓ ଫିଙ୍ଗର ପ୍ରିଣ୍ଟ ସ୍କେନର ମେଶିନ ଆଦି ନେଇ ଚମ୍ପଟ ମାରିଥିଲେ। ଏ ନେଇ ଥାନାରେ ଏକ ମାମଲା (ନଂ. ୨୬୧/୨୨) ରୁଜୁ ହୋଇଛି।

# କିର୍ମିରାରେ ଭାଜପାର ମହିଳା ସମାବେଶ

ଝାରସୁଗୁଡ଼ା ଅଫିସ,୯।୬

ମୋଦି ସରକାରଙ୍କ ୮ବର୍ଷ ପୂର୍ତ୍ତି ଉପଲକ୍ଷେ ଝାରସୁଗୁଡା ଜିଲାର କିର୍ମିରାରେ ଗୁରୁବାର ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳାମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ହୋଇଥିବା କଲ୍ୟାଣକାରୀ ଯୋଜନା ବିଷୟରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣର ବିଫଳତା ଓ ମହିଳାଙ୍କ ପ୍ରତି ହେଉଥିବା ଅସମ୍ମାନ ବିଷୟରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ। ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ କହିଥିଲେ, କେନ୍ଦ୍ର ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ରାଜ୍ୟ ସରକାର ବାଧା ସୃଷ୍ଟି କରିଛନ୍ତି। ସମାବେଶରେ ୩ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ଜିଲା ମହିଳା ମୋର୍ଚ୍ଚା ପ୍ରଭାରୀ କଳ୍ପନା ଲେଙ୍କା, ଜିଲା ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ଜିଲା ମହିଳା ମୋର୍ଚ୍ଚା ସଭାପତି ରୀନା ପଟେଲ ଉପସ୍ଥିତ ଥିଲେ।

## OFFICE OF THE NOTIFIED AREA COUNCIL, CHAMPUA

**LIMITED TENDER CALL NOTICE**

No.- 1479, Dt.07.06.2022

No.C-478:- Sealed tenders are invited for "Sale of E-Waste collected in Wealth Centre of Champua NAC" to the intending (buyers) authorized E-Waste collection agencies/dismantler centers (dismantler / PROs / Firms / Suppliers / Dealers / NGOs) registered with CPCB/ OSPCB. The E-Waste collected from different wards of Champua NAC is stored / stocked in one No. of Material Recovery Facilities (MRF). The limited Tender Call Notice is also published in the website of Champua NAC **www.champuanac.com**. The bidders are quote the buying price (lot basic per MRF) of the E-Waste already collected and stacked in MRF. The bidder must submit the application along with the financial proposal on or before 22.06.2022 at 5.30 PM through by hand / postal /courier. Application received after due date and time shall be summarily rejected and Champua NAC is not responsible for any delay or postal/courier delivery. The received applications shall be opened on dt.24.06.2022 at 11.00 AM in the Office of the Executive Officer, Champua NAC on presence of the tenderers or their authorized representatives. No tender will be entertained after the stipulated date and time. The authority reserves the right to reject any or all tenders without assigning any reason thereof.

**Sd./- Executive Officer, Champua NAC**

OIPR-13157/11/0011/2223

## SUPERINTENDENT PRM MCH, BARIPADA, MAYURBHANJ

**TENDER CALL NOTICE**

**Notice No. 1673/PRM MCH/2022-23 Date: 07.06.2022**

No.E-207:- Sealed tenders are invited from interested agencies having adequate experience in taking up the **"Printing & Supply of different formats & register"**. Details regarding the items and terms & conditions may be downloaded from the website **www.mayurbhanj.nic.in**. The Tender should reach in the office of the undersigned as per the date mentioned in the Tender paper through Registered post/ Speed post/ Courier only. **The last date of the bid submission on dt.28.06.2022 till 5.30 PM and Tender will be opened on dt.29.06.2022 at 11 AM in the Committee Hall of PRM MCH, Baripada**. The undersigned will not be held responsible for any postal delay and reserves the right to reject any or all the quotations without mentioning reason thereof.

**Sd./- Superintendent, PRM MCH, Baripada, Mayurbhanj**

OIPR-10120/11/0005/2223

## ODISHA UNIVERSITY OF TECHNOLOGY AND RESEARCH

**(Formerly College of Engineering & Technology, Bhubaneswar)**

Techno Campus, Ghatikia, P.O. Mahalaxmi Vihar

BHUBANESWAR-751029 ODISHA, INDIA

Ref. No. 1320 / OUTR; Date: 07.06.2022

**Certificate Program on AI/ML by OUTR (formerly CET), Bhubaneswar**

No. KK-55:- OUTR (formerly CET), Bhubaneswar is offering AI/ML courses to students and working professionals. This Artificial Intelligence course (available both online/offline) will help in learning basics of Python, Predictive Analytics, ML, Deep Learning, Natural Language Processing(NLP) etc. This AI / ML certification course provides hands-on experience on 10+ projects, propel someone's career towards a better job with expertise in current landscape of Artificial Intelligence and Machine Learning. Interested candidates have to fill the application and can know all details including course fees.by visiting website **https://coeaibbsr.in**. Click on apply for AI Courses. Applicants will get shortlisted based on their eligibility. The course will start on 1st July, 2022. Duration of the Course is 3 months (6-10 hours/week) course.

**Sd./- OFFICER ON SPECIAL DUTY**

OIPR-16005/11/0012/2223

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 5283/PSC Dt.08.06.2022**

**(2PE-16-21/22) (DR-V)**

No. D-63: It is for information of all concerned that, document verification of 57 (fifty seven) candidates having PPSAN mentioned below for the post of **Assistant Professor (Stage-I), "Anthropology"** pursuant to advertisement No. 14 of 2021-22 shall be held on **20.06.2022, 21.06.2022 & 22.06.2022** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 20.06.2022 | 10.30 A.M. | 00089148, 00089655, 00077305, 00087883, 00077612, 00087014, 00095694, 00098093, 00094890, 00049403, 00084099 & 00093815 = **12 Candidates** |
| | 02.30 P.M. | 00095976, 00092739, 00089234, 00089848, 00092364, 00079892, 00073839 & 00113785 = **08 Candidates** |
| 21.06.2022 | 10.30 A.M. | 00055271, 00060185, 00080078, 00091629, 00119209, 00092471, 00090665, 00068724, 00091835, 00092110, 00119038 & 00017897 = **12 Candidates** |
| | 02.30 P.M. | 00093004, 00095475, 00096476, 00047282, 00118868, 00077555, 00058836 & 00018164 = **08 Candidates** |
| 22.06.2022 | 10.30 A.M. | 00095343, 00067061, 00087761, 00089440, 00065924, 00059449, 00060977, 00093216, 00096241, 00089453, 00082170 & 00089197 = **12 Candidates** |
| | 02.30 P.M. | 00092979, 00089187, 00094916, 00016998 & 00113350 = **05 Candidates** |

The candidates are required to submit the following documents at the time of verification.

1. Hard copy of online application form.
2. Three passport size photographs.
3. Duly filled in & attested "Attestation form" and duly filled in Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Bachelor's Degree certificate & marksheet.
6. Master's Degree certificate & marksheet.
7. M.Phil certificate & marksheet.
8. NET/JRF/SET/SLET qualified certificate
9. Ph.D. Degree certificate.
10. Conversion certificate from the concerned Unviersity indicating the actual equivalent percentage of marks.
11. Odia Test pass certificate.
12. Caste certificate whereever applicable
13. Identity card issued by the Director of Sports, Odisha in case of Sports person.
14. Permanent Disability Certificate (indicating permanent disability of 40% or more)
15. One set Xerox copy of published research papers.
16. Teaching/Post Doctoral experience certificate.
17. Awards
18. No objection certificate from the competent authority in case of Govt. Servants.
19. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0079/2223** **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 5288/PSC Dt.08.06.2022**

**(2PE-15-21/22) (DR-V)**

No. D-64: It is for information of all concerned that, document verification of 39 (Thirty nine) candidates having PPSAN mentioned below for the post of **Assistant Professor (Stage-I), "Life Science"** pursuant to advertisement No. 14 of 2021-22 shall be held on **17.06.2022 & 18.06.2022** as per the following programme in the office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 17.06.2022 | 10.30 A.M. | 00091346, 00118666, 00076771, 00092498, 00096885, 00095354, 00113690, 00088622, 00061792, 00087598, 00088207 & 00093795 = **12 Candidates** |
| | 02.30 P.M. | 00094361, 00094805, 00077118, 00077561, 00078002, 00079620, 00094407 & 00114722 = **08 Candidates** |
| 18.06.2022 | 10.30 A.M. | 00095373, 00118306, 00086546, 00117867, 00115750, 00119418, 00079300, 00084878, 00052352, 00118308, 00119409 & 00114379 = **12 Candidates** |
| | 02.30 P.M. | 00113350, 00063633, 00051271, 00060552, 00118593, 00091474 & 00037744 = **07 Candidates** |

The candidates are required to submit the following documents at the time of verification.

1. Hard copy of online application form.
2. Three passport size photographs.
3. Duly filled in & attested "Attestation form" and duly filled in "Bio-data form" (to be downloaded from the website of the Commission)
4. H.S.C. or equivalent certificate in support of declaration of age issued by the concerned Board/ Council.
5. Bachelor's Degree certificate & marksheet.
6. Master's Degree certificate & marksheet.
7. M.Phil certificate & marksheet.
8. NET/JRF/SET/SLET qualified certificate
9. Ph.D. Degree certificate.
10. Conversion certificate from the concerned Unviersity indicating the actual equivalent percentage of marks.
11. Odia Test pass certificate.
12. Caste certificate whereever applicable
13. Identity card issued by the Director of Sports, Odisha in case of Sports person.
14. Permanent Disability Certificate (indicating permanent disability of 40% or more)
15. One set Xerox copy of published research papers.
16. Teaching/Post Doctoral experience certificate.
17. Awards
18. No objection certificate from the competent authority in case of Govt. Servants.
19. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0081/2223** **Sd./- Secretary**

## ODISHA PUBLIC SERVICE COMMISSION, CUTTACK

**NOTICE**

**No. 5272/PSC Dt.08.06.2022**

**(2PE-11-22/23) (DR-I)**

No. D-62: It is for information of all concerned that, 382 (Three hundred and eighty two) candidates bearing following PPSAN/Reference Nos. have been called for the physical verification of original Certificates/Documents to determine their eligibility and suitability for recruitment to the Post of **Assistant Professor, Teacher Education (Educational Studies),** pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN/Reference Nos. of Candidates |
|---|---|---|
| 27.06.2022 | 10.30 A.M. | 00112337, 00077479, 00081809, 00085583, 00087096, 00089480, 00090091, 00091437, 00092811, 00097379, 00111361, 00086727, 00087422, 00096238, 00110390, 00111508, 00112181, 00095690, 00076713, 00077544 = **20 Candidates** |
| | 02.30 P.M. | 00079438, 00080693, 00086670, 00087147, 00087768, 00088770, 00089318, 00089962, 00092092, 00093045 = **10 Candidates** |
| 28.06.2022 | 10.30 A.M. | 00093473, 00093615, 00095699, 00109322, 00111494, 00112706, 00096964, 00112558, 00089279, 00096516, 00087543, 00081293, 00093361, 00097387, 00031599, 00090988, 00111703, 00112051, 00088728, 00092066 = **20 Candidates** |
| | 02.30 P.M. | 00020803, 00094434, 00100886, 00112055, 00112238, 00097216, 00112087, 00092050, 00077575, 00081442 = **10 Candidates** |
| 29.06.2022 | 10.30 A.M. | 00089194, 00091516, 00091850, 00092004, 00093887, 00094306, 00094605, 00095358, 00112072, 00112483, 00112772, 00112890, 00091005, 00112737, 00086100, 00094550, 00111648, 00077586, 00112226, 00069113 = **20 Candidates** |
| | 02.30 P.M. | 00092199, 00111880, 00092559, 00082193, 00079467, 00094518, 00112295, 00079699, 00085884, 00091356 = **10 Candidates** |
| 30.06.2022 | 10.30 A.M. | 00112254, 00112683, 00080916, 00094482, 00085125, 00086860, 00090690, 00109654, 00111266, 00112249, 00112287, 00112503, 00112542, 00112746, 00095847, 00111463, 00048546, 00063995, 00090044, 00094803 = **20 Candidates** |
| | 02.30 P.M. | 00095908, 00097145, 00097812, 00100472, 00112153, 00112516, 00070542, 00091987, 00095652, 00100522 = **10 Candidates** |
| 02.07.2022 | 10.30 A.M. | 00112587, 00112602, 00079806, 00094447, 00094483, 00097087, 00111043, 00065187, 00112354, 00096540, 00094404, 00094955, 00089332, 00079897, 00018025, 00044278, 00078991, 00085061, 00088165, 00089642 = **20 Candidates** |
| | 02.30 P.M. | 00096826, 00067186, 00082935, 00090095, 00092894, 00093585, 00094891, 00111059, 00111828, 00112216 = **10 Candidates** |
| 04.07.2022 | 10.30 A.M. | 00077559, 00089223, 00089333, 00089725, 00095098, 00095415, 00097304, 00111336, 00112182, 00112185, 00112727, 00093845, 00112486, 00094897, 00050492, 00098918, 00076766, 00112508, 00089641, 00018116 = **20 Candidates** |
| | 02.30 P.M. | 00080207, 00087355, 00087978, 00090059, 00094093, 00111664, 00112261, 00112425, 00112471, 00094179 = **10 Candidates** |
| 05.07.2022 | 10.30 A.M. | 00016759, 00111940, 00091136, 00095397, 00089677, 00094421, 00096232, 00051241, 00102370, 00018753, 00058143, 00070369, 00088042, 00090347, 00091353, 00093719, 00112136, 00112474, 00089016, 00091123 = **20 Candidates** |
| | 02.30 P.M. | 00092984, 00093237, 00095724, 00098159, 00112289, 00112394, 00086217, 00091624, 00023209, 00090844 = **10 Candidates** |
| 06.07.2022 | 10.30 A.M. | 00112747, 00111641, 00094527, 00028518, 00055016, 00080575, 00086428, 00092746, 00093252, 00101381, 00112100, 00097636, 00112648, 00091052, 00077295, 00112841, 00112039, 00111429, 00094958, 00085921 = **20 Candidates** |
| | 02.30 P.M. | 00111456, 00083142, 00111656, 101, 00112099, 00090617, 00095525, 00101140, 00111878, 00112663 = **10 Candidates** |
| 07.07.2022 | 10.30 A.M. | 00097471, 00109034, 00110160, 00095924, 00091621, 00092723, 00093540, 00093693, 00111162, 00112409, 00111620, 00112528, 00101531, 00089990, 00094095, 00089682, 00112581, 00087625, 00112470, 00049006 = **20 Candidates** |
| | 02.30 P.M. | 00051072, 00059142, 00086146, 00088940, 00089238, 00090373, 00092622, 00093310, 00095419, 00097874 = **10 Candidates** |
| 08.07.2022 | 10.30 A.M. | 00099584, 00111115, 00112373, 00112514, 00112630, 00112265, 00091486, 00092419, 00093528, 00096900, 00095169, 00112281, 00103071, 00097459, 00028594, 00082357, 00094850, 00111021, 00112605, 00052579 = **20 Candidates** |
| | 02.30 P.M. | 00112836, 00103439, 00042777, 00057903, 00088944, 00096061, 00111182, 00111659, 00091302, 00112607 = **10 Candidates** |
| 11.07.2022 | 10.30 A.M. | 00041478, 00087567, 00046260, 00093318, 00112544, 00111173, 00094203, 00027017, 00083835, 00089643, 00089698, 00090171, 00094073, 00110101, 00017788, 00065932, 00066553, 00073324, 00078517, 00085143 = **20 Candidates** |
| | 02.30 P.M. | 00085933, 00093608, 00094959, 00112623, 00112879, 00086432, 00097713, 00015387, 00040147, 00061041 = **10 Candidates** |
| 12.07.2022 | 10.30 A.M. | 00079218, 00088242, 00095988, 00097869, 00111801, 00112793, 00087170, 00092059, 00076522, 00048537, 00019685, 00053133, 00096004, 00097385, 00111574, 00112378, 00086139, 00112732, 00093182, 00110985 = **20 Candidates** |
| | 02.30 P.M. | 00112783, 103, 00112814, 00088518, 00089797, 00112804, 00098091, 00084438, 00097018, 00096145 = **10 Candidates** |
| 13.07.2022 | 10.30 A.M. | 00111386, 00048910, 00086308, 00059174, 00059442, 00078183, 00088774, 00040051, 00111786, 00058692, 00077962, 00112677, 107, 00019609, 00037528, 00040657, 00087060, 00097146, 00111684, 00112008, 00069925, 114 = **22 Candidates** |

The candidates are required to bring one set of self-attested photocopies of all documents along with all original documents for verification as mentioned below:

1. Hard copy of online application form.
2. Three passport size photographs.
3. Duly filled in & attested "Attestation form" and duly filled in Bio-data form" (to be downloaded from the website of the Commission).
4. H.S.C. or equivalent certificate in support of declaration of age issued by the concerned Board/Council.
5. Bachelor's Degree marksheet.
6. B.Ed. Degree marksheet.
7. Master's Degree marksheet.
8. M.Phil marksheet.
9. NET/JRF/SET/SLET qualified certificate
10. Ph.D. Degree certificate.
11. Conversion certificate from the concerned Unviersity indicating the actual equivalent percentage of marks.
12. Odia Test pass certificate.
13. Caste certificate whereever applicable
14. Identity card issued by the Director of Sports, Odisha in case of Sports person.
15. Permanent Disability Certificate (indicating permanent disability of 40% or more)
16. One set Xerox copy of published research papers.
17. Teaching/Post Doctoral experience certificate.
18. Awards
19. No objection certificate from the competent authority in case of Govt. Servants.
20. Any proof of Identity.

**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

**OIPR-12002/11/0077/2223** **Sd./- Additional Secretary**

**ସେନ୍‌ସେକ୍ସରେ ଆଖିଦୃଶିଆ ବୃଦ୍ଧି**

**ମୁମ୍ବାଇ:** ସପ୍ତାହର ପ୍ରଥମ ୩ କାରବାର ଦିବସରେ ଭାରତୀୟ ପୁଞ୍ଜିବଜାରରେ ହ୍ରାସ ଘଟିଥିବା ବେଳେ ୪ର୍ଥ ଦିବସ ଅର୍ଥାତ୍ ଗୁରୁବାର ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଛି। ଦିନର ଟ୍ରେଡିଂ ସେସନରେ ସେନ୍‌ସେକ୍ସରେ ୪୨୮ (୦.୭୮%) ଏବଂ ନିଫ୍ଟିରେ ୧୨୨ (୦.୭୪%) ପଏଣ୍ଟ ବୃଦ୍ଧି ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସ ୫୫,୩୨୦ ଏବଂ ନିଫ୍ଟି ୧୬,୪୨୮ ଇଣ୍ଡେକ୍ସରେ ବନ୍ଦ ହୋଇଥିଲା। ଦିନରେ ୧୭୫୦ ଶେୟାରରେ ବୃଦ୍ଧି ଦେଖିବାକୁ ମିଳିଥିବା ବେଳେ ୧୫୫୦ ଶେୟାରରେ ହ୍ରାସ ଦେଖିବାକୁ ମିଳିଛି।

**ସଂକ୍ଷେପରେ**

## ସର୍ବନିମ୍ନ ସ୍ତରରେ ଭାରତୀୟ ମୁଦ୍ରା



**ନୂଆଦିଲ୍ଲୀ,୯।୬:** ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାରେ ହ୍ରାସ ଜାରି ରହିଛି। ଅଶୋଧିତ ତୈଳ ଦର ଲଗାତର ଉଚ୍ଚ ସ୍ତରରେ ରହିବା କାରଣରୁ ଗୁରୁବାର ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ହ୍ରାସ ଘଟି ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଦିନର କାରବାର ସମୟରେ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୭୭.୮୧ ଟଙ୍କାର ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ଏହା ପୂର୍ବରୁ ମେ' ୧୭ରେ ଏହି ସ୍ତର ଡଲାର ତୁଳନାରେ ୭୭.୭୯ ଟଙ୍କା ରହିଥିଲା, ଯାହାକି ସେତେବେଳର ସର୍ବକାଳୀନ ସର୍ବନିମ୍ନ ସ୍ତରରେ ଥିଲା। ପୂର୍ବଦିନ ଅର୍ଥାତ୍ ବୁଧବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ୧୦ ପଇସା ବୃଦ୍ଧି ଘଟି ୭୭.୬୮ ସ୍ତରରେ ପହଞ୍ଚିଥିଲା।

## ଉଚ୍ଚ ସ୍ତରରେ ପହଞ୍ଚିପାରେ ସିଏଡି

**ନୂଆଦିଲ୍ଲୀ,୯।୬:** ଗତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧-୨୨ ପାଇଁ କରେଣ୍ଟ ଆକାଉଣ୍ଟ ଡେଫିସିଟ୍ (ସିଏଡି) ୩ ବର୍ଷ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିବା ନେଇ ସମ୍ଭାବନା ଦେଖାଦେଇଛି। ଆର୍ଥିକ ବର୍ଷ ୨୦୨୦-୨୧ ପାଇଁ ସିଏଡି ୦.୯% ଅର୍ଥାତ୍ ୨୩.୯୧ ବିଲିୟନ ଡଲାର ଥିବା ବେଳେ ୨୦୨୧-୨୨ରେ ଏହା ୧.୮% ଅର୍ଥାତ୍ ୪୩.୮୧ ବିଲିୟନ୍ ଡଲାରରେ ପହଞ୍ଚିପାରେ। ଇଣ୍ଡିଆ ରେଟିଂସ୍‌ର ଏକ ଆକଳନ ଅନୁସାରେ, ଆର୍ଥିକ ବର୍ଷ ୨୦୨୧-୨୨ର ୪ର୍ଥ ତ୍ରୈମାସ ଅର୍ଥାତ୍ ଜାନୁୟାରୀ-ମାର୍ଚ୍ଚରେ ସିଏଡି ୧୭.୩ ବିଲିୟନ୍ ଡଲାର ଅର୍ଥାତ୍ ସମଗ୍ର ଘରୋଇ ଉତ୍ପାଦ (ଜିଡିପି)ର ୧.୯୭% ହୋଇଯାଇଛି। ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ଏହା ୮.୨ ବିଲିୟନ ଡଲାର ଅର୍ଥାତ୍ ୧.୦୩% ରହିଥିଲା। ସୂଚନାଯୋଗ୍ୟ, କୌଣସି ଦେଶ ଦ୍ୱାରା ଆମଦାନୀ କରାଯାଉଥିବା ବସ୍ତୁ କିମ୍ବା ସେବାର ସର୍ବମୋଟ୍ ମୂଲ୍ୟ, ଉକ୍ତ ଦେଶରୁ ରପ୍ତାନି ହେଉଥିବା ବସ୍ତୁ କିମ୍ବା ସେବାର ସର୍ବମୋଟ୍ ମୂଲ୍ୟଠାରୁ ଅଧିକ ଥିଲେ ଏହି ପରିସ୍ଥିତିରେ ସିଏଡି ହୋଇଥାଏ।

# ଭାରତର ଟୁରିଜମ୍ ଡେଷ୍ଟିନେଶନ ହେବ ଓଡ଼ିଶା




- ଅଗ୍ରିମ ବୁକିଂ ପରେ ମିଳିବ ଆବଶ୍ୟକ ସେବା
- ପର୍ଯ୍ୟଟନର ବିକାଶ ସାଙ୍ଗକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ଗରୁଡ଼ ସେବା
- ରାଜ୍ୟର ପ୍ରଥମ ହାଉସ୍ ବୋଟ୍‌ର ଶୁଭାରମ୍ଭ
- ଖୁବ୍‌ଶୀଘ୍ର ହୀରାକୁଦରେ ହାଉସ ବୋଟ୍ ସେବା

**ଭୁବନେଶ୍ୱର,୯।୬**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଯୋଗରେ ବିକାଶ ଇକୋ ରିସର୍ଟସ୍ ଚିଲିକାର ବରକୁଲଠାରେ ରାଜ୍ୟର ପ୍ରଥମ ବିଳାସପୂର୍ଣ୍ଣ ହାଉସ୍ ବୋଟ୍ 'ଗରୁଡ଼'ର ଶୁଭାରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ୍ ମୋଡ୍‌ରେ ଏହାର ଉଦ୍‌ଘାଟନ କରି କହିଥିଲେ, ଏଭଳି ମନଲୋଭା ସେବା ଜରିଆରେ ଓଡ଼ିଶା ପର୍ଯ୍ୟଟନ ମଧ୍ୟ ଭାରତରେ ଏକ ଇକୋ ଟୁରିଜମ୍ ଡେଷ୍ଟିନେଶନ ହେବ। ସେହିଭଳି ଆଗାମୀ ଦିନରେ ଓଡିଶାର ପର୍ଯ୍ୟଟନ କ୍ଷେତ୍ର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ସହ ଏହାର ଅଭିବୃଦ୍ଧି ମଧ୍ୟ ଘଟିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ବନ୍ଦର ଓ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ସହାୟତାରେ ବିକାଶ ତା'ର ହାଉସ୍ ବୋଟ୍ ସେବା ସବୁବର୍ଗର ପର୍ଯ୍ୟଟକଙ୍କୁ ଯୋଗାଇଦେବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଉଦ୍‌ଘାଟନୀ ସମାରୋହରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ସଚିନ୍ ଆର୍. ଯାଦବ, ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ସମେତ ବିକାଶ ଗ୍ରୁପ୍‌ର ବହୁ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଅପରାହ୍ନରେ ସଂସ୍ଥା ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଡି.ମୁରଲୀ କ୍ରିଷ୍ଣା 'ଗରୁଡ଼' ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏପରିକି 'ଗରୁଡ଼' ସମସ୍ତ ସରକାରୀ ନିୟମ ପାଳନ ସହ ସବୁ ବର୍ଗର ପର୍ଯ୍ୟଟକଙ୍କୁ




ଆବଶ୍ୟକ ସେବା ଯୋଗାଇଦେବ। ସେହିଭଳି ଖୁବ୍‌ଶୀଘ୍ର ଏହି ହାଉସ୍ ବୋଟ୍ ପ୍ରକଳ୍ପ ହୀରାକୁଦରେ ମଧ୍ୟ କାର୍ଯ୍ୟକାରୀ ହେବ ବୋଲି ମୁରଲୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୧୦୫ ଫୁଟ୍ ଦୈର୍ଘ୍ୟ ଓ ୨୨ ଫୁଟ୍ ପ୍ରସ୍ଥ ବିଶିଷ୍ଟ ଏହି ବୋଟ୍ ୨ଟି ୮୮ଏଚ୍‌ପି ଦକ୍ଷତାଯୁକ୍ତ ଇଞ୍ଜିନ୍, ୩୫ କେଭି ଜେନ୍‌ସେଟ୍‌ରେ ପରିଚାଳିତ ହେଉଛି। ଏଥିରେ ୪ଟି ପ୍ରିମିୟମ୍ ଏବଂ ୨ଟି ସ୍ୱିଟ୍ ରୁମ୍ ରହିଛି। ଉକ୍ତ ବୋଟ୍‌ରେ ଚେକ୍ ଇନ୍ ଟାଇମ୍ ଦିନ ୧୨ଟା ଓ ଚେକ୍ ଆଉଟ୍ ଟାଇମ୍ ସକାଳ ୯ଟା ୩୦ମିନିଟ୍ ରହିବ। ଏପରିକି ଅଗ୍ରିମ ବୁକିଂ ଜରିଆରେ ପର୍ଯ୍ୟଟକଙ୍କୁ ଗରୁଡ଼ର ସେବା ମିଳିପାରିବ ବୋଲି ବିକାଶ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବିକାଶ ଗ୍ରୁପ୍‌ର ବରିଷ୍ଠ ଅଧିକାରୀ ଭି.ଶ୍ରୀନିବାସ, ଜି.ଭାସ୍କର ରାଓ, ଡି. ନାଗେଶ୍ୱର ରାଓ, ଗୌତମ କୁମାର ଅଗ୍ରୱାଲ୍, ଏମ୍.ଏଲ୍. ଆନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁନ୍ ୧୨ରେ ଜୀ ସାର୍ଥକର ନୂଆ ସିନେମା 'ମୋ ପଣତକାନିରେ ତୁ'

**ଭୁବନେଶ୍ୱର,୯।୬**

ଜୀ ସାର୍ଥକର ନୂଆ ସିନେମା 'ମୋ ପଣତକାନିରେ ତୁ'ର ଅଡିଓ ରିଲିଜ୍ ନିକଟରେ ପ୍ରିମିୟର ହୋଇଯାଇଛି। ସେହିଭଳି ଜୁନ୍ ୧୨ରେ ଉକ୍ତ ସିନେମା ଜୀ ସାର୍ଥକରେ ୱାର୍ଲଡ ଟେଲିଭିଜନ ପ୍ରିମିୟର ହେଉଥିବା ଜଣାପଡ଼ିଛି। ଉକ୍ତ ଚଳଚ୍ଚିତ୍ରର ଗୀତଗୁଡ଼ିକ ଲୋକାଦୃତ ହେବ ବୋଲି ଜୀ ସାର୍ଥକ ପକ୍ଷରୁ କୁହାଯାଇଛି। ଉକ୍ତ ଫିଲ୍ମର ଗୀତଗୁଡ଼ିକୁ ସଙ୍ଗୀତରେ ସଜାଇଛନ୍ତି ବୈଦ୍ୟନାଥ ଦାଶ। ସେହିପରି ଗୀତଗୁଡ଼ିକୁ ଅରୁଣ ମନ୍ତ୍ରୀ, ଡ.ଶୁଭ ଦାସ, ସୂର୍ଯ୍ୟ ମହାପାତ୍ର, ନିହାର ପ୍ରିୟାଶିଷ୍ ରଚନା କରିଥିବାବେଳେ ଗୀତଗୁଡ଼ିକୁ ହ୍ୟୁମାନ ସାଗର, କୁଳଦୀପ ପଟ୍ଟନାୟକ, ଶୁଭାଶିଷ ସାହୁ, ଅସୀମା ପଣ୍ଡା, ସଞ୍ଜୁ, ଅର୍ପିତା ଚୌଧୁରୀ କଣ୍ଠଦାନ କରିଛନ୍ତି। ରାଜା ଅନୀଲ ମ୍ୟୁଜିକଗୁଡ଼ିକୁ ସଂଯୋଜନା କରିଛନ୍ତି। ଉକ୍ତ ସିନେମା ଜୀ ସାର୍ଥକ ଫିଲ୍ମସ ଓ ସାଇ ଶ୍ରଦ୍ଧା ପ୍ରଡକ୍ସନ ବ୍ୟାନରରେ ନିର୍ମାଣ ହୋଇଥିବା ସୂଚନା ମିଳିଛି। ଓଲିଉଡ୍‌ର ନୂଆ ଯୋଡ଼ି ଜ୍ୟୋତି ରଞ୍ଜନ ଓ ଶ୍ରଦ୍ଧାଙ୍କୁ ଦର୍ଶକମାନେ ଦେଖିବାକୁ ପାଇବେ। ଏହି ଫିଲ୍ମର ମୁଖ୍ୟ ଆକର୍ଷଣ ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା(ସୀତା ଦେବୀ ଭୂମିକାରେ)ଙ୍କ ସୁନ୍ଦର ଅଭିନୟ। ଫିଲ୍ମର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି କମେଡିଆନ ହରିହର ମହାପାତ୍ର। ଅଭିନୟ ସାଙ୍ଗକୁ କାହାଣୀ ନିଜେ ହରିହର ଲେଖିଥିବା ବେଳେ ପିନୁ ନାଏକ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମର ପ୍ରଯୋଜନା କରିଛନ୍ତି ପ୍ରଦ୍ୟୁମ୍ନ ଲେଙ୍କା ଓ ବିକ୍ରମ କେଶରୀ ବିଷୋୟୀ। ଉକ୍ତ ଚଳଚ୍ଚିତ୍ରର କାହାଣୀ ସହ ସଙ୍ଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ପ୍ରକାଶ କରାଯାଇଛି।




## ୭ମ ସ୍ଥାନରେ ଭାରତ

**ନୂଆଦିଲ୍ଲୀ,୯।୬**

ଗତ ବର୍ଷ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ)ରେ ହ୍ରାସ ସତ୍ତ୍ୱେ ଭାରତ ଗୋଟିଏ ସ୍ଥାନ ଉପରକୁ ଉଠି ୭ମ ସ୍ଥାନରେ ପହଞ୍ଚିଛି। ଯୁକ୍ତରାଷ୍ଟ୍ର ବ୍ୟବସାୟିକ ଏବଂ ବିକାଶ ସମ୍ମିଳନୀ (ୟୁଏନ୍‌ସିଟିଏଡି) ତଥ୍ୟରୁ ଏ ସମ୍ପର୍କିତ ସୂଚନା ମିଳିଛି। ଗୁରୁବାର ବିଶ୍ୱସ୍ତରୀୟ ନୂତନ ନିବେଶ ତଥ୍ୟ ଅନୁସାରେ ୨୦୨୦ ବର୍ଷ ଭାରତର ଏଫ୍‌ଡିଆଇ ୬୪ ବିଲିୟନ୍ ଡଲାର ଥିବା ବେଳେ ୨୦୨୧ରେ ଏହା ୪୫ ବିଲିୟନ୍ ଡଲାରରେ ପହଞ୍ଚିଥିଲା। ଏହି ତାଲିକାରେ ଯୁକ୍ତରାଷ୍ଟ୍ର ଆମେରିକା ଶୀର୍ଷରେ ଥିବାବେଳେ ଚୀନ୍ ଏବଂ ହଂକଂ ଯଥାକ୍ରମେ ୨ୟ ଓ ୩ୟ ସ୍ଥାନରେ ରହିଛନ୍ତି। ଏଫ୍‌ଡିଆଇ ତାଲିକାର ଶୀର୍ଷ ୧୦ଟି ସ୍ଥାନରେ ଥିବା ଦେଶଗୁଡ଼ିକ ମଧ୍ୟରୁ କେବଳ ଭାରତର ନିବେଶରେ ହ୍ରାସ ଘଟିଛି। ତେବେ ଭାରତର ଆଉଟ୍‌ୱାର୍ଡ ଏଫ୍‌ଡିଆଇରେ ଗତ ବର୍ଷ ୪୩% ବୃଦ୍ଧି ଘଟି ୧୫.୫ ବିଲିୟନ୍ ଡଲାର ହୋଇଛି।

## ମୁଖ୍ୟ ମହାପ୍ରବନ୍ଧକ ହେଲେ ଚନ୍ଦ୍ରଶେଖର

**ଭୁବନେଶ୍ୱର,୯।୬**



ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳର ନୂତନ ମୁଖ୍ୟ ମହାପ୍ରବନ୍ଧକ ଭାବେ ଚନ୍ଦ୍ରଶେଖର ଶର୍ମା ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଶର୍ମା ଏହା ପୂର୍ବରୁ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଭାବେ ଚଣ୍ଡିଗଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଏପରିକି ସେ ମଧ୍ୟ ଜୟପୁରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ମଣ୍ଡଳ ଉନ୍ନୟନ ଅଧିକାରୀ ଭାବେ ଦକ୍ଷତାର ସହ କାର୍ଯ୍ୟଭାର ସମ୍ପାଦନ କରି ସାରିଛନ୍ତି। ୧୯୯୪ରେ ଚନ୍ଦ୍ରଶେଖର ଶର୍ମା ଏସ୍‌ବିଆଇରେ ଜଣେ ପ୍ରୋବେଶନାରି ଅଫିସର ଭାବେ ଯୋଗଦେଇଥିଲେ। ଅପରପକ୍ଷରେ ପୂର୍ବ ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟା କୃଷ୍ଣାନଙ୍କ ସ୍ଥାନରେ ଶର୍ମାଙ୍କ ନିଯୁକ୍ତି ହୋଇଥିବା ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ବିଦ୍ୟା କୃଷ୍ଣାନ ଏସ୍‌ବିଆଇର ଉପ ପରିଚାଳନା ନିର୍ଦ୍ଦେଶକ ଭାବେ ପଦୋନ୍ନତି ପାଇ ମୁମ୍ବାଇ ସ୍ଥିତ କର୍ପୋରେଟ କାର୍ଯ୍ୟାଳୟକୁ ବଦଳି ହୋଇଯାଇଛନ୍ତି।

## ଏସିବିଏସ୍‌ପିର ଅଧ୍ୟକ୍ଷ ହେଲେ ବିଶ୍ୱଜିତ

**ଭୁବନେଶ୍ୱର,୯।୬**



ରାଜ୍ୟର ପ୍ରମୁଖ ଶିକ୍ଷାନୁଷ୍ଠାନ ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା କୁଳାଧିପ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ, ଯୁକ୍ତରାଷ୍ଟ୍ର ଆମେରିକାର ଆକ୍ରେଡିଟେସନ କାଉନସିଲ୍ ଅଫ୍ ବିଜନେସ ସ୍କୁଲସ୍ ଆଣ୍ଡ ପ୍ରୋଗ୍ରାମ୍ସ(ଏସିବିଏସ୍‌ପି)ର ଦକ୍ଷିଣ ଏସିଆ କାଉନସିଲ୍‌ର ଅଧ୍ୟକ୍ଷ ଭାବେ ନିର୍ଦ୍ଦ୍ୱନ୍ଦ୍ୱରେ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଏସିବିଏସ୍‌ପିର ଅନ୍ତର୍ଜାତିକ ପ୍ରେସିଡେଣ୍ଟ ଜେଫ୍ରି ଆଲ୍ଟରମ୍ୟାନ ପ୍ରଫେସର ପଟ୍ଟନାୟକଙ୍କୁ ନିର୍ବାଚିତ ଘୋଷଣା କରିଥିଲେ। ଉକ୍ତ ନିର୍ବାଚନରେ ସାଉଥ୍ ଏସିଆର ବିଜନେସ ସ୍କୁଲଗୁଡିକ ଅଂଶଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ଏସିବିଏସ୍‌ପି ବିଜନେସ ସ୍କୁଲଗୁଡ଼ିକର ଗୁଣବତ୍ତା ଆଦି ନିର୍ଦ୍ଧାରଣ କରିବା ସହ ଅନ୍ତର୍ଜାତିକ ସ୍ୱୀକୃତି ପ୍ରଦାନ କରିଥାଏ। ଏପରିକି ଦକ୍ଷିଣ ଏସିଆ କାଉନସିଲ୍ ଅଧୀନରେ ଭାରତ, ପାକିସ୍ତାନ, ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ, କାମ୍ବୋଡିଆ, ଲାଓସ, ବର୍ମା, ଥାଇଲାଣ୍ଡ, ଭିଏତ୍‌ନାମ, ମାଲେସିଆ, ଇଣ୍ଡୋନେସିଆ, ସିଙ୍ଗାପୁର ଭଳି ଦେଶ ସାମିଲ ରହିଛି। ପ୍ରଥମ ଓଡ଼ିଆ ଭାବେ ପ୍ରଫେସର ପଟ୍ଟନାୟକ ଏହି ପଦବୀ ଅଳଙ୍କୃତ କରିଛନ୍ତି। ଏଏସ୍‌ବିଏମ୍ ପ୍ରତିଷ୍ଠା ପୂର୍ବରୁ ପ୍ରଫେସର ପଟ୍ଟନାୟକ ଆଇଆଇଏମ୍, ଇନ୍ଦୋର ଏବଂ ଆଇଆଇଏମ୍, ଲକ୍ଷ୍ନୌରେ ମାନବ ସମ୍ବଳ ପରିଚାଳନା ବିଭାଗର ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ଲଗାନ ଚଳଚ୍ଚିତ୍ରର କେସ୍‌ଷ୍ଟଡି ତାଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଆଣିବା ସହ ଜନମାନସରେ ଆଦୃତ କରାଇଥିଲା। ତାଙ୍କର ୧୦୫ ଗବେଷଣା ସନ୍ଦର୍ଭ ଓ ୨୭ ଗୋଟି ପୁସ୍ତକ ପ୍ରକାଶିତ ହୋଇସାରିଛି। ସେହିପରି ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବହୁ ସମ୍ମାନ ଓ ପୁରସ୍କାର ପାଇଛନ୍ତି।

**OFFICE OF THE DISTRICT JUDGE KEONJHAR**
**AT/P.O./DIST- KEONJHAR, ODISHA-758001**
**E-Mail ID: dj.keonjhar-od@gov.in Tel. No.- 06766-255451**
**RFP Identification No.- 01 (RFP) of 2022-23, Dated 06.06.2022**

**REQUEST FOR PROPOSAL (RFP)**

No.W-23:- **The District Judge, Keonjhar** invites sealed proposal from all interested Bidders under single stage Two cover/Envelope System (Technical Bid/Financial Bid) for **'SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES FOR UP-KEEPING, CLEANING & MAINTENANCE AND ELECTRICAL SERVICES' at District Court Complex of Keonjhar and Taluk Court Complexes of Anandapur, Champua, Barbil, Ghasipura, Hatadihi & Telkoi.**

Duly completed proposal along with other prerequisite documents in support of eligibility criteria and the required information as per format must be submitted through **Registered Post/ Speed Post/ Courier** latest by **05.07.2022 5 P.M.**

For details, the RFP document can be downloaded from **https://districts.ecourts.gov.in/india/odisha/kendujhar/tender.**

**Sd./- District Judge, Keonjhar**
OIPR-18050/11/0004/2223

**ADVERTISEMENT**

**Scheduled Castes & Scheduled Tribes Research and Training Institute (SCSTRTI)**
**CRPF Square, Nayapalli, Bhubaneswar-751003**

**Engagement of Short Term Contractual State Coordinator, Data Analyst & Office Assistant**

**No.V-28:-** The Scheduled Castes and Scheduled Tribes Research and Training Institute (SCSTRTI) intends to engage 01 (One) State Coordinator, 01 (One) Data Analyst and 01 (One) Office Assistant to carry out the effective functioning of the **Chhatra Protsahan Yojna (CPY) Cell** for Higher Secondary Schools & EMRSs of ST & SC Development Department, Government of Odisha. The engagements are short term, i.e, for a duration of 11 months only. Detail ToR for the posts and the Application Form etc. can be seen in the Odisha Government portal **www.stscodisha.gov.in** and website of SCSTRTI **www.scstrti.in**.

Eligible Candidates must submit the duly filled in Application Form along with supporting documents to the Advisor-cum-Director & Special Secretary, SCSTRTI, CRPF Square, Bhubaneswar PIN-751003 latest by **dt.24.06.2022 5.30 PM** through **Registered Post / Speed Post only. Incomplete Applications, Applications without supporting documents, Applications submitted through modes other than Registered Post / Speed Post and Applications received after the prescribed date shall be rejected.**

**Sd./- Advisor-cum-Director & Spl. Secretary**
OIPR-26002/11/0008/2223

**ଫୁର୍‌ସତ୍**

## ସ୍ତନ କର୍କଟରୁ ସୁସ୍ଥ ହେଲେ ମହିମା





**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ମହିମା ଚୌଧୁରୀ ସ୍ତନ କର୍କଟରୁ ସୁସ୍ଥ ହୋଇଥିବା ନେଇ ଇନ୍‌ଷ୍ଟାଗ୍ରାମରେ ୭ ମିନିଟ୍‌ର ଏକ ଭିଡିଓ ଶେୟାର କରିଛନ୍ତି। ଲକ୍ଷ୍ନୌରେ ଗଜେନ୍ଦ୍ର ଅହିରେଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଦି ସିଗ୍‌ନେଚର୍' ଶୁଟିଂ କରିବା ସମୟର ଭିଡିଓରେ ସେ ଅନୁପମ ଖେରଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ ସେ କହିଛନ୍ତି, ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ୪ ମାସ ତଳେ ତାଙ୍କର ସ୍ତନ କର୍କଟ ହୋଇଥିଲା। ଘରେ ରହି ଏଥିପାଇଁ ଚିକିତ୍ସିତ ହେଉଥିଲେ। ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହେବା ଯାଏଁ ଝିଅ ଆର୍ୟନା କଲେଜ ଯିବା ବନ୍ଦ କରି ଅନ୍‌ଲାଇନ୍‌ରେ କ୍ଲାସ କରୁଥିଲେ। ଏଥିସହ ଯେପରି ଘରକୁ କୋଭିଡ୍ ନ ଆସେ ସେଥିପ୍ରତି ଧ୍ୟାନ ରଖୁଥିଲେ। କର୍କଟରେ ପୀଡିତ ହେବା ପରେ ମହିମାଙ୍କ ଚେହେରା ସମ୍ପୂର୍ଣ୍ଣ ଭାବେ ବଦଳିଯାଇଛି। ତାଙ୍କ କେଶ ଉପୁଡିଯାଇଛି। ଏବେ ତାଙ୍କ ଫଟୋ ଦେଖି ଜାଣିବା କଷ୍ଟକର ହୋଇପଡିଛି। ମହିମା ସ୍ତନ କର୍କଟ ସହ ଲଢେଇ କରି ସୁସ୍ଥ ହୋଇଥିବାରୁ ତାଙ୍କୁ ଅନୁପମ 'ହିରୋ' ବୋଲି ଅଭିହିତ କରିଛନ୍ତି। ଗୋଟିଏ ସମୟରେ ବଲିଉଡ୍‌ରେ ନିଜର ସୁନ୍ଦରତା ଓ ନିପୁଣ ଅଭିନୟ ପାଇଁ ଯୁବମାନସରେ ବେଶ୍ ପରିଚିତ ହୋଇପାରିଥିଲେ ମହିମା ଚୌଧୁରୀ। ତାଙ୍କ ସିନେମା ମଧ୍ୟରେ ପରଦେଶ,ଦିଲ୍ ହେ ତୁହ୍ମାରା, ଦାଗ, ଧଡକନ, ଦିଲ୍ କ୍ୟା କରେ, ବଗବାନ, କୁରୁକ୍ଷେତ୍ର, ଖିଲାଡି -୪୨୦ ଆଦି ବକ୍ସ ଅଫିସରେ ହିଟ୍ ହୋଇଥିଲା। କୁରୁକ୍ଷେତ୍ର ଚଳଚ୍ଚିତ୍ର ମାଧ୍ୟମରେ ତାଙ୍କୁ ବଲିଉଡ୍‌ରେ ସଫଳତା ମିଳିଥିଲା।

## ଝିଅ ପାଇଁ ସେରୋଗେଟ୍ ମଦର ହେଲେ ମା'

**ଉଟାହ:** ଝିଅର ସେରୋଗେଟ୍ ମଦର ହେବାକୁ ନିଷ୍ପତ୍ତି ନେଲେ ୫୦ ବର୍ଷୀୟା ମା' କୈଲିସ୍। ଉଟାହର ଜଣେ ୨୫ ବର୍ଷୀୟା ମହିଳା କୈଟଲିନ୍ ପୂର୍ବରୁ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏହାପରେ ସେ ଆଉ ଏକ ସନ୍ତାନ କରିବାକୁ ଚାହୁଁଥିଲେ। ହେଲେ ଆଉ ଏକ ସନ୍ତାନ ଜନ୍ମ ହେଲେ ତାଙ୍କ ଜୀବନ ପ୍ରତି ବିପଦ ଥିବା ଡାକ୍ତର କହିଥିଲେ। ଏଥିପାଇଁ ସେ ଦୁଃଖ ପ୍ରକାଶ କରୁଥିଲେ। ଝିଅ ଦୁଃଖରେ ଥିବା ଜାଣି ତାଙ୍କ ମା' ସେରୋଗେଟ୍ ମଦର ହେବାକୁ ନିଷ୍ପତ୍ତି ନେଇଥିଲେ। ତେବେ ନିକଟରେ କୈଲିସ୍ ଏକ ସନ୍ତାନକୁ ଜନ୍ମ ଦେଇଛନ୍ତି। ଏପରି ନିଷ୍ପତ୍ତିରେ ଜ୍ୱାଇଁ ଏବଂ ଝିଅର ସହମତି ରହିଥିଲା। ସୂଚନାଯୋଗ୍ୟ, କୈଲିସ୍ ପୂର୍ବରୁ ୮ ସନ୍ତାନ ଜନ୍ମ ଦେଇସାରିଛନ୍ତି। ତେବେ ସେ କହିଛନ୍ତି, ଏହି ସନ୍ତାନ ଜନ୍ମ ଦେବା କମ କଷ୍ଟଦାୟକ ଥିଲା।

## ସାଉଥ୍-ବଲିଉଡ୍ ବିବାଦରେ ମୁହଁ ଖୋଲିଲେ ତମନ୍ନା



ତମନ୍ନା ଭାଟିଆ

**ମୁମ୍ବାଇ:** ବର୍ତ୍ତମାନ ସମୟରେ ଦକ୍ଷିଣ ଭାରତୀୟ ସିନେମାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ଏହାସହ ଚଳଚ୍ଚିତ୍ରକୁ ଅଧିକ ସଫଳତା ମଧ୍ୟ ମିଳୁଛି। ଏନେଇ ଏବେ ଦକ୍ଷିଣୀ ଚଳଚ୍ଚିତ୍ରକୁ ବଲିଉଡ୍ ସହ ତୁଳନା କରାଯାଉଛି। ଏହାକୁ ନେଇ ଅନେକ ବିତର୍କ ଆରମ୍ଭ ହୋଇଥିବାବେଳେ ବହୁ କଳାକାର ନିଜର ମତ ପ୍ରକାଶ କରିସାରିଲେଣି। ତେବେ ଏହି ପ୍ରସଙ୍ଗକୁ ନେଇ ନୀରବତା ଭାଙ୍ଗିଛନ୍ତି ଅଭିନେତ୍ରୀ ତମନ୍ନା ଭାଟିଆ। ଏହି ବିତର୍କକୁ ନେଇ ତମନ୍ନା ହିନ୍ଦୁସ୍ଥାନ ଟାଇମ୍ସକୁ ଏକ ସାକ୍ଷାତ୍‌କାର ଦେଇଛନ୍ତି। ସେଥିରେ ସାଉଥ୍ ଏବଂ ବଲିଉଡ୍‌ର ତୁଳନା ବିଷୟରେ ତମନ୍ନା କହିଛନ୍ତି, ଆମେ ହିଁ ଏହାକୁ ଆରମ୍ଭ କରିଛୁ। ଆଉ ଏବେ ଆମେ ହିଁ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖୁଛୁ। ବିଦେଶରେ କେହି ଏଭଳି ଚିନ୍ତା କରୁନାହାନ୍ତି। ଦିଆଯାଇଥିବା ମନ୍ତବ୍ୟକୁ ଭୁଲ୍ ଭାବେ ଗ୍ରହଣ କରାଯାଉଥିବା ତମନ୍ନା କହିଛନ୍ତି। ଏହାପରେ ହଠାତ୍ ବଲିଉଡ୍ ଏବଂ ସାଉଥ୍‌କୁ ଇଣ୍ଡଷ୍ଟ୍ରିକୁ ନେଇ ତୁଳନା ଆରମ୍ଭ ହୋଇଥିଲା। ହେଲେ ଏହା ଗୁରୁତ୍ୱପୂର୍ଣ୍ଣ ନୁହେଁ। କାରଣ ସମଗ୍ର ବିଶ୍ୱ ଏସବୁ ଫିଲ୍ମକୁ ଭାରତୀୟ ସିନେମା ଭାବେ ଦେଖନ୍ତି। ଯେବେ ତମନ୍ନା କାନ୍ସ ଫିଲ୍ମ ଫେଷ୍ଟିଭାଲରେ ସାମିଲ ହୋଇଥିଲେ। ସେ ଜାଣିବାକୁ ପାଇଥିଲେ ଯେ ବାହାର ଲୋକେ ଏହାକୁ କିପରି ଦେଖନ୍ତି। ଭାରତର ଅନେକ ଫିଲ୍ମ ଏହି ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲା। ସେଠାରେ କେହି ଏହାକୁ ଦକ୍ଷିଣ କି ବଲିଉଡ୍ ସିନେମା ବୋଲି କହୁ ନ ଥିଲେ, ସମସ୍ତେ ଭାରତୀୟ ଚଳଚ୍ଚିତ୍ର ବୋଲି କହୁଥିଲେ। ତେବେ ଆମେ ଯେଉଁ ବଲିଉଡ୍ ଏବଂ ସାଉଥ୍ ଇଣ୍ଡଷ୍ଟ୍ରି ମଧ୍ୟରେ ତୁଳନା ଆରମ୍ଭ କରିଛେ ତାହା ସମ୍ପୂର୍ଣ୍ଣ ନିରର୍ଥକ।

**ଆସନ୍ତା ୧୭ରେ ମନ୍ତ୍ରୀ ପରିଷଦ ବୈଠକ**

ଭୁବନେଶ୍ୱର, ୯।୬(ବ୍ୟୁରୋ):ବିଜେଡି ସରକାରର ୫ମ ପାଳିର ୩ ବର୍ଷ ପୂର୍ତ୍ତି ପୂରଣ ହୋଇସାରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫ମ ପାଳିର ଦ୍ୱିତୀୟ ଥର ମନ୍ତ୍ରିମଣ୍ଡଳ ଗଠନ କରିସାରିଛନ୍ତି। ଏହା ମଧ୍ୟରେ ସବୁ ମନ୍ତ୍ରୀମାନେ ଦାୟିତ୍ୱ ନେଇ ସାରିଥିବା ବେଳେ ଆସନ୍ତା ୧୭ରେ ପ୍ରଥମ ମନ୍ତ୍ରୀ ପରିଷଦ ବୈଠକ ବସିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୫ଟା ୩୦ ମିନିଟ୍ ସମୟରେ ଏହି ବୈଠକ ବସିବ ବୋଲି ଜଣାପଡିଛି। ତେବେ ନୂଆ ମନ୍ତ୍ରିମଣ୍ଡଳର ପ୍ରଥମ ମନ୍ତ୍ରୀ ପରିଷଦ ବୈଠକ ବସିବା ଆଗକୁ ରଥଯାତ୍ରା ହେବା ସହ ଆଗକୁ ରାଜ୍ୟ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ଶେଷ ରଜରେ ଖୋର୍ଦ୍ଧା ଜିଲା ଛୁଟି

ଭୁବନେଶ୍ୱର,୯।୬(ବ୍ୟୁରୋ): ରଜ ଉପଲକ୍ଷେ ରାଜ୍ୟ ସରକାର ଜୁନ୍ ୧୪ ଓ ୧୫ ତାରିଖକୁ ସରକାରୀ ଛୁଟି ଦିବସ ଭାବେ ଘୋଷଣା କରିଛନ୍ତି। ତେବେ ଶେଷ ରଜ ଜୁନ୍ ୧୬ ତାରିଖକୁ ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ପାଇଁ ସ୍ଥାନୀୟ ଛୁଟି ଘୋଷଣା କରାଯାଇଛି। ୨୦୨୧ ନଭେମ୍ବର ୧୭ ତାରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୩୪୫୬୮ ଏବଂ ୨୦୨୨ ଫେବୃୟାରୀ ୨୧ ତାରିଖରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ବିଜ୍ଞପ୍ତି ନମ୍ବର ୧୮୨୫ ଅନୁସାରେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ରାଜସ୍ୱ ଆୟୁକ୍ତ ତାଙ୍କ କାର୍ଯ୍ୟ ପରିସରରେ ଥିବା ନିର୍ଦ୍ଦିଷ୍ଟ ଜିଲାରେ ଗୋଟିଏ ଦିନ ସରକାରୀ ସ୍ଥାନୀୟ ଛୁଟି ଘୋଷଣା କରିଥାନ୍ତି। ଏହି ଆଧାରରେ ଆଗାମୀ ଜୁନ୍ ୧୬ ତାରିଖକୁ ଖୋର୍ଦ୍ଧା ଜିଲା ପାଇଁ ସରକାରୀ ଛୁଟି ଘୋଷଣା କରାଯାଇଛି । ଏ ନେଇ ଗୁରୁବାର ଖୋର୍ଦ୍ଧା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

**ଧର୍ମାନ୍ତରୀକରଣ ଅଭିଯୋଗ ଆଣିଲେ ଗ୍ରାମବାସୀ**

### ୪ ପରିବାର ଗ୍ରାମରୁ ବାସନ୍ଦ

ମାଲକାନଗିରି,୯।୬(ଡି.ଏନ.ଏ.): ମାଲକାନଗିରି ଜିଲା ପଡ଼ିଆ ଥାନା ଅନ୍ତର୍ଗତ କମାରଗୁଡ଼ା ଗ୍ରାମରେ ୪ଟି ପରିବାର ଧର୍ମ ପରିବର୍ତ୍ତନ କରିଥିବା ଜଣାପଡିବା ପରେ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସମ୍ପୃକ୍ତ ପରିବାରକୁ ଗ୍ରାମରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଖବରରୁ ଜଣାପଡିଛି, ଗ୍ରାମର ୪ ପରିବାର ଧର୍ମ ପରିବର୍ତ୍ତନ କରିଥିଲେ। ଏହା ଜଣାପଡିବା ପରେ ଗ୍ରାମରେ ଖାପ୍ ପଞ୍ଚାୟତ ବସିଥିଲା। ଏଥିରେ ଏହି ପରିବାର ଲୋକଙ୍କୁ ୧୦ ହଜାର ଲେଖାଏ ଟଙ୍କା ଜରିମାନା କରାଯାଇଥିଲା। ଏହି ପରିବାରଗୁଡିକ ଅତି ଗରିବ ହୋଇଥିବାରୁ ଜରିମାନା ଦେୟ ଦେଇପାରି ନ ଥିଲେ। ଫଳରେ ସେମାନଙ୍କୁ ଗ୍ରାମରୁ ବାସନ୍ଦ କରାଯାଇଥିଲା। ତେବେ ହଠାତ୍ ଗ୍ରାମବାସୀ ଏହି ୪ ପରିବାର ଉପରେ ହଠାତ୍ ଆକ୍ରମଣ କରିବା ସହ ସେମାନଙ୍କ ଘର ଭଙ୍ଗାରୁଜା କରିଥିଲେ। ଘଟଣା ପରେ ସମ୍ପୃକ୍ତ ପରିବାର ଲୋକେ ଭୟଭୀତ ହୋଇ ପଡ଼ିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ନିଜ ଭିଟାମାଟିକୁ ଫେରିବା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ଏନେଇ ପଡ଼ିଆ ପୋଲିସ ୫୪/୨୨ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

# ୨୦୮୨ କୋଟିର ୧୧ ପ୍ରକଳ୍ପକୁ ସିଙ୍ଗଲଵିଣ୍ଡୋର ଅନୁମୋଦନ

- ୩୬୧୨ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- କୋରାପୁଟରେ ୭୩୨ କୋଟି ଟଙ୍କାରେ ନାଲ୍‌କୋ କରିବ ଆଲୁମିନିୟମ ପ୍ରକଳ୍ପ

ଭୁବନେଶ୍ୱର,୯।୬(ବ୍ୟୁରୋ)

ପର୍ଯ୍ୟଟନ, ଡାଉନ୍‌ଷ୍ଟ୍ରିମ ଷ୍ଟିଲ୍ ଇତ୍ୟାଦି କ୍ଷେତ୍ରରେ ହେବାକୁ ଥିବା ୨୦୮୨.୧୭ କୋଟି ଟଙ୍କାର ୧୧ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ଏହି ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜ୍ୟରେ ୩୬୧୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲଵିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନାଲ୍‌କୋ କୋରାପୁଟ ଜିଲାରେ ୭୩୨ କୋଟି ଟଙ୍କା ପୁଞ୍ଜିନିବେଶରେ ଆଲୁମିନିୟମ ପ୍ରକଳ୍ପ ସ୍ଥାପନ କରିବ। ଏଥିରେ ୨୨୯ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି କୋଣାର୍କ ଇସ୍ପାତ ଝାରସୁଗୁଡ଼ାଠାରେ ୩୭୯ କୋଟି ଟଙ୍କା ବ୍ୟୟରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବ। ଏଥିରେ ୧୧୫୬ ଜଣଙ୍କୁ ନିଯୁକ୍ତି ମିଳିବା ବେଳେ ଏଏସ୍‌ଏଲ୍ ଏଣ୍ଟରପ୍ରାଇଜର୍ସ ଲିମିଟେଡ ଯାଜପୁର ଜିଲା କଳିଙ୍ଗନଗରଠାରେ ୧୬୭ କୋଟି ଟଙ୍କା ପୁଞ୍ଜିନିବେଶରେ ୫ଲକ୍ଷ ନିୟୁତ ଟନ୍‌ର ରେବାର ମିଲ୍ ସ୍ଥାପନ କରିବ । ଏଥିରେ ୫୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ସେହିପରି ପିଏସ୍‌ପିଏଲ୍ ପ୍ରୋସେସର୍ସ ଲିମିଟେଡ ଯାଜପୁର ଜିଲାର କଳିଙ୍ଗନଗରଠାରେ ୧୫୦ କୋଟି ଟଙ୍କା ବିନିଯୋଗରେ ଡାଉନ୍‌ଷ୍ଟ୍ରିମ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୩୧୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଖେତାନ ଭିନିୟୋଗ ଲିମିଟେଡ ଯାଜପୁର ଜିଲାର କଳିଙ୍ଗନଗରଠାରେ ଏକ ଡାଉନ୍‌ଷ୍ଟ୍ରିମ ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବ। ଏଥିରେ ୨୩୮ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଖୋର୍ଦ୍ଧା ଇନ୍‌ଫୋସିଟି ଶିଳ୍ପାଞ୍ଚଳରେ ସିଟିଆରଏଲ୍‌ଏସ୍ ଡାଟାସେଣ୍ଟର ଲିମିଟେଡ ୧୫୨.୨୫ କୋଟି ଟଙ୍କା ବ୍ୟୟରେ ଆଇଟି ଆଣ୍ଡ ଇଏସ୍‌ଡିଏମ୍ ସ୍ଥାପନ କରିବ। ଏଥିରେ ୧୧୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସୁନ୍ଦରଗଡ଼ ଶିଳ୍ପାଞ୍ଚଳରେ ଆଇଏଫ୍‌ଜିଏଲ ରେଫ୍ରାକ୍ଟୋରିଜ ଲିମିଟେଡ ପକ୍ଷରୁ ୬୬.୨୭ କୋଟି ଟଙ୍କା ବ୍ୟୟରେ ୧୪, ୭୦୦ ମେଟ୍ରିକ ଟନ୍‌ର ମନୋଲିଥିକ୍ସ ଆଣ୍ଡ ସ୍ଲାଇଡ ଗେଷ୍ଟ ଫାସିଲିଟି କରାଯିବ। ଏଥିରେ ୪୧୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଓଡିଆନା ଇକୋ ରିସର୍ଟ ପ୍ରାଇଭେଟ ଲିମିଟେଡ ୧୨୮ କୋଟି ଟଙ୍କା ବ୍ୟୟରେ ପୁରୀ ମେରାଇନ ଡ୍ରାଇଭରେ ଲକ୍ ହୋଟେଲ କମ୍ ରିସର୍ଟ ନିର୍ମାଣ କରିବ। ଏଥିରେ ୨୬୪ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ପୁରୀ ଜିଲା କୋଣାର୍କଠାରେ ଲାଇଫ୍‌ଲାଇନ ମଲ୍ଟିଭେଞ୍ଚର୍ସ ପକ୍ଷରୁ ୧୦୦ କୋଟି ଟଙ୍କା ବ୍ୟୟରେ ଏକ ହୋଟେଲ ନିର୍ମାଣ କରାଯିବ। ଏଥିରେ ୨୬୬ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଖୋର୍ଦ୍ଧାଠାରେ ହୋଟେଲ ସୁଖମାୟ ପ୍ରାଇଭେଟ ଲିମିଟେଡ ପକ୍ଷରୁ ୮୮.୦୯ କୋଟି ଟଙ୍କା ବ୍ୟୟରେ ଏକ ହୋଟେଲ ନିର୍ମାଣ ହେବ। ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି ଆସପେନ ଲେକ ସଲ୍ଟସ ଖୋର୍ଦ୍ଧା ଜିଲା ବରକୁଲଠାରେ ୬୯.୨୩ କୋଟି ଟଙ୍କା ବ୍ୟୟରେ ଏକ ୫ ତାରକା ରିସର୍ଟ ନିର୍ମାଣ କରିବ। ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଅନୁମୋଦିତ ପ୍ରକଳ୍ପଗୁଡ଼ିକ କିପରି ଶୀଘ୍ର କାର୍ଯ୍ୟକ୍ଷମ ହେବ ସେ ନେଇ ଇପିକଲ ଓ ବିଭିନ୍ନ ବିଭାଗକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା, ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ, ଇସ୍ପାତ ଓ ଖଣି ସଚିବ ଦେଓରଞ୍ଜନ କୁମାର ସିଂ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଅଶୋକ କୁମାର ମୀନା, ଇପିକଲ ଏମ୍‌ଡି ଭୂପେନ୍ଦ୍ର ସିଂ ପୁନିଆ ଓ ଅନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।



ସପ୍ତମ ବେତନ ନିର୍ଦ୍ଧାରଣ ପଦ୍ଧତି ବିରୋଧରେ ଓଡ଼ିଶା ସ୍କୁଲ୍ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଗୁରୁବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ବିଶାଳ ସମାବେଶ।

# ୪୫ ଆପ୍ ହଟାଇବାକୁ ଗୁଗଲ୍‌କୁ ଚିଠି ଲେଖିଲା ଇଓଡବ୍ଲ୍ୟୁ

**ଲୋନ୍ ଆପ୍ ଦ୍ୱାରା ଠକେଇ ମାମଲା**

- 'ଆର୍‌ବିଆଇ'ରେ ପଞ୍ଜୀକୃତ କରୁନାହାନ୍ତି
- ମାନୁନାହାନ୍ତି ଗୁଗଲ୍ ସର୍ତ୍ତାବଳୀ

ଭୁବନେଶ୍ୱର,୯।୬(ବ୍ୟୁରୋ)

ଗ୍ରାହକଙ୍କୁ ବିଭିନ୍ନ ଆପ୍ ଦ୍ୱାରା ଲୋନ୍ ଦେଇ ପରବର୍ତ୍ତୀ ସମୟରେ ମାନସିକ ନିର୍ଯାତନା ଦେବା ସହ ଅଧିକ ଟଙ୍କା ଠକି ନିଆଯାଉଛି। ନିକଟରେ କୋକୋ ଓ ଜୋଜୋ ଲୋନ ଆପ୍ ଠକେଇ ମାମଲାରେ ମହାଗ୍ରାମ ପେମେଣ୍ଟସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ରାମ ଶ୍ରୀରାମ ପଠାଡ଼େଙ୍କ ସମେତ ୩ଜଣ ଅଭିଯୁକ୍ତ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଦ୍ୱାରା ଗିରଫ ହୋଇ ଜେଲ ଯାଇଛନ୍ତି। ତେବେ ଏହି ମାମଲାରେ ତଦନ୍ତ ସମୟରେ ୪୫ଟି ଫେକ୍ ଲୋନ୍ ଆପ ଗୁଗଲ୍ ପ୍ଲେ ଷ୍ଟୋରରେ ଥିବା ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି। ଏସବୁ ଆପ୍ ମଧ୍ୟରେ ବେଲୁନ ଆପ୍, କ୍ୟାଶ୍ ପକେଟ, ରୁପି ସ୍ମାର୍କ, ଧନି ଲୋନ୍, ପ୍ଲସ ରୁପି କ୍ରେଡିଟ୍ ୱାଲେଟ, ମନି ଟ୍ରି, ୟେସ୍ ରୁପି, ଇଜି କ୍ରେଡିଟ୍, ଓକେ ରୁପି ଲୋନ୍, ଡିସ୍‌କଭର୍ ଲୋନ୍, କ୍ୟାଶ୍ କୋଲା ଆପ୍ ଆଦି ରହିଛି। ତେଣୁ ଉକ୍ତ ଆପ୍‌ଗୁଡ଼ିକୁ ଯାଞ୍ଚ କରାଯାଇ ଅତିଶୀଘ୍ର ପ୍ଲେ' ଷ୍ଟୋରରୁ ହଟାଇବାକୁ ଇଓଡବ୍ଲ୍ୟୁ ଗୁଗଲକୁ ଚିଠି ଲେଖିଛି।

ଇଓଡବ୍ଲ୍ୟୁ ସୂଚନା ଅନୁଯାୟୀ, ଏଭଳି ଆପ୍ ଅଳ୍ପ ପରିମାଣର ଲୋନ ଦେଇ ଗ୍ରାହକଙ୍କୁ ଜାଲରେ ଫସାଉଛନ୍ତି। ଏହାପରେ ଗ୍ରାହକଙ୍କ ସମସ୍ତ ଗୁପ୍ତ ତଥ୍ୟ ନେଇ ସେମାନଙ୍କୁ ବ୍ଲାକମେଲ କରିବା ସହ ଧମକ ଦେଉଛନ୍ତି। ଏହାପରେ ମୂଳ ଟଙ୍କାକୁ ମିଶାଇ ୧୦ଗୁଣା ଟଙ୍କା ନେଉଛନ୍ତି। ଏଭଳି ନିର୍ଯାତନାର ଶିକାର ହୋଇ ଅନେକ ଲୋକ ଆତ୍ମହତ୍ୟା ମଧ୍ୟ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏସବୁ ଆପ୍ ସଂସ୍ଥା ଗୁଗଲ ଗାଇଡ୍‌ଲାଇନ୍‌କୁ ମାନୁନାହାନ୍ତି। ଏଥିସହ ଆପ୍ ସଂସ୍ଥା ପକ୍ଷରୁ ଆର୍‌ବିଆଇରେ ପଞ୍ଜୀକରଣ କରାଯାଉନାହିଁ। ଏପରି କି ଗୁଗଲ ପ୍ଲେ ଷ୍ଟୋରରେ ଆପ୍ ସମ୍ପର୍କରେ କୌଣସି ତଥ୍ୟାବଳୀ ରହୁନାହିଁ। ତେଣୁ ଡାଉନ୍‌ଲୋଡ କରିବା ସମୟରେ ଆପ୍‌ର ମାଲିକ କିଏ, ଆର୍‌ବିଆଇରେ ପଞ୍ଜୀକୃତ ହୋଇଛି କି ନାହିଁ ଓ ଆପ୍ ଡେଭଲପର୍, କ୍ରିଏଟର ଏବଂ ଅପରେଟରଙ୍କ ପ୍ରକୃତ ଠିକଣା ଗ୍ରାହକ ଜାଣିପାରୁନାହାନ୍ତି। ତେଣୁ ଗୁଗଲ୍ ପ୍ଲେ ଷ୍ଟୋରରେ ଲୋନ ଦେଉଥିବା ଆପ୍‌ଗୁଡ଼ିକ ଉପରୋକ୍ତ ତଥ୍ୟ ଦେଉ ବୋଲି ଇଓଡବ୍ଲ୍ୟୁ ଚିଠିରେ ଉଲ୍ଲେଖ କରିଛି।

# ପରିତ୍ୟକ୍ତ କୂଅରେ ଗଳି ପଡ଼ିଲା ଛୁଆ ହାତୀ

ଫୁଲବାଣୀ ଅଫିସ, ୯।୬

କନ୍ଧମାଳ ଜିଲାରେ ପୁଣି ଏକ ଛୁଆ ହାତୀ କୂଅରେ ଗଳି ପଡିଛି। ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ରେଞ୍ଜ ଅନ୍ତର୍ଗତ ପକାରୀ ପଞ୍ଚାୟତ ଝିରିଙ୍ଗସାହି ନିକଟସ୍ଥ ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ କୂଅରେ ଛୁଆ ହାତୀ ପଡିଯାଇଥିବା ଗୁରୁବାର ସକାଳୁ ଦେଖିବାକୁ ମିଳିଛି। ରାତି ସୁଦ୍ଧା ତାହାକୁ ୮ ଫୁଟର ଉକ୍ତ କୂଅରୁ ଉଦ୍ଧାର କରାଯିବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ କରାଯାଇନାହିଁ।

ସୂଚନା ଅନୁଯାୟୀ, ବୁଧବାର ରାତିରେ ୧୦ଟିକିଆ ହାତୀପଲ ଗାଁ ନିକଟ ଅଞ୍ଚଳକୁ ଆସିଥିଲେ। ପଲରେ ଏକ ଛୁଆ ହାତୀ ଥିଲା। ହାତୀପଲ ଗୁରୁବାର ଭୋରରେ ଜଙ୍ଗଲକୁ ଫେରୁଥିବା ବେଳେ ପରିତ୍ୟକ୍ତ କୂଅରେ ଛୁଆ ହାତୀଟି ପଡି ଯାଇଥିବା ଅନୁମାନ କରାଯାଉଛି। ଜଙ୍ଗଲକୁ ଯାଇଥିବା କିଛି ଲୋକ ଏହା ଦେଖିଥିଲେ । ବନ ବିଭାଗ ଏହା ଜାଣିଥିଲେ ମଧ୍ୟ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଘଟଣାସ୍ଥଳକୁ କେହି ଆସି ନ ଥିଲେ । ପରେ ଫିରିଙ୍ଗିଆ ରେଞ୍ଜର ବିଜୟ ମଲ୍ଲିକ ଏକ ଟିମ ସହ ସେଠାକୁ ଯାଇଛନ୍ତି। ହାତୀ ଛୁଆକୁ ଉଦ୍ଧାର କରାଯିବାକୁ ଉଦ୍ୟମ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ ରାଇକିଆ ବ୍ଲକ ବାରବା ରେଞ୍ଜ ପଳାସପଲ୍ଲୀ ଅଞ୍ଚଳରେ ମଧ୍ୟ ଗୋଟିଏ ଛୁଆ ହାତୀ କୂଅରେ ପଡି ଯାଇଥିଲା। ତାହାକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା।

**CLASSIFIED DISPLAY**

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

# ଆଜି ଦାୟିତ୍ୱ ଗ୍ରହଣ କରିବେ ଶରତ

ଭୁବନେଶ୍ୱର, ୯।୬(ବ୍ୟୁରୋ)



ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର କଂଗ୍ରେସ ଭବନଠାରେ ପହଞ୍ଚି ତାଙ୍କ ଦାୟିତ୍ୱ ଗ୍ରହଣ କରିବେ। ଏନେଇ ଦଳ ତରଫରୁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। କଂଗ୍ରେସ ଭବନକୁ ମଧ୍ୟ ନୂଆ କରି ରଙ୍ଗ କରାଯାଇଛି। ଏହି ଅବସରରେ କଂଗ୍ରେସ ଭବନରେ ଯୋଗଦେବା ଲାଗି ମଧ୍ୟ ବହୁ ନେତାଙ୍କୁ ଆମନ୍ତ୍ରଣ କରାଯାଇଛି। ତେବେ ଶରତ ଗତ ୩ ଦିନ ହେଲା ଦିଲ୍ଲୀ ଗସ୍ତରେ ଅଛନ୍ତି। ସେ ଦାୟିତ୍ୱ ନେବାପରେ ଏହା ତାଙ୍କର ପ୍ରଥମ ଦିଲ୍ଲୀ ଗସ୍ତ। ସେ ତାଙ୍କ ଗସ୍ତ କାଳରେ ରାହୁଲ ଗାନ୍ଧୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିବା ବେଳେ ଅନ୍ୟ କେତେଜଣ ବରିଷ୍ଠ ନେତାଙ୍କୁ ମଧ୍ୟ ଭେଟିଥିବା ଜଣାପଡିଛି। ତେବେ ଶରତ ଶୁକ୍ରବାର ସକାଳେ ଦିଲ୍ଲୀରୁ ଫେରି ସିଧାସଳଖ କଂଗ୍ରେସ ଭବନଠାରେ ପହଞ୍ଚି ଦାୟିତ୍ୱ ନେବେ ବୋଲି ଜଣାପଡିଛି।

# ଏକମାତ୍ର ରାଜ୍ୟ ଭାବେ ଓଡ଼ିଶାର ଏସ୍‌ଏନ୍‌ଏ ଉପସ୍ଥାପନା

**ଆଜାଦୀ କା ଅମୃତ ମହୋତ୍ସବ**

**କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଏକକ ନୋଡାଲ ଏଜେନ୍ସି ଡ୍ୟାସ୍‌ବୋର୍ଡ ଉଦ୍‌ଘାଟିତ**

ଭୁବନେଶ୍ୱର,୯।୬(ବ୍ୟୁରୋ)

ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ନୂଆଦିଲ୍ଲୀଠାରେ ଆୟୋଜିତ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସରକାରୀ ଆର୍ଥିକ ପରିଚାଳନା ବ୍ୟବସ୍ଥା (ପିଏଫ୍‌ଏମ୍‌ଏସ୍)ର ଏକକ ନୋଡାଲ ଏଜେନ୍ସି(ଏସ୍‌ଏନ୍‌ଏ)ର ଡ୍ୟାସ୍‌ବୋର୍ଡ ଶୁଭାରମ୍ଭ କରିଛନ୍ତି । ଏହି ଡ୍ୟାସ୍‌ବୋର୍ଡ ମାଧ୍ୟମରେ ବିଭିନ୍ନ ରାଜ୍ୟର ସରକାରୀ ଆର୍ଥିକ ତଥ୍ୟ ଜନସାଧାରଣଙ୍କ ପାଇଁ ଉପଲବ୍ଧ ହେବ । ଏହି ଅବସରରେ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ଅଧିକାରୀ ରାଜ୍ୟରେ ଏସ୍‌ଏନ୍‌ଏ ମଡେଲ ପ୍ରଚଳନ ସମ୍ବନ୍ଧରେ ଏକ ଉପସ୍ଥାପନା କରିଥିଲେ । ଏସ୍‌ଏନ୍‌ଏ ମଡେଲ୍ ପ୍ରଚଳନ କରିବାରେ ଏକ ପ୍ରାରମ୍ଭିକ ରାଜ୍ୟ ହୋଇଥିବା ହେତୁ ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର, ଉପରୋକ୍ତ କାର୍ଯ୍ୟକ୍ରମରେ ସମସ୍ତ ରାଜ୍ୟ ମଧ୍ୟରେ ଓଡ଼ିଶାକୁ ଏକମାତ୍ର ଉପସ୍ଥାପକ ଭାବେ ଆମନ୍ତ୍ରଣ କରିଥିଲେ । ଏହା ବିଜ୍ଞ ଆର୍ଥିକ ପରିଚାଳନା, ବଜେଟ ପ୍ରସ୍ତୁତି ତଥା ଏସ୍‌ଏନ୍‌ଏ ମଡେଲ ପ୍ରଚଳନ କରିବାରେ ଓଡ଼ିଶାର ସଫଳତାର ପରିଚାୟକ ସରକାରୀ ଆର୍ଥିକ ପରିଚାଳନା ବ୍ୟବସ୍ଥା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିଥିବା ଓଡ଼ିଶା ପାଇଁ ଜାତୀୟ ସ୍ତରରେ ଏହା ଏକ ସ୍ୱୀକୃତି ଅଟେ । ଭାରତ ସରକାର ମାର୍ଚ୍ଚ ୨୦୨୧ରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅଧୀନରେ ପାଣ୍ଠି ପ୍ରଦାନ ଓ ଏହାର ନିରୀକ୍ଷଣ ନିମିତ୍ତ ଏକ ନୂତନ ଏସ୍‌ଏନ୍‌ଏ ମଡେଲ ପ୍ରବର୍ତ୍ତନ କରିଥିଲେ। ଏହି ମଡେଲ ରାଜ୍ୟ ଏବଂ ରାଜ୍ୟ ଅଧୀନ ଯୋଜନା ପ୍ରଚଳନକାରୀ ସଂସ୍ଥାମାନଙ୍କୁ ଠିକ୍ ସମୟରେ ପାଣ୍ଠି ପ୍ରଦାନ, ପାଣ୍ଠିର ସୁବିନିଯୋଗ, ପାଣ୍ଠିର ଟ୍ରାକିଂ ମାଧ୍ୟମରେ ସରକାରଙ୍କ ଉତ୍ତମ ଆର୍ଥିକ ପରିଚାଳନାରେ ସହାୟକ ହେବ । ବଳିଷ୍ଠ ସମନ୍ୱିତ ଆର୍ଥିକ ପରିଚାଳନା ପଦ୍ଧତି (ଆଇଏଫ୍‌ଏମ୍‌ଏସ୍), ଉତ୍ତମ ଆର୍ଥିକ ସ୍ଥିତି ଓ ପିଏଫ୍‌ଏମ୍‌ଏସ୍ ପ୍ରଚଳନରେ ଏକ ପ୍ରାରମ୍ଭିକ ରାଜ୍ୟ ହୋଇଥିବାରୁ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଏସ୍‌ଏନ୍‌ଏ ମଡେଲ ପ୍ରଚଳନରେ ଓଡ଼ିଶା ଅଗ୍ରଣୀ ହୋଇପାରିଛି । ଏହି ଉତ୍ସବରେ ଭାରତ ସରକାରଙ୍କ ଅର୍ଥ ସଚିବ ଡ. ଟି.ଭି. ସୋମନାଥନ, ମହାଲେଖା ନିୟନ୍ତ୍ରକ ସୋନାଲି ସିଂ, ଅତିରିକ୍ତ ମହାଲେଖା ନିୟନ୍ତ୍ରକ ଧରିତ୍ରୀ ପଣ୍ଡା (ପିଏଫ୍‌ଏମ୍‌ଏସ୍ ଡିଭିଜନ) ସମେତ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୪ ଜିଲାରୁ ୩୧ କରୋନା ପଜିଟିଭ ଚିହ୍ନଟ

- ଗାଇଡ୍‌ଲାଇନ୍ ପାଳନ କରିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ

ଭୁବନେଶ୍ୱର, ୯।୬ (ବ୍ୟୁରୋ)

ରାଜ୍ୟରେ ପୁଣି ମୁଣ୍ଡ ଟେକିଲାଣି କରୋନା ମହାମାରୀ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୪ ଜିଲାରୁ ୩୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୮ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୧୩ଜଣ ସ୍ଥାନୀୟ ସଂକ୍ରମିତ ରହିଥିବାବେଳେ ଏମାନଙ୍କ ମଧ୍ୟରେ ୨ଜଣ ଶିଶୁ କିଶୋର ଅଛନ୍ତି। କଟକରୁ ସର୍ବାଧିକ ୧୬ ପଜିଟିଭ୍ ବାହାରିଥିବାବେଳେ ଖୋର୍ଦ୍ଧାରୁ ୧୦ଜଣ, ଝାରସୁଗୁଡ଼ା ଓ ପୁରୀରୁ ଜଣେ ଲେଖାଏ ଏବଂ ଷ୍ଟେଟ୍ ପୁଲରୁ ୩ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବାକି ୨୬ ଜିଲାରେ କରୋନା ସଂକ୍ରମିତ ନେଇ ସୂଚନା ନ ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ କରୋନା ସଂକ୍ରମଣ ବୃଦ୍ଧି ସଂକ୍ରାନ୍ତରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି, ଦେଶରେ ନିର୍ଦ୍ଦିଷ୍ଟ ଭାବେ ମହାରାଷ୍ଟ୍ର, ଦିଲ୍ଲୀ ଓ କେରଳରେ ସଂକ୍ରମଣ ବୃଦ୍ଧି ପାଉଛି। ତେବେ କଟକର ଏକ ୱାର୍କିଂ ହଷ୍ଟେଲରେ ୧୩ଜଣ ପଜିଟିଭ୍ ଚିହ୍ନଟ ହେବାପରେ ଓଡ଼ିଶାରେ ସଂକ୍ରମଣ ବୃଦ୍ଧି ପାଇଛି। ଜଣେ ପଜିଟିଭ୍ ଆସିବା ପରେ କଣ୍ଟାକ୍ଟ ଟ୍ରେସିଂ ଦ୍ୱାରା ଅନ୍ୟମାନେ ସଂକ୍ରମିତ ହୋଇଥିବା ଜଣାପଡିଛି। ସେମାନଙ୍କ ଠାରେ କୌଣସି ଲକ୍ଷଣ ନାହିଁ। କୋଭିଡ୍ ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂର୍ବରୁ କୁହାଯାଇଛି। ଏଭଳି ସ୍ପୋରାଡିକ୍ ଆଉଟ୍‌ବ୍ରେକ୍ ହେବ। ଟ୍ରାନ୍ସମିଶନ ଏବେ ଯାଏ ବନ୍ଦ ହୋଇନାହିଁ। ସେଥିପାଇଁ ସମସ୍ତ ଜିଲାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଟିକାକରଣ ହୋଇଥିବାରୁ ରୋଗର ସଂକ୍ରମଣ ଗତି ମନ୍ଥର ରହିଛି। ତେଣୁ ଟେଷ୍ଟିଂ, ଟ୍ରାକିଂ, ଚିକିତ୍ସା, ଟିକାକରଣ ଏବଂ କୋଭିଡ ଗାଇଡ୍‌ଲାଇନକୁ କଡାକଡି ପାଳନ କରିବାକୁ ପଡିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପରାମର୍ଶ ଦେଇଛନ୍ତି।

# ଟ୍ରେନ୍ ଲାଇନରୁ ମିଳିଲା ମୃତଦେହ

**ଦାଦନ ଖଟିବାକୁ ଯାଇଥିଲେ**

ନାକଟିଦେଉଳ,୯।୬(ଡ଼ି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ କମଲାନାଳୀ ଗ୍ରାମର ଯୁବକ ବୈଷ୍ଣବ ଚରଣ ପ୍ରଧାନ ତାମିଲନାଡୁ ଦାଦନ ଖଟିବାକୁ ଯାଇଥିବା ବେଳେ ଗୁରୁବାର ତାଙ୍କ ମୃତଦେହ ସେଠାରେ ଏକ ଟ୍ରେନ୍ ଲାଇନରୁ ମିଳିଛି। ତାଙ୍କୁ କେହି ହତ୍ୟା କରି ଟ୍ରେନ୍ ଲାଇନରେ ଫିଙ୍ଗିଦେଇଥିବା ସନ୍ଦେହ କରିଛନ୍ତି ବୈଷ୍ଣବଙ୍କ ବାପା ରାମଚନ୍ଦ୍ର ପ୍ରଧାନ। ରାମଚନ୍ଦ୍ର ପୂର୍ବାହ୍ନରେ ରେଢ଼ାଖୋଲ ଉପଜିଲାପାଳଙ୍କୁ ଭେଟି ଘଟଣାର ତଦନ୍ତ କରି ସତ୍ୟତା ଉନ୍ମୋଚନ କରିବାକୁ ଅନୁରୋଧ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ମୁଲମଜୁରି ଲାଗି ପରିବାର ପ୍ରତିପୋଷଣ କରିଥାନ୍ତି। ଘୋଷରାମାଳ ଥାନା ଅଞ୍ଚଳର ଜଣେ ବ୍ୟକ୍ତି ଦଲାଲ ଭାବେ ଅଞ୍ଚଳରୁ ଯୁବକଙ୍କୁ କାମ କରିବାକୁ ବାହାରକୁ ପଠାଇଥାନ୍ତି। ତାଙ୍କ ଦ୍ୱିତୀୟ ପୁତ୍ର ବୈଷ୍ଣବଙ୍କୁ ଦଲାଲ ଜଣକ ଏକମାସ ପୂର୍ବରୁ ତାମିଲନାଡୁ ଡ଼ାକି ନେଇଥିଲେ। ସେ ତାଙ୍କୁ ତାମିଲନାଡୁ ତ୍ରିପୁର ଥାନା ଇଙ୍ଗୁରସ୍ଥିତ ଅଗ୍ନି ଷ୍ଟିଲରେ ଶ୍ରମିକ ଭାବେ ନିୟୋଜିତ କରିଥିଲେ। ଏପରିସ୍ଥଳେ ବୁଧବାର ସେଠାରେ କାମକରୁଥିବା ଘୋଷରାମାଳ ଅଞ୍ଚଳର ବାବୁଲି ଦେହୁରି ଫୋନ ଯୋଗେ ବୈଷ୍ଣବ ଆତ୍ମହତ୍ୟା କରିଥିବା ନେଇ ବଡ଼ଭାଇ କୁମାର ଚନ୍ଦ୍ର ପ୍ରଧାନଙ୍କୁ ଜଣାଇଥିଲେ। ଦଲାଲ ଜଣଙ୍କୁ ଫୋନ କରି ପଚାରିବାରୁ ସେ ମଧ୍ୟ ସମାନ କଥା କହିଥିଲେ। ଏହାସହ ତ୍ରିପୁର ରେଳବାଇ ଥାନା ଅଞ୍ଚଳର ଟ୍ରେନ୍ ଲାଇନରୁ ତା'ର ମୃତଦେହ ମିଳିଛି। ସେଠାକାର ରେଳବାଇ ଥାନା ଅଧିକାରୀଙ୍କ ମୋବାଇଲ ନମ୍ବର ଦେଇ ପଚାରି ବୁଝିବାକୁ କହିଥିଲେ। ପୁଅର ଏପରି ସନ୍ଦେହଜନକ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ନ ପାରି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



୰ଶାନ୍ତିଲତା ସାହୁ
ସ୍ୱା: ୰ମଣିଚରଣ ସାହୁ
ଗ୍ରା: ଉତେଇପୁର, ଥା: ଧାମନଗର, ଜି: ଭଦ୍ରକ
ଆବିର୍ଭାବ: ୦୫।୧୧।୧୯୪୫
ତିରୋଧାନ: ୩୧।୦୫।୨୦୨୨
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା ।
ତୁମର ପୁତ୍ର: ରତ୍ନାକର, ଦୁର୍ଗା, ବୁଲୁ, ଦିବାକର, କଲ୍ୟାଣ ଓ ପରିବାରବର୍ଗ ।
ଧ-୬୯୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀର ଶ୍ରଦ୍ଧାଞ୍ଜଳି**



୰ଡକ୍ଟର ହରିହର ତ୍ରିପାଠୀ
୩୧୮, ଶୁଭଦା ସଦନ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର
ଜନ୍ମସ୍ଥାନ: ଶ୍ରୀନଳୀନାକ୍ଷପୁର ଶାସନ, ଗଞ୍ଜାମ
ତୁମେ ଆମକୁ ଛାଡ଼ି ଚାଲିଯିବା ବର୍ଷେ ପୂରିଗଲା। ସେ ଭିତରେ ତୁମର ସ୍ମୃତି କିନ୍ତୁ ଆମମାନଙ୍କ ହୃଦୟରେ ସବୁବେଳେ ସ୍ପନ୍ଦିତ ହୋଇ ଚାଲିଛି। ତୁମ ଆଦର୍ଶର ଆବେଗ ଭିତରେ ଏ ପରିବାରର ଉତ୍ତର ଦାୟାଦମାନଙ୍କୁ ଆଶୀର୍ବାଦ କରୁଥିବା ଏତିକି କାମନା ଆଜିର ପୁଣ୍ୟତିଥି ଅବସରରେ...
ତୁମର: ପତ୍ନୀ: କୁମୁଦିନୀ, ଝିଅ/ଜ୍ୱାଇଁ: ଶୋଭନା ଓ ଡା. କୌଶିକ, ଡ. ମନ୍ଦିରା ଓ ରମାକାନ୍ତ, ଚିନ୍ମୟୀ ଓ ଡ. ପ୍ରଶାନ୍ତ, ବୈଶାଖୀ ଓ ଜାନକୀ ବଲ୍ଲଭ, ନାତି/ନାତୁଣୀ: ଡା. ଆତ୍ମନ, ରୋଚନ, ଶେଫାଳି ।
ଧ-୭୦୦

# ବାରବାଟୀ ରେକର୍ଡ୍ସ

ଭାରତ–ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଆୟୋଜନ ପାଇଁ ବାରବାଟୀ ପ୍ରସ୍ତୁତ। ସମ୍ପୂର୍ଣ୍ଣ ନୂଆ ରୂପରେ ସଜେଇ ହେଉଥିବା ଏହି ଷ୍ଟାଡିୟମରେ ଏଥର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଆଶା କରାଯାଉଥିବାବେଳେ ଅତୀତର କେତେକ ଘଟଣା ଓ ରେକର୍ଡକୁ ନେଇ ଉପସ୍ଥାପନା...



ଆଉ ଏକ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ଆୟୋଜନ ପାଇଁ ବାରବାଟୀ ପ୍ରସ୍ତୁତ। ଭାରତ–ଦକ୍ଷିଣ ଆଫ୍ରିକା ୫ ମ୍ୟାଚବିଶିଷ୍ଟ ଟି୨୦ ସିରିଜର ଦ୍ୱିତୀୟ ମ୍ୟାଚ ଏହି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବାରବାଟୀରେ ଏହା ହେବ ୩ୟ ଟି୨୦ ଏବଂ ଓଭରଅଲ୍ ୨୪ତମ ଅନ୍ତର୍ଜାତୀୟ ମ୍ୟାଚ। ଦୀର୍ଘ ୨ ବର୍ଷ ବ୍ୟବଧାନରେ ଅନ୍ତର୍ଜାତୀୟ ମ୍ୟାଚ ଓଡ଼ିଶାକୁ ଆସିଥିବାରୁ ସଜେଇ ହେଉଛି ବାରବାଟୀ। ଅନେକ କିଛି ନୂଆ ପଦକ୍ଷେପ ସହ ଓଡ଼ିଶା କ୍ରିକେଟ ଆସୋସିଏଶନ କର୍ମକର୍ତ୍ତାମାନେ ମ୍ୟାଚକୁ ସଫଳତାର ସହ ସମ୍ପନ୍ନ କରାଇବା ନେଇ ଦୃଢ଼ ପରିକର। ପଡ଼ିଆର ତଳଭାଗରୁ ମାଟି କଢ଼ାଯାଇ ବାଲିର ଆସ୍ତରଣ ଦିଆଯାଇଛି। ଫଳରେ ବର୍ଷା ହେଲେ ପାଣି ଶୀଘ୍ର ଶୁଖିଯାଇ ପାରିବ। ପିଚ୍ ଏବଂ ପଡ଼ିଆକୁ ଘୋଡ଼ାଇବା ପାଇଁ ଇଂଲଣ୍ଡରୁ ଅତ୍ୟାଧୁନିକ ସରଞ୍ଜାମ ଅଣା ଯାଇଥିବାବେଳେ ଅଷ୍ଟ୍ରେଲିଆରୁ ୨ଟି ସୁପର ସପର ମଗା ଯାଇଛି। ଫଳରେ ଯଦି ବର୍ଷା ହୋଇ ଛାଡ଼ିଯାଏ ତେବେ ମ୍ୟାଚ ହେବାରେ ବିଶେଷ ଅସୁବିଧା ହେବନାହିଁ। ପଡ଼ିଆକୁ ଅଧିକ ଆଲୋକିତ କରିବା ପାଇଁ ନୂଆ ଏଲ୍ଇଡି ଲାଇଟ୍ର ବ୍ୟବସ୍ଥା କରାଯାଇଛି। ଏଥର ପ୍ରଥମଥରପାଇଁ ବାରବାଟୀରେ ଏଲ୍ଇଡି ଲାଇଟ୍ରେ ମ୍ୟାଚ ଖେଳାଯିବ। ପ୍ରସ୍ତୁତି କାର୍ଯ୍ୟ ଏକପ୍ରକାର ଶେଷ ହୋଇଯାଇଥିବାବେଳେ ଏବେ କେବଳ ଦୁଇ ଦଳର ଆଗମନକୁ ଅପେକ୍ଷା।

ବାରବାଟୀରେ ମ୍ୟାଚ ପାଇଁ ଓଡ଼ିଶା ଦର୍ଶକ ଅହେତୁକ ଆଗ୍ରହ ଦେଖାଇଛନ୍ତି। ଅନ୍ଲାଇନ୍ରେ ୫୦୦୦ ଟିକେଟ ଅଳ୍ପ କିଛି ସମୟ ମଧ୍ୟରେ ଶେଷ ହୋଇ ଯାଇଥିବାବେଳେ କାଉଣ୍ଟରରେ ଟିକେଟ କିଣିବା ପାଇଁ ରାତି ଅନିଦ୍ରା ହୋଇଛନ୍ତି। ଟିକେଟ ହାତରେ ପାଇବାପରେ ଖୁସି କହିଲେ ନସରେ। ଏଥର ଯୁବ ଅଧିନାୟକ ରିଷଭ ପନ୍ତଙ୍କ ନେତୃତ୍ୱର ଯାଦୁ ଦେଖିବେ ଘରୋଇ ଦର୍ଶକ। ବିରାଟ କୋହଲି ପୂର୍ବରୁ ଅଧିନାୟକ ପଦରୁ ଓହରି ଯାଇଥିବାବେଳେ ରୋହିତ ଶର୍ମା ଓ ଲୋକେଶ ରାହୁଲଙ୍କ ଅନୁପସ୍ଥିତିରେ ପନ୍ତଙ୍କ ଉପରେ ଗୁରୁଦାୟିତ୍ୱ ନ୍ୟସ୍ତ ହୋଇଛି। ଏଥିରେ ତାଙ୍କୁ ସହଯୋଗ କରିବେ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ଅନ୍ୟତମ ସଫଳ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ଏଥର ଏକ ଯୁବ ଭାରତୀୟ ଦଳ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକାର ମୁକାବିଲା କରିବ। ଦକ୍ଷିଣ ଆଫ୍ରିକା ପାଇଁ ବାରବାଟୀର ସ୍ମୃତି ଯେତିକି ମଧୁର ସେତିକି ତିକ୍ତ। ମଧୁର ଏହା ଯେ, ଏଠାରେ ଦଳ ଗୋଟିଏ ଟି୨୦ ମ୍ୟାଚ ଖେଳି ବିଜୟ ହାସଲ କରିଛି। କେବଳ ଯେ ବିଜୟ ହାସଲ କରିଛି ତା' ନୁହେଁ ୨୦୧୫ରେ ଅନୁଷ୍ଠିତ ମ୍ୟାଚରେ ମାତ୍ର ୯୨ ରନରେ ଘରୋଇ ଦଳକୁ ଅଲ୍ଆଉଟ କରିବାରେ ସକ୍ଷମ ହୋଇଛି। ବିଜୟ ଲକ୍ଷ୍ୟକୁ ମଧ୍ୟ ଅତି ସହଜରେ ଅତିକ୍ରମ କରିଛି। ମାତ୍ର ଭାରତୀୟ ଖେଳାଳିଙ୍କ ଲଜ୍ଜା ଜନକ ପ୍ରଦର୍ଶନକୁ ସହଜରେ ଗ୍ରହଣ କରିପାରି ନ ଥିଲେ ଓଡ଼ିଆ ଦର୍ଶକ। ଧୈର୍ଯ୍ୟ ସୀମା ଅତିକ୍ରମ କରିବା ପରେ ପଡ଼ିଆକୁ ପାଣି ବୋତଲ, ଗ୍ଲାସ ଏବଂ ଅନ୍ୟ ସାମଗ୍ରୀ ଫୋପଡ଼ା ଆରମ୍ଭ ହୋଇଯାଇଥିଲା। ଫଳରେ ଖେଳ ବେଶ୍ କିଛି ସମୟ ବାଧାପ୍ରାପ୍ତ ହୋଇଥିଲା। ଏହା ଭ୍ରମଣକାରୀ ଦଳପାଇଁ ତିକ୍ତ ଅନୁଭୂତି ଆଣିଥିଲା। ତେବେ ଏହା ଅତୀତ ହୋଇଯାଇଛି। ଏହା ପରଠାରୁ ଏପରି ପରିସ୍ଥିତିକୁ ଏଡ଼ାଇବା ପାଇଁ ପ୍ରତି ଗ୍ୟାଲେରି ଆଗରେ ନେଟ୍ ଲଗାଇବାର ବ୍ୟବସ୍ଥା କରାଯାଉଛି। ନିକଟରେ ଶେଷ ହୋଇଥିବା ଆଇପିଏଲ୍ରେ ଭଲ ପ୍ରଦର୍ଶନ କରିଥିବା ଅଧିକାଂଶ ଯୁବ ଖେଳାଳି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ସିନିୟରଙ୍କ ଅନୁପସ୍ଥିତିରେ ନିଜ ଦକ୍ଷତା ଦେଖାଇବା ପାଇଁ ସେମାନେ ସୁବର୍ଣ୍ଣ ସୁଯୋଗ ପାଇଛନ୍ତି। ସୁଯୋଗର ସଦୁପଯୋଗ କରିବାକୁ ସେମାନେ ଚାହିଁବେ ନିଶ୍ଚିତ। ତେଣୁ ଆଗାମୀ ଭାରତ–ଦକ୍ଷିଣ ଆଫ୍ରିକା ମ୍ୟାଚ ରୋମାଞ୍ଚକ ହେଉ ବୋଲି ଓଡ଼ିଶାର କ୍ରିକେଟପ୍ରେମୀ ଆଶା କରି ରହିଛନ୍ତି।



ରିଷଭ ପନ୍ତ

## ବାରବାଟୀରେ ଶତକ

| ସ୍କୋର | ଖେଳାଳି | ଟିମ୍ | ବଲ୍ | ଇନିଂସ | ବି. ଦଳ | ତାରିଖ | ଫଳାଫଳ |
|---|---|---|---|---|---|---|---|
| | | | | ଟେଷ୍ଟ | | | |
| ୧୬୬ | ଦିଲୀପ ଭେଙ୍ଗସରକାର | ଭାରତ | ୨୭୯ | ୧ମ | ଶ୍ରୀଲଙ୍କା | ୪ ଜାନୁୟାରୀ ୧୯୮୭ | ବିଜୟ |
| | | | | ଦିନିକିଆ | | | |
| ୧୦୨ | ରବି ଶାସ୍ତ୍ରୀ | ଭାରତ | ୧୪୨ | ୧ମ | ଇଂଲଣ୍ଡ | ୨୭ ଡିସେମ୍ବର ୧୯୮୪ | ପରାଜୟ |
| ୧୦୪ | ଅଜୟ ଜାଡେଜା | ଭାରତ | ୧୨୬ | ୨ୟ | ୱେଷ୍ଟଇଣ୍ଡିଜ | ୯ ନଭେମ୍ବର ୧୯୯୪ | ବିଜୟ |
| ୧୨୭* | ସଚିନ ତେନ୍ଦୁଲକର | ଭାରତ | ୧୩୮ | ୨ୟ | କେନିଆ | ୧୮ ଫେବୃୟାରୀ ୧୯୯୬ | ବିଜୟ |
| ୧୫୩* | ମହମ୍ମଦ ଆଝାରୁଦ୍ଦିନ | ଭାରତ | ୧୫୦ | ୧ମ | ଜିମ୍ବାୱେ | ୯ ଏପ୍ରିଲ ୧୯୯୮ | ବିଜୟ |
| ୧୧୬* | ଅଜୟ ଜାଡେଜା | ଭାରତ | ୧୨୧ | ୧ମ | ଜିମ୍ବାୱେ | ୯ ଏପ୍ରିଲ ୧୯୯୮ | ବିଜୟ |
| ୧୦୨ | ଗ୍ରାଣ୍ଟ ଫ୍ଲାୱାର | ଜିମ୍ବାୱେ | ୧୧୮ | ୨ୟ | ଭାରତ | ୯ ଏପ୍ରିଲ ୧୯୯୮ | ପରାଜୟ |
| ୧୧୧* | କେଭିନ ପିଟରସନ | ଇଂଲଣ୍ଡ | ୧୨୮ | ୧ମ | ଭାରତ | ୨୬ ନଭେମ୍ବର ୨୦୦୮ | ପରାଜୟ |
| ୧୧୧ | ଅଜିଙ୍କ୍ୟ ରାହାନେ | ଭାରତ | ୧୦୮ | ୧ମ | ଶ୍ରୀଲଙ୍କା | ୨ ନଭେମ୍ବର ୨୦୧୪ | ବିଜୟ |
| ୧୧୩ | ଶିଖର ଧାୱନ | ଭାରତ | ୧୦୭ | ୧ମ | ଶ୍ରୀଲଙ୍କା | ୨ ନଭେମ୍ବର ୨୦୧୪ | ବିଜୟ |
| ୧୫୦ | ଯୁବରାଜ ସିଂ | ଭାରତ | ୧୨୭ | ୧ମ | ଇଂଲଣ୍ଡ | ୧୯ ଜାନୁୟାରୀ ୨୦୧୭ | ବିଜୟ |
| ୧୩୪ | ମହେନ୍ଦ୍ର ସିଂ ଧୋନୀ | ଭାରତ | ୧୨୨ | ୧ମ | ଇଂଲଣ୍ଡ | ୧୯ ଜାନୁୟାରୀ ୨୦୧୭ | ବିଜୟ |
| ୧୦୨ | ଇଅନ ମୋର୍ଗାନ | ଇଂଲଣ୍ଡ | ୮୧ | ୨ୟ | ଭାରତ | ୧୯ ଜାନୁୟାରୀ ୨୦୧୭ | ପରାଜୟ |

## ଟି୨୦

ମ୍ୟାଚ ସଂଖ୍ୟା: ୨
ପ୍ରଥମ ଟି୨୦: ଭାରତ ବନାମ ଦକ୍ଷିଣ ଆଫ୍ରିକା, ୫ ଅକ୍ଟୋବର ୨୦୧୫
ଫଳାଫଳ: ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ
ଶେଷ ଟି୨୦: ଭାରତ ବନାମ ଶ୍ରୀଲଙ୍କା, ୨୦ ଡିସେମ୍ବର ୨୦୧୭
ଫଳାଫଳ: ଭାରତ ୯୩ ରନରେ ବିଜୟୀ
ସର୍ବାଧିକ ସ୍କୋର: ଭାରତ ୧୮୦/୩ ବନାମ ଶ୍ରୀଲଙ୍କା, ୨୦ ଡିସେମ୍ବର ୨୦୧୭
ସର୍ବନିମ୍ନ ସ୍କୋର: ଶ୍ରୀଲଙ୍କା ୮୭/ଅଲ୍ଆଉଟ ବନାମ ଭାରତ, ୨୦ ଡିସେମ୍ବର ୨୦୧୭
ସର୍ବାଧିକ ବ୍ୟକ୍ତିଗତ ସ୍କୋର: ୬୧ ରନ, ଲୋକେଶ ରାହୁଲ (ଭାରତ) ବନାମ ଶ୍ରୀଲଙ୍କା, ୨୦ ଡିସେମ୍ବର ୨୦୧୭ ।
ଶ୍ରେଷ୍ଠ ବୋଲିଂ: ୪/୨୩, ଯୁଜବେନ୍ଦ୍ର ଚହଲ (ଭାରତ) ବନାମ ଶ୍ରୀଲଙ୍କା ୨୦ ଡିସେମ୍ବର ୨୦୧୭ ।
ସର୍ବାଧିକ ଉଇକେଟ: ୪– ଯୁଜବେନ୍ଦ୍ର ଚହଲ, ୩– ଆଲ୍‌ବି ମୋର୍କେଲ (ଦକ୍ଷିଣ ଆଫ୍ରିକା), ରବିଚନ୍ଦ୍ରନ ଅଶ୍ୱିନ, ହାର୍ଦ୍ଦିକ ପାଣ୍ଡ୍ୟା (ଉଭୟେ ଭାରତ)।

### ପାର୍ଟନରଶିପ୍

୧ମ ଉଇକେଟ: ୩୮ ରନ, ରୋହିତ ଶର୍ମା–ଲୋକେଶ ରାହୁଲ ( ଭାରତ) ବନାମ ଶ୍ରୀଲଙ୍କା।
୨ୟ ଉଇକେଟ: ୬୩ ରନ, ଲୋକେଶ ରାହୁଲ–ଶ୍ରେୟସ ଆୟାର (ଭାରତ) ବନାମ ଶ୍ରୀଲଙ୍କା।
୩ୟ ଉଇକେଟ: ୧୩ ରନ, ରୋହିତ ଶର୍ମା–ସୁରେଶ ରାଇନା (ଭାରତ) ବାନମ ଦକ୍ଷିଣ ଆଫ୍ରିକା।
୪ର୍ଥ ଉଇକେଟ: ୬୮* ରନ, ମହେନ୍ଦ୍ର ସିଂ ଧୋନୀ– ମନୀଷ ପାଣ୍ଡେ (ଭାରତ) ବନାମ ଶ୍ରୀଲଙ୍କା।
୫ମ ଉଇକେଟ: ୨୨ ରନ, ସୁରେଶ ରାଇନା–ମହେନ୍ଦ୍ର ସିଂ ଧୋନୀ (ଭାରତ) ବନାମ ଦକ୍ଷିଣ ଆଫ୍ରିକା।
୬ଷ୍ଠ ଉଇକେଟ: ୪ ରନ, କୁଶାଲ ପେରେରା–ଥିସରା ପେରେରା (ଶ୍ରୀଲଙ୍କା) ବନାମ ଭାରତ।
୭ମ ଉଇକେଟ: ୭ ରନ, କୁଶାଲ ପେରେରା–ଆକିଲା ଧନଞ୍ଜୟ (ଶ୍ରୀଲଙ୍କା) ବନାମ ଭାରତ।
୮ମ ଉଇକେଟ: ୧୬ ରନ, ଅକ୍ଷର ପଟେଲ–ରବିଚନ୍ଦ୍ରନ ଅଶ୍ୱିନ (ଭାରତ) ବନାମ ଦକ୍ଷିଣ ଆଫ୍ରିକା।
୯ମ ଉଇକେଟ: ୯ ରନ, ଦୁଷ୍ମନ୍ତ ଚାମିରା–ବିଶ୍ୱ ଫର୍ନାଣ୍ଡୋ (ଶ୍ରୀଲଙ୍କା) ବନାମ ଭାରତ।
୧୦ମ ଉଇକେଟ: ୭ ରନ, ରବିଚନ୍ଦ୍ରନ ଅଶ୍ୱିନ–ମୋହିତ ଶର୍ମା (ଭାରତ) ବନାମ ଦକ୍ଷିଣ ଆଫ୍ରିକା।

## ସ୍ମରଣୀୟ

* ୧୯୮୭ ଜାନୁୟାରୀରେ ଶ୍ରୀଲଙ୍କାର ରୁମେଶ ରତ୍ନାୟକେଙ୍କୁ ବୋଲ୍ଡ କରି ଭାରତର କପିଳ ଦେବ ଟେଷ୍ଟ କ୍ରିକେଟରେ କ୍ୟାରିୟରର ୩୦୦ ଉଇକେଟ ପୂରଣ କରିଥିଲେ।
* ବାରବାଟୀରେ ୨ଟି ପୁରୁଷ ଦିନିକିଆ ବିଶ୍ୱକପ ମ୍ୟାଚ ଅନୁଷ୍ଠିତ ହୋଇଛି। ୧୯୮୭ ବିଶ୍ୱକପ ମ୍ୟାଚରେ ଜିମ୍ବାୱେକୁ ଅଷ୍ଟ୍ରେଲିଆ ୭୦ ରନରେ ଏବଂ ୧୯୯୬ ବିଶ୍ୱକପରେ କେନିଆକୁ ଭାରତ ୭ ଉଇକେଟରେ ପରାସ୍ତ କରିଛି। ଏହା ବ୍ୟତୀତ ଏଠାରେ ୨୦୧୩ ମସିହାରେ ମହିଳା କ୍ରିକେଟ ବିଶ୍ୱକପର ଗ୍ରୁପ୍ 'ବି' ମ୍ୟାଚ ଆୟୋଜନ ହୋଇଥିଲା।
* ଜିମ୍ବାୱେ ବିରୋଧରେ ମହମ୍ମଦ ଆଝାରୁଦ୍ଦିନ ଓ ଅଜୟ ଜାଡେଜାଙ୍କ ଅସମାପ୍ତ ୨୭୫ ରନର ପାର୍ଟନରଶିପ୍ ସେତେବେଳେ ଦିନିକିଆ ସର୍ବଶ୍ରେଷ୍ଠ ଭାଗୀଦାରି ଥିଲା।
* ଆଝାରୁଦ୍ଦିନ ଓ ଜାଡେଜାଙ୍କ ପାର୍ଟନରଶିପ୍ ଏବେ ମଧ୍ୟ ଦିନିକିଆ କ୍ରିକେଟରେ ୪ର୍ଥ ଉଇକେଟରେ ବିଶ୍ୱ ରେକର୍ଡର ଅଧିକାରୀ ଅଛି। ଏହା ବ୍ୟତୀତ ଅସମାପ୍ତ ପାର୍ଟନରିଶିପ୍ କ୍ଷେତ୍ରରେ ଏହା ଏବେ ମଧ୍ୟ ଏକ ରେକର୍ଡ ହୋଇରହିଛି।
* ୧୯୮୭ରେ ଭାରତ ଟେଷ୍ଟରେ ୪୦୦ ରନରେ ଅଲ୍ଆଉଟ ହୋଇଥିଲା। ଏହା ଏହି ଗ୍ରାଉଣ୍ଡରେ ଏପର୍ଯ୍ୟନ୍ତ ସର୍ବାଧିକ ସ୍କୋର ହୋଇରହିଛି।
* ଗୋଟିଏ ଇନିଂସରେ ସର୍ବାଧିକ ସ୍କୋର ରେକର୍ଡ ଦିଲୀପ ଭେଙ୍ଗସରକାର (୧୬୬)ଙ୍କ ନାମରେ ରହିଛି।
* ସର୍ବାଧିକ ଉଇକେଟ ହାସଲକାରୀ ତାଲିକାରେ ଅଛନ୍ତି ନରେନ୍ଦ୍ର ହିରୱାନୀ ଓ ମନିନ୍ଦର ସିଂ। ଉଭୟ ୬ ଉଇକେଟ ଲେଖାଏ ହାସଲ କରିଛନ୍ତି। ଶ୍ରୀଲଙ୍କାର ରବି ରତ୍ନାୟେକେ ଓ ଭାରତର କପିଳ ଦେବ ୫ ଉଇକେଟ ଲେଖାଏ ନେଇଛନ୍ତି।
* ଦିନିକିଆରେ ଭାରତ ନାମରେ ସର୍ବାଧିକ ଦଳଗତ ସ୍କୋର ରେକର୍ଡ ରହିଛି। ୨୦୧୭ରେ ୬ ଉଇକେଟ ହରାଇ ୩୮୧ ରନ କରିଥିଲା।
* ଦିନିକିଆରେ ମହମ୍ମଦ ଆଝାରୁଦ୍ଦିନଙ୍କ ନାମରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ରେକର୍ଡ ରହିଛି। ୧୯୯୮ରେ ସେ ଜିମ୍ବାୱେ ବିପକ୍ଷରେ ୧୫୩ ରନକରି ଅପରାଜିତ ରହିଥିଲେ।
* ବାରବାଟୀ ପଡ଼ିଆରେ ସର୍ବାଧିକ ରନ ସଂଗ୍ରହକାରୀ ତାଲିକାର ଶୀର୍ଷରେ ଅଛନ୍ତି ସଚିନ ତେନ୍ଦୁଲକର । ସେ ମୋଟ ୪୬୯ ରନ ସ୍କୋର କରିଛନ୍ତି। ଅଜୟ ଜାଡେଜା ୨୭୩ ଓ ଆଝାରୁଦ୍ଦିନ ୨୪୨ ରନକରି ପରବର୍ତ୍ତୀ ୨ ସ୍ଥାନରେ ଅଛନ୍ତି।
* ଏଠାରେ ଅନିଲ କୁମ୍ବଲେ, ଇଶାନ୍ତ ଶର୍ମା ଓ ଅଜିତ ଅଗରକର ସର୍ବାଧିକ ୭ଟି ଲେଖାଏ ଉଇକେଟ ନେଇଛନ୍ତି।



# ଅପରାହ୍ନ ୧ଟା ୫୦ରେ ପହଞ୍ଚିବେ ଦୁଇ ଦଳ

ଭୁବନେଶ୍ୱର, ୯।୬ (କ୍ରୀଡ଼ା ପ୍ରତିନିଧି)

ବାରବାଟୀ ଟି୨୦

କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ ପାଇଁ ଭାରତ ଓ ଦକ୍ଷିଣ ଆଫ୍ରିକା ଦଳ ଶୁକ୍ରବାର ଅପରାହ୍ନ ୧ଟା୫୦ରେ ଭୁବନେଶ୍ୱରରେ ପହଞ୍ଚିବେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବାପରେ କଡ଼ା ସୁରକ୍ଷା ମଧ୍ୟରେ ଉଭୟ ଦଳର ଖେଳାଳିଙ୍କୁ ୨ଟି ବସ୍ ଯୋଗେ ହୋଟେଲ ମେ ଫେୟାରକୁ ଅଣାଯିବ। ଏଥିପାଇଁ କମିଶନରେଟ ପୋଲିସ ଓ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଖେଳାଳିମାନଙ୍କୁ ଯୋଡ଼ି ଶଙ୍ଖନାଦ ଓ ଫୁଲ ପକାଯାଇ ସ୍ୱାଗତ କରାଯିବ।

# ମାରକ୍ରାମ କୋଭିଡ୍ ପଜିଟିଭ

**ନୂଆଦିଲ୍ଲୀ, ୯।୬:** ଭାରତ–ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ସିରିଜ ପୂର୍ବରୁ କରୋନା ସଂକ୍ରମଣ ମୁଣ୍ଡ ଟେକିଛି। ସ୍ଥାନୀୟ ଫିରୋଜ ଶାହା କୋଟ୍ଲା ଗ୍ରାଉଣ୍ଡରେ ଗୁରୁବାର ପ୍ରଥମ ମ୍ୟାଚ ଖେଳାଯିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଦଳର ଏଡେନ ମାରକ୍ରାମ କୋଭିଡ ପଜିଟିଭ ଥିବା ଜଣାଯାଇଛି। ଫଳରେ ତାଙ୍କୁ ଦଳଠାରୁ ଦୂରରେ ରଖାଯାଇଛି। ଏଥିସହ ସେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁଥିବା ସିରିଜର ଦ୍ୱିତୀୟ ମ୍ୟାଚରେ ମଧ୍ୟ ଖେଳି ପାରିବେ ନାହିଁ। ତାଙ୍କ ସ୍ଥାନରେ ୨୧ ବର୍ଷୀୟ ଟ୍ରିଷ୍ଟାନ ଷ୍ଟବ୍ସ ଟି୨୦ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି।

# ସିନ୍ଧୁ, ସେନ୍ କ୍ୱାର୍ଟରଫାଇନାଲରେ

ଜାକର୍ତ୍ତା, ୯।୬ (ପି.ଟି.)

ଇଣ୍ଡୋନେସିଆ ମାଷ୍ଟର୍ସ ବ୍ୟାଡ୍ମିଣ୍ଟନ

ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁ ଏବଂ ବିଶ୍ୱଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଲକ୍ଷ୍ୟ ସେନ୍ ଏଠାରେ ଚାଲିଥିବା ଇଣ୍ଡୋନେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍ମିଣ୍ଟନ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ସେ ଡେନ୍ମାର୍କର ବିଶ୍ୱର ୧୩ ନମ୍ବର ମାନ୍ୟତାପ୍ରାପ୍ତ ରାସମସ ଜେମ୍କଙ୍କୁ ୨୧–୧୮, ୨୧–୧୫ରେ ହରାଇ ଦେଇଛନ୍ତି। ଆଲମୋରାର ଏହି ୨୦ ବର୍ଷୀୟ ଖେଳାଳି ନିକଟରେ ବ୍ୟାଙ୍କକ୍ରେ ଐତିହାସିକ ଥୋମାସକପ୍ ସଫଳତା ହାସଲ କରିଥିବା ଭାରତୀୟ ଦଳର ଅଂଶବିଶେଷ ଥିଲେ। ଏଠାରେ ୭ମ ସିଡ୍ ମାନ୍ୟତାପ୍ରାପ୍ତ ସେନ୍ କ୍ୱାର୍ଟରଫାଇନାଲରେ ତୃତୀୟ ସିଡ୍ ଚାଇନିଜ ତାଇପେର ଚୋଉ ତିନ୍ ଚେନ୍ଙ୍କୁ ଭେଟିବେ। ଗତ ମାସରେ ଥୋମାସ କପ୍ରେ ତିନ୍ ଚେନ୍ ୩ ଗେମ୍ ବିଶିଷ୍ଟ ମ୍ୟାଚରେ ଭାରତୀୟଙ୍କୁ ହରାଇ ଦେଇଥିଲେ। ମହିଳା ସିଙ୍ଗଲ୍ସରେ କିନ୍ତୁ ସିନ୍ଧୁ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଇଣ୍ଡୋନେସିଆର ଗ୍ରେଗୋରିଆ ମାରିସ୍କା ଟନଜଙ୍ଗଙ୍କୁ ୨୩–୨୧, ୨୦–୨୨, ୨୧–୧୧ରେ ହରାଇ ଦେଇଥିଲେ। ଏହି ମ୍ୟାଚ ୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ସିନ୍ଧୁ ତାଙ୍କ କ୍ୱାର୍ଟରଫାଇନାଲରେ ୫ମ ସିଡ୍ ଥାଇଲାଣ୍ଡର ରାଚାନୋକ୍ ଇଣ୍ଟାନନ୍ ଓ ସ୍କଟଲାଣ୍ଡର କିରଷ୍ଟି ଗ୍ଲିମୋରଙ୍କ ମଧ୍ୟରେ ଖେଳାଯାଉଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ।



ପି. ଭି. ସିନ୍ଧୁ



ଲକ୍ଷ୍ୟ ସେନ୍

# କୋହଲିଙ୍କ ରେକର୍ଡ ଭାଙ୍ଗିଲେ ବାବର

ମୁଲତାନ,୯।୬: ପାକିସ୍ତାନ ଅଧିନାୟକ ବାବର ଆଜାମ ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କର ଚମତ୍କାର ଫର୍ମ ଜାରି ରଖି ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆରେ ଶତକ ହାସଲ କରିଛନ୍ତି। ତାଙ୍କ ଶତକ ଯୋଗୁ ୩୦୬ ରନ୍ର ଟାର୍ଗେଟ ପିଛା କରୁଥିବା ପାକିସ୍ତାନ ୪ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ବାବର ୧୦୭ ବଲରେ ୧୦୩ ରନ୍ ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ୧୭ତମ ଦିନିକିଆ ଶତକ। ତାଙ୍କୁ ଉପଯୁକ୍ତ ସହାୟତା ଯୋଗାଇଥିଲେ ଓପନର ଇମାମ ଉଲ ହକ୍ (୬୫) ଓ ମହମ୍ମଦ ରିଜୱାନ (୫୯)। ଶେଷ ଆଡ଼କୁ ଫିନିଶର ସାଜିଥିଲେ ଖୁଶଦିଲ ଶାହା (୨୩ ବଲରେ ୪୧ ରନ୍)। ଟସ୍ ଜିତି ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ଉଇକେଟ ହରାଇ ୩୦୫ ରନ୍ କରିଥିଲା। ଶାଇ ହୋପ ୧୨୭ (୧୫ ଚୌକା ଓ ୧ ଛକା) ରନ୍ର ଶତକୀୟ ଇନିଂସ ଖେଳିଥିବା ବେଳେ ଶାମାରା ବ୍ରୁକ୍ସ ୭୦ (୭ ଚୌକା) ରନ୍ କରିଥିଲେ। ଘରୋଇ ବୋଲରଙ୍କ ମଧ୍ୟରେ ହାରିସ ରଫ ୪ ଓ ଶାହିନ ଆଫ୍ରିଦୀ ୨ ଉଇକେଟ ନେଇଥିଲେ। ବାବର ଏହି ଶତକୀୟ ଇନିଂସ ଅବସରରେ ପାକିସ୍ତାନ ଅଧିନାୟକ ଭାବେ ୧୦୦୦ ରନ୍ ପୂରଣ କରିଛନ୍ତି। ଏହି ମାଇଲଷ୍ଟୋନରେ ପହଞ୍ଚିବା ଲାଗି ତାଙ୍କୁ ମାତ୍ର ୧୩ ଇନିଂସ ଲାଗିଛି। ଏଥିସହିତ ଅଧିନାୟକ ଭାବେ ଏକ ହଜାର ରନ୍ ପୂରଣ କରିବାରେ ସେ ଦ୍ରୁତତମ ବ୍ୟାଟର ହେବାର ରେକର୍ଡ କରିଛନ୍ତି। ଏହି ରେକର୍ଡ ପୂର୍ବରୁ ଥିଲା ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ନାମରେ। ସେ ୧୭ତମ ଇନିଂସରେ ୧୦୦୦ ରନ୍ ପୂରଣ କରିଥିଲେ। ତାଲିକାରେ ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଏବି ଡି'ଭିଲିର୍ସ (୧୮ ଇନିଂସ), ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ (୨୦) ଓ ଇଂଲଣ୍ଡର ଆଲିଷ୍ଟର କୁକ୍ (୨୧) ରହିଛନ୍ତି। ଏହି ରେକର୍ଡ ସମ୍ପର୍କରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଇନ୍‌ଷ୍ଟାଗ୍ରାମ ଜରିଆରେ ସୂଚନା ଦେଇଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜୁନ୍ ୧୦/୨୦୨୨ Sambalpur, Friday, June 10/ 2022

# ଦକ୍ଷିଣ ଆଫ୍ରିକା ଜିତିଲା ପ୍ରଥମ ଟି୨୦

ନୂଆଦିଲ୍ଲୀ,୯।୬

୨୧୧ ରନ୍‌ର ବିଶାଳ ଟାର୍ଗେଟ ଛିଡ଼ା କରିବା ସତ୍ତ୍ୱେ ଭାରତ ବିଜୟ ସ୍ୱାଦ ଚାଖିପାରି ନାହିଁ। ସ୍ଥାନୀୟ ଅରୁଣ ଜେଟଲି ଷ୍ଟାଡିୟମରେ ଗୁରୁବାର ଦକ୍ଷିଣ ଆଫ୍ରିକା ୫ ବଲ ପୂର୍ବରୁ ୭ ଉଇକେଟରେ ମ୍ୟାଚ୍‌କୁ ଜିତି ନେଇଛି। ଦକ୍ଷିଣ ଆଫ୍ରିକା ପାଇଁ ରନ୍ ପିଛା କରିବାରେ ଏହା ସର୍ବବୃହତ୍ ବିଜୟ। ଇଶାନ କିଷନଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ୨୦ ଓଭରରେ ୪ ଉଇକେଟ ହରାଇ ୨୧୧ ରନ୍ କରିଥିଲା। ଜବାବରେ ରସି ଭାନ ଡର ଡୁସେନ (୭୫*) ଓ ଡେଭିଡ୍ ମିଲର (୬୪*) ଅବିଭାଜିତ ଚତୁର୍ଥ ଉଇକେଟରେ ୧୩୧ ରନ୍ ଯୋଡ଼ି ଦକ୍ଷିଣ ଆଫ୍ରିକାକୁ ମ୍ୟାଚ୍ ଜିତାଇ ଦେଇଥିଲା। ଏହି ପରାଜୟ ଯୋଗୁ ଭାରତୀୟ ଦଳ ଏକ ବୃହତ୍ ରେକର୍ଡରୁ ବଞ୍ଚିତ ହୋଇଛି। ଏହି ମ୍ୟାଚ୍ ଜିତିଥିଲେ ଭାରତୀୟ ଦଳ ଟି୨୦ ଫର୍ମାଟରେ ଲଗାତର ୧୩ ମ୍ୟାଚ୍ ଜିତିବାର ରେକର୍ଡ କରିଥାନ୍ତା। ଅନ୍ୟପକ୍ଷରେ ଭ୍ରମଣକାରୀ ଦଳ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ହାଇସ୍କୋରିଂ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳିମାନେ ମୋଟ ୨୮ ଛକା ଲଗାଇଥିଲା।

ଛୋଟ ଗ୍ରାଉଣ୍ଡକୁ ଦୃଷ୍ଟିରେ ରଖି ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଟସ୍ ଜିତିବା ପରେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଇଶାନ କିଷନ ଏବଂ ରତୁରାଜ ଗାଏକ୍ୱାଡ ଆରମ୍ଭରୁ ଭ୍ରମଣକାରୀ ବୋଲରଙ୍କୁ ପ୍ରହାର କରିଥିଲେ। ଦୁହେଁ ୬.୨ ଓଭରରେ ୫୭ ରନ୍ ଯୋଡ଼ିଥିଲେ। ଓପନିଂ ଯୋଡ଼ିକୁ ଭାଙ୍ଗି ଦକ୍ଷିଣ ଆଫ୍ରିକାକୁ ବ୍ରେକ୍ ଥ୍ରୁ ଆଣି ଦେଇଥିଲେ ୱେନ ପାର୍ନେଲ। ଗାଏକ୍ୱାଡ (୨୩ ରନ୍, ୩ ଛକା) ଆଉଟ୍ ହୋଇଥିଲେ। ତାଙ୍କ ସ୍ଥାନରେ ବ୍ୟାଟିଂ ଆସିଥିବା ଶ୍ରେୟସ ଆୟାର ୨୭ ବଲରେ ୩୬ ରନ୍ କରିଥିଲେ, ଯେଉଁଥିରେ ସାମିଲ ଥିଲା ୧ ଚୌକା ଓ ୩ ଛକା। ଶ୍ରେୟସ ଓ କିଷନ ଦ୍ୱିତୀୟ ଉଇକେଟରେ ୬.୮ ଓଭରରେ ୮୦ ରନ୍ ଯୋଡ଼ିଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ ବିସ୍ଫୋରକ ବ୍ୟାଟିଂ କରୁଥିବା କିଷନ କେଶବ ମହାରାଜଙ୍କ ବଲରେ ବାଉଣ୍ଡ୍ରି ଅଞ୍ଚଳରେ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ୪୮ ବଲରେ ୧୧ ଚୌକା ଓ ୩ ଛକା ସହିତ ୭୬ ରନ୍ କରିଥିଲେ। ଶେଷ ଆଡ଼କୁ ଅଧିନାୟକ ରିଷଭ ପନ୍ତ ୨୯ (୨ ଲେଖାଏ ଚୌକା ଓ ଛକା) ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅପରାଜିତ ୩୧ (୨ ଚୌକା ଓ ୩ ଛକା) ରନ୍‌ର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଫଳରେ ଭାରତୀୟ ଦଳ ୨୦ ଓଭରରେ ୪ ଉଇକେଟ ହରାଇ ୨୧୧ ରନ୍ କରିଛି। ଭାରତୀୟ ଦଳର ଏହି ଇନିଂସରେ ୧୪ ଛକା ଓ ୧୬ ଚୌକା ସାମିଲ ଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଆରମ୍ଭରୁ ଅଧିନାୟକ ବଭୁମା (୧୦)ଙ୍କ ଉଇକେଟ ହରାଇଥିଲା। ତା' ପରେ ପ୍ରିଟୋରିଅସ (୧୩ ବଲରେ ୨୯ ରନ୍, ୧ ଚୌକା ଓ ୪ ଛକା) ଛୋଟ ହେଲେ ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। କ୍ୱିଣ୍ଟନ ଡି'କକ୍ (୨୨) ବିଫଳ ହେବା ପରେ ଘରୋଇ ଦଳ ସହଜରେ ମ୍ୟାଚ୍‌କୁ ହାତେଇ ନେବ ଭଳି ଲାଗୁଥିଲା। କିନ୍ତୁ ମିଲର ଓ ଡୁସେନ ପ୍ରଥମେ ଧୈର୍ଯ୍ୟର ସହ ବ୍ୟାଟିଂ କରିଥିଲେ। ପରେ ଗିୟର ବଦଳାଇ ପ୍ରତ୍ୟେକ ବୋଲରଙ୍କ ସହ ଛକା, ଚୌକାରେ ଡିଲ୍ କରିଥିଲେ। ଦୁହେଁ ୪ର୍ଥ ଉଇକେଟରେ ୬୩ ବଲରେ ୧୩୧ ରନ୍ କରି ଦକ୍ଷିଣ ଆଫ୍ରିକାକୁ ବିଜୟ ଭେଟି ଦେଇଥିଲେ। ଡୁସେନ ୪୬ ବଲରେ ୭୫ ରନ୍ କରିଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୫ ଛକା ସାମିଲ ଥିଲା। ମିଲର ୩୧ ବଲରେ ୪ ଚୌକା ଓ ୫ ଛକା ସହାୟତାରେ ୬୪ ରନ୍ କରିଥିଲେ।



ଦକ୍ଷିଣ ଆଫ୍ରିକା ଦଳର ଟପ୍ ସ୍କୋରର ରସି ଭାନ ଡର ଡୁସେନ।

### ସ୍କୋର ବୋର୍ଡ

**ଭାରତ ଇନିଂସ**
ଇଶାନ କିଷନ-କ-ଷ୍ଟବ୍ସ-ବୋ-ମହାରାଜ-୭୬
ରତୁରାଜ ଗାଏକ୍ୱାର୍ଡ-କ-ବଭୁମା-ବୋ-ପାର୍ନେଲ-୨୩
ଶ୍ରେୟାଶ ଆୟାର-ବୋ-ପ୍ରିଟୋରିଅସ-୩୬
ପନ୍ତ-କ-ଭାନ୍ ଡର୍ ଡସେନ-ବୋ-ନୋର୍ଜ-୨୯
ହାର୍ଦ୍ଦିକ ପାଣ୍ଡ୍ୟା-ନଟଆଉଟ-୩୧
କାର୍ତ୍ତିକ-ନଟଆଉଟ-୧
ଅତିରିକ୍ତ-୧୫
**ମୋଟ:** (୨୦ ଓଭର/୪ ଇକେଟ) ୨୧୧।
ଉଇକେଟ ପତନ: ୧/୫୭, ୨/୧୩୭, ୩/୧୫୬, ୪/୨୦୨।
**ବୋଲିଂ (ଦକ୍ଷିଣ ଆଫ୍ରିକା)**
ମହାରାଜ ୩-୦-୪୩-୧
ରାବାଡା ୪-୦-୩୫-୦
ନୋର୍ଜ ୪-୦-୩୬-୧
ପାର୍ନେଲ ୪-୦-୩୨-୧
ଶାମ୍ସି ୨-୦-୨୭-୦
ପ୍ରିଟୋରିଅସ୍ ୩-୦-୩୫-୧।
**ଦକ୍ଷିଣ ଆଫ୍ରିକା ଇନିଂସ**
କ୍ୱିଣ୍ଟନ ଡି'କକ୍-କ-ଇଶାନ କିଷନ-ବୋ-ଅକ୍ଷର-୨୨
ବଭୁମା-କ-ପନ୍ତ-ବୋ-ଭୁବନେଶ୍ୱର-୧୦
ପ୍ରିଟୋରିଅସ୍-ବୋ-ହର୍ଶଲ ପଟେଲ-୨୯
ରସି ଭାନ୍ ଡର ଡୁସେନ-ନଟଆଉଟ-୭୫
ଡେଭିଡ୍ ମିଲର-ନଟଆଉଟ-୬୪
ଅତିରିକ୍ତ-୧୨
ମୋଟ: (୧୯.୧ ଓଭର/୩ ଉଇକେଟ)୨୧୨।
ଉଇକେଟ ପତନ: ୧/୨୨, ୨/୬୧, ୩/୮୧।
**ବୋଲିଂ(ଭାରତ)**
ଭୁବନେଶ୍ୱର କୁମାର ୪-୦-୪୩-୧
ଆଭେସ ଖାଁ ୪-୦-୩୫-୦
ୟୁଜବେନ୍ଦ୍ର ଚହଲ ୨.୧-୦-୨୬-୦
ହାର୍ଦ୍ଦିକ ପାଣ୍ଡ୍ୟା ୧-୦-୧୮-୦
ହର୍ଶଲ ପଟେଲ ୪-୦-୪୩-୧
ଅକ୍ଷର ପଟେଲ ୪-୦-୪୦-୧

# ପ୍ରଥମ ଶ୍ରେଣୀ କ୍ରିକେଟରେ ମୁମ୍ବାଇର ବିଶ୍ୱ ରେକର୍ଡ

ନୂଆଦିଲ୍ଲୀ,୯।୬

ସର୍ବାଧିକ ଥର ରଣଜୀ ଚାମ୍ପିୟନ ମୁମ୍ବାଇ ଗୁରୁବାର ପ୍ରଥମ ଶ୍ରେଣୀ କ୍ରିକେଟ ଇତିହାସରେ ସର୍ବବୃହତ୍ ବିଜୟ ହାସଲ କରିଛି। ଚଳିତ ରଣଜୀ ଟ୍ରଫି ସିଜନର କ୍ୱାର୍ଟର ଫାଇନାଲରେ ମୁମ୍ବାଇ ୭୨୫ ରନ୍‌ରେ ଉତ୍ତରାଖଣ୍ଡକୁ ହରାଇ ଦେଇଛି। ଏଥିସହ ପ୍ରଥମ ଶ୍ରେଣୀ କ୍ରିକେଟରେ ୯୨ ବର୍ଷ ଧରି ତିଷ୍ଠି ରହିଥିବା ରେକର୍ଡ ଭଙ୍ଗ ହୋଇଛି। ୧୯୩୦-୩୧ ଶେଫିଲ୍ଡ ଶିଲ୍ଡ ସିଜନରେ ନ୍ୟୁ ସାଉଥ୍ ୱେଲ୍ସ ୬୮୫ ରନ୍‌ରେ କୁଇନ୍ସଲାଣ୍ଡକୁ ପରାସ୍ତ କରିଥିଲା। ରଣଜୀ ଟ୍ରଫିରେ ଏଥିପୂର୍ବରୁ ସର୍ବବୃହତ୍ ବିଜୟ ହାସଲ କରିବାର ରେକର୍ଡ ବେଙ୍ଗଲ ନାମରେ ଥିଲା। ୧୯୫୩-୫୪ ସିଜନରେ ବେଙ୍ଗଲ ୫୪୦ ରନ୍‌ରେ ଓଡ଼ିଶାକୁ ହରାଇଥିଲା।

ଝାଡ଼ଖଣ୍ଡ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ବେଙ୍ଗଲ ଦଳର ୯ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ୧୨୯ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିବାର ପର ଦିନ ମୁମ୍ବାଇ ଏହି ରେକର୍ଡ ହାସଲ କରିଛି। ମୁମ୍ବାଇ ଏହି ସମ୍ମାନଜନକ ପ୍ରତିଯୋଗିତାର ସେମି ଫାଇନାଲରେ ଉତ୍ତରପ୍ରଦେଶକୁ ଭେଟିବ। ଉଲ୍ଲେଖଯୋଗ୍ୟ, କର୍ନାଟକ ବିପକ୍ଷ କ୍ୱାର୍ଟର ଫାଇନାଲରେ ପ୍ରଥମ ଇନିଂସରେ ପ୍ରାୟ ୧୦୦ ରନ୍‌ରେ ପଛୁଆ ରହିବା ପରେ ମ୍ୟାଚ୍‌କୁ ଜିତି ଉତ୍ତରପ୍ରଦେଶ ଅନ୍ତିମ ୪'କୁ ଉଠିଛି। ଅଲୁରଠାରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମ ଇନିଂସରେ ପଦାର୍ପଣକାରୀ ସୁବେଦ ପାରକର (୨୫୨) ଓ ସର୍ଫରାଜ ଖାନ (୧୫୩)ଙ୍କ ଯୋଗୁ ମୁମ୍ବାଇ ୬୪୭/୮ରେ ପାଳି ଘୋଷଣା କରିଥିଲା। ଜବାବରେ ୧୧୪ ରନ୍‌ରେ ସୀମିତ ରହିଥିଲା ଉତ୍ତରାଖଣ୍ଡ। ଦ୍ୱିତୀୟ ଇନିଂସରେ ଯଶସ୍ୱୀ ଜୟସ୍ୱାଲ (୧୦୩)ଙ୍କ ଶତକ ସହାୟତାରେ ମୁମ୍ବାଇ ୨୬୧/୩ରେ ଇନିଂସ ପରିସମାପ୍ତି ଘୋଷଣା କରିଥିଲା। ଚତୁର୍ଥ ଦିନ ତଥା ଗୁରୁବାର ଉତ୍ତରାଖଣ୍ଡ ତା'ର ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୬୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା।

# ହାସନେନ୍‌ଙ୍କ ବୋଲିଂ ଆକ୍ସନରେ ତ୍ରୁଟି ଦୂର ହୋଇଛି

କରାଚୀ, ୯।୬ (ପି.ଟି.)

ପାକିସ୍ତାନର ଯୁବ ପେସ୍ ବୋଲର ମହମ୍ମଦ ହାସନେନ୍‌ଙ୍କ ବୋଲିଂ ଆକ୍ସନରେ ରହିଥିବା ତ୍ରୁଟି ଦୂର ହୋଇଛି ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କହିଛି। ଏପରି କି ସେ ସବୁସ୍ତରରେ କ୍ରିକେଟ ଖେଳିପାରିବେ। ଆଇସିସି ଇଲିଗାଲ ବୋଲିଂ ରେଗୁଲେଶନ ଅନୁସାରେ ବୋଲିଂ ବେଳେ କହୁଣି ସଂପ୍ରସାରଣ ୧୫ ଡିଗ୍ରୀ ଭିତରେ ସୀମିତ ରହିବା ଉଚିତ। ହାସନେନଙ୍କ ବୋଲିଂ ଆକ୍ସନ ବର୍ତ୍ତମାନ ଆଇନ ସମ୍ମତ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଗୁରୁବାର ପ୍ରକାଶ କରିଛି। ବର୍ତ୍ତମାନ ସେ ବିଶ୍ୱବ୍ୟାପୀ ସମସ୍ତ ଘରୋଇ କ୍ରିକେଟ ସମେତ ସମସ୍ତ ପ୍ରକାର କ୍ରିକେଟରେ ପୁନର୍ବାର ବୋଲିଂ କରିପାରିବେ ବୋଲି ବୋର୍ଡ କହିଛି। ଗତ ଫେବୃୟାରୀରେ ବିଗ୍ ବାଶ୍ ଲିଗ୍ ଖେଳୁଥିବା ବେଳେ ହାସନେନ୍‌ଙ୍କ ବୋଲିଂ ଆକ୍ସନକୁ ନେଇ ରିପୋର୍ଟ କରାଯାଇଥିଲା। ଆଇସିସି ତତ୍ତ୍ୱାବଧାନରେ ତାଙ୍କର ରିଭ୍ୟୁ ଟେଷ୍ଟ ହୋଇଥିଲା। ଏଥିରେ ସେ ବିଫଳ ହୋଇଥିଲେ।


ମହମ୍ମଦ ହାସନେନ୍

# ଆର୍ଯ୍ୟନଙ୍କୁ ରୌପ୍ୟ ପଦକ

**ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ଭୁବନେଶ୍ୱର, ୯।୬ (କ୍ରୀଡ଼ା ପ୍ରତିନିଧି)

ହରିୟାଣାର ପଞ୍ଚକୁଲାଠାରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ ଗେମ୍ସରୁ ଗୁରୁବାର ଓଡ଼ିଶାକୁ ଆଉ ଏକ ପଦକ ମିଳିଛି। ପୁରୁଷ ୨୦୦ ମିଟର ରେସ୍‌ରେ ଆର୍ଯ୍ୟନ ଏକ୍କା ରୌପ୍ୟ ପଦକ ହାସଲ କରିଛନ୍ତି। ସେ ୨୨.୧୦ ସେକେଣ୍ଡରେ ଦୂରତ୍ୱ ଅତିକ୍ରମ କରି ଏହି ସଫଳତା ପାଇଛନ୍ତି। ହାମଷ୍ଟ୍ରିଙ୍ଗ ଇଞ୍ଜୁରି ସତ୍ତ୍ୱେ ସେ ରୌପ୍ୟ ପଦକ ପାଇ ସାହସର ପରିଚୟ ଦେଇଛନ୍ତି। ବାଳିକା ବିଭାଗ ହକିରେ ଓଡ଼ିଶା ୬-୧ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିଛି।



ରୌପ୍ୟ ପଦକ ବିଜୟୀ ଆର୍ଯ୍ୟନ ଏକ୍କା।

## ଚିନ୍ମୟ ମହାରଣାଙ୍କ ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ

**ଭୁବନେଶ୍ୱର, ୯।୬ (କ୍ରୀଡ଼ା ପ୍ରତିନିଧି):** ଆଫ୍ରିକା ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ତାଞ୍ଜାନିଆର ମାଉଣ୍ଟ କିଲିମାଞ୍ଜାରୋ (୫୯୯୫ ମିଟର)କୁ ସଫଳତାର ସହ ଆରୋହଣ କରିଛନ୍ତି ଓଡ଼ିଶାର ଚିନ୍ମୟ ମହାରଣା। ଓଡ଼ିଶାର ପୁରାତନ ଆଡ୍‌ଭେଞ୍ଚର କ୍ଲବ ଆସାର ଜଣେ ସକ୍ରିୟ ସଦସ୍ୟ ହେଉଛନ୍ତି ଚିନ୍ମୟ। ଏଭରେଷ୍ଟ ଆରୋହି ତଥା ଆସାର ସମ୍ପାଦକ ଗଣେଶ ଜେନା, ପରାମର୍ଶଦାତା ଅଶୋକ ମହାନ୍ତି, ଉପସଭାପତି ଶକ୍ତି ରଞ୍ଜନ ମହାନ୍ତି, ବିକ୍ରମ କୁମାର ଦାସ, ଅନିତା ସ୍ୱାଇଁ ଓ ସସ୍ମିତା ପ୍ରଧାନ ପ୍ରମୁଖ ଚିନ୍ମୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।






# ମଧ୍ୟପ୍ରଦେଶ ରଣଜୀ ସେମିରେ

ଅଲୁର (କର୍ନାଟକ),୯।୬

ପଞ୍ଜାବ ବିପକ୍ଷରେ ୧୦ ଉଇକେଟରେ ବିଜୟ ହାସଲ କରି ମଧ୍ୟପ୍ରଦେଶ ଚଳିତ ବର୍ଷର ରଣଜୀ ଟ୍ରଫି କ୍ରିକେଟ ସେମିଫାଇନାଲରେ ପ୍ରବେଶ କରିଛି। ସ୍ପିନର କୁମାର କାର୍ତ୍ତିକେୟ ପଞ୍ଜାବ ବ୍ୟାଟରମାନଙ୍କୁ ଅଡୁଆରେ ପକାଇଥିଲେ। ସେ ୫୦ରନ ବିନିମୟରେ ୬ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମଶ୍ରେଣୀ କ୍ରିକେଟରେ ଏହା ଏହା ହେଉଛି ତାଙ୍କର ଦ୍ୱିତୀୟ ଶ୍ରେଷ୍ଠ ବୋଲିଂ ଫିଗର। ପଞ୍ଜାବ ପୂର୍ବଦିନର ଅସମାପ୍ତ ସ୍କୋର ୧୨୦/୫ରୁ ଖେଳ ଆରମ୍ଭ କରିଥିଲା। ବିପକ୍ଷ ଦଳକୁ ପୁନର୍ବାର ବ୍ୟାଟିଂ କରାଇବାକୁ ହେଲେ ଦଳକୁ ଆହୁରି ୫୮ରନ ଆବଶ୍ୟକ ପଡୁଥିଲା। ଟପ୍ ଅର୍ଡରରେ ପୁନର୍ବାର ବିଫଳ ହେବା ପରେ ଉଇକେଟକିପର ବ୍ୟାଟର ଅନମୋଲ ମାଲହୋତ୍ରା (୩୪) ଓ ସିଦ୍ଧାର୍ଥ କାଉଲ୍ (୩୧) ଗୁରୁବାର ସତର୍କତାର ସହ ଖେଳ ଆରମ୍ଭ କରିଥିଲେ। ଏହି ଦୁଇଜଣ ପଞ୍ଜାବକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବେ ବୋଲି ଆଶା କରାଯାଉଥିଲା। ହେଲେ ସାରାଂଶ ଜୈନ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍ ଥ୍ରୁ ଆଣିଥିଲେ। କାଉଲ ମିଡ୍ ଉଇକେଟ ଅଞ୍ଚଳକୁ ଖେଳିବାକୁ ଚେଷ୍ଟା କରୁଥିବା ବେଳେ ମଧ୍ୟପ୍ରଦେଶ ଉଇକେଟକିପର ହିମାଂଶୁ ମନ୍ତ୍ରୀଙ୍କ ଦ୍ୱାରା ଷ୍ଟମ୍ପ ହୋଇଥିଲେ। ପରେ ଗୋଟିକେ ପରେ ଗୋଟିଏ ଉଇକେଟର ଶୀଘ୍ର ପତନ ଘଟିଥିଲା। କାର୍ତ୍ତିକେୟଙ୍କ ଚମତ୍କାର ବୋଲିଂ ଯୋଗୁ ଉଭୟ ମାଲହୋତ୍ରା ଓ ସାନଭିର ସିଂ(୦) ଉଇକେଟରେ ତିଷ୍ଠି ରହି ନ ପାରି ପ୍ୟାଭିଲିୟନ ଫେରିଥିଲେ। ମୟଙ୍କ ମାର୍କଣ୍ଡେ (୩୩) ହାତ ଖୋଲା ଶର୍ଟ ଖେଳୁଥିଲେ। ମଧ୍ୟପ୍ରଦେଶ ବୋଲିଂ ଆକ୍ରମଣକୁ ଭ୍ରୁକ୍ଷେପ ନ କରି ସେ କୋଟିଏ ଚୌକା ଓ ୩ ଛକା ଲଗାଇଥିଲେ। କିନ୍ତୁ ମାର୍କଣ୍ଡେଙ୍କ ଏକାକୀ ଲଢେଇ ଯଥେଷ୍ଟ ହୋଇ ନ ଥିଲା। ଜୈନ ଉଭୟ ଟେଲ ଏଣ୍ଡର ବିନୟ ଚୌଧାରୀ (୨) ଓ ବାଲ୍‌ତେଜ୍ ସିଂ (୬)ଙ୍କ ଉଇକେଟ ନେଇ ପଞ୍ଜାବ ଇନିଂସର ପତନ ଘଟାଇଥିଲେ।

ମାତ୍ର ୨୬ ରନର ବିଜୟ ଲକ୍ଷ୍ୟକୁ ମଧ୍ୟପ୍ରଦେଶର ଦୁଇ ଓପନର ହିମାଂଶୁ ମନ୍ତ୍ରୀ (୯ ନଟଆଉଟ) ଓ ୟାଶ ଯାଦବ (୧୭) ବିନା ଦ୍ୱିଧାରେ ୫.୧ ଓଭରରେ ହାସଲ କରିନେଇଥିଲେ। ଫଳରେ ସେମାନଙ୍କ ଦଳ ସହଜରେ ଏଲିଟ୍ ଘରୋଇ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଥିଲା।



କୁମାର କାର୍ତ୍ତିକେୟ ୬/୫୦।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ: ୨୧୯ ଓ ୨୦୩ (ଅନମୋଲ୍‌ପ୍ରୀତ ସିଂ-୩୧, ମୟଙ୍କ ମାର୍କଣ୍ଡେ-୩୩; କୁମାର କାର୍ତ୍ତିକେୟ-୬/୫୦)। ମଧ୍ୟପ୍ରଦେଶ: ୩୯୭ (ଶୁଭମ ଶର୍ମା-୧୦୨, ହିମାଂଶୁ ମନ୍ତ୍ରୀ-୮୯, ରଜତ ପଟିଡାର-୮୫, ଅକ୍ଷତ ରଘୁବଂଶୀ-୬୯; ବିନୟ ଚୌଧାରୀ-୫/୮୩) ଓ ୨୬/୦।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ମଣ୍ଡିରେ ଦୁଇ ଶ୍ରମିକଙ୍କ ମଧ୍ୟରେ ଗଣ୍ଡଗୋଳ**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ କୁଟାସିଂହା ଧାନ ମଣ୍ଡିରେ ଗୁରୁବାର ୨ଶ୍ରମିକ ବିନୋଦ ପଧାନ ଓ କିଶୋର ସାହୁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ବିନୋଦ ଆହତ ହୋଇଛନ୍ତି। ଗଣ୍ଡଗୋଳ ଛଡାଇବାକୁ ଯାଇ ସେଠାରେ ପହଞ୍ଚି ଥିବା କିଶୋରଙ୍କ ନାବାଳକ ପୁଅ ମଧ ଆହତ ହୋଇଛନ୍ତି। ଉଭୟଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। କୁଟାସିଂହା ମଣ୍ଡିରେ ରବିଧାନ କିଣାଯାଉଛି। ସ୍ଥାନୀୟ ଏସ୍‌ଏଚ୍‌ଜି ମହିଳା ଧାନ କିଣା ଦାୟିତ୍ୱରେ ଅଛନ୍ତି। କୌଣସି କାରଣରୁ ବିନୋଦ ଓ କିଶୋରଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା।

## ସଂକ୍ଷେପରେ

### ମୁରସୁଣ୍ଡି ଗଣ୍ଡଗୋଳ ଘଟଣା, ୩ ଗିରଫ

**ଲୋଇସିଂହା,୯।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ମୁରସୁଣ୍ଡି ଗାଁରେ ଗଣ୍ଡଗୋଳ ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି । ସେମାନେ ହେଲେ ମଙ୍ଗଳୁ ବିଶ୍ୱାଳ(୭୯), ରାମକୁମାର ବିଶ୍ୱାଳ(୫୫), ତନ୍ମୟ ବିଶ୍ୱାଳ(୨୨)। ସୂଚନା ଅନୁସାରେ ଦୀର୍ଘଦିନରୁ ଗାଁର ମଙ୍ଗଳୁ ବିଶ୍ୱାଳ ଏବଂ ଭାବଗ୍ରାହୀ ପଧାନଙ୍କ ପରିବାର ମଧ୍ୟରେ ବିବାଦ ଲାଗି ରହିଛି । ଭାବଗ୍ରାହୀଙ୍କ ଘର ଭଙ୍ଗାରୁଜା କରିବା ସହ ପରିବାର ଲୋକଙ୍କ ଉପରେ ଆକ୍ରମଣ ଅଭିଯୋଗ ହୋଇଥିଲା। ଆକ୍ରମଣରେ ଭାବଗ୍ରାହୀ, ସଂଯୁକ୍ତା, ଶଙ୍କର୍ଷଣ ଆହତ ହୋଇଥିଲେ। ଭାବଗ୍ରାହୀଙ୍କ ଅଭିଯୋଗକୁ ଆଧାର କରି ଥାନାରେ ଏକ ମାମଲା(୧୭୨/୨୨) ରୁଜୁ ହୋଇଛି। ଅପରପକ୍ଷରେ ମଙ୍ଗଳୁ ଭାବଗ୍ରାହୀଙ୍କ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା (୧୭୩/୨୨) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

### ବେକରେ ରଶି ଲଗାଇ ନାବାଳିକାଙ୍କ ଆତ୍ମହତ୍ୟା

**ଖଡ଼ିଆଳ,୯।୬(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଗଡ଼ରାମୁଣ୍ଡା ପଞ୍ଚାୟତ ଲୋହାରାପାଲି ଗ୍ରାମର ଗୁରୁବାର ଜଣେ ନାବାଳିକା ବେକରେ ରଶି ଲଗାଇ ଘର ପାଟିରେ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ଏ ନେଇ ନାବାଳିକାଙ୍କ ବାପା ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଘରେ କେହି ନ ଥିବା ବେଳେ ସକାଳ ୯ଟାରେ ସେ ଆତ୍ମହତ୍ୟା କରିଥିଲେ। ତାଙ୍କ ମା' ଘରେ ପହଞ୍ଚିବା ବେଳେ ଝିଅ ପାଟିରେ ଝୁଲି ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇଥିଲେ। ମା' ତୁରନ୍ତ ଆମ୍ବୁଲାନ୍ସକୁ ଖବର ଦେବା ପରେ ତାଙ୍କୁ ହସ୍ପିଟାଲକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୩୯ ଲିଟର ବିଦେଶୀ ମଦ, ବାଇକ୍ ଜବତ: ୨ ଅଟକ

**କୋକସରା,୯।୬(ଡି.ଏନ.ଏ.):** ନବରଙ୍ଗପୁର ଜିଲା ମୈଦଲପୁରରୁ ଆମପାଣି ଘାଟି ରାସ୍ତା ଦେଇ କଳାହାଣ୍ଡି ଜିଲାକୁ ଚାଲାଣ ହେଉଥିବା ୫ ପେଟି ବିଦେଶୀ ମଦ ସହ ଏକ ବାଇକ୍ ଆମପାଣି ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ ଗୁରୁବାର ସକାଳେ ନବରଙ୍ଗପୁର ଜିଲା ମୈଦଲପୁରଠାରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନରୁ କଳାହାଣ୍ଡି ସୀମା ଦେଇ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ଖବର ପାଇ ଆମପାଣି ପୋଲିସ ଚଢ଼ାଉ କରିଥିଲା। ସେଠାରୁ ଏକ ବାଇକ୍, ୪ ପେଟି ବିୟର ଓ ଗୋଟେ ପେଟିରେ ହ୍ୱିସ୍କି ମୋଟ ୩୯ ଲିଟର ବିଦେଶୀ ମଦ ଜବତ କରିଛି। ପୋଲିସ ଏକ ମାମଲା ରୁଜୁ କରି ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୬୧/୨୨) ରୁଜୁ ହୋଇଥିବା ଆମପାଣି ଥାନାଧିକାରୀ ଚତୁର୍ଭୁଜ ନାଏକ ସୂଚନା ଦେଇଛନ୍ତି।

### ୨୫୧ କୁଣ୍ଡୀୟ ଯଜ୍ଞ ପାଇଁ ଶକ୍ତିକଳସ ପହଞ୍ଚିଲା

**ସିନାପାଲି,୯।୬(ଡି.ଏନ.ଏ.):** ନୂଆପଡା ଜିଲା ସିନାପାଲିଠାରେ ହେବାକୁ ଥିବା ୨୫୧ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ପ୍ରଥମ ସୋପାନରେ ବୁଧବାର ଶାନ୍ତିକୁଞ୍ଜ ହରିଦ୍ୱାରଠାରୁ ଶକ୍ତିକଳସ ପହଞ୍ଚିଛି। ସ୍ଥାନୀୟ କାପସି ଛକଠାରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଶକ୍ତିକଳସ ଦର୍ଶନ କରିବା ସହ ସ୍ୱାଗତ କରିଥିଲେ। ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠରେ ଶକ୍ତିକଳସ ସ୍ଥାପିତ କରାଯାଇଛି। ସୂଚନା ଯେ, ମହାଯଜ୍ଞ ନିମନ୍ତେ ଶକ୍ତିକଳସ ଆଣିବାକୁ ଗତ ୩୧ ତାରିଖରେ ସିନାପାଲି ଗାୟତ୍ରୀ ଶକ୍ତିପୀଠ ତତ୍ୱବଧାନରେ ଦୁଇଶହ ଜଣିଆ ଏକ ଶ୍ରଦ୍ଧାଳୁ ଦଳ ଶାନ୍ତିକୁଞ୍ଜ ହରିଦ୍ୱାର ଯାଇଥିଲେ। ଏହି ଦଳରେ ଗାୟତ୍ରୀ ପରିବାର ସଦସ୍ୟଙ୍କ ସହ ଅଞ୍ଚଳର ଅନେକ ବୁଦ୍ଧିଜୀବୀ ସାମିଲ ଥିଲେ। ଏହି ଦଳ ତପୋଭୂମୀ ମଥୁରା, ବୃନ୍ଦାବନ, ଆଁବଲଖେ ଆଦି ପବିତ୍ର ସ୍ଥଳ ଯାଇ ସେଠାକାର ଅଗଣ୍ତ ଦୀପ ଦର୍ଶନ, ତର୍ପଣ, ପିଣ୍ଡଦାନ, ସଜଳ ଶ୍ରଦ୍ଧା, ଗଙ୍ଗାସ୍ନାନ ଆଦି ପବିତ୍ର ରୀତିନୀତି ପରେ ଶ୍ରଦ୍ଧେୟ ଶୈଳବାଳା ପାନ୍ୟଯାଜୀଙ୍କରୁ ଶକ୍ତିକଳସ ଗ୍ରହଣ କରିଥିଲେ। ଶକ୍ତିକଳସ ସିନାପାଲି ପହଞ୍ଚିବା ପରେ ଆସନ୍ତା ଜାନୁୟାରୀରେ ହେବାକୁ ଥିବା ମହାଯଜ୍ଞ ନିମନ୍ତେ ଅଞ୍ଚଳରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଛି।

# ଅଟକି ରହିଛି ଉନ୍ନତୀକରଣ କାମ

**ଲୋଇସିଂହା,୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ରହିଛି ଜିଲାର ଅନ୍ୟତମ ବୃହତ ଜଳାଶୟ ନାରାୟଣ ସାଗର। କ୍ଷୁଦ୍ର ଜଳସେଚନ ବିଭାଗ(ଏମ୍‌ଆଇ)ଅଧୀନରେ ଥିବା ନାରାୟଣ ସାଗରର ଉନ୍ନତୀକରଣ ପାଇଁ ସେଭଳି କୌଣସି ବ୍ୟବସ୍ଥା ହେଉନାହିଁ। ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କିଛିବର୍ଷ ତଳେ ହେଉଥିବା ଉନ୍ନତୀକରଣ କାମ ଏବେ ବନ୍ଦ ପଡିଛି। ରାଜନୈତିକ ଓ ପ୍ରଶାସନିକ ଇଚ୍ଛାଶକ୍ତି ଅଭାବରୁ ପୁନରୁଦ୍ଧାର ହୋଇ ପାରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଲୋଇସିଂହାର ପୂର୍ବତନ ଜମିଦାର ସ୍ୱର୍ଗତ ନାରାୟଣସିଂ ରାଏଙ୍କ ନାମରେ ଏହି ଜଳାଶୟର ନାମକରଣ ନାରାୟଣ ସାଗର କରାଯାଇଛି । ଖନନ ବେଳେ ଏହା ୨୫୦ଏକର ପରିମିତ ଥିଲା। ଏକଦା ଏହି ଜଳାଶୟରେ ମାଛ ଏବଂ ଚିଙ୍ଗୁଡି ଚାଷ କରାଯାଉଥିଲା। ୫ଖଣ୍ଡ ଗାଁର ଲୋକେ ନାରାୟଣ ସାଗରର ଜଳକୁ ଜଳସେଚନରେ ବିନିଯୋଗ କରୁଥିଲେ। ନୌକା ବିହାରର ମଜା ବି ଲୋକେ ନେଉଥିଲେ। ପାଣି ଏତେ ସ୍ୱଚ୍ଛ ଥିଲା ଯେ, ପାନୀୟ ଭାବେ ବ୍ୟବହାର କରାଯାଉଥିଲା। ପୂର୍ବେ ସାଗରରେ ବିପୁଳ ପରିମାଣରେ ପଦ୍ମଫୁଲ ମିଳୁଥିଲା। ଏପରିକି ପଦ୍ମଫୁଲ ରାଜ୍ୟ ତଥା ରାଜ୍ୟ ବାହାରକୁ ପଠାଯାଉଥିଲା। ଏହାବ୍ୟତୀତ ପୁଷ୍କର, ପଦ୍ମନାଡ, କଶରୁ କନ୍ଦା, ଗଜରିକନ୍ଦା ବିକ୍ରି କରି ବହୁ ପରିବାର ପେଟ ପୋଷୁଥିଲେ। ମାଛ ଏବଂ ଚିଙ୍ଗୁଡି ଚାଷ କରାଯାଉଥିଲା । ଅନେକ ଧୀବର ମାଛ ଧରି ପରିବାର ଚଳାଉଥିଲେ। କାଳକ୍ରମେ ସମ୍ବଲପୁର-ଟିଟିଲାଗଡ ରେଳ ଲାଇନ ସମ୍ପ୍ରସାରଣ, ମାଛ ଚାଷ ନର୍ସରୀ, ଗ୍ରାମାଞ୍ଚଳ ରାସ୍ତା ଓ ଜବରଦଖଲ କରି ଚାଷ ଜମି କରିଦେବା କାରଣରୁ ଜଳାଶୟର ପରିସୀମା ସଙ୍କୁଚିତ ହୋଇ ଏବେ ୧୧୦ଏକରରେ ସୀମିତ ରହିଛି । ସାଗର ଉପରମୁଣ୍ଡାରେ ଥିବା ସରକାରୀ ମାଛ ଯାଆଁଳ କେନ୍ଦ୍ର ଏବେ ବନ୍ଦ ହୋଇଯାଇଛି । ଫଳରେ ଅଞ୍ଚଳବାସୀ ଏଠାରୁ ଯାଆଁଳ ପାଇ ପାରୁନାହାନ୍ତି। ଯୋଗେନ୍ଦ୍ର ବେହେରା ବିଧାୟକ ଥିବା ବେଳେ ସାଗରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ପାଇଁ ୧କୋଟିରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଅନୁଦାନର ୩୦ପ୍ରତିଶତ ବିନିଯୋଗ ପରେ କାମକୁ ବନ୍ଦ କରି ଦିଆଯାଇଛି ବୋଲି ବରିଷ୍ଠ ନାଗରିକ ବିଭୂତିଭୂଷଣ ସାହାଣୀ କହିଛନ୍ତି। ଅନୁଦାନ ଥାଇ ମଧ୍ୟ କାମ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପ କାମ ତ୍ୱରାନ୍ୱିତ କରି ନାରାୟଣ ସାଗରର ଉନ୍ନତୀକରଣ କରିବାକୁ ଶିକ୍ଷାବିତ୍ ଧର୍ମସିଂ ମିଶ୍ର ଦାବି କରିଛନ୍ତି।

**ଅବହେଳିତ ୧୧୦ଏକର ପରିମିତି ନାରାୟଣ ସାଗର**



ନାରାୟଣ ସାଗର ।

# ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ



ଗ୍ରାମବାସୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଖପ୍ରାଖୋଲ, ୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ବନମାଲ ଗାଁର ଶତାଧିକ ଲୋକେ ଗୁରୁବାର ବିଡିଓ ଭୀମସେନ କହଁରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗାଁରେ ଜଳ ପ୍ରକଳ୍ପ ପାଇଁ ନିର୍ମାଣାଧୀନ କୂଅରେ କମ୍ ପାଣି ହେଉଥିବା କହି ବିଭାଗ ପକ୍ଷରୁ କୂଆ ଖନନକୁ ବନ୍ଦ କରିଦେଉଥିବା ସେମାନେ ଅଭିଯୋଗ କରିଥିଲେ। କୂଅରେ ୧୨ ଫୁଟରୁ ଅଧିକ ପାଣି ଥିବାବେଳେ କେଉଁ ସ୍ୱାର୍ଥରେ ପାଣି ନ ଥିବା ଦର୍ଶା ଯାଉଛି ବୋଲିସ ଗ୍ରାମବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଏଥିସହ ଗାଁକୁ ନିର୍ମାଣାଧୀନ କୂଅରୁ ପାଣି ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି। ମହରାପଦର ସରପଞ୍ଚ ସୁମତି ପଧାନ, ସମିତି ସଭ୍ୟ ପ୍ରତିନିଧି ଶେଷଦେବ ଧରୁଆ, ଗଣେଶ ପୁଟେଲଙ୍କ ସମେତ ଶତାଧିକ ମହିଳା ଉପସ୍ଥିତ ଥିଲେ ।

# କମଲଙ୍କୁ ସହଯୋଗ ଦେଲା ଆଦିବାସୀ କର୍ମଚାରୀ ସଂଘ

**ଖପ୍ରାଖୋଲ, ୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ଅନ୍ତର୍ଗତ ସାନବାଂଜିପାଲି ଗାଁର କମଲ ବରିହାଙ୍କ ଚିକିତ୍ସା ପାଇଁ ସହଯୋଗର ହାତ ବଢାଇଲା ବେଲପଡା ବ୍ଲକ ଆଦିବାସୀ କର୍ମଚାରୀ ସଂଘ। ଆବାହକ ଭୋପାଲ ସିଂ ବିଶ୍ୱାଳଙ୍କ ନେତୃତ୍ୱରେ ସଂଘ ସମ୍ପାଦକ ଯୁଧିଷ୍ଠିର ବର୍ଗେ, ସହସମ୍ପାଦକ ଗୁରୁବାରୁ ଧରୁଆ, କ୍ଷମାସାଗର ମାଝି, ଅନୁଜ ସିଂ ମାଝି ପ୍ରମୁଖ ଗୁରୁବାର ସାନବାଂଜିପାଲି ଗାଁରେ ପହଞ୍ଚି ରୋଗଶଯ୍ୟାରେ ଥିବା ମେଧାବୀ କମଲ ବରିହାଙ୍କୁ ଭେଟିଥିଲେ। ସଂଘ ତରଫରୁ ନଗଦ ୧୩ ହଜାର ଟଙ୍କା ପ୍ରଦାନ ସହ ଚିକିତ୍ସା ଏବଂ ୟୁପିଏସ୍‌ସି ପ୍ରସ୍ତୁତି ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ସୂଚନାଯୋଗ୍ୟ ଯେ, ପ୍ରଶାସନିକ ସେବା ପାଇଁ ପ୍ରସ୍ତୁତି ଚଳାଇଥିବା କମଲ ବରିହାଙ୍କର ଗତ ଅକ୍ଟୋବରରେ ଅସ୍ତ୍ରୋପଚାର କରାଯାଇ ବିକଳ୍ପ ମଳଦ୍ୱାର କରାଯାଇଛି। ୩ ଥର ହେଲା ଅସ୍ତ୍ରୋପଚାର ଫେଲ୍ ମାରିଥିବାବେଳେ ଚତୁର୍ଥ ଥର ପାଇଁ ଅର୍ଥ ବାଧକ ସାଜିଛି। ଏଥି ସହ ସିଭିଲ ସର୍ଭିସ ପରୀକ୍ଷା ଦେବାରେ ସମସ୍ୟା ଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଖବର ପାଇ ବିଡିଓ କିଛି ଆର୍ଥିକ ସହଯୋଗ କମଲଙ୍କୁ କରିଥିଲେ। ଏଥିଯୋଗୁ ପୀଡିତ ହୋଇ ମଧ କମଲ ଗତ ରବିବାର ୟୁପିଏସ୍‌ସି ପରୀକ୍ଷା ସମ୍ବଲପୁରରେ ଦେଇଥିଲେ ।



ଆଦିବାସୀ ସଂଘ କର୍ମକର୍ତ୍ତା କମଲ ବରିହାଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

# ଭେଜିପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

**ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଲେ ଜିଲା ପରିଷଦ ଉପାଧକ୍ଷ**



ଶିକ୍ଷକ ନିଯୁକ୍ତି ଦେବା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଉଛନ୍ତି ଜିଲା ପରିଷଦ ଉପାଧକ୍ଷ।

**ଭବାନୀପାଟଣା,୯।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭେଜିପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖିବାକୁ ମିଳିଛି। ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପ୍ରର୍ଯ୍ୟନ୍ତ ୭୮ଜଣ ଛାତ୍ରୀଛାତ୍ର ଥିବାବେଳେ ସେମାନଙ୍କୁ ଶିକ୍ଷାଦାନ ଦେବା ପାଇଁ ୨ଜଣ ଶିକ୍ଷକ ରହିଛନ୍ତି। ଗତ ୩୧ ତାରିଖ ଏଠାକାର ପ୍ରଧାନ ଶିକ୍ଷକ କ୍ଷିତୀଶ ମେହେର ଅବସର ନେଇଥିଲେ। ଏହାପରେ ୮ଟି ଶ୍ରେଣୀକୁ ୨ଜଣ ଶିକ୍ଷକ କିପରି ପାଠ ପଢାଉଥିବା ତାହା ସହଜେ ଅନୁମେୟ। ଏହି ଘଟଣାକୁ ନେଇ ବୁଧବାର ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ଜଣାଇଥିଲେ। ସ୍କୁଲରେ ଖାଲି ପଡିଥିବା ଶିକ୍ଷକ ଶୀଘ୍ର ନିଯୁକ୍ତି ଦେବା ପାଇଁ ସେ ଜିଲା ଶିକ୍ଷାଧିକାରୀଙ୍କୁ ନିବେଦନ କରିଥିଲେ। ଏ ନେଇ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କୁ ପଚାରିବାରୁ ସ୍ଥାନୀୟ ବିଇଓ ସହ କଥା ହେଲି, ସେଠାରେ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ଜୁନାଗଡ ବ୍ଲକର ଯେଉଁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଶିକ୍ଷକ ଅଭାବ ରହିଛି, ସେଠି ସ୍ଥାନୀୟ ଶିକ୍ଷକ ବିଭାଗ ପକ୍ଷରୁ ଶିକ୍ଷକ ନିଯୁକ୍ତି ଦିଆଯାଉ ନ ଥିବାବେଳେ ଯେଉଁଠି ଆବଶ୍ୟକ ନାହିଁ ସେଠି ଛାତ୍ରୀଛାତ୍ରଙ୍କୁ ଅନୁପାତରେ ଆବଶ୍ୟକରୁ ଅଧିକ ଶିକ୍ଷୟିତ୍ରୀ ଶିକ୍ଷକ ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବ୍ଲକ ଶିକ୍ଷାଧିକାରୀ (ବିଇଓ) ଏହା ଜାଣୁଛନ୍ତି ନା ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି କଳାହାଣ୍ଡି ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଏଜୁକେଶନାଲ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

**ଲୋଇସିଂହା,୯।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପ୍ରାଥମିକ ବିଦ୍ୟାଳୟ ଲାଇବ୍ରେରି ରିଡିଂ କମ୍ ଅତିରିକ୍ତ ଶ୍ରେଣୀ ଗୃହ ଓ ଏଜୁକେଶନାଲ ପାର୍କ ପାଇଁ ଗୁରୁବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରଧାନ ଶିକ୍ଷକ କୁଳମଣି ଛତ୍ରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଗୀତାଞ୍ଜଳି ଦାସ, ଜିଲା ପରିଷଦ ସଭ୍ୟା ବୀଣାପାଣି ଦାସ, ସରପଞ୍ଚ ବୃନ୍ଦାବନ ଛତ୍ରିଆ ଯୋଗଦେଇଥିଲେ । ମୋ ସ୍କୁଲ ଅଭିଯାନରେ ସ୍କୁଲ ପକ୍ଷରୁ ୧ ଲକ୍ଷ ୧୦ ହଜାର ଟଙ୍କାର ପାଣ୍ଠି ସଂଗ୍ରହ କରାଯାଇଛି। ଏହିକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨.୨୦ ଲକ୍ଷ ଅନୁଦାନ ମିଳିଛି । ମୋଟ ୩ ଲକ୍ଷ ୩୦ ହଜାର ଅନୁଦାନରେ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଏବଂ ଗୋଟିଏ ଏଜୁକେଶନାଲ ପାର୍କ ନିର୍ମାଣ ହେବ। ଶିଳାନ୍ୟାସ ଉତ୍ସବରେ ମହାଲିଙ୍ଗ ତାଙ୍କ ବିଧାୟକ ପାଣ୍ଠିରୁ ୩ ଲକ୍ଷ ଅନୁଦାନ ଦେବାକୁ ଘୋଷଣା କରିଥିଲେ।

# ବ୍ୟବସାୟୀଙ୍କ ଘରୁ ଡକାୟତି ମାମଲା: ୪ ଗିରଫ

**ଭବାନୀପାଟଣା/ଧର୍ମଗଡ଼,୯।୬(ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ଼ ସହରରେ ଗତ ୩୦ ତାରିଖ ରାତିରେ ହୋଇଥିବା ଡକାୟତି ଘଟଣାରେ କଳାହାଣ୍ଡି ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ଟିଟିଲାଗଡ଼ ଅଞ୍ଚଳର ବାସୁ ପୁଟେଲ, ନେପାଳ ଆଡ଼ ଜୁଆଡ଼, ଯୁଗେନ ପଟେଲ ଓ କୈଳାସ ହାତୀ। ସେମାନଙ୍କଠାରୁ ୩୧ ଲକ୍ଷ ୪୫ ହଜାର ୬୮୦ ଟଙ୍କା, ୨ ଭରି ସୁନା, ୪ ବାଇକ୍, ୬ ମୋବାଇଲ, ୨ଟି ଫିଙ୍ଗର ଗ୍ଲୋବ ଓ ଗୋଟିଏ ଚୋରିରେ ବ୍ୟବହୃତ କେମିକାଲ ବୋତଲ ଜବତ କରାଯାଇଛି ବୋଲି ଧର୍ମଗଡ଼ଠାରେ ଗୁରୁବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ସୂଚନା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ଜଣ ଫେରାର ଥିବା ଏସ୍‌ପି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତ ୩୦ ତାରିଖ ରାତିରେ ଧର୍ମଗଡ଼ ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ଦିନେସ ଅଗ୍ରୱାଲଙ୍କ ଘରୁ ୬ ଡକାୟତ ପଶି କେମିକାଲ ପ୍ରୟୋଗ କରିବା ସହ ବ୍ୟବସାୟୀଙ୍କ ମା' ଓ ଭଉଣୀ ଶୋଇଥିବା କୋଠରୀରେ ପଶି ଚୋରି କରିଥିଲେ । ୩୧ ତାରିଖରେ ଦିନେଶ ଧର୍ମଗଡ଼ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ. ୧୨୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଘଟଣାର ତଦନ୍ତ କରିଥିଲା। ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପିଙ୍କ ସମେତ ଧର୍ମଗଡ଼ ଡିଏସପି ଧୀରଜ ଚୋପଦାର, ସ୍ଥାନୀୟ ଥାନାଧିକାରୀ ଦୀପାଞ୍ଜଳି ପ୍ରଧାନ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

**୩୧ ଲକ୍ଷ ଟଙ୍କା, ୪ ବାଇକ୍ ସହ ୬ ମୋବାଇଲ ଜବତ**

# ନୂଆପଡ଼ାରେ ଅଗ୍ନିବର୍ଷା

**ନୂଆପଡ଼ା ଅଫିସ,୯।୬**

ନୂଆପଡା ଜିଲାରେ ଅସହ୍ୟ ଝାଞ୍ଜି ପବନ ସାଙ୍ଗକୁ ଗୁଳୁଗୁଳି ଲୋକଙ୍କୁ ଅତିଷ୍ଠ କଲାଣି। ପୂର୍ବାହ୍ନ ୧୦ଟାରୁ ଦୋକାନ ବଜାର ବନ୍ଦ ହୋଇଯାଉଛି ଓ ସନ୍ଧ୍ୟା ୫ଟା ପରେ ଖୋଲୁଛି। ଯାନବାହନ ଚଳାଚଳରେ ବାଧା ଉପୁଜୁଛି। ରାସ୍ତାଘାଟ ଶୂନଶାନ ହୋଇଯାଉଛି। ବ୍ଲକ ଓ ଜିଲା କାର୍ଯ୍ୟାଳୟକୁ ଜରୁରୀ କାର୍ଯ୍ୟ ପାଇଁ ଆସୁଥିବା ଲୋକଙ୍କ ପାଇଁ ଆଶ୍ରୟ ନେବା ଭଳି ବିଶ୍ରାମ ଗୃହ କିମ୍ବା ପାଣି ସୁବିଧା ନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ସମ୍ମୁଖିନ ହେଉଛନ୍ତି। ମୁଣ୍ଡଫଟା ଖରାରେ ଲୋକେ ଗଛମୂଳେ ଆଶ୍ରୟ ନେଉଛନ୍ତି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବ୍ଲକ ଓ ଜିଲା କାର୍ଯ୍ୟାଳୟରେ ଆଶ୍ରୟ ସ୍ଥଳ କିମ୍ବା ପିଇବା ପାଣି ବ୍ୟବସ୍ଥା କରାଯାଉ ବୋଲି ସାଧାରଣରେ ଦାବି ହେଉଛି।

# ପୁରୁଣା ଡ୍ରେନ୍ ଉପରେ ନୂଆ ଡ୍ରେନ୍ ନିର୍ମାଣ

**ସଇଁତଲା, ୯।୬ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କୁଇକେଡ଼ା ପଞ୍ଚାୟତ ରେଙ୍ଗାଲି ଗାଁରେ ପୁରୁଣା ଡ୍ରେନ୍ ଉପରେ ନୂତନ ଡ୍ରେନ୍ ନିର୍ମାଣ କରାଯାଉଥିବା ଅଭିଯୋଗ ହେଉଛି । ସୂଚନା ଅନୁସାରେ ଗାଁରେ ପୂର୍ବରୁ ଏକ ଡ୍ରେନ୍ କାମ ହୋଇଥିଲା। ବର୍ତ୍ତମାନ ଉକ୍ତ ଡ୍ରେନ୍‌କୁ ଟିକିଏ ଉଚ୍ଚ କରାଯାଉଥିବା ଦେଖିବାକୁ ମିଳୁଛି। ପୂର୍ବରୁ ଥିବା ଡ୍ରେନ୍ ଉପରେ କେବଳ କଂକ୍ରିଟ ଦିଆଯାଇଛି। ଏପରିକି ଡ୍ରେନ୍ କଡ଼ରେ ଯାଇଥିବା ପାଣି ପାଇପ ମଧ କେତେକ ସ୍ଥାନରେ ଖୋଳି ଦିଆଯାଇଥିବାରୁ ଜଳଯୋଗାଣ ବ୍ୟାହତ ହୋଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଲୋକେ ଜଳକଷ୍ଟ ଭୋଗୁଛନ୍ତି। ଏଥିସହ କାମ ଚାଲିଥିଲେ ବି ସୂଚନା ଫଳକ ଲାଗି ନାହିଁ। ଏଣୁ କିଏ କାମ କରୁଛି ଓ କେତେ ଟଙ୍କା ବିନିଯୋଗ ହେବାର ଅଛି ତାହା ଜଣା ପଡୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି । ସ୍ଥାନୀୟ ସରପଞ୍ଚ ଯୁଗଲାଲ ମାଝିଙ୍କୁ ପଚାରିବାରୁ ପୁରୁଣା ଡ୍ରେନ୍‌କୁ ସଫା କରାଯାଉଛି ଏବଂ ନୂତନ ଡ୍ରେନ୍ ନିର୍ମାଣ ହେଉଛି ବୋଲି କହିଛନ୍ତି। କନିଷ୍ଠ ଯନ୍ତ୍ରୀ ଗୋଲକ ବିହାରୀ ମାରାଣ୍ଡିଙ୍କୁ ପଚାରିବାରୁ ଘଟଣାସ୍ଥଳକୁ ଯାଇ ଦେଖିଲା ପରେ କିଛି କହିପାରିବି ବୋଲି କହିଛନ୍ତି।

# ପ୍ରତି ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ ନିର୍ମାଣ ଦାବି

**ନୂଆପଡ଼ା ଅଫିସ,୯।୬**

ଛତିଶଗାଡ ସୀମାନ୍ତ ଖରିଆର ରୋଡଠାରୁ ଭବାନୀପାଟଣା ଯିବା ରାସ୍ତା ୯୦ କିଲୋମିଟର ଲମ୍ବ ରହିଛି। ଏହା ମଧ୍ୟରେ ଅନେକ ଛୋଟବଡ ବସଷ୍ଟାଣ୍ଡ ରହିଛି । ସେହି ବସଷ୍ଟାଣ୍ଡଗୁଡ଼ିକରେ ଯାତ୍ରୀ ବିଶ୍ରାମାଗାର କିମ୍ବା ଶୌଚାଳୟ ନ ଥିବାରୁ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖିନ ହେବାକୁ ପଡୁଛି। ଅଧିକ କରି ମହିଳା ଯାତ୍ରୀମାନଙ୍କ ପାଇଁ ବହୁତ ଅସୁବିଧା ହେଉଛି। ଦୂର ଦୂରାନ୍ତକୁ ଯିବା ପାଇଁ ଯାତ୍ରୀମାନେ ବସ ଅପେକ୍ଷାରେ ବିଭିନ୍ନ ବସଷ୍ଟାଣ୍ଡରେ ଅପେକ୍ଷା କରୁଛନ୍ତି। ଯାତ୍ରୀ ବିଶ୍ରାମାଗାର ନ ଥିବାରୁ କୌଣସି ଦୋକାନ କିମ୍ବା ଗଛମୂଳେ ଆଶ୍ରୟ ନେବାକୁ ପଡୁଛି। ଖରା, ବର୍ଷା, ଶୀତରେ ଯାତ୍ରୀମାନେ ଖୋଲା ଆକାଶ ତଳେ ଅପେକ୍ଷା କରିବାକୁ ପଡୁଛି। ଶୌଚାଳୟ କିମ୍ବା ପରିଶ୍ରାଗାର ନ ଥିବାରୁ ବିଶେଷ କରି ମହିଳା ଯାତ୍ରୀଙ୍କୁ ଅଧିକ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି। ଜିଲା ନୂଆପଡା, ଖଡିଆଳ ଭଳି ବସଷ୍ଟାଣ୍ଡକୁ ଛାଡିଦେଲେ, ଅନ୍ୟ ବସଷ୍ଟାଣ୍ଡରେ ଏହି ସୁବିଧା ନାହିଁ। ୯୦ କିଲୋମିଟର ପରିଧି ଭିତରେ ଛୋଟବଡ ୫୦ରୁ ଊର୍ଦ୍ଧ୍ୱ ବସଷ୍ଟଣ୍ଡ ହେବ। ସେହିପରି ଖଡିଆଳଠାରୁ ସିନାପାଲି, ଖଡିଆଳଠାରୁ ବୋଡେନ, ଖଡିଆଳଠାରୁ କଣ୍ଟାବାଞ୍ଜି, ନୂଆପଡାଠାରୁ ଧରମବନ୍ଧା, ପତୋରା, ନୂଆପଡାଠାରୁ ପଦ୍ମପୁର ରୋଡ, ଖରିଆର ରୋଡଠାରୁ ବେଲଟୁକୁରୀ ଆଦି ରାସ୍ତା ଦେଇ ବସ ଚଳାଚଳ କରୁଛି। ହେଲେ କୌଣସି ବସଷ୍ଟାଣ୍ଡରେ ଏ ସବୁ ସୁବିଧା ନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି ହେଉଛି।

# କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

- ଗିରଫ ଦାବିରେ ଥାନା ଆଗରେ ବିକ୍ଷୋଭ
- ଅଭିଯୁକ୍ତ ଗିରଫ ପରେ କୋର୍ଟ ଚାଲାଣ

**ଭବାନୀପାଟଣା,୯।୬(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଚୁଡିହାରୀପଡାରେ ଗୁରୁବାର କାର୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ପାର୍ବତୀ ଆଚାରୀ (୩୮)। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସହର ଚୁଡିହାରୀପଡା ଦେଇ ଯାଉଥିବା ଏକ ଦ୍ରୁତଗତି କାର (ନଂ. ଓଡି୦୮କ୍ୟୁ-୯୧୬୨) ମହିଳାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଦୁର୍ଘଟଣା ଘଟାଇଥିବା ଏହି କାର ଅନ୍ୟ ୨ଜଣଙ୍କୁ ମଧ ଧକ୍କା ଦେଇଥିବା ଜଣାପଡିଛି। ସେମାନେ ମଧ ଗୁରୁତର ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଦୁର୍ଘଟଣା ଘଟାଇଥିବା କାର ମାଲିକ ହରେକୃଷ୍ଣ ସାହୁଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରିଥିଲା। ପରେ ମୃତକଙ୍କ ପଡାବାସୀ, ସମ୍ପର୍କୀୟ ଲୋକେ ସ୍ଥାନୀୟ ଥାନା ଆଗରେ ଦୁର୍ଘଟଣା ଘଟାଇଥିବା କାର ମାଲକଙ୍କୁ ଗିରଫ ଦାବିରେ ବିକ୍ଷୋଭ କରିଥିଲେ। ପୋଲିସ ହରେକୃଷ୍ଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଏ ନେଇ ଭବାନୀପାଟଣା ଟାଉନ ଥାନାରେ ଏକ ମାମଲା (ନଂ.୨୩୮/୨୨) ରୁଜୁ ହୋଇଛି।



ଥାନା ଆଗରେ ମୃତକଙ୍କ ସମ୍ପର୍କୀୟମାନେ ବିକ୍ଷୋଭ କରୁଛନ୍ତି।

### ହାତୀ ଆକ୍ରମଣରେ ଯୁବକ ଗୁରୁତର

କନ୍ଧମାଳ,(ଡି.ଏନ.ଏ.): ବୌଦ୍ଧ ଜିଲାରେ ବ୍ୟାପକ ଗଞ୍ଜେଇ ଚାଷ ଯୋଗୁ ସଂରକ୍ଷିତ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ଫଳରେ ଖାଦ୍ୟ ଅନ୍ୱେଷଣରେ ହାତୀ ଗାଁ ମୁହାଁ ହେଉଛି। ହାତୀ ଲୋକଙ୍କ ଘର ଭାଙ୍ଗିବା ସହ ଫସଲ ନଷ୍ଟ କରୁଛନ୍ତି। ବୁଧବାର କନ୍ଧମାଳ ବ୍ଲକ ବରଗାଁ ପଞ୍ଚାୟତ ଭୁର୍ଣ୍ଣପଡା ଗ୍ରାମର କୃଷ୍ଣ ରଣା (୨୫) ହାତୀ ଆକ୍ରମଣରେ ଆହତ ହୋଇଛନ୍ତି। ସେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ହାତୀ ତାଙ୍କ ଘର ଭାଙ୍ଗିବା ସହ ଆକ୍ରମଣ କରିଥିଲା। ତାଙ୍କର ହାତ ଭାଙ୍ଗିଯାଇଛି। ସେ ବର୍ତ୍ତମାନ କନ୍ଧମାଳ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ଲାଞ୍ଚ ନେବାବେଳେ ବିଇଓଙ୍କୁ ଧରିଲା ଭିଜିଲାନ୍ସ

ଝାରବନ୍ଧ,୯।୬(ଡି.ଏନ.ଏ.): ଶିକ୍ଷକଙ୍କ ଦରମା କରିବା ପାଇଁ ଲାଞ୍ଚ ନେଉବେଳେ ଗୁରୁବାର ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀ (ବିଇଓ) ରଞ୍ଜିତ ଭୋଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଗତ



ମେ ୨୫ ତାରିଖରେ ବିଇଓ ଭୋଇ ଡୁଙ୍ଗୁରିପାଲି ସ୍କୁଲ ପରିଦର୍ଶନରେ ଯାଇଥିଲେ। ସ୍କୁଲରେ କୌଣସି ଶିକ୍ଷକ ନ ଥିବାରୁ ବିଇଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଗୋଟିଏ ଦିନର ଦରମା ବନ୍ଦ କରିଥିଲେ। ଏହି ଦରମା କରିବା ପାଇଁ ପ୍ରତ୍ୟେକ ଶିକ୍ଷକଙ୍କଠାରୁ ୧ହଜାର ଟଙ୍କା ଲାଞ୍ଚ ଦେବା ପାଇଁ ଶିକ୍ଷକଙ୍କୁ କହିଥିଲେ। ଏ ନେଇ ପ୍ରଧାନ ଶିକ୍ଷକ ତ୍ରିନାଥ ସେଠ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ, ଉକ୍ତ ଟଙ୍କା ଦେବା ପାଇଁ ପ୍ରଧାନ ଶିକ୍ଷକ ସେଠ ବିଇଓ ଭୋଇଙ୍କୁ ତାଙ୍କ ଚଣ୍ଡୀଭଟା ସ୍ଥିତ ଘରକୁ ଡାକିଥିଲେ। ସେଠାରେ ବିଇଓ ଭୋଇ ରାସାୟନିକ ପ୍ରଲେପ ଦିଆହୋଇଥିବା ୫ହଜାର ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ଚଢ଼ାଉରେ ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦ, ଇନ୍ସପେକ୍ଟର ପୁନିତା ପ୍ରଭା ବାଗେ, ଏଏସ୍‌ଆଇ ସୂର୍ଯ୍ୟ କୁମାର ପ୍ରଧାନ ସାମିଲ ହୋଇଥିଲେ।



ମଣ୍ଡିରେ ଅଟକି ରହିଥିବା ଧାନ ବୋଝେଇ ଟ୍ରକ୍।

### ରାଜ୍ୟ ବାହାରକୁ ଧାନ ଚାଲାଣ, ମଣ୍ଡିରେ ଉତ୍ତେଜନା

ବରଗଡ଼ ଅଫିସ/ଅତାବିରା,୯।୬: ବରଗଡ଼ ଜିଲାରେ ଆଉ ଦୁଇଦିନ ପରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ପୂରିବ। ହେଲେ ଏପର୍ଯ୍ୟନ୍ତ ମଣ୍ଡି ଗୁଡିକରେ ଅବ୍ୟବସ୍ଥା ଲାଗିରହିଛି। ବିଭିନ୍ନ ଆଳ ଦେଖାଇ ମଣ୍ଡିରୁ ଧାନ ଉଠାଯାଉ ନାହିଁ। ସେହିପରି ମଣ୍ଡିକୁ ଆସିଥିବା ଧାନକୁ ବେପାରୀ ମାଧମରେ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ଏଭଳି ଅଭିଯୋଗ କରି ଗୁରୁବାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମ୍‌ସି) ଅଧୀନ ସହରାଟିକ୍ରା ମଣ୍ଡିରେ ଉତ୍ତେଜନା ପ୍ରକାଶ ପାଇଥିଲା। ଆନ୍ଧ୍ର ପ୍ରଦେଶ ରେଜିଷ୍ଟ୍ରେଶନ ରହିଥିବା ଟ୍ରକ୍‌ରେ ଧାନ ବୋଝେଇ ହୋଇଥିବା ଦେଖି ମଣ୍ଡିରେ ଉପସ୍ଥିତ ଚାଷୀମାନେ ସନ୍ଦେହ କରିଥିଲେ ଏବଂ ସେହି ଟ୍ରକ୍‌କୁ ଅଟକ ରଖିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ପ୍ରଶାସନିକ ଅଧିକାରୀମାନେ ମଣ୍ଡିରେ ପହଞ୍ଚି ତଦନ୍ତ କରିଥିଲେ। ଏ ସମ୍ପର୍କରେ ଅତାବିରା ଆରଏମ୍‌ସି ସମ୍ପାଦକ ପ୍ରଦୀପ କୁମାର ବେସନଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଏବଂ ଏହାର ଅଧିକ ତଦନ୍ତ ଚାଲିଛି ବୋଲି ସେ କହିଥିଲେ।

# ଭିତ୍ତିଭୂମି ଅଛି, ବିକାଶ ହେଉନି

## ସୁବର୍ଣ୍ଣପୁର ଜିଲା

### ଜଙ୍ଗଲ ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଉ

ସୋନପୁର,୯।୬(ନି.ପ୍ର.)





ସୁବର୍ଣ୍ଣପୁର ଜିଲାର ବିଭିନ୍ନ ପ୍ରାନ୍ତରେ ଘଞ୍ଚ ଜଙ୍ଗଲ ରହିଛି। ତିଲେଇମାଳ, ସିଣ୍ଡୋଲ, ପାତାଳୀ, ହୁଁକାରୀ, ବାରପାହାଡ, ଖରାପୁରା, ମହୁଲପାଲି ଆଦି ବିସ୍ତୀର୍ଣ୍ଣ ଜଙ୍ଗଲ ଏହି ଜିଲାର ଶୋଭାବର୍ଦ୍ଧନ କରୁଛି। ଜଙ୍ଗଲରେ ମୟୂର, ହରିଣ, ସମ୍ବର, ହାତୀ ଆଦି ଅଛନ୍ତି। ଖରାଦିନେ ମହୁଲ ଫୁଲର ମତୁଆଲା ବାସ୍ନା ଓ ଶୀତଦିନର କୁହୁଡିଆ ସକାଳରେ ଜଙ୍ଗଲିଆ ରାସ୍ତା, ନଦୀ ପାର୍ଶ୍ୱ ଦେଇ ଯାଉଥିବା ସମୟରେ ପକ୍ଷୀଙ୍କ କଳରବ ବାଟୋଇଙ୍କୁ ଆନମନା କରିଥାଏ। ଖାଲି ଏତିକି ନୁହେଁ, ମହାନଦୀ, ତେଲନଦୀ, ଠେଙ୍ଗା ଡ୍ୟାମ ଓ ଅନ୍ୟ ଜଳାଶୟଗୁଡିକରେ ଅନୁକୂଳ ପରିବେଶ ପାଇଁ ଦେଶ ବିଦେଶ ପକ୍ଷୀଙ୍କ ସମାଗମ ମନ ମୋହିଥାଏ। ହେଲେ ଏହିସବୁ ମନୋରମ ଦୃଶ୍ୟ ମନଭରି ଉପଭୋଗ କରିବା ପାଇଁ ଭିତ୍ତିଭୂମି ସୁଦୃଢ କରାଗଲେ ଜିଲାକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ସହ ଭଲ ରାଜସ୍ୱ ମିଳି ପାରନ୍ତା। ଏଥିପାଇଁ ଜିଲାର ନଦୀ, ଜଙ୍ଗଲ ଏବଂ ପାହାଡ଼ ସୁରକ୍ଷିତ ରହିବା ସହିତ ସବୁଜିମା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ଶିଳ୍ପ ବିହୀନ ଏହି ଜିଲାରେ ଜଙ୍ଗଲ ଓ ଜଳ ପର୍ଯ୍ୟଟନର ବିକାଶ ପାଇଁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲେ ହେଁ ଅଦ୍ୟାବଧି ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଏହି ଜିଲାରେ ଜଙ୍ଗଲ ସଫାରି, ରାତ୍ରି ରହଣୀ, ଖାଇବା ପିଇବା ଆଦି ସୁବିଧା ଉପଲବ୍ଧ ହୋଇ ପାରିଲେ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇ ପାରନ୍ତା। ବ୍ୟସ୍ତବହୁଳ ଜୀବନରେ ନିରୋଳା ସବୁଜ ପରିବେଶ ମଧ୍ୟରେ କିଛି ସମୟ କଟାଇବା ପାଇଁ ସମସ୍ତେ ଚାହାନ୍ତି। ପ୍ରକୃତିପ୍ରେମୀ ଅଧାପକ ସନ୍ତୋଷ ମହାପାତ୍ର, ଦେବାଶିଷ ସୁବୁଦ୍ଧି, ଦିନେଶ ମିଶ୍ର, ପିନାକୀ ପଣ୍ଡା, ସୁମିତ କୁମାର, ସିଦ୍ଧାର୍ଥ ସାହୁ ଓ ନରେନ ମଲ୍ଲିକ ପ୍ରମୁଖ କ୍ୟାମେରାରେ ବିଭିନ୍ନ ଜଙ୍ଗଲର ଦୃଶ୍ୟରାଜି, ପଶୁପକ୍ଷୀଙ୍କ ବିଚରଣ ଆଦି ଉତ୍ତୋଳନ କରି ଲୋକ ଲୋଚନକୁ ଆଣିବାକୁ ପ୍ରୟାସ ଜାରି ରଖିଛନ୍ତି। ହେଲେ ବିଭିନ୍ନ କାରଣରୁ ତାହା ଲୋକଲୋଚନର ଅନ୍ତରାଳରେ ରହିଯାଉଛି। ସରକାରଙ୍କ ପକ୍ଷରୁ ମଧ ଭିତ୍ତିଭୂମିର ବିକାଶ ପାଇଁ ଆଖିଦୃଶିଆ ପଦକ୍ଷେପ ନଆଯାଉନାହିଁ।

### ସେମାନଙ୍କ ମୁହଁରୁ



“ଶିଳ୍ପବିହୀନ ସୁବର୍ଣ୍ଣପୁର ଜିଲାରେ ପ୍ରାକୃତିକ ସମ୍ପଦର ଠିକ ବିନିଯୋଗ ହେଲେ ବିକାଶ ହୋଇ ପାରିବ। ଏହି ଜିଲାରେ ନଦୀ, ମନ୍ଦିର ଏବଂ ଜଙ୍ଗଲ ଆକର୍ଷଣର କେନ୍ଦ୍ରବିନ୍ଦୁ। ତେଣୁ ବନ ବିଭାଗ ପକ୍ଷରୁ ଜଙ୍ଗଲ ପର୍ଯ୍ୟଟନ ପାଇଁ କ୍ଷେତ୍ର ପ୍ରସ୍ତୁତ ହେଲେ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଏଠିକି ଆସିବାକୁ ଆଗ୍ରହ ପ୍ରକାଶ କରନ୍ତେ।

-ସିତାଂଶୁ ଶେଖର ମିଶ୍ର, ସଭାପତି, ଜିଲା ସଚେତନ ନାଗରିକ ମଞ୍ଚ



“ସୋନପୁରରୁ ସମ୍ବଲପୁର ଯାଉଥିବା ଲୋକେ ସିଣ୍ଡୋଲ ଜଙ୍ଗଲ ଦେଖି ଖୁସି ହୁଅନ୍ତି । ଏହି ଜଙ୍ଗଲରେ ବହୁ ଔଷଧୀୟ ଗଛ ରହିଛି । ବିଭିନ୍ନ ପ୍ରକାର ପଶୁ ପକ୍ଷୀ ମଧ ଏଠାରେ ବାସ କରନ୍ତି। ଏହି ଜଙ୍ଗଲ କ୍ରମଶଃ ଧ୍ୱଂସାଭିମୁଖୀ ହେବାରେ ଲାଗିଥିବାରୁ ଏଥିପ୍ରତି ସମସ୍ତେ ସଚେତନ ହେବା ଦରକାର। ଏହାଛଡା ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ବ୍ୟବସ୍ଥା କରାଯାଉ।

-ଶମ୍ଭୁରାଜ କର୍ଣ୍ଣ, ପ୍ରକୃତିପ୍ରେମୀ, ସିଣ୍ଡୋଲ



“ଆମେ ଜଙ୍ଗଲ ଫଟୋଗ୍ରାଫି କରୁଥିବା ବେଳେ ବିଭିନ୍ନ ପ୍ରକାର ଜୀବଜନ୍ତୁଙ୍କୁ ଦେଖି ଆଶ୍ଚର୍ଯ୍ୟ ହେଉ। କାରଣ ଏଭଳି ବିରଳ ପକ୍ଷୀ ଓ ବନ୍ୟଜନ୍ତୁ ଆମ ଜିଲାରେ ଥିବା ନେଇ ଲୋକେ ଜାଣନ୍ତି ନାହିଁ। ସେହିପରି ମାଛ ମାରିବା ପାଇଁ ନଦୀରେ ବେଆଇନ ବ୍ଲାଷ୍ଟିଂ କରାଯାଉଛି। ଏପରିକି ନଦୀଗର୍ଭରୁ ପଥର ଉତ୍ତୋଳନ କରାଯାଉଛି ଯାହା ମାଛ ଓ ପକ୍ଷୀଙ୍କ ପାଇଁ ବିପଦ ସୃଷ୍ଟି କରିଛି ।

-ଦେବାଶିଷ ସୁବୁଦ୍ଧି, ବିନିକା



“ସୁବର୍ଣ୍ଣପୁର ଜିଲାର କୌଣସି ଏକ ଜଙ୍ଗଲକୁ ପାଇଲଟ ପ୍ରୋଜେକ୍ଟ ଭାବେ ଗ୍ରହଣ କରି ସେହି ଜଙ୍ଗଲରେ ପର୍ଯ୍ୟଟନ ପାଇଁ ବ୍ୟବସ୍ଥା କରାଯାଉ। ଏପରିକି ଜଙ୍ଗଲରେ ରହିବା ଖାଇବା ଆଦି ବ୍ୟବସ୍ଥା କରିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରଚାର ପ୍ରସାର କରାଯାଉ।

-ଦେବେନ୍ଦ୍ର ନାୟକ, ତରଭା

### ସମବାୟ ସମିତି ନିର୍ବାଚନ: ରାଜନୀତି ସରଗରମ

ବୌଦ୍ଧ,୯।୬(ସ୍ୱ.ପ୍ର.)

ସାରା ରାଜ୍ୟରେ ବର୍ତ୍ତମାନ ସମବାୟ ସମିତି ପରିଚାଳନା ପରିଷଦ ସଭ୍ୟ ନିର୍ବାଚନ ପାଇଁ ପ୍ରସ୍ତୁତି ଜୋର ଧରିଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ । ଇତିମଧ୍ୟରେ ନାମାଙ୍କନପତ୍ର ଦାଖଲ ସହ ଚୂଡାନ୍ତ ପ୍ରାର୍ଥୀ ତାଲିକା ମଧ ପ୍ରକାଶ ପାଇସାରିଛି। ଏହି କ୍ରମରେ ବୌଦ୍ଧ ଜିଲାରେ ୧୦ଟି ସମବାୟ ସମିତିରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ସମବାୟ ରାଜନୀତି ସରଗରମ ହୋଇଉଠିଛି । ଜିଲାରେ ୪୫ ସମବାୟ ସମିତି ରହିଥିବା ବେଳେ ସେଥିମଧ୍ୟରୁ ହରଭଙ୍ଗା ବ୍ଲକରେ ୧୨ଟି, ବୌଦ୍ଧର ୧୩ ଓ କନ୍ଧମାଳ ବ୍ଲକରେ ୧୪ଟି ସମବାୟ ସମିତି ରହିଛି। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୨ଟି ସମବାୟ ସମିତି ପାଇଁ ନିର୍ବାଚନ ହେବାକୁ ଥିଲା। ହେଲେ ସେଥିମଧ୍ୟରୁ ୧୨ଟି ସମବାୟ ସମିତିର ସମସ୍ତ ପରିଚାଳନା ପରିଷଦର ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବୌଦ୍ଧ ସମବାୟ ସମିତି, ଶଗଡା, ମୁଣ୍ଡାପଡା, ବାଉଁଶୁଣୀ,ରକ୍ସା, କନ୍ଧମାଳ ବ୍ଲକର ଲମ୍ବସରୀ, ବରଗାଁ, ଶୁଣ୍ଡିପଦର, କୁଲତାଯୋର,ଉମା ସମବାୟ ସମିତିର ପରିଚାଳନା ପରିଷଦର ସଭ୍ୟମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ବାକି ବୌଦ୍ଧ ବ୍ଲକର ଖୁଣ୍ଟବନ୍ଧ, ଆମ୍ବଝରୀ, ହରଭଙ୍ଗା ବ୍ଲକର ସଙ୍କୁଲେଇ, ପୁରୁଣାକଟକ, ସରସରା, କୁଶଙ୍ଗ, ଆଡଣୀଗଡ, କନ୍ଧମାଳ ବ୍ଲକର କନ୍ଧମାଳ, ସିମିଳିପଦର, ଯୋଗୀନ୍ଦ୍ରପୁର ସମବାୟ ସମିତିରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ନେଇ ରାଜନୈତିକ ଦଳଗୁଡିକ ସେମାନଙ୍କ ସମର୍ଥିତ ପ୍ରାର୍ଥୀ କିପରି ଜିତିବେ ତାହାକୁ ନେଇ ଏବେଠୁ ଅଙ୍କକଷା ଆରମ୍ଭ କରି ଦେଇଛନ୍ତି।

## ଜିଲାପାଳଙ୍କ ଅଫିସ ଆଗରେ ଧାରଣା



ଜିଲାପାଳଙ୍କ ଅଫିସ୍ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

### ସରକାରୀ ଜମିରେ ପାଚେରି ନିର୍ମାଣକୁ ବିରୋଧ

ବରଗଡ଼ ଅଫିସ, ୯।୬

ବରଗଡ଼ ଜିଲା ଭେଡେନ ବ୍ଲକ ଅଧୀନ ଝାରପାଲି ଗ୍ରାମରେ ଥିବା ସରକାରୀ ଜମିକୁ କିଛି ଲୋକ ଜବରଦଖଲ କରିଛନ୍ତି। ଏଥିଯୋଗୁ ଚାଷୀଙ୍କ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏଭଳି ସମସ୍ୟା ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଏଭଳି ଅଭିଯୋଗ ନେଇ ଗୁରୁବାର ଝରାପାଲି ଗ୍ରାମର ଚାଷୀମାନେ ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀ ସେଠାକୁ ଯାଇ ଚାଷୀମାନଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ।

ଝରାପାଲି ଗ୍ରାମର ଚାଷୀ ପ୍ରଦୀପ ମହାକୁରଙ୍କ ସମେତ ଅନେକ ଚାଷୀଙ୍କ ରୟତ ଜମିକୁ ଲାଗି ସରକାରୀ ଜମି ରହିଛି। ସେହି ସରକାରୀ ଜମି ଦେଇ ଚାଷୀମାନେ ଚାଷକାମ ପାଇଁ ନିଜ ରୟତ ଜମିକୁ ଯିବାଆସିବା କରୁଥିବାବେଳେ ଆନୁଷଙ୍ଗିକ କାର୍ଯ୍ୟରେ ମଧ ବ୍ୟବହାର କରୁଥିଲେ। ମାତ୍ର ସେହି ସରକାରୀ ଜମିକୁ ଗ୍ରାମର କିଛି ଲୋକ ଜବରଦଖଲ କରିଛନ୍ତି ଏବଂ ସେଠାରେ ପାଚେରି ନିର୍ମାଣ କରି ଅବରୋଧ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତହସିଲଦାରଙ୍କଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଏ ନେଇ ଅବଗତ କରାଯାଇଥିଲା। ତେବେ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି।

### ଭାଜପା ଓବିସି ମୋର୍ଚ୍ଚାର ବୈଠକ

ବୌଦ୍ଧ,୯।୬(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଶ୍ୟାମସୁନ୍ଦରପୁରଠାରେ ଜିଲା ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଏକ ସମାବେଶ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ଓବିସି ମୋର୍ଚ୍ଚା ସଭାପତି ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଓବିସି ମୋର୍ଚ୍ଚାର କର୍ମକର୍ତ୍ତା ଓ ବିଭିନ୍ନ ବର୍ଗର ହିତାଧିକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

ଏହି ଅବସରରେ କେନ୍ଦ୍ରୀୟ ଜନକଲ୍ୟାଣ ଯୋଜନା ସମ୍ବଳିତ ଲିଫଲେଟ ବଣ୍ଟନ କରିବା ସହିତ ପ୍ରଧାନମନ୍ତ୍ରୀଙ୍କ ୮ ବର୍ଷର ସୁଶାସନ ଉପରେ ଆଲୋକପାତ କରିଥିଲେ । ଜିଲା ଭାଜପା ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମାଗୁଣି ଗାଇଗୌରିଆ, ଜିଲା ସାଧାରଣ ସଂପାଦକ ସତ୍ୟାନନ୍ଦ ପାଣ୍ଡେ, ସୁଶାନ୍ତ ବାଘ, ବନମାଳୀ ରଣା , ବିକାଶ ମହାକୁଡ, ବୈକୁଣ୍ଠନାଥ ପ୍ରଧାନ, ବାମନ ବାରିକ, ଯୀଶୁ ପ୍ରଧାନ, ତ୍ରିପୁର ମହାକୁଡ, କୁନା ମାହାର ପ୍ରମୁଖ ଯୋଗ ଦେଇଥିଲେ।

### ଚିନିକଲ କର୍ମଚାରୀଙ୍କୁ ମିଳିନି ୫୮ ମାସର ଦରମା

ବରଗଡ଼ ଅଫିସ, ୯।୬

ବରଗଡ଼ ସହର ଉପକଣ୍ଠ ଡୋରା ସମବାୟ ଚିନିକଲ କର୍ମଚାରୀଙ୍କୁ ଦରମା ପ୍ରଦାନ କରାଯାଉ ନ ଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଉକ୍ତ ଚିନିକଲରେ କାର୍ଯ୍ୟରତ କର୍ମଚାରୀଙ୍କୁ ଦୀର୍ଘ ୫୮ ମାସ ହେଲା ଦରମା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ନେଇ କର୍ମଚାରୀମାନେ ଚିନିକଲ କର୍ତ୍ତୃପକ୍ଷ, ଜିଲାପାଳ ଏବଂ ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଅବଗତ କରିଛନ୍ତି। ହେଲେ କିଛି ସୁଫଳ ମିଳି ନ ଥିବାବେଳେ କର୍ମଚାରୀଙ୍କ ପରିବାର ପୋଷଣ କଷ୍ଟସାଧ ହୋଇ ପଡିଛି। ଏଭଳି ଅଭିଯୋଗ ନେଇ ଗୁରୁବାର ଚିନିକଲ କର୍ମଚାରୀ ସଂଘର ଏକ ପ୍ରତିନିଧି ଦଳ ପୁଣି ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ଦରମା ପ୍ରଦାନ କରିବାକୁ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଚିନିକଲରେ ୪୫୦ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ସେଥିରୁ ୧୨୫ ଜଣ ସ୍ଥାୟୀ କର୍ମଚାରୀ ଅଚନ୍ତି। ତେବେ ସେମାନଙ୍କୁ ଦରମା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ ହେବା ପରେ ୨୦୨୧ ଡିସେମ୍ବର ୭ରେ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ବୈଠକ କରିଥିଲେ। ବୈଠକ ପରେ ଚିନିକଲକୁ ଏକ ଟିମ୍ ପଠାଇବାକୁ ନିଷ୍ପତ୍ତି ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେହି ଟିମ୍ ଏଠାକୁ ନ ଆସିବା ଦୁର୍ଭାଗ୍ୟଜନକ ବୋଲି ଚିନିକଲ କର୍ମଚାରୀ ସଂଘ ସମ୍ପାଦକ ସୁବ୍ରତ ସାହୁ, ବ୍ରିଜବଲ ରାୟ, ବେଣୁପାଣି ମେହେର, ରବି ସାହୁ, ଡାକ୍ତର ସିନ୍ଧ୍ରିଆ ପ୍ରମୁଖ ଅଭିଯୋଗ କରିଛନ୍ତି।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଚିନିକଲ କର୍ମଚାରୀବୃନ୍ଦ।

## ୫-ଟି ରୂପାନ୍ତରଣ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ

ଜାମଟିକ୍ରା,୯।୬(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ସରକାରୀ ବାଳିକା ହାଇସ୍କୁଲକୁ ୫-ଟି ରୂପାନ୍ତରଣ କରାଯାଇଛି। ତେବେ ଏହି କାମ ନିମ୍ନମାନର ଏବଂ ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ସ୍କୁଲ ପରିଚାଳନା କମିଟି ସଭାପତି ସଦାନନ୍ଦ ଛନ୍ଦ, କମିଟି ସଦସ୍ୟ ପରେଶ ପ୍ରଧାନ, ନବୀନ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି।



ଅତାବିରା ସରକାରୀ ବାଳିକା ହାଇସ୍କୁଲ।

ଅଭିଯୋଗ ଅନୁସାରେ, ଅତାବିରା ସରକାରୀ ବାଳିକା ହାଇସ୍କୁଲକୁ ୫-ଟିରେ ସାମିଲ କରାଯିବା ପରେ ସରକାରଙ୍କ ପକ୍ଷରୁ ହାଇସ୍କୁଲକୁ ୪୫ ଲକ୍ଷ ଟଙ୍କା ଆସିଥିଲା। ତେବେ ବରଗଡ଼ ଜିଲା ଶିକ୍ଷାଧିକାରୀ ପତ୍ରସଂଖ୍ୟା ୧୪୧/ତା୬/୧/୨୨ରିଖ ଅନୁସାରେ ବିଡିଓଙ୍କ ଆକାଉଣ୍ଟକୁ ଉକ୍ତ ଟଙ୍କା ଟ୍ରାନ୍ସଫର କରିବା ପାଇଁ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିକଟକୁ ଚିଠି କରିଥିଲେ। ସେହି ଚିଠି ଅନୁଯାୟୀ ପ୍ରଧାନ ଶିକ୍ଷୟିତ୍ରୀ ବିଡିଓଙ୍କ ଆକାଉଣ୍ଟକୁ ୨୦ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ପରେ ପୁଣି ପତ୍ରସଂଖ୍ୟା ୩୧୬୨/ତା୨୧/୪/୨୨ରିଖ ଅନୁସାରେ ବିଡିଓଙ୍କ ଆକାଉଣ୍ଟକୁ ୧୮ଲକ୍ଷ ୨୫ହଜାର ଟଙ୍କା ପଠାଯାଇଥିଲା। ତେବେ ସେହି ଟଙ୍କାରେ କୌଣସି ନୂତନ କାମ କରାଯାଇ ନ ଥିବାବେଳେ ନିମ୍ନମାନର କାମ କରାଯାଇ ବ୍ୟାପକ ଦୁର୍ନୀତି କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ବିଶ୍ୱନାଥ ସାହୁ କହିଛନ୍ତି, ଅଭିଭାବକ ଓ ସ୍କୁଲ କମିଟି ଯେଉଁ ଅଭିଯୋଗ କରିଛନ୍ତି ତାହା ମିଥ୍ୟା। ସବୁ କାମ ଠିକ୍ ଭାବେ କରାଯାଇଛି। କୌଣସି କାମ ନିମ୍ନମାନର ହୋଇନାହିଁ। ଏଥିରେ କୌଣସି ଦୁର୍ନୀତି ହୋଇ ନ ଥିବା ବିଡିଓ ସାହୁ କହିଛନ୍ତି। ସେହିପରି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁରେନ୍ଦ୍ର ବେହେରା କହିଛନ୍ତି, ଆମେ କିଛି ଦାୟିତ୍ୱ ନେଇନାହୁଁ। ଡିଇଓଙ୍କ ଚିଠି ଅନୁଯାୟୀ ବିଡିଓଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଛୁ। ବିଡିଓଙ୍କ ତତ୍ତ୍ୱାବଧାନରେ ସବୁ କାମ ହୋଇଛି ବୋଲି ସେ କହିଛନ୍ତି।

## ଅଧିକାରୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

ସୋନପୁର,୯।୬(ନି.ପ୍ର.)





ଦିଶା ବୈଠକରେ ଏମ୍‌ପି ଜଣେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି ।

### ସୁବର୍ଣ୍ଣପୁର ଜିଲା ଉନ୍ନୟନ ଓ ତଦାରଖ କମିଟି ବୈଠକ

ସୁବର୍ଣ୍ଣପୁର ଜିଲା ଉନ୍ନୟନ ଓ ତଦାରଖ କମିଟି(ଦିଶା) ବୈଠକ କମିଟି ଅଧକ୍ଷା ତଥା ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ଜିଲାପାଳ ଆବୋଲି ସୁନିଲ ନରୱଣେ, ଜିଲାସ୍ତରୀୟ ଅଧିକାରୀ, ଦିଶା କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ଜିଲାପାଳ ନରୱଣେ ସ୍ୱାଗତ ବକ୍ତବ୍ୟ ରଖି ଜିଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ପ୍ରକଳ୍ପର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଉପଯୁକ୍ତ ସମନ୍ୱୟ ରଖି ଯୋଜନା କାର୍ଯ୍ୟକାରୀ କରାଯିବାକୁ ଏମ୍‌ପି ସିଂଦେଓ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ରୀୟ ଯୋଜନାରେ ଆବଣ୍ଟିତ ପାଣ୍ଠି ଜରିଆରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସଠିକ କାର୍ଯ୍ୟକାରିତା, ଅଗ୍ରଗତି ଓ ପାଣ୍ଠି ବିନିଯୋଗ ଉପରେ ସେ ଗୁରୁତ୍ୱ ଦେବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଏମ୍‌ପି ପାଣ୍ଠିର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେଉଥିବା ରାସ୍ତା ଓ ପୋଲ ଉପରେ ସମୀକ୍ଷା କରାଯାଇ କାର୍ଯ୍ୟର ଗୁଣାତ୍ମକ ମାନ ଓ ପ୍ରକଳ୍ପରେ ଅର୍ଥର ସୁବିନିଯୋଗ ଉପରେ ଗୁରୁତ୍ୱାରୋପ କରା ଯାଇଥିଲା। ଜାତୀୟ ସାମାଜିକ ସହାୟତା ଯୋଜନାରେ ଜିଲାରୁ ଅଧିକରୁ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରି ଜନସାଧାରଣଙ୍କୁ ଯୋଜନାର ଲାଭ ଦେବାକୁ ଏମ୍‌ପି ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ଗ୍ରାମୀଣ ଜୀବନ ଜୀବିକା ମିଶନ, ଅମୃତ ସରୋବରର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ ଓ ସହରାଞ୍ଚଳ), ନିର୍ମାଣ ଶ୍ରମିକ ଯୋଜନା, ଖୋର୍ଦ୍ଧା-ବଲାଙ୍ଗୀର ରେଲୱେ ପ୍ରକଳ୍ପର ଅଗ୍ରଗତି, ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା, ଜଳ ଜୀବନ ମିଶନ, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ସମନ୍ୱିତ ଶିଶୁ ବିକାଶ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ଜଙ୍ଗଲ ଅଧିକାର ଆଇନର କାର୍ଯ୍ୟକାରିତା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ସ୍ୱଚ୍ଛ ଭାରତ ମିଶନ, ଆୟୁଷ୍ମାନ ଭାରତ କାର୍ଯ୍ୟକ୍ରମ ତଥା ଅନ୍ୟାନ୍ୟ ଯୋଜନା ଉପରେ ସମୀକ୍ଷା ହୋଇଥିଲା। ଡିଆରଡିଏ ପିଡି ଡୋଳାମଣି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

**ଗାଁ ଦାଣ୍ଡରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ**

କନ୍ଧମାଳ,(ଡି.ଏନ.ଏ.): ବୌଦ୍ଧ ଜିଲା କନ୍ଧମାଳ ଥାନା ଅନ୍ତର୍ଗତ ଘଣ୍ଟପାଲି ଗ୍ରାମରେ ଜଣେ ଯୁବକଙ୍କୁ ଗାଁ ଦାଣ୍ଡରେ ଗୋଡାଇ ଗୋଡାଇ ଆକ୍ରମଣ ହୋଇଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମିଳିଥିବା ସୂଚନା ମୁତାବକ, ଉକ୍ତ ଯୁବକଙ୍କୁ ଠେଙ୍ଗାରେ ମାଡ ମରାଯାଉଥିବା ବେଳେ ତାଙ୍କୁ ତାଙ୍କର ମାଆ ଓ ଗ୍ରାମର କେତେଜଣ ମହିଳା ଉଦ୍ଧାର କରି ପ୍ରଥମେ ସୋନପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଗୁରୁବାର ବୁର୍ଲା ପଠାଯାଇଥିବା ଜଣାପଡିଛି। ଏନେଇ କନ୍ଧମାଳ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପସ୍ୱିନୀ କହିଁର ସୂଚନା ଦେଇଛନ୍ତି।

# ନାରୀ ଶିକ୍ଷିତ ହେଲେ ବିକାଶ ସମ୍ଭବ

ବଲାଙ୍ଗୀର ଅଫିସ, ୯।୬



ବଲାଙ୍ଗୀର ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଧାୟକ ନରସିଂହ ମିଶ୍ର କୃତୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ପଛୁଆ କୁହାଯାଉଥିବା ଆମ ଏ ଅଞ୍ଚଳରେ ଶହ ଶହ ବର୍ଷ ତଳେ ଶିକ୍ଷା କ୍ଷେତ୍ରରେ ବେଶ ସମୃଦ୍ଧ ଥିଲା । ବିଭିନ୍ନ ଐତିହାସିକ ତାହା ଲିପିବଦ୍ଧ କରିଯାଇଛନ୍ତି। କାଳକ୍ରମେ ଅଞ୍ଚଳରେ ରାଜତନ୍ତ୍ର ପ୍ରତିଷ୍ଠା ହେଲା ପରେ ଅଞ୍ଚଳର ଶିକ୍ଷାଦୀକ୍ଷା କ୍ଷୟ ଘଟିଲା। ଆଜି ଦେଶ ସ୍ୱାଧୀନ ହୋଇ ୭୫ ବର୍ଷ ବିତିଗଲାଣି କିନ୍ତୁ ସରକାର ଏପର୍ଯ୍ୟନ୍ତ ବିଦ୍ୟାଳୟମାନଙ୍କରେ ଆବଶ୍ୟକ ଶିକ୍ଷକ ଓ କର୍ମଚାରୀ ସଂଖ୍ୟା ଯୋଗାଇ ପାରିନାହାନ୍ତି । ସେହି ସରକାର ୫-ଟି ମାଧ୍ୟମରେ ବିଦ୍ୟାଳୟମାନଙ୍କରେ ଯାହା କିଛି ବାହ୍ୟ ଚାକଚକ୍ୟ କରିବାରେ ସଫଳ ହୋଇଛନ୍ତି ତାହା ଗୁଣାତ୍ମକ ଶିକ୍ଷା ପାଇଁ ପର୍ଯ୍ୟାପ୍ତ ନୁହେଁ। ତେଣୁ ବଲାଙ୍ଗୀରର ଏହି ଅଗାମୀ ପିଢିର ଭବିଷ୍ୟତ ପାଇଁ ଆମକୁ ଦଳମତ ନିର୍ବିଶେଷରେ ଏକଜୁଟ ହୋଇ କାମ କରିବାକୁ ହେବ। ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳାକୁ ମୂଳମନ୍ତ୍ର ରୂପେ ଗ୍ରହଣ କରିବାକୁ ହେବ। ତା' ସହିତ ନାରୀ ଶିକ୍ଷା ପାଇଁ ଆମକୁ ବିଶେଷ ଗୁରୁତ୍ୱ ପ୍ରଦାନ କରିବାକୁ ହେବ। ତାହେଲେ ଯାଇ ଏଅଞ୍ଚଳର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ସ୍ଥାନୀୟ ଟାଉନ ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗଦେଇ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବକ୍ତବ୍ୟରେ କହିଛନ୍ତି। ସେ ଆହୁରି କହିଥିଲେ ଯେ, ସ୍ୱର୍ଗତ ଯୁଧିଷ୍ଠିର ମିଶ୍ର, ନରସିଂହ ପ୍ରସାଦ ନନ୍ଦ, କୃଷ୍ଣଚନ୍ଦ୍ର ପଣ୍ଡା, ଶଙ୍କର ପାଣିଗ୍ରାହୀଙ୍କ ଭଳି ଯୋଉଁ ମହାନ ଉଦ୍ୟୋକ୍ତାମାନେ ବହୁ ପରିଶ୍ରମରେ ଏହି ବିଦ୍ୟାଳୟର ମଞ୍ଜି ବୁଣିଥିଲେ, ଏହି ଅବସରରେ ଆମେ ସେମାନଙ୍କୁ ମନେ କରି ବିଦ୍ୟାଳୟକୁ ଆହୁରି ଅଗକୁ ନେବା ପ୍ରୟାସ ଜାରି ରଖିବାକୁ ହେବ । ଯଦି ବିଦ୍ୟାଳୟର ଅଭିବାବକ, ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ଶୃଙ୍ଖଳିତ ଭାବେ ନିର୍ବାହ କଲେ ବିଦ୍ୟାଳୟର ନିଶ୍ଚୟ ଉନ୍ନତି ହେବ । ପ୍ରାରମ୍ଭରେ ବିଧାୟକ ମିଶ୍ର ପୂଜାର୍ଚ୍ଚନା କରିବା ସହ ନୁତନ ଅଡିଟୋରିଅମକୁ ଉଦ୍‌ଘାଟନ କରିଥିଲେ। ଏଡିଇଓ କେଶବ ମେହେରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ବାର୍ଷିକ ବିରଣୀ ପାଠ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ହିଁ ଶିକ୍ଷାର ମୂଳ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି କହିଥିଲେ । ବଲାଙ୍ଗୀର ପୌରାଧକ୍ଷା ଲିକା ସହୁ ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପ୍ରକୃତ ଶିକ୍ଷା ସମାଜ ଗଠନରେ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପୃଷ୍ଟପୋଷକ ମାଧବୀ ମିଶ୍ର ଛାତ୍ରୀ ତଥା କର୍ତ୍ତୃପକ୍ଷଙ୍କୁ ଉତ୍ସାହିତ କରିଥିଲେ। ପିଇଟି କସ୍ତୁରୀ ରଥ ସଭା ପରିଚାଳନା କରିଥିଲେ ।

### ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

# କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କର୍ମକର୍ତ୍ତା ଚୟନ

କର୍ଲାମୁଣ୍ଡା,୯।୬(ଡି.ଏନ.ଏ.)



କର୍ଲାମୁଣ୍ଡା ବ୍ଲକ କଂଗ୍ରେସର ନୂତନ କର୍ମକର୍ତ୍ତା ବୃନ୍ଦ।

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଗୁରୁବାର କର୍ମକର୍ତ୍ତା ଚୟନ ହୋଇଯାଇଛି। ଏଥିରେ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ କଂଗ୍ରେସ ନେତା ସୂର୍ଯ୍ୟ ଦାସ ଯୋଗଦେଇ ବ୍ଲକ ସଭାପତି ଭାବେ ସର୍ବସମ୍ମତିକ୍ରମେ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀଙ୍କୁ, 'କ' ଜୋନ ସଭାପତି ହିରୋଜ କୁମାର ସାହୁ, 'ଖ' ଜୋନ ସଭାପତି ଭାବେ ଲଳାଟେନ୍ଦୁ କେଶରୀ ସାହୁଙ୍କ ନାମ ଘୋଷଣା କରିଥିଲେ। ଏଥିସହ ଜିଲାସ୍ତରୀୟ କମିଟି ସଭ୍ୟ ଭାବେ ପଞ୍ଚାନନ ସାହୁ, ରଶ୍ମିକାନ୍ତ ସାହୁ, ରାଜ କିଶୋର ଜୈନ, ସଉକୀ ସାହୁ, ରୀନା ସାହୁ, ବାଦଲୁ ଜାନୀ, ପ୍ରମୋଦ କୁମାର ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ବ୍ଲକ କଂଗ୍ରେସକୁ ମଜଭୁତ୍ କରିବା ପାଇଁ ସଭ୍ୟ ସଂଗ୍ରହକୁ ପ୍ରାଧାନ୍ୟ ଦେବା ସହ ସଙ୍ଗଠନ ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ପଡିବ ବୋଲି କଂଗ୍ରେସ ନେତାମାନେ ମତ ପୋଷଣ କରିଥିଲେ। ଏଥିରେ କର୍ଲାମୁଣ୍ଡା ପ୍ରଭାରୀ ବିଭୁତି ଭୂଷଣ ମହାକୁଡ, କଂଗ୍ରେସ ନେତା ପ୍ରକାଶ ମାଝି, କଂଗ୍ରେସ କର୍ମୀ ଅମ୍ବିଲାଲ ସାହୁ, ମକରଧ୍ୱଜ ସାହୁ, ଶରତ ସାହୁ, ଗୋବର୍ଦ୍ଧନ ସୁନା, ଦାମୋଦର ସାହୁ, ବାବ୍‌ଲୁ ଜାନୀ, ସୁନ୍ଦରମନ ସାହୁ, ଚୈତନ୍ୟ ସାହୁ, ଚିତ୍ତରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ଭୋଇ, ପୁରୁନ୍ଦର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

### ସୁରେଶ ଚୌଧୁରୀ ବ୍ଲକ କଂଗ୍ରେସ ସଭାପତି

**ARMY INSTITUTE OF MANAGEMENT (AIMK)**
New Town, Rajarhat, Kolkata-700160
(ISO 9001:2015 CERTIFIED INSTITUTE)

ARMY INSTITUTE OF MANAGEMENT, KOLKATA (Affiliated to Maulana Abul Kalam Azad University of Technology) offers 2-Year Full Time Residential MBA Programme (Approved by AICTE) with Specialisation in Marketing, HR, Finance, Business Analytics, MIS & Operations.

MBA aspirants with minimum of 50% in Graduation, JEMAT rank and allotment card, can apply for admission

MAKAUT, WB will be conducting JEMAT 2022 on 29th June, 2022. Visit makautwb.ac.in for form fill-up and further details.

Contact AIMK (9748549010, 7980010533, 9477123072, 9830898046) for assistance before filling up the JEMAT application form. For details, please visit the website (https://www.aim.ac.in)

No fee hike. | Email: admission_cell@aim.ac.in

THE AIMK ADVANTAGE:
1. 25 Years of academic excellence.
2. Affordability: best return on investment.
3. Brand new campus with state of the art facilities.
4. Army connect : leadership, management & control.
5. Ranked B-School in India.
6. Reputed faculty with corporate and academic experience.
7. Cosmopolitan student profile.

PLACEMENT SUPPORT:
1. Excellent placement track record for more than two decades.
2. Multiple placement opportunities to all students.
3. More than 90 companies had participated in last year's campus drive.
4. Skill development programme is conducted throughout the year.
5. Pre-placement grooming session are conducted, covering GD-PI, personality development and interview etiquette.

**Bhadrak Autonomous College**
Jagannathpur, Bhadrak, Odisha-756100
Applications are invited for the position of one (01) Research Assistant at P.G. Department of Commerce, Bhadrak Autonomous College, Bhadrak, Odisha under the research project sponsored by OURIIP-2021 seed fund. For details please visit website: http://bhadrakcollege.nic.in/.
Sd./- Principal Investigator
OURIIP, Seed Fund, Bhadrak Autonomous College

FORM NO. 13
**IN THE DEBTS RECOVERY TRIBUNAL, CUTTACK**
C-71, Sector-7, CDA, CUTTACK-753014 (Orissa)
O.A. No. 566/2019
State Bank India, SARB, Cuttack .... Applicant
Versus
M/s. S.N. Traders and Another ... Defendants
To
Defendants
1. **M/s. S.N. Traders,** Represented by its Proprietor- Satya Narayan Acharya, S/o- Pramod Acharya, At- Plot No. 100, Industrial Estate Jagatpur, P.O.- Jagatpur, Dist.: Cuttack, PIN-754021.
2. **Satya Narayan Acharya,** S/o- Pramod Acharya, At- Plot No. 100, Industrial Estate Jagatpur, P.O.: Jagatpur, Dist.: Cuttack, PIN-754021.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **OA No. 566/19** in the Court of Debts Recovery Tribunal for recovery of **Rs.77,63,364.06 (Seventy seven Lakh sixty three Thousand three hundred sixty four and paisa six)** only together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **25.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **06th day of June, 2022.**

Sd/- (M.K. Patnaik)
REGISTRAR

# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୨୨-୨୩)

No. n-19:- ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନ ପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିର୍ଦ୍ଦେଶକ୍ରମେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ବିକ୍ରୟ କରାଯାଉଛି। ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ୍ ମୂଲ୍ୟରେ କିଣନ୍ତୁ। ବହିଗୁଡ଼ିକର ମୂଲ୍ୟସୂଚୀ ଏଥି ସହିତ ଜଣାଇ ଦିଆଯାଉଅଛି। ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧. | ଅନୁଗୁଳ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଅନୁଗୁଳ, ବି.ଆର୍.ସି. କାର୍ଯ୍ୟାଳୟ, ତାଳଚେର |
| ୨. | ବାଲେଶ୍ୱର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର, ବି.ଆର୍.ସି. କାର୍ଯ୍ୟାଳୟ, ବାଲିଆପାଳ |
| ୩. | ବରଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ବରଗଡ଼, ବି.ଆର୍.ସି. କାର୍ଯ୍ୟାଳୟ, ପଦ୍ମପୁର |
| ୪. | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର ବ୍ରହ୍ମପୁର ନୋଡ଼ାଲ ଉ.ପ୍ରା. ସ୍କୁଲ, ବି.ଆର୍.ସି. କାର୍ଯ୍ୟାଳୟ, ଚାନ୍ଦବାଲି |
| ୫. | ବଲାଙ୍ଗିର | ୨ | ଡି.ପି.ଓ.ଏସ୍.ଏସ୍.ଏ., ବଲାଙ୍ଗିରୀ, ବି.ଆର୍.ସି. କାର୍ଯ୍ୟାଳୟ, ଟିଟିଲାଗଡ଼ |
| ୬. | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍.ଏ., ବୌଦ୍ଧ |
| ୭. | କଟକ | ୩ | ବି.ଆର୍.ସି. ମର୍କତନଗର ପ୍ରାଇମେରୀ ସ୍କୁଲ ସେକ୍ଟର-୭, ବି.ଆର୍.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି, ଖାନନଗର, କଟକ ବି.ଆର.ସି. କାର୍ଯ୍ୟାଳୟ, କଟକ ସଦର |
| ୮. | ଦେଓଗଡ଼ | ୧ | ବାଳକ ପ୍ରାଇମେରୀ ସ୍କୁଲ, ଦେଓଗଡ଼ |
| ୯. | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉପ୍ରା ସ୍କୁଲ, ଢେଙ୍କାନାଳ, ବି.ଆର୍.ସି. କାର୍ଯ୍ୟାଳୟ, କାମାକ୍ଷାନଗର |
| ୧୦. | ଗଜପତି | ୨ | ମହରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୧୧. | ଗଞ୍ଜାମ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଛତ୍ରପୁର, ବି.ଆର୍.ସି. କାର୍ଯ୍ୟାଳୟ, ଆସିକା, ବି.ଆର୍.ସି. କାର୍ଯ୍ୟାଳୟ, ଭଞ୍ଜନଗର |
| ୧୨. | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଗବାଗ କୋ. ଅପରେଟିଭ ଉ.ପ୍ରା. ସ୍କୁଲ, ଜଗତ୍‌ସିଂହପୁର, ବି.ଆର୍.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକ |
| ୧୩. | ଯାଜପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର, ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର ରୋଡ଼ (ବ୍ୟାସନଗର) |
| ୧୪. | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ୍.ୟୁ.ପି.ସି., ଝାରସୁଗୁଡ଼ା |
| ୧୫. | କଳାହାଣ୍ଡି | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଭବାନୀପାଟଣା, ବି.ଆର୍.ସି. କାର୍ଯ୍ୟାଳୟ, ଜୁନାଗଡ଼, ବି.ଆର୍.ସି. କାର୍ଯ୍ୟାଳୟ, କେସିଙ୍ଗା |
| ୧୬. | କନ୍ଧମାଳ | ୧ | ବି.ଆର୍.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୧୭. | କେନ୍ଦ୍ରାପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ବି.ଆର୍.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୧୮. | କେନ୍ଦୁଝର | ୩ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବ୍ଲକ, କେନ୍ଦୁଝର, ବି.ଆର୍.ସି. କାର୍ଯ୍ୟାଳୟ, ଯୋଡା, ବି.ଆର.ସି. କାର୍ଯ୍ୟାଳୟ, ଆନନ୍ଦପୁର |
| ୧୯. | ଖୋର୍ଦ୍ଧା | ୫ | ବି.ଆର୍.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା, ବି.ଆର୍.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ, ଭୁବନେଶ୍ୱର, ବି.ଆର୍.ସି. କାର୍ଯ୍ୟାଳୟ, ବାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର ଚନ୍ଦ୍ରଶେଖରପୁର,ଫେଜ୍-୧, ଭୁବନେଶ୍ୱର |
| ୨୦. | କୋରାପୁଟ | ୩ | ପୋଲିସ୍ ପ୍ରାଇମେରୀ ସ୍କୁଲ, ସି.ଆର୍.ସି.ସି. କାର୍ଯ୍ୟାଳୟ, କୋରାପୁଟ, ବି.ଆର୍.ସି. କାର୍ଯ୍ୟାଳୟ, ଶିମିଳିଗୁଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଜୟପୁର, କୋରାପୁଟ |
| ୨୧. | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍.ଏ., ମାଲକାନଗିରି |
| ୨୨. | ମୟୂରଭଞ୍ଜ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ବାରିପଦା, ବି.ଆର୍.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର, ବି.ଆର୍.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୨୩. | ନବରଙ୍ଗପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଉମରକୋଟ, ବି.ଆର୍.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୨୪. | ନୟାଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୟାଗଡ଼ ବ୍ଲକ, ବି.ଆର୍.ସି. କାର୍ଯ୍ୟାଳୟ, ଦଶପଲ୍ଲା ବ୍ଲକ |
| ୨୫. | ନୂଆପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୂଆପଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଖରିଆଲ |
| ୨୬. | ପୁରୀ | ୨ | ଏଲ୍.ଆର.ସି. କାର୍ଯ୍ୟାଳୟ, ୟୁ.ଜି.ୟୁ.ପି. ସ୍କୁଲ, ପୁରୀ, ବି.ଆର୍.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୨୭. | ରାୟଗଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ରାୟଗଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୨୮. | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡ଼ାଲ ଉ.ପ୍ରା. ସ୍କୁଲ, ସମ୍ବଲପୁର, ବି.ଆର୍.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୨୯. | ସୋନପୁର | ୧ | ଡି.ପି.ଓ.ଏସ୍.ଏସ୍.ଏ., ସୋନପୁର |
| ୩୦. | ସୁନ୍ଦରଗଡ଼ | ୨ | ଡି.ପି.ଓ.ଏସ୍.ଏସ୍.ଏ., ସୁନ୍ଦରଗଡ଼, ଜିଲ୍ଲା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ | କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|---|---|---|
| | **ପ୍ରଥମ ଶ୍ରେଣୀ** | | | **ଷଷ୍ଠ ଶ୍ରେଣୀ** | |
| ୧. | ହସଖେଳ ଭାଗ - ୧ | ଟ.୧୩.୦୦ | ୩୭. | ଭୂଗୋଳ (ଉର୍ଦ୍ଦୁ) | ଟ.......... |
| ୨. | ହସଖେଳ ଭାଗ - ୨ | ଟ.୧୪.୦୦ | ୩୮. | ଇତିହାସ ଓ ରାଜନୀତି ବିଜ୍ଞାନ (ଉର୍ଦ୍ଦୁ) | ଟ........... |
| ୩. | ହସଖେଳ ଭାଗ-୧ (ଉର୍ଦ୍ଦୁ) | ଟ.୧୦.୦୦ | ୩୯. | ହିନ୍ଦୀପାଠ (ମାତୃଭାଷା) | ଟ........... |
| ୪. | ହସଖେଳ ଭାଗ-୨ (ଉର୍ଦ୍ଦୁ) | ଟ. ୮.୦୦ | ୪୦. | ବିଜ୍ଞାନ | ଟ.୧୨.୦୦ |
| ୫. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୪୧. | ଭୂଗୋଳ | ଟ.୧୨.୦୦ |
| | **ଦ୍ୱିତୀୟ ଶ୍ରେଣୀ** | | ୪୨. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୬.୦୦ |
| ୬. | ହସଖୁସି | ଟ.୨୩.୦୦ | ୪୩. | ମାଇଁ ଇଂଲିଶ୍ | ଟ.୧୬.୦୦ |
| ୭. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୪୪. | ଭାଷା କଳିକା | ଟ.୧୫.୦୦ |
| ୮. | ଗଣିତଖେଳ (ଉର୍ଦ୍ଦୁ) | ଟ. ........ | ୪୫. | ମେରୀ ହିନ୍ଦୀ କିତାବ | ଟ. ୮.୦୦ |
| ୯. | ଗଣିତ ଖେଳ | ଟ.୧୯.୦୦ | ୪୬. | ଦିଲ କୁସ୍ (ଉର୍ଦ୍ଦୁ) | ଟ.......... |
| ୧୦. | ହାଁସି ଖୁସି (ଉର୍ଦ୍ଦୁ) | ଟ.୧୧.୦୦ | ୪୭. | ଦିଲ କୁସ୍ (ପାର୍ସି) | ଟ. ........ |
| | **ତୃତୀୟ ଶ୍ରେଣୀ** | | | **ସପ୍ତମ ଶ୍ରେଣୀ** | |
| ୧୧. | ହିନ୍ଦୀପାଠ (ମାତୃଭାଷା) | ଟ.୧୦.୦୦ | ୪୮. | ସାହିତ୍ୟ ସୌରଭ | ଟ.୧୭.୦୦ |
| ୧୨. | ଆମଭାଷା ଆମ ସାହିତ୍ୟ | ଟ.୧୪.୦୦ | ୪୯. | ଇଂଲିଶ୍ ରିଡର୍ | ଟ.୧୫.୦୦ |
| ୧୩. | ଗଣିତ ମଜା | ଟ.୧୯.୦୦ | ୫୦. | ବିଜ୍ଞାନ | ଟ.୨୬.୦୦ |
| ୧୪. | ଜଣା ଅଜଣା | ଟ.୧୯.୦୦ | ୫୧. | ଭାଷା କଳିକା (ଭାଗ-୨) | ଟ.୧୨.୦୦ |
| ୧୫. | ଗଣିତ ମଜା (ଉର୍ଦ୍ଦୁ) | ଟ.......... | ୫୨. | ଗଣିତ | ଟ.୨୫.୦୦ |
| ୧୬. | ମାଇଁ ଇଂଲିଶ୍ ବୁକ୍ | ଟ.୨୩.୦୦ | ୫୩. | ଭୂଗୋଳ | ଟ.୧୪.୦୦ |
| ୧୭. | ଦିଲ୍ କୁସ୍ (ଉର୍ଦ୍ଦୁ) | ଟ. ୭.୦୦ | ୫୪. | ହିନ୍ଦୀ ପାଠ (ମାତୃଭାଷା) | ଟ.......... |
| ୧୮. | ଜଣା ଅଜଣା (ଉର୍ଦ୍ଦୁ) | ଟ. ........ | ୫୫. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୫.୦୦ |
| | **ଚତୁର୍ଥ ଶ୍ରେଣୀ** | | ୫୬. | ମେରୀ ହିନ୍ଦୀ ପୁସ୍ତକ (ଭାଗ-୨) | ଟ.୧୦.୦୦ |
| ୧୯. | ସାହିତ୍ୟ କଳିକା | ଟ.୧୪.୦୦ | ୫୭. | ଦିଲକୁସ୍ (ପାର୍ସି) | ଟ.......... |
| ୨୦. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୫୮. | ଦିଲକୁସ (ଉର୍ଦ୍ଦୁ) | ଟ.......... |
| ୨୧. | ଗଣିତ କୁହୁକ | ଟ.୨୫.୦୦ | | **ଅଷ୍ଟମ ଶ୍ରେଣୀ** | |
| ୨୨. | ଆମେ ଓ ଆମ ପରିବେଶ | ଟ.୨୫.୦୦ | ୫୯. | ସାହିତ୍ୟିକା | ଟ.୧୨.୦୦ |
| ୨୩. | ମାଇଁ ଇଂଲିଶ୍ ବୁକ୍ | ଟ.୧୭.୦୦ | ୬୦. | ଆମ ବ୍ୟାକରଣ | ଟ.୧୧.୦୦ |
| ୨୪. | ଗଣିତ କୁହୁକ (ଉର୍ଦ୍ଦୁ) | ଟ.......... | ୬୧. | ସାମା.ଇ.ଉର୍ଦ୍ଦୁ | ଟ......... |
| ୨୫. | ଆମେ ଓ ଆମ ପରିବେଶ (ଉର୍ଦ୍ଦୁ) | ଟ.......... | ୬୨. | ହିନ୍ଦୀ ସାହିତ୍ୟ ସରଣୀ | ଟ......... |
| ୨୬. | ଦିଲ୍‌କୁସ୍ (ଉର୍ଦ୍ଦୁ) | ଟ. ୭.୦୦ | ୬୩. | ସରଳ ହିନ୍ଦୀ ବ୍ୟାକରଣ | ଟ.୧୨.୦୦ |
| | **ପଞ୍ଚମ ଶ୍ରେଣୀ** | | ୬୪. | ଏ ନିୟୁ ଆପ୍ରୋଚ ଟୁ ଇଂଲିଶ୍ | ଟ.୧୭.୦୦ |
| ୨୭. | ସାହିତ୍ୟ କୁସୁମ | ଟ.୧୮.୦୦ | ୬୫. | ହିନ୍ଦୀ ପାଠ (ମାତୃଭାଷା) | ଟ.......... |
| ୨୮. | ମାଇଁ ଇଂଲିଶ୍ ବୁକ୍ | ଟ.୧୬.୦୦ | ୬୬. | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୧.୦୦ |
| ୨୯. | ଗଣିତ ଧାରା | ଟ.୨୬.୦୦ | ୬୭. | ନଈହିନ୍ଦୀ ଭାରତୀ | ଟ. ୭.୦୦ |
| ୩୦. | ପରିବେଶ ବିଜ୍ଞାନ | ଟ.୨୫.୦୦ | ୬୮. | ଭାଷା ସୌରଭମ୍ | ଟ. ୯.୦୦ |
| ୩୧. | ହିନ୍ଦୀ ପାଠ (ମାତୃଭାଷା) | ଟ.୧୩.୦୦ | ୬୯. | ସରଳ ସାହିତ୍ୟ | ଟ. ......... |
| ୩୨. | ଦିଲ୍ କୁସ୍ (ଉର୍ଦ୍ଦୁ-୫) | ଟ.୧୧.୦୦ | ୭୦. | ବିଜ୍ଞାନ | ଟ.୨୪.୦୦ |
| | **ଷଷ୍ଠ ଶ୍ରେଣୀ** | | ୭୧. | ସରଳ ଗଣିତ (ବୀଜଗଣିତ) | ଟ.୧୯.୦୦ |
| ୩୩. | ଆମ ସାହିତ୍ୟ | ଟ. ୧୪.୦୦ | ୭୨. | ସରଳ ଗଣିତ (ଜ୍ୟାମିତି) | ଟ.୧୩.୦୦ |
| ୩୪. | ଗଣିତ | ଟ.୨୭.୦୦ | ୭୩. | ଆସାନ୍ ଉର୍ଦ୍ଦୁ କୁଏତ୍ | ଟ........... |
| ୩୫. | ବିଜ୍ଞାନ (ଉର୍ଦ୍ଦୁ) | ଟ.......... | ୭୪. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୩.୦୦ |
| ୩୬. | ଗଣିତ (ଉର୍ଦ୍ଦୁ) | ଟ.......... | ୭୫. | ଭୂଗୋଳ | ଟ.୯.୦୦ |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ - ୭୫୧୦୦୧ ନିମ୍ନଲିଖିତ ଫୋନ୍ ନମ୍ବର ଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ । ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ, ଅଭିଭାବକ କେବଳ ଏକ ଗୋଟି ସେଟ୍ ପୁସ୍ତକ କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ। **ଯୋଗାଯୋଗ ନଂ.୦୬୭୪-୨୩୮୦୮୭୧, ୨୩୮୦୮୭୨**

**ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର, ଭୁବନେଶ୍ୱର-୧**

OIPR-27068/11/0009/2223

## ଗାଁ ଦାଣ୍ଡରେ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ

କନ୍ଧମାଳ,(ଡି.ଏନ.ଏ.): ବୌଦ୍ଧ ଜିଲା କନ୍ଧମାଳ ଥାନା ଅନ୍ତର୍ଗତ ଘଣ୍ଟପାଲି ଗ୍ରାମରେ ଜଣେ ଯୁବକଙ୍କୁ ଗାଁ ଦାଣ୍ଡରେ ଗୋଡାଇ ଗୋଡାଇ ଆକ୍ରମଣ ହୋଇଥିବା ନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମିଳିଥିବା ସୂଚନା ମୁତାବକ, ଉକ୍ତ ଯୁବକଙ୍କୁ ଠେଙ୍ଗାରେ ମାଡ ମରାଯାଇଥିବା ବେଳେ ତାଙ୍କୁ ତାଙ୍କର ମାଆ ଓ ଗ୍ରାମର କେତେଜଣ ମହିଳା ଉଦ୍ଧାର କରି ପ୍ରଥମେ ସୋନପୁର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଗୁରୁବାର ବୁର୍ଲା ପଠାଯାଇଥିବା ଜଣାପଡିଛି। ଏନେଇ କନ୍ଧମାଳ ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି।

# ମାହେଶ୍ୱରୀଙ୍କ ନବକଳେବର କାର୍ଯ୍ୟକ୍ରମ

### ଦ୍ୱିତୀୟ ଦିବସରେ ସ୍ନାନ, ନ୍ୟାସ ପ୍ରତିଷ୍ଠା

ଅମରପାଲି, ୯।୬(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମରେ ଦେବୀ ମାହେଶ୍ୱରୀଙ୍କ ନବକଳେବର କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଗୁରୁବାର ଦେବୀଙ୍କ ସ୍ନାନ ଓ ନ୍ୟାସ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ହଳଦୀ, କ୍ଷୀର, ମହୁ ଆଦି ବିଭିନ୍ନ ପ୍ରଲେପ ଦେଇ ଯଥାବିଧି ନୀତିକାନ୍ତିର ସହ ଦେବୀଙ୍କୁ ସ୍ନାନ କରାଯାଇଥିଲା। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଗୁରୁବାର ମନ୍ଦିର ପରିଦର୍ଶନରେ ଆସିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ଜିଲା ପରିଷଦ ସଭ୍ୟ ଲବକୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ମାହେଶ୍ୱରୀ ମନ୍ଦିରରେ ପ୍ଲେଟ ବସାଇବା ତଥା ଗ୍ରାମରେ ପାନୀୟ ଜଳ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୁଡୁରପଙ୍କ ସରପଞ୍ଚ ସୂର୍ଯ୍ୟ ନନ୍ଦ, ଆୟୋଜକ କମିଟି ସମ୍ପାଦକ ଗୋପୀନାଥ କର୍ଣ୍ଣ ଓ ଉପସଭାପତି ପ୍ରଫୁଲ୍ଲ ଡାଙ୍ଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆୟୋଜକ କମିଟି ସଭାପତି ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ସଂଯୋଜନା କରିଥିଲେ ଲକ୍ଷ୍ମୀନାରାୟଣ ସାହୁ ।ଗୁପ୍ତେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପାତାଳୀ ଶ୍ରୀକ୍ଷେତ୍ର କଳା ପରିଷଦର କଳାକାରମାନଙ୍କ ଦ୍ୱାରା ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅନୀଲ ଓ ସୁନୀଲ ପାଇବେ ସରକାରୀ ସହାୟତା

### ଧରିତ୍ରୀ ପ୍ରଭାବ

ବିନିକା,୯।୬(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗ୍ରାପ ଅଧୀନ କମିରା ଗ୍ରାମର ନାବାଳକ ଅନୀଲ ଓ ସୁନୀଲଙ୍କୁ ଥଇଥାନ କରାଯିବା ସହ ପାଠପଢା ବ୍ୟବସ୍ଥା କରାଯିବ। ମା' ବାପା ଆରପାରିକୁ ଚାଲିଯିବା ପରେ ବୃଦ୍ଧା ଆଈଙ୍କ ପାଖରେ ଏହି ଦୁଇ ବାଳକ ରହି ଦୟନୀୟ ଭାବେ ଦିନ କାଟୁଛନ୍ତି । ଆର୍ଥିକ ପରିସ୍ଥିତି ଭଲ ନ ଥିବାରୁ ମୂଲ ଲାଗି ଆଈ ଯାହା ରୋଜଗାର କରନ୍ତି ସେଥିରେ ତିନି ପ୍ରାଣୀ ବହୁ କଷ୍ଟରେ ଚଳନ୍ତି। କମିରା ଗାଁର ଦଳିତ ସାହିରେ ରହୁଥିବା ଏହି ଦୁଇ ଭାଇଙ୍କ ସମ୍ପର୍କରେ ଗତ ୩୧।୫।୨୨ ତାରିଖ ଧରିତ୍ରୀରେ 'ବୃଦ୍ଧା ଆଈଙ୍କ ଭରସାରେ ମା,ବାପ ଛେଉଣ୍ଡ ୨ ନାତି' ଶୀର୍ଷକରେ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ବିନିକା ଶିଶୁ ବିକାଶ ଯୋଜନା ଅଧିକାରିଣୀ ଲକ୍ଷ୍ମୀପ୍ରିୟା ମିଶ୍ର କମିରା ଗ୍ରାମର ଅଙ୍ଗନୱାଡି କର୍ମୀ ଚନ୍ଦ୍ରକାନ୍ତି ମହାନନ୍ଦଙ୍କୁ ଉଭୟ ବାଳକଙ୍କ ସମ୍ପର୍କରେ ରିପୋର୍ଟ ତୁରନ୍ତ ସଂଗ୍ରହ କରି ସେମାନଙ୍କୁ ଧରି କାର୍ଯ୍ୟାଳୟ ଆସିବାକୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜିଲା ଶିଶୁ ମଙ୍ଗଳ କମିଟି ସଭାପତି ମଧୁସୂଦନ ପଧାନଙ୍କ ନିର୍ଦ୍ଦେଶକ୍ରମେ ସାନପୁଅ ସୁନୀଲଙ୍କୁ ତୁରନ୍ତ ହରିଜନ ଆଦିବାସୀ କଲ୍ୟାଣ ସ୍କୁଲରେ ଥଇଥାନ କରାଯିବ ଓ ବଡ ପୁଅ ଅନୀଲ)ଙ୍କୁ ୧୮ ବର୍ଷ ହେବା ଯାଏ ସରକାରଙ୍କ ବାଳ ସୁରକ୍ଷା କଲ୍ୟାଣ ଯୋଜନାରେ ମାସିକ ୨ହଜାର ଟଙ୍କା ଲେଖାଏ ଭତ୍ତା ଆକାରରେ ପ୍ରଦାନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିବା ଜଣାଯାଇଛି।

# ରଥଯାତ୍ରାକୁ ଶୃଙ୍ଖଳିତ, ବ୍ୟବସ୍ଥିତ କରିବା ପାଇଁ ପ୍ରସ୍ତୁତି

ସୋନପୁର,୯।୬(ନି. ପ୍ର.): ସୁବର୍ଣ୍ଣପୁର ଦେବୋତ୍ତର ବିଭାଗ ପକ୍ଷରୁ ଚଳିତବର୍ଷ ରଥଯାତ୍ରାକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ ଭାବେ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସଭାପତିତ୍ୱ କରି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଦେବୋତ୍ତର ଅଧିକାରୀ ତଥା ସୋନପୁର ଉପ ଜିଲାପାଳ ନିହାର ରଞ୍ଜନ କହଁର ଚଳିତ ରଥଯାତ୍ରା ଦୁଇବର୍ଷ ପରେ ହେଉଥିବାରୁ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ପ୍ରଦାନ କରି ପୋଲିସ ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ରଥଯାତ୍ରା ନିମନ୍ତେ ଆବଶ୍ୟକ ଆନୁସଙ୍ଗିକ ବିଧିବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହିତ ସମ୍ପୃକ୍ତ ସେବାୟତ, ସରକାରୀ ଅଧିକାରୀଙ୍କୁ ନିଜ ନିଜର ଦାୟିତ୍ୱକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଠାକୁରଙ୍କ ବିଶେଷ ନୀତିକାନ୍ତି ତଥା ରଥ ନିର୍ମାଣ ଉପରେ ବିଶେଷ ଆଲୋଚନା ହାଇଥିଲା। କାର୍ଯ୍ୟକାରିତାକୁ ସୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ସମୟରେ ଏହାର ସମୀକ୍ଷା ବୈଠକ କରାଯିବ ବୋଲି ସୂଚନା ଦିଆ ଯାଇଥିଲା। ବୈଠକରେ ସିଡିଏମଓ ଡାକ୍ତର ବିଶ୍ୱ ରଞ୍ଜନ ପତି, ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗୀ, ଏସିଏଫ ପ୍ରଫୁଲ ଧରୁଆ, ତହସିଲଦାର ନବୀନ କିଶୋର ପାଢ଼ୀ, ଅଗ୍ନିଶମ ଅଧିକାରୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବ୍ରାହ୍ମଣ ସମାଜ ସଭାପତି ଜଗଦାନନ୍ଦ ମିଶ୍ର, ସୌମ୍ୟକାନ୍ତ ମିଶ୍ର, ନାରାୟଣ ରଥ, ସତ୍ୟବାନ ଦାଶ, ରାମଗୋପାଳ ପୂଜାରୀ, ରାମଶଙ୍କର ଭୋଇ, ବିଭୁପ୍ରସାଦ ତରସିଆ, ଶ୍ରୀବତ୍ସ ମଲ୍ଲିକ, ଶୁଭ୍ରାଂଶୁ ମିଶ୍ର, ପ୍ରଦୀପ ନାଏକ, ଏକାଦଶିଆ ନାଏକ, ବାଗଚି ମହାରଣା ତଥା ରଥ ନିର୍ମାଣ କାରିଗର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ତହସିଲଦାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।


## ARMY INSTITUTE OF MANAGEMENT (AIMK)

New Town, Rajarhat, Kolkata-700160
(ISO 9001:2015 CERTIFIED INSTITUTE)

ARMY INSTITUTE OF MANAGEMENT, KOLKATA (Affiliated to Maulana Abul Kalam Azad University of Technology) offers 2-Year Full Time Residential MBA Programme (Approved by AICTE) with Specialisation in Marketing, HR, Finance, Business Analytics, MIS & Operations.

MBA aspirants with minimum of 50% in Graduation, JEMAT rank and allotment card, can apply for admission

MAKAUT, WB will be conducting JEMAT 2022 on 29th June, 2022. Visit makautwb.ac.in for form fill-up and further details.

Contact AIMK (9748549010, 7980010533, 9477123072, 9830898046) for assistance before filling up the JEMAT application form. For details, please visit the website (https://www.aim.ac.in)

No fee hike. | Email: admission_cell@aim.ac.in

**THE AIMK ADVANTAGE:**

1. 25 Years of academic excellence.
2. Affordability: best return on investment.
3. Brand new campus with state of the art facilities.
4. Army connect : leadership, management & control.
5. Ranked B-School in India.
6. Reputed faculty with corporate and academic experience.
7. Cosmopolitan student profile.

**PLACEMENT SUPPORT:**

1. Excellent placement track record for more than two decades.
2. Multiple placement opportunities to all students.
3. More than 90 companies had participated in last year's campus drive.
4. Skill development programme is conducted throughout the year.
5. Pre-placement grooming session are conducted, covering GD-PI, personality development and interview etiquette.



## Bhadrak Autonomous College

Jagannathpur, Bhadrak, Odisha-756100

Applications are invited for the position of one (01) Research Assistant at P.G. Department of Commerce, Bhadrak Autonomous College, Bhadrak, Odisha under the research project sponsored by OURIIP-2021 seed fund. For details please visit website: http://bhadrakcollege.nic.in/.

Sd./- Principal Investigator
OURIIP, Seed Fund, Bhadrak Autonomous College



FORM NO. 13

**IN THE DEBTS RECOVERY TRIBUNAL, CUTTACK**

C-71, Sector-7, CDA, CUTTACK-753014 (Orissa)
O.A. No. 566/2019

State Bank India, SARB, Cuttack .... Applicant
Versus
M/s. S.N. Traders and Another ... Defendants

To
Defendants

1. **M/s. S.N. Traders,** Represented by its Proprietor- Satya Narayan Acharya, S/o- Pramod Acharya, At- Plot No. 100, Industrial Estate Jagatpur, P.O.- Jagatpur, Dist.: Cuttack, PIN-754021.
2. **Satya Narayan Acharya,** S/o- Pramod Acharya, At- Plot No. 100, Industrial Estate Jagatpur, P.O.: Jagatpur, Dist.: Cuttack, PIN-754021.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the Applicant has instituted an **OA No. 566/19** in the Court of Debts Recovery Tribunal for recovery of **Rs.77,63,364.06 (Seventy seven Lakh sixty three Thousand three hundred sixty four and paisa six)** only together with current and future interest, costs and other reliefs. The above mentioned defendants are therefore directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **25.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **06th day of June, 2022.**

Sd/- (M.K. Patnaik)
REGISTRAR


# ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା ସରକାର

## ପାଠ୍ୟପୁସ୍ତକ ବିକ୍ରୟ ବିଜ୍ଞାପନ (ଶିକ୍ଷାବର୍ଷ: ୨୦୨୨-୨୩)

No. n-19:- ଏତଦ୍ୱାରା ରାଜ୍ୟର ବିଭିନ୍ନ ଅଣଅନୁଦାନ ପ୍ରାପ୍ତ ବେସରକାରୀ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀ ତଥା ଅଭିଭାବକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ନିର୍ଦ୍ଦେଶକ୍ରମେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପ୍ରଚଳିତ ସମସ୍ତ ଜାତୀୟକରଣ ପାଠ୍ୟପୁସ୍ତକ ନିର୍ଦ୍ଧାରିତ ମୂଲ୍ୟରେ ପ୍ରତ୍ୟେକ ଜିଲ୍ଲାର ନିମ୍ନଲିଖିତ ସ୍ଥାନମାନଙ୍କରେ ବିକ୍ରୟ କରାଯାଉଛି । ବହି କିଣିବା ସମୟରେ ସମ୍ପୃକ୍ତ ଅଧିକାରୀଙ୍କ ସହି ମୋହର ପରଖି ବହିକୁ ଉଚିତ୍ ମୂଲ୍ୟରେ କିଣନ୍ତୁ । ବହିଗୁଡ଼ିକର ମୂଲ୍ୟସୂଚୀ ଏଥି ସହିତ ଜଣାଇ ଦିଆଯାଉଅଛି । ଏହାର ସୁଯୋଗ ନେବା ପାଇଁ ଅନୁରୋଧ କରାଯାଉଅଛି ।

### ବିକ୍ରୟ କେନ୍ଦ୍ରର ନାମ

| କ୍ର.ନଂ. | ଜିଲ୍ଲାର ନାମ | ବିକ୍ରୟ କେନ୍ଦ୍ର ସଂ. | ବିକ୍ରୟ କେନ୍ଦ୍ରର ନାମ |
|---|---|---|---|
| ୧. | ଅନୁଗୁଳ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଅନୁଗୁଳ, ବି.ଆର୍.ସି. କାର୍ଯ୍ୟାଳୟ, ତାଳଚେର |
| ୨. | ବାଲେଶ୍ୱର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବାଲେଶ୍ୱର, ବି.ଆର୍.ସି. କାର୍ଯ୍ୟାଳୟ, ବାଲିଆପାଳ |
| ୩. | ବରଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ବରଗଡ଼, ବି.ଆର୍.ସି. କାର୍ଯ୍ୟାଳୟ, ପଦ୍ମପୁର |
| ୪. | ଭଦ୍ରକ | ୩ | ପୋପଜିଙ୍ଗ ପ୍ରାଇମେରୀ ସ୍କୁଲ, ଜଗନ୍ନାଥପୁର ବ୍ରହ୍ମପୁର ନୋଡ଼ାଲ ଉ.ପ୍ରା. ସ୍କୁଲ, ବି.ଆର୍.ସି. କାର୍ଯ୍ୟାଳୟ, ଚାନ୍ଦବାଲି |
| ୫. | ବଲାଙ୍ଗିର | ୨ | ଡି.ପି.ଓ.ଏସ୍.ଏସ୍.ଏ., ବଲାଙ୍ଗିରୀ, ବି.ଆର୍.ସି. କାର୍ଯ୍ୟାଳୟ, ଟିଟିଲାଗଡ଼ |
| ୬. | ବୌଦ୍ଧ | ୧ | ଡି.ପି.ଓ., ଏସ୍.ଏସ୍.ଏ., ବୌଦ୍ଧ |
| ୭. | କଟକ | ୩ | ବି.ଆର୍.ସି. ମର୍କତନଗର ପ୍ରାଇମେରୀ ସ୍କୁଲ ସେକ୍ଟର-୭, ବି.ଆର୍.ସି. କାର୍ଯ୍ୟାଳୟ, ନିଶ୍ଚିନ୍ତକୋଇଲି, ଖାନନଗର, କଟକ ବି.ଆର.ସି. କାର୍ଯ୍ୟାଳୟ, କଟକ ସଦର |
| ୮. | ଦେଓଗଡ଼ | ୧ | ବାଳକ ପ୍ରାଇମେରୀ ସ୍କୁଲ, ଦେଓଗଡ଼ |
| ୯. | ଢେଙ୍କାନାଳ | ୨ | ମୁଖ୍ୟ କାର୍ଯ୍ୟାଳୟ, ଜର୍ଜ ଉପ୍ରା ସ୍କୁଲ, ଢେଙ୍କାନାଳ, ବି.ଆର୍.ସି. କାର୍ଯ୍ୟାଳୟ, କାମାକ୍ଷାନଗର |
| ୧୦. | ଗଜପତି | ୨ | ମହରାଜା ବାଳକ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଚନ୍ଦ୍ରଗିରି ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି |
| ୧୧. | ଗଞ୍ଜାମ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଛତ୍ରପୁର, ବି.ଆର୍.ସି. କାର୍ଯ୍ୟାଳୟ, ଆସିକା, ବି.ଆର୍.ସି. କାର୍ଯ୍ୟାଳୟ, ଭଞ୍ଜନଗର |
| ୧୨. | ଜଗତ୍‌ସିଂହପୁର | ୨ | ମୁଖ୍ୟ କାର୍ଯ୍ୟାଳୟ, ବଗବାଗ କୋ. ଅପରେଟିଭ ଉ.ପ୍ରା. ସ୍କୁଲ, ଜଗତ୍‌ସିଂହପୁର, ବି.ଆର୍.ସି. କାର୍ଯ୍ୟାଳୟ, ତିର୍ତ୍ତୋଲ ବ୍ଲକ |
| ୧୩. | ଯାଜପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର, ବି.ଆର୍.ସି. କାର୍ଯ୍ୟାଳୟ, ଯାଜପୁର ରୋଡ଼ (ବ୍ୟାସନଗର) |
| ୧୪. | ଝାରସୁଗୁଡ଼ା | ୧ | ଗଣ୍ଡଘୋରା ଏନ୍.ୟୁ.ପି.ସି., ଝାରସୁଗୁଡ଼ା |
| ୧୫. | କଳାହାଣ୍ଡି | ୩ | ବି.ଆର୍.ସି. କାର୍ଯ୍ୟାଳୟ, ଭବାନୀପାଟଣା, ବି.ଆର୍.ସି. କାର୍ଯ୍ୟାଳୟ, ଜୁନାଗଡ଼, ବି.ଆର୍.ସି. କାର୍ଯ୍ୟାଳୟ, କେସିଙ୍ଗା |
| ୧୬. | କନ୍ଧମାଳ | ୧ | ବି.ଆର୍.ସି. କାର୍ଯ୍ୟାଳୟ, ଫୁଲବାଣୀ |
| ୧୭. | କେନ୍ଦ୍ରାପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ବି.ଆର୍.ସି. କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା |
| ୧୮. | କେନ୍ଦୁଝର | ୩ | ବି.ଆର୍.ସି. କାର୍ଯ୍ୟାଳୟ, ସଦର ବ୍ଲକ, କେନ୍ଦୁଝର, ବି.ଆର୍.ସି. କାର୍ଯ୍ୟାଳୟ, ଯୋଡା, ବି.ଆର.ସି. କାର୍ଯ୍ୟାଳୟ, ଆନନ୍ଦପୁର |
| ୧୯. | ଖୋର୍ଦ୍ଧା | ୫ | ବି.ଆର୍.ସି. କାର୍ଯ୍ୟାଳୟ, ଖୋର୍ଦ୍ଧା, ବି.ଆର୍.ସି. କାର୍ଯ୍ୟାଳୟ, ଖଣ୍ଡଗିରି ନୋଡ଼ାଲ ଉ.ପ୍ରା. ବିଦ୍ୟାଳୟ, ଭୁବନେଶ୍ୱର, ବି.ଆର୍.ସି. କାର୍ଯ୍ୟାଳୟ, ବାଣପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ, ୟୁନିଟ୍-୨, ଭୁବନେଶ୍ୱର ଚନ୍ଦ୍ରଶେଖରପୁର,ଫେଜ୍-୧, ଭୁବନେଶ୍ୱର |
| ୨୦. | କୋରାପୁଟ | ୩ | ପୋଲିସ୍ ପ୍ରାଇମେରୀ ସ୍କୁଲ, ସି.ଆର୍.ସି.ସି. କାର୍ଯ୍ୟାଳୟ, କୋରାପୁଟ, ବି.ଆର୍.ସି. କାର୍ଯ୍ୟାଳୟ, ଶିମିଳିଗୁଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଜୟପୁର, କୋରାପୁଟ |
| ୨୧. | ମାଲକାନଗିରି | ୧ | ଡି.ପି.ଓ., ଏସ୍.ଏସ୍.ଏ., ମାଲକାନଗିରି |
| ୨୨. | ମୟୂରଭଞ୍ଜ | ୩ | ବି.ଆର୍.ସି. କାର୍ଯ୍ୟାଳୟ, ବାରିପଦା, ବି.ଆର୍.ସି. କାର୍ଯ୍ୟାଳୟ, ରାଇରଙ୍ଗପୁର, ବି.ଆର୍.ସି. କାର୍ଯ୍ୟାଳୟ, କରଞ୍ଜିଆ |
| ୨୩. | ନବରଙ୍ଗପୁର | ୨ | ବି.ଆର୍.ସି. କାର୍ଯ୍ୟାଳୟ, ଉମରକୋଟ, ବି.ଆର୍.ସି. କାର୍ଯ୍ୟାଳୟ, ନବରଙ୍ଗପୁର |
| ୨୪. | ନୟାଗଡ଼ | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୟାଗଡ଼ ବ୍ଲକ, ବି.ଆର୍.ସି. କାର୍ଯ୍ୟାଳୟ, ଦଶପଲ୍ଲା ବ୍ଲକ |
| ୨୫. | ନୂଆପଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ନୂଆପଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଖରିଆଲ |
| ୨୬. | ପୁରୀ | ୨ | ଏଲ୍.ଆର.ସି. କାର୍ଯ୍ୟାଳୟ, ୟୁ.ଜି.ୟୁ.ପି. ସ୍କୁଲ, ପୁରୀ, ବି.ଆର୍.ସି. କାର୍ଯ୍ୟାଳୟ, ନିମାପଡ଼ା |
| ୨୭. | ରାୟଗଡ଼ା | ୨ | ବି.ଆର୍.ସି. କାର୍ଯ୍ୟାଳୟ, ରାୟଗଡ଼ା, ବି.ଆର୍.ସି. କାର୍ଯ୍ୟାଳୟ, ଗୁଣୁପୁର |
| ୨୮. | ସମ୍ବଲପୁର | ୨ | ଆଶାପଲ୍ଲୀ ନୋଡ଼ାଲ ଉ.ପ୍ରା. ସ୍କୁଲ, ସମ୍ବଲପୁର, ବି.ଆର୍.ସି. କାର୍ଯ୍ୟାଳୟ, କୁଚିଣ୍ଡା |
| ୨୯. | ସୋନପୁର | ୧ | ଡି.ପି.ଓ.ଏସ୍.ଏସ୍.ଏ., ସୋନପୁର |
| ୩୦. | ସୁନ୍ଦରଗଡ଼ | ୨ | ଡି.ପି.ଓ.ଏସ୍.ଏସ୍.ଏ., ସୁନ୍ଦରଗଡ଼, ଜିଲ୍ଲା ନିରୀକ୍ଷକଙ୍କ କାର୍ଯ୍ୟାଳୟ, ରାଉରକେଲା |

### ପାଠ୍ୟପୁସ୍ତକଗୁଡ଼ିକର ମୂଲ୍ୟସୂଚୀ

| କ୍ର.ନଂ. | ବହିର ନାମ | ମୂଲ୍ୟ | କ୍ର.ନଂ. | ବହିର ନାମ | ମୂଲ୍ୟ |
|---|---|---|---|---|---|
| | **ପ୍ରଥମ ଶ୍ରେଣୀ** | | | **ଷଷ୍ଠ ଶ୍ରେଣୀ** | |
| ୧. | ହସଖେଳ ଭାଗ - ୧ | ଟ.୧୩.୦୦ | ୩୭. | ଭୂଗୋଳ (ଉର୍ଦ୍ଦୁ) | ଟ.......... |
| ୨. | ହସଖେଳ ଭାଗ - ୨ | ଟ.୧୪.୦୦ | ୩୮. | ଇତିହାସ ଓ ରାଜନୀତି ବିଜ୍ଞାନ (ଉର୍ଦ୍ଦୁ) | ଟ........... |
| ୩. | ହସଖେଳ ଭାଗ-୧ (ଉର୍ଦ୍ଦୁ) | ଟ.୧୦.୦୦ | ୩୯. | ହିନ୍ଦୀପାଠ (ମାତୃଭାଷା) | ଟ........... |
| ୪. | ହସଖେଳ ଭାଗ-୨ (ଉର୍ଦ୍ଦୁ) | ଟ. ୮.୦୦ | ୪୦. | ବିଜ୍ଞାନ | ଟ.୧୨.୦୦ |
| ୫. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୪୧. | ଭୂଗୋଳ | ଟ.୧୨.୦୦ |
| | **ଦ୍ୱିତୀୟ ଶ୍ରେଣୀ** | | ୪୨. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୬.୦୦ |
| ୬. | ହସଖୁସି | ଟ.୨୩.୦୦ | ୪୩. | ମାଇଁ ଇଂଲିଶ୍ | ଟ.୧୬.୦୦ |
| ୭. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୪୪. | ଭାଷା କଳିକା | ଟ.୧୫.୦୦ |
| ୮. | ଗଣିତଖେଳ (ଉର୍ଦ୍ଦୁ) | ଟ. ........ | ୪୫. | ମେରୀ ହିନ୍ଦୀ କିତାବ | ଟ. ୮.୦୦ |
| ୯. | ଗଣିତ ଖେଳ | ଟ.୧୯.୦୦ | ୪୬. | ଦିଲ କୁସ୍ (ଉର୍ଦ୍ଦୁ) | ଟ......... |
| ୧୦. | ହାଁସି ଖୁସି (ଉର୍ଦ୍ଦୁ) | ଟ.୧୧.୦୦ | ୪୭. | ଦିଲ କୁସ୍ (ପାର୍ସି) | ଟ. ........ |
| | **ତୃତୀୟ ଶ୍ରେଣୀ** | | | **ସପ୍ତମ ଶ୍ରେଣୀ** | |
| ୧୧. | ହିନ୍ଦୀପାଠ (ମାତୃଭାଷା) | ଟ.୧୦.୦୦ | ୪୮. | ସାହିତ୍ୟ ସୌରଭ | ଟ.୧୭.୦୦ |
| ୧୨. | ଆମଭାଷା ଆମ ସାହିତ୍ୟ | ଟ.୧୪.୦୦ | ୪୯. | ଇଂଲିଶ୍ ରିଡର୍ | ଟ.୧୫.୦୦ |
| ୧୩. | ଗଣିତ ମଜା | ଟ.୧୯.୦୦ | ୫୦. | ବିଜ୍ଞାନ | ଟ.୨୬.୦୦ |
| ୧୪. | ଜଣା ଅଜଣା | ଟ.୧୯.୦୦ | ୫୧. | ଭାଷା କଳିକା (ଭାଗ-୨) | ଟ.୧୨.୦୦ |
| ୧୫. | ଗଣିତ ମଜା (ଉର୍ଦ୍ଦୁ) | ଟ.......... | ୫୨. | ଗଣିତ | ଟ.୨୫.୦୦ |
| ୧୬. | ମାଇଁ ଇଂଲିଶ୍ ବୁକ୍ | ଟ.୨୩.୦୦ | ୫୩. | ଭୂଗୋଳ | ଟ.୧୪.୦୦ |
| ୧୭. | ଦିଲ୍ କୁସ୍ (ଉର୍ଦ୍ଦୁ) | ଟ. ୭.୦୦ | ୫୪. | ହିନ୍ଦୀ ପାଠ (ମାତୃଭାଷା) | ଟ.......... |
| ୧୮. | ଜଣା ଅଜଣା (ଉର୍ଦ୍ଦୁ) | ଟ. ........ | ୫୫. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୫.୦୦ |
| | **ଚତୁର୍ଥ ଶ୍ରେଣୀ** | | ୫୬. | ମେରୀ ହିନ୍ଦୀ ପୁସ୍ତକ (ଭାଗ-୨) | ଟ.୧୦.୦୦ |
| ୧୯. | ସାହିତ୍ୟ କଳିକା | ଟ.୧୪.୦୦ | ୫୭. | ଦିଲକୁସ୍ (ପାର୍ସି) | ଟ.......... |
| ୨୦. | ହିନ୍ଦୀପାଠ (ମାତୃଭାଷା) | ଟ.୧୧.୦୦ | ୫୮. | ଦିଲକୁସ (ଉର୍ଦ୍ଦୁ) | ଟ.......... |
| ୨୧. | ଗଣିତ କୁହୁକ | ଟ.୨୫.୦୦ | | **ଅଷ୍ଟମ ଶ୍ରେଣୀ** | |
| ୨୨. | ଆମେ ଓ ଆମ ପରିବେଶ | ଟ.୨୫.୦୦ | ୫୯. | ସାହିତ୍ୟିକା | ଟ.୧୨.୦୦ |
| ୨୩. | ମାଇଁ ଇଂଲିଶ୍ ବୁକ୍ | ଟ.୧୭.୦୦ | ୬୦. | ଆମ ବ୍ୟାକରଣ | ଟ.୧୧.୦୦ |
| ୨୪. | ଗଣିତ କୁହୁକ (ଉର୍ଦ୍ଦୁ) | ଟ.......... | ୬୧. | ସାମା.ଇ.ଉର୍ଦ୍ଦୁ | ଟ......... |
| ୨୫. | ଆମେ ଓ ଆମ ପରିବେଶ (ଉର୍ଦ୍ଦୁ) | ଟ.......... | ୬୨. | ହିନ୍ଦୀ ସାହିତ୍ୟ ସରଣୀ | ଟ........ |
| ୨୬. | ଦିଲ୍‌କୁସ୍ (ଉର୍ଦ୍ଦୁ) | ଟ. ୭.୦୦ | ୬୩. | ସରଳ ହିନ୍ଦୀ ବ୍ୟାକରଣ | ଟ.୧୨.୦୦ |
| | **ପଞ୍ଚମ ଶ୍ରେଣୀ** | | ୬୪. | ଏ ନିୟୁ ଆପ୍ରୋଚ ଟୁ ଇଂଲିଶ୍ | ଟ.୧୭.୦୦ |
| ୨୭. | ସାହିତ୍ୟ କୁସୁମ | ଟ.୧୮.୦୦ | ୬୫. | ହିନ୍ଦୀ ପାଠ (ମାତୃଭାଷା) | ଟ.......... |
| ୨୮. | ମାଇଁ ଇଂଲିଶ୍ ବୁକ୍ | ଟ.୧୬.୦୦ | ୬୬. | ଷ୍ଟୋରିଜ୍ ପାଷ୍ଟ ଆଣ୍ଡ ପ୍ରେଜେଣ୍ଟ | ଟ.୧୧.୦୦ |
| ୨୯. | ଗଣିତ ଧାରା | ଟ.୨୬.୦୦ | ୬୭. | ନଇହିନ୍ଦୀ ଭାରତୀ | ଟ. ୭.୦୦ |
| ୩୦. | ପରିବେଶ ବିଜ୍ଞାନ | ଟ.୨୫.୦୦ | ୬୮. | ଭାଷା ସୌରଭମ୍ | ଟ. ୯.୦୦ |
| ୩୧. | ହିନ୍ଦୀ ପାଠ (ମାତୃଭାଷା) | ଟ.୧୩.୦୦ | ୬୯. | ସରଳ ସାହିତ୍ୟ | ଟ. ........ |
| ୩୨. | ଦିଲ୍ କୁସ୍ (ଉର୍ଦ୍ଦୁ-୫) | ଟ.୧୧.୦୦ | ୭୦. | ବିଜ୍ଞାନ | ଟ.୨୪.୦୦ |
| | **ଷଷ୍ଠ ଶ୍ରେଣୀ** | | ୭୧. | ସରଳ ଗଣିତ (ବୀଜଗଣିତ) | ଟ.୧୯.୦୦ |
| ୩୩. | ଆମ ସାହିତ୍ୟ | ଟ. ୧୪.୦୦ | ୭୨. | ସରଳ ଗଣିତ (ଜ୍ୟାମିତି) | ଟ.୧୩.୦୦ |
| ୩୪. | ଗଣିତ | ଟ.୨୭.୦୦ | ୭୩. | ଆସାନ୍ ଉର୍ଦ୍ଦୁ କୁଏଡ୍ | ଟ........... |
| ୩୫. | ବିଜ୍ଞାନ (ଉର୍ଦ୍ଦୁ) | ଟ.......... | ୭୪. | ଇତିହାସ ଓ ରାଜନୀତି ବିଜ୍ଞାନ | ଟ.୧୩.୦୦ |
| ୩୬. | ଗଣିତ (ଉର୍ଦ୍ଦୁ) | ଟ.......... | ୭୫. | ଭୂଗୋଳ | ଟ.୯.୦୦ |

ଯଦି କୌଣସି ବ୍ୟକ୍ତି ସ୍ଥିରୀକୃତ ବିକ୍ରୟ କେନ୍ଦ୍ରଗୁଡ଼ିକ ବାହାରେ ଏବଂ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ପାଠ୍ୟପୁସ୍ତକ ବିକ୍ରୟ କରୁଥାଏ, ତେବେ ଏହି ତଥ୍ୟ ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଭୁବନେଶ୍ୱରଙ୍କ - ୭୫୧୦୦୧ ନିମ୍ନଲିଖିତ ଫୋନ୍ ନମ୍ବର ଗୁଡ଼ିକରେ ନିଶ୍ଚିତ ଜଣାନ୍ତୁ । ଏହା ଉପରେ ଆମେ ଅତିଶୀଘ୍ର ଉପଯୁକ୍ତ ପଦକ୍ଷେପ ନେବୁ। ଅନ୍ୟ କୌଣସି ବିଷୟରେ ସନ୍ଦେହ ଥିଲେ ଏହାର ସ୍ପଷ୍ଟୀକରଣ ପାଇଁ ଆମକୁ ଜଣାନ୍ତୁ। ପ୍ରତ୍ୟେକ ଇଚ୍ଛୁକ ଶିକ୍ଷାର୍ଥୀ, ଅଭିଭାବକ କେବଳ ଏକ ଗୋଟି ସେଟ୍ ପୁସ୍ତକ କ୍ରୟ କରିପାରିବେ। ପିଲାମାନଙ୍କୁ ଠିକ୍ ସମୟରେ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ଆପଣଙ୍କ ସହଯୋଗ କାମନା କରୁଅଛୁ। **ଯୋଗାଯୋଗ ନଂ.୦୬୭୪-୨୩୮୦୮୭୧, ୨୩୮୦୮୭୨**

**ନିର୍ଦ୍ଦେଶକ, ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ କେନ୍ଦ୍ର, ଭୁବନେଶ୍ୱର-୧**

**OIPR-27068/11/0009/2223**